ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୧/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, December 21/2023 | Page 16 | ₹ 7.00 | SAMBALPUR
୫୦ଶ ଭାଗ ୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 28 | ମୂଲ୍ୟ₹୭/-



## ଚିଲିକାରେ ଫସିଲେ ୫୦ ଯାତ୍ରୀ

**କୃଷ୍ଣପ୍ରସାଦ, ୨୦।୧୨(କୈଳାଶ ଚନ୍ଦ୍ର ପଟ୍ଟନାୟକ)**

ତୀର୍ଥକ୍ଷେତ୍ର ପୁରୀ ଓ କୃଷ୍ଣପ୍ରସାଦ ବ୍ଲକର ମୁଖ୍ୟ କାର୍ଯ୍ୟାଳୟକୁ ଯିବା ପାଇଁ ପ୍ରତିଦିନ ଶହ ଶହ ଯାତ୍ରୀ ଚିଲିକାରେ ଡଙ୍ଗା ଯୋଗେ ବିପଦଜ୍ଜନକ ଭାବେ ଯାତ୍ରା କରିଥାନ୍ତି। ବୁଧବାର ଅପରାହ୍ନ ୨ଟାରେ ଜହ୍ନିକୁଦାରୁ ଏକ ମୋଟରଚାଳିତ ଡଙ୍ଗା ପ୍ରାୟ ୫୦ ଜଣ ଯାତ୍ରୀ ଏବଂ ୪୦ଟି ବାଇକ୍ ନେଇ ସାତପଡ଼ା ଅଭିମୁଖେ ଆସୁଥିବା ବେଳେ ଚିଲିକାରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ମୋଟର ନ ଚାଲିବା ଯୋଗୁ ଡଙ୍ଗାଟି ଅଟକି ରହିଥିଲା। ଡଙ୍ଗା ଚାଳକଙ୍କ ବହୁ ଚେଷ୍ଟା ସତ୍ତ୍ୱେ ଡଙ୍ଗା ଚାଲି ନ ଥିଲା। ଫଳରେ ଯାତ୍ରୀମାନେ ଆତଙ୍କିତ ହୋଇ ହୋହଲ୍ଲା କରିଥିଲେ। ଡଙ୍ଗା ଚାଳକ ଜହ୍ନିକୁଦା ଘାଟପେଣ୍ଠକୁ ଖବର ଦେବା ପରେ ସେଠାରୁ ଗୋଟିଏ ☞ପୃଷ୍ଠା-୨

# ବିରୋଧୀ ନ ଥାଇ ବିଲ୍ ପାସ୍

**ନୂଆଦିଲ୍ଲୀ,୨୦।୧୨**

ଲୋକ ସଭାରୁ ବୁଧବାର ସିପିଆଇଏମ୍‌ର ଏ.ଏମ୍. ଆରିଫ୍ ଏବଂ କେରଳ କଂଗ୍ରେସ (ମଣି)ର ଥୋମାସ୍ ଚାଝିକାଦନଙ୍କୁ ନିଲମ୍ବନ କରାଯାଇଛି। ଏହି ଦୁଇ ଏମ୍‌ପିଙ୍କୁ ମିଶାଇ ଲୋକ ସଭାରୁ ନିଲମ୍ବିତ ସଦସ୍ୟଙ୍କ ସଂଖ୍ୟା ୯୭ରେ ପହଞ୍ଚିଛି। ଏହାବାଦ୍ ରାଜ୍ୟ ସଭାରୁ ଏଯାଏ ୪୬ ସଦସ୍ୟ ସସ୍‌ପେଣ୍ଡ ହେଲେଣି। ଶୀତ ଅଧିବେଶନ ସରିବାକୁ ୨ ଦିନ ବାକି ଥିବାବେଳେ ଭାରତୀୟ ନ୍ୟାୟ (ଦ୍ୱିତୀୟ) ସଂହିତା, ଭାରତୀୟ ନାଗରିକ ସୁରକ୍ଷା (ଦ୍ୱିତୀୟ) ସଂହିତା ଏବଂ ଭାରତୀୟ ସାକ୍ଷ୍ୟ (ଦ୍ୱିତୀୟ) ସଂହିତା ଲୋକ ସଭାରେ ଧ୍ୱନିମତରେ ପାରିତ ହୋଇଛି। ବ୍ରିଟିଶ୍ ଅମଳରୁ ପ୍ରଚଳିତ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି-୧୮୬୦), ଆପରାଧିକ ଦଣ୍ଡ ସଂହିତା (ସିଆର୍‌ପିସି-୧୯୯୮) ଏବଂ ଭାରତୀୟ ସାକ୍ଷ୍ୟ ପ୍ରମାଣ ଅଧିନିୟମ-୧୮୭୨ ପରିବର୍ତ୍ତେ ଉପରୋକ୍ତ ୩ ବିଧେୟକ ଆଇନର ରୂପ ନେବାକୁ ଯାଉଛି। ତେବେ ଦୁଇତୃତୀୟାଂଶ ବିରୋଧୀ ସଦସ୍ୟଙ୍କ ଅନୁପସ୍ଥିତିରେ କେବଳ ଶାସକ ଓ ପରୋକ୍ଷରେ ସହଯୋଗ କରୁଥିବା ଅନ୍ୟ କେତୋଟି ଦଳର ସମର୍ଥନରେ ବିଲ୍‌ଗୁଡ଼ିକୁ ଗୃହୀତ କରାଇନେବା ପଛରେ ସରକାରଙ୍କ ଉଦ୍ଦେଶ୍ୟ କ'ଣ ବୋଲି ପ୍ରଶ୍ନ ଉଠିଲାଣି।

ଲୋକ ସଭାରୁ ପୂର୍ବରୁ ୩ ଥରରେ ୯୫ ଏମ୍‌ପିଙ୍କୁ ଗୃହରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରୁଥିବା ଦର୍ଶାଇ ନିଲମ୍ବନ କରାଯାଇଥିବାବେଳେ ଗୃହରେ ପ୍ଲାକାର୍ଡ ଦେଖାଇବା ଅଭିଯୋଗରେ ବୁଧବାର ଆଉ ୨ ଜଣ ନିଲମ୍ବିତ ହୋଇଛନ୍ତି। ଏମାନଙ୍କୁ ମିଶାଇ ଚଳିତ ଅଧିବେଶନରେ ପାର୍ଲାମେଣ୍ଟରୁ ମୋଟ ୧୪୩ ଏମ୍‌ପି ନିଲମ୍ବିତ ହେଲେଣି। ଲୋକ ସଭାର ଅଧିକାଂଶ ବିରୋଧୀ ଦଳ ଏମ୍‌ପି ଅନୁପସ୍ଥିତ ଥିବାବେଳେ ବୁଧବାର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବିତ ଆପରାଧିକ ଆଇନ ଉପରେ ଆଲୋଚନାକୁ ନେଇ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ନେତ୍ରୀ ହରସିମ୍ରତ କୌର ବାଦଲ ପ୍ରଶ୍ନ ଉଠାଇଥିଲେ। ବିଲ୍‌ଗୁଡ଼ିକୁ ଏଭଳି ଗୃହୀତ କରାଇନେବା ଠିକ୍ ନୁହେଁ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ପାର୍ଲାମେଣ୍ଟରେ ସୁରକ୍ଷା ବିଭ୍ରାଟ ନାଁରେ ଲୋକଙ୍କୁ ବିଭ୍ରାଟ କରାଯାଉଥିବା ଭାଜପା ଏମ୍‌ପି ରମେଶ ବିଧୁରୀ କହିଥିଲେ।

ନୂଆ ଆପରାଧିକ ଆଇନ ବିଲ୍‌ରେ ଯେକୌଣସି ବ୍ୟକ୍ତି ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ପର୍ଯ୍ୟାପ୍ତ କ୍ଷମତା ଦିଆଯାଇଥିବାରୁ ଏହା ନାଗରିକ ସ୍ୱାଧୀନତା ଓ ଅଧିକାର ପ୍ରତି ବିପଦ ବୋଲି ହାଇଦ୍ରାବାଦ ଏମ୍‌ପି ତଥା ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି କହିଛନ୍ତି। ଉକ୍ତ ବିଲ୍‌ଗୁଡ଼ିକ ଆଇନରେ ପରିଣତ ☞ପୃଷ୍ଠା-୨

## ଭିଡ଼ହିଂସା ପାଇଁ ମୃତ୍ୟୁଦଣ୍ଡ

ପ୍ରସ୍ତାବିତ ଆପରାଧିକ ଆଇନରେ ଭିଡ଼ହିଂସା ଅପରାଧ ପାଇଁ ମୃତ୍ୟୁଦଣ୍ଡ ବ୍ୟବସ୍ଥା ରହିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଦେଶଦ୍ରୋହ ଆଇନ ବଳରେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଜେଲରେ ରଖାଯାଇଥିଲା। ପ୍ରସ୍ତାବିତ ଆଇନରେ ଉକ୍ତ ଦେଶଦ୍ରୋହ ଆଇନକୁ ହଟାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ପୋଲିସକୁ ଅଧିକ ଉତ୍ତରଦାୟୀ କରିବା ପାଇଁ ବ୍ୟବସ୍ଥା ହୋଇଥିବା ଶାହା କହିଥିଲେ। ନୂଆ ଆଇନ ଅନୁଯାୟୀ ଗିରଫ ବ୍ୟକ୍ତିଙ୍କ ସବିଶେଷ ବିବରଣୀ ପ୍ରତି ଥାନାରେ ରେକର୍ଡ ହେବ ଏବଂ ଦାୟିତ୍ୱରେ ଥିବା ପୋଲିସ ଅଫିସର ଉକ୍ତ ରେକର୍ଡ ପରିଚାଳନା କରିବେ। ସେହିପରି ମାନବ ଚାଲାଣକୁ ନିୟନ୍ତ୍ରଣ କରିବା ପାଇଁ ଥିବା ଆଇନକୁ ଲିଙ୍ଗଗତ ନିରପେକ୍ଷ କରାଯାଇଛି। ୧୮ ବର୍ଷରୁ କମ୍ ବୟସର ନାବାଳିକାଙ୍କୁ ବଳାତ୍କାର କ୍ଷେତ୍ରରେ ସ୍ୱତଃ ପୋକ୍ସୋ ଆଇନର ଧାରା ଲାଗୁ ହେବ ବୋଲି ଶାହା କହିଛନ୍ତି।

**ଆଜିର ସମ୍ପାଦକୀୟ** ମାନବ ଅଧିକାର ଓ ନୈତିକ ବିଶ୍ୱବାଦ






## ସଂକ୍ଷେପରେ

### ପୋଲିସ ଉପରେ ଗାଡ଼ି ମଡ଼ାଇଦେଲେ ମଦ ମାଫିଆ

**ବେଗୁସରାଇ,୨୦।୧୨:** ବିହାର ବେଗୁସରାଇ ଜିଲାରେ ମଦ ମାଫିଆମାନେ ବୁଧବାର ଭୋର ସମୟରେ ପୋଲିସ ଉପରେ କାର୍ ମଡ଼ାଇ ଦେଇଛନ୍ତି। ଏଥିରେ ଜଣେ ପୋଲିସ ଅଫିସରଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। କାର୍‌ରେ ଚୋରା ମଦ ଯାଉଥିବା ଖବର ପାଇଁ ପୋଲିସ ଏହାକୁ ପିଛା କରିଥିଲା। କାର୍‌କୁ ଅଟକାଇବାକୁ ଉଦ୍ୟମ କଲାବେଳେ ପୋଲିସ ଉପରକୁ ମାଫିଆମାନେ କାର୍ ମଡ଼ାଇ ଦେଇଥିଲେ।

### ଚା' ବିଳମ୍ବ ହେବାରୁ ସ୍ତ୍ରୀ ମୁଣ୍ଡକାଟ୍

**ନୂଆଦିଲ୍ଲୀ,୨୦।୧୨:** ସକାଳ ଚା' ଆଣିବାରେ ବିଳମ୍ବ କରିବାରୁ ଜଣେ ୫୨ ବର୍ଷୀୟ ମହିଳାଙ୍କ ମୁଣ୍ଡକୁ ଖଣ୍ଡାରେ କାଟି ଅଲଗା କରିଦେଇଛନ୍ତି ସ୍ୱାମୀ। ଗାଜିଆବାଦର ଭୋଜପୁର ଗ୍ରାମରେ ମଙ୍ଗଳବାର ଏଭଳି ହତ୍ୟାକାଣ୍ଡ ଘଟିଛି। ହତ୍ୟା ମାମଲାରେ ଧର୍ମବୀରଙ୍କୁ ଗିରଫ କରାଯାଇଛି। ଚା' ତିଆରିରେ ସମୟ ଲାଗିବ ବୋଲି ସ୍ତ୍ରୀ ସୁନ୍ଦରୀ କହିବାରୁ ରାଗିଯାଇ ଧର୍ମବୀର ତାଙ୍କ ମୁଣ୍ଡ କାଟିଦେଇଥିଲେ।

### ତାମିଲନାଡୁ ବର୍ଷା ବିପ୍ଳାତରେ ୧୦ ମୃତ

**ନୂଆଦିଲ୍ଲୀ,୨୦।୧୨:** ତାମିଲନାଡୁର ଦାକ୍ଷିଣାତ୍ୟ ଜିଲାଗୁଡ଼ିକରେ ଦୁଇଦିନ ଧରି ପ୍ରବଳ ବର୍ଷାରେ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିବା ରାଜ୍ୟ ମୁଖ୍ୟ ସଚିବ ଶିବ ଦାସ ମୀନା ଜଣାଇଛନ୍ତି। ବର୍ଷାକୁ ନେଇ ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଭୁଲ୍ ଥିଲା ବୋଲି ସେ ଦର୍ଶାଇଛନ୍ତି। ପ୍ରବଳ ବର୍ଷାରେ ତିରୁନେଲଭେଲି ଏବଂ ଟୁଟିକୋରିନ୍‌ରେ ୧୦ ଜଣ ପ୍ରାଣ ହରାଇଛନ୍ତି।



ଆଇସ୍‌ଲାଣ୍ଡର ରେକ୍‌ଜନେସ୍ ଉପଦ୍ୱୀପରେ ଆଗ୍ନେୟଗିରି ଉଦ୍‌ଗିରଣର ଆକାଶମାର୍ଗରୁ ଚିତ୍ର।

# ଆଇସ୍‌ଲାଣ୍ଡ ବିମାନବନ୍ଦର ନିକଟରେ ଲାଭା ଉଦ୍‌ଗିରଣ

**ରେକ୍‌ଜାଭିକ୍,୨୦।୧୨**

ଆଇସ୍‌ଲାଣ୍ଡରେ ଗତ କିଛି ସପ୍ତାହ ମଧ୍ୟରେ ଏକାଧିକ ଭୂକମ୍ପ ଘଟିବା ପରେ ଗ୍ରିଣ୍ଡାଭିକ୍ ସହର ନିକଟରେ ଲାଭା ଉଦ୍‌ଗିରଣ ହୋଇଛି। ଆଇସ୍‌ଲାଣ୍ଡ ପାଣିପାଗ ବିଭାଗ ସୂଚନା ଅନୁଯାୟୀ କ୍ରମାଗତ ଭୂକମ୍ପ ପରେ ସ୍ଥାନୀୟ ସମୟ ସୋମବାର ରାତି ୧୦ଟା ୧୭ରେ ଉଦ୍‌ଗିରଣ ଆରମ୍ଭ ହୋଇଥିଲା। ସେଠାରୁ ସେକେଣ୍ଡ ପ୍ରତି ୩,୫୭୦ରୁ ୭,୦୬୦ ଘନଫୁଟ୍ ଲାଭା ଉଦ୍‌ଗିରଣ ହେଉଥିବା ଯାହା ଉକ୍ତ ଅଞ୍ଚଳରେ ପୂର୍ବରୁ ହୋଇଥିବା ଉଦ୍‌ଗିରଣ ତୁଳନାରେ ଅନେକ ଗୁଣ ଅଧିକ। ଏହି ଉଦ୍‌ଗିରଣ ବହୁ ମାସ ପର୍ଯ୍ୟନ୍ତ ଚାଲିପାରେ ବୋଲି ଆଶଙ୍କା କରାଯାଉଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉଦ୍‌ଗିରଣ ସ୍ଥଳଠାରୁ ଅଳ୍ପ ଦୂରରେ ଆଇସ୍‌ଲାଣ୍ଡର ମୁଖ୍ୟ ବିମାନ ବନ୍ଦର, ବିଦ୍ୟୁତ୍ ପ୍ଲାଣ୍ଟ ଏବଂ ଗ୍ରିଣ୍ଡାଭିକ୍ ସହର ରହିଛି। ଉଦ୍‌ଗିରଣରେ ବାହାରୁଥିବା ଅର୍ଦ୍ଧତରଳ ଶିଳା ଓ ଲାଲ୍ ରଙ୍ଗର ଧୂଆଁ ୨.୫ ମାଇଲ୍ ପର୍ଯ୍ୟନ୍ତ ବ୍ୟାପିଗଲାଣି। ଭୂକମ୍ପ ବଢ଼ିବା ଯୋଗୁ ନଭେମ୍ବରରେ ଉକ୍ତ ଅଞ୍ଚଳରୁ ୪,୦୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ଲାଭା ଉଦ୍‌ଗିରଣ ବେଳେ ଉକ୍ତ ସ୍ଥାନରେ କେହି ଲୋକ ନ ଥିଲେ ବୋଲି ଗ୍ରିଣ୍ଡାଭିକ୍ ମେୟର ଫନାର ଜୋନାସନ କହିଛନ୍ତି।

# ୨୧ ଜେଏନ୍.୧ ସବ୍‌ଭାରିଆଣ୍ଟ ଚିହ୍ନଟ

### ୩ ରାଜ୍ୟରେ ନୂଆ ଭାରିଆଣ୍ଟ

**ନୂଆଦିଲ୍ଲୀ,୨୦।୧୨(ପି.ଟି.)**

## ସତର୍କ ରହିବାକୁ କେନ୍ଦ୍ରର ପରାମର୍ଶ



ବର୍ତ୍ତମାନ ସୁଦ୍ଧା ଭାରତର ୩ ରାଜ୍ୟରୁ କୋଭିଡ୍-୧୯ର ସବ୍‌ଭାରିଆଣ୍ଟ ଜେଏନ୍.୧ର ୨୧ ମାମଲା ଚିହ୍ନଟ ହେଲାଣି। ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଡ. ଭି.କେ. ପଲ୍ ବୁଧବାର ଏହି ସୂଚନା ଦେଇଥିବାବେଳେ ଭୟଭୀତ ହେବାର କାରଣ ନ ଥିବା କହିଛନ୍ତି। ବୈଜ୍ଞାନିକମାନେ ନୂଆ ଭାରିଆଣ୍ଟ ଉପରେ ଅନୁଧ୍ୟାନ ଚଳାଇଛନ୍ତି। ରାଜ୍ୟଗୁଡ଼ିକ କୋଭିଡ୍ ପରୀକ୍ଷା ବଢ଼ାଇବା ସହ ସର୍ଭିଲାନ୍ସ ବ୍ୟବସ୍ଥାକୁ ମଜଭୁତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ପଲ୍ କହିଛନ୍ତି, ସଂକ୍ରମିତଙ୍କ ମଧ୍ୟରୁ ୯୧ରୁ ୯୨ ପ୍ରତିଶତଙ୍କୁ ଘରେ ରହି ଚିକିତ୍ସିତ ହେବାକୁ କୁହାଯାଉଛି। ସରକାରୀ ତଥ୍ୟ ଅନୁଯାୟୀ ଗୋଆରୁ ଜେଏନ୍.୧ର ୧୯ଟି ମାମଲା ଚିହ୍ନଟହୋଇଥିବାବେଳେ କେରଳ ଏବଂ ମହାରାଷ୍ଟ୍ରରୁ ଗୋଟିଏ ଲେଖାଏ ମାମଲା ସାମ୍ନାକୁ ଆସିଛି। ଗତ ୨ ସପ୍ତାହରେ ବହୁବିଧ ରୋଗ ଥିବା ୧୬ ଜଣଙ୍କର କୋଭିଡ୍‌ରେ ମୃତ୍ୟୁ ଘଟିଛି।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ବୁଧବାର ଦେଶର ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ପ୍ରସ୍ତୁତି ସମୀକ୍ଷା କରିଥିଲେ। କରୋନା ଭୂତାଣୁର ନୂଆ ଭାରିଆଣ୍ଟକୁ ନେଇ ସତର୍କ ରହିବାକୁ ସେ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ସଂକ୍ରମଣ ବଢୁଥିଲେ ମଧ୍ୟ ସାଧାରଣ ଲକ୍ଷଣ ଥିବା ୯୨.୮ ପ୍ରତିଶତ ଆକ୍ରାନ୍ତଙ୍କୁ ଘରେ ଆଇସୋଲେଶନରେ ରଖାଯାଉଥିବା ସ୍ୱାସ୍ଥ୍ୟ ସଚିବ ସୁଧାଂଶ ପନ୍ତ କହିଛନ୍ତି। ଅନ୍ୟାନ୍ୟ ରୋଗ ଥିବା ଖୁବ୍ କମ୍ କୋଭିଡ୍ ଆକ୍ରାନ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଉଛି। କେରଳ, ମହାରାଷ୍ଟ୍ର, ଝାଡ଼ଖଣ୍ଡ ଓ କର୍ନାଟକରେ ଦୈନିକ ପଜିଟିଭିଟି ହାର ବଢ଼ିଛି।

# ଆଜି ଯନ୍ତରମନ୍ତରରେ ନିଲମ୍ବିତ ଏମ୍‌ପିଙ୍କ ବିକ୍ଷୋଭ

**ନୂଆଦିଲ୍ଲୀ,୨୦।୧୨(ପି.ଟି.)**

### ଇଣ୍ଡିଆ ବ୍ଲକ୍‌ର ଏମ୍‌ପିମାନେ ସାମିଲ ହୋଇ ମକ୍ ପାର୍ଲାମେଣ୍ଟ କରିବେ

ପାର୍ଲାମେଣ୍ଟରୁ ନିଲମ୍ବିତ ହୋଇଥିବା ୧୪୩ ଜଣ ବିରୋଧୀ ଦଳ ଏମ୍‌ପି ଗୁରୁବାର ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ 'ମକ୍ ପାର୍ଲାମେଣ୍ଟ' କରିବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। କାର୍ଯ୍ୟକ୍ରମ ଚୂଡ଼ାନ୍ତ ଲାଗି ବୁଧବାର ପାର୍ଲାମେଣ୍ଟ କମ୍ପ୍ଲେକ୍ସର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଚାମ୍ବରରେ ବୈଠକ ଅନୁଷ୍ଠିତ ହୋଇଥିଲା। ଯନ୍ତରମନ୍ତର ବିକ୍ଷୋଭରେ ନିଲମ୍ବିତ ହୋଇଥିବା ଇଣ୍ଡିଆ ବ୍ଲକ୍‌ର ସମସ୍ତ ଏମ୍‌ପି ସାମିଲ ହେବା ସହ ମକ୍ ପାର୍ଲାମେଣ୍ଟର ଆୟୋଜନ କରିବେ। ସେଥିରେ ଆର୍‌ଜେଡି ଏମ୍‌ପି ମନୋଜ ଝା ବାଚସ୍ପତି ଭୂମିକା ତୁଲାଇପାରନ୍ତି।

ଗତ ୧୩ ତାରିଖରେ ଭିଜିଟର ପାସ୍ ବଳରେ ଲୋକ ସଭା ଗ୍ୟାଲେରିରେ ପ୍ରବେଶ କରିଥିବା ୨ ଜଣ ଦୁର୍ବୃତ୍ତ ଗୃହ ମଧ୍ୟକୁ ଡେଇଁ ସ୍ମୋକ୍ ବମ୍ ଫୁଟାଇ ଆତଙ୍କ ସୃଷ୍ଟି କରିଥିଲେ। ପାର୍ଲାମେଣ୍ଟ ସୁରକ୍ଷା ବିଭ୍ରାଟ ଉପରେ ଆଲୋଚନା ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ବିବୃତି ଦାବି କରି ବିରୋଧୀମାନେ ଗୃହରେ ହଇଗୋଳ କରିବାରୁ ବିଶୃଙ୍ଖଳିତ ଆଚରଣ ଅଭିଯୋଗ ଆଣି ଲୋକ ସଭା ଓ ରାଜ୍ୟ ସଭାରୁ ୧୪୩ ଜଣ ବିରୋଧୀ ଏମ୍‌ପିଙ୍କୁ ନିଲମ୍ବନ କରାଯାଇଥିଲା।

# ଲାଲୁ, ତେଜସ୍ୱୀଙ୍କୁ ଇଡି ସମନ

**ନୂଆଦିଲ୍ଲୀ,୨୦।୧୨**

### ନିଯୁକ୍ତି ପାଇଁ ଜମି ମାମଲା



ଲାଲୁ ଯାଦବ ତେଜସ୍ୱୀ ଯାଦବ

ଜମି ବଦଳରେ ରେଲୱେରେ ନିଯୁକ୍ତି ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଏବଂ ତାଙ୍କ ବାପା ତଥା ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ଯାଦବଙ୍କୁ ଜେରା ପାଇଁ ହାଜର ହେବା ନିମନ୍ତେ ସମନ ଜାରି କରିଛି। ଆସନ୍ତା ୨୨ ତାରିଖରେ ତେଜସ୍ୱୀଙ୍କୁ ଜେରା ପାଇଁ ଇଡିର ଦିଲ୍ଲୀ କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଥିବାବେଳେ ୭୫ ବର୍ଷୀୟ ଲାଲୁଙ୍କୁ ୨୭ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ଏପ୍ରିଲ ୧୧ରେ ଇଡି ଅଧିକାରୀମାନେ ତେଜସ୍ୱୀଙ୍କୁ ୮ ଘଣ୍ଟା ଜେରା କରିଥିବାବେଳେ ପ୍ରଥମ ଥର ପାଇଁ ଲାଲୁଙ୍କୁ ସମନ କରାଯାଇଛି। ପ୍ରଥମ ପାଳି ଉପା ସରକାରରେ ଲାଲୁ ରେଳମନ୍ତ୍ରୀ ଥିବାବେଳେ ଆଶାୟୀ ପ୍ରାର୍ଥୀମାନଙ୍କଠାରୁ ମୂଲ୍ୟବାନ ଜମି ନେଇ ସେମାନଙ୍କୁ ରେଲୱେରେ ନିଯୁକ୍ତି ଦିଆଯାଇଥିଲା।

# ରାଷ୍ଟ୍ରପତି ନିର୍ବାଚନ ଲଢ଼ି ନ ପାରନ୍ତି ଟ୍ରମ୍ପ୍

**ୱାଶିଂଟନ,୨୦।୧୨(ପି.ଟି.)**



ଡୋନାଲ୍ଡ ଟ୍ରମ୍ପ୍

- ଅଯୋଗ୍ୟ ଘୋଷଣା କଲା କଲରାଡୋ କୋର୍ଟ
- ଆମେରିକା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ପୂର୍ବତନ ରାଷ୍ଟ୍ରପତି

ଆସନ୍ତା ବର୍ଷ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଲଢ଼ି ନ ପାରନ୍ତି। ୨୦୨୧ରେ ୟୁଏସ୍ କ୍ୟାପିଟୋଲ ବିଦ୍ରୋହ ମାମଲାରେ କଲୋରାଡୋ ସୁପ୍ରିମକୋର୍ଟ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ପାଇଁ ଟ୍ରମ୍ପ୍‌ଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ଦେଶର ରିପବ୍ଲିକାନ ରାଷ୍ଟ୍ରପତୀୟ ପ୍ରାଇମେରି ବାଲଟ୍‌ରୁ ତାଙ୍କ ନାଁ ହଟାଇଦେବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବିଧାନର ୧୪ତମ ସଂଶୋଧନ ଆଧାରରେ ମଙ୍ଗଳବାର କଲରାଡୋ ସୁପ୍ରିମକୋର୍ଟ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଉକ୍ତ ସଂଶୋଧନ ଅନୁଯାୟୀ ଆମେରିକା ସମ୍ବିଧାନକୁ ସମର୍ଥନ ପାଇଁ ଶପଥ ନେଇଥିବା କୌଣସି ଅଧିକାରୀ ଯଦି ବିଦ୍ରୋହରେ ସାମିଲ ହୁଅନ୍ତି, ତେବେ ତାଙ୍କୁ ଭବିଷ୍ୟତ ପଦବୀ ପାଇଁ ନିଷେଧ କରାଯିବ। ୨୦୨୪ରେ ହ୍ୱାଇଟ୍ ହାଉସ୍ ଅକ୍ତିଆର କରିବା ଲାଗି ରିପବ୍ଲିକାନ ଦଳର ମନୋନୟନ ପ୍ରକ୍ରିୟାରେ ଟ୍ରମ୍ପ୍ ଆଗରେ ରହିଛନ୍ତି। କଲରାଡୋ ସୁପ୍ରିମକୋର୍ଟଙ୍କ ତ୍ରୁଟିପୂର୍ଣ୍ଣ ରାୟ ବିରୋଧରେ ଟ୍ରମ୍ପ୍ ଆମେରିକା ସୁପ୍ରିମକୋର୍ଟରେ ଅପିଲ୍ କରିବେ ବୋଲି ତାଙ୍କ ପ୍ରଚାର ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କହିଛନ୍ତି। ତେବେ ୭ ସଦସ୍ୟ ବିଶିଷ୍ଟ କଲରାଡୋ ସୁପ୍ରିମକୋର୍ଟ ୪-୩ରେ ରାୟ ଦେଇଥିବାରୁ ଏହା ରାଜ୍ୟ ବାହାରେ ଲାଗୁ ହେବ ନାହିଁ। ମାର୍ଚ୍ଚ ୫ରେ କଲରାଡୋ ପ୍ରାଇମେରି ହେବାକୁ ଥିବାବେଳେ ଅଦାଲତଙ୍କ ରାୟର କାର୍ଯ୍ୟକାରିତା ଉପରେ ଜାନୁୟାରୀ ୪ ପର୍ଯ୍ୟନ୍ତ ସ୍ଥଗିତାଦେଶ ଲାଗୁ ହୋଇଛି।

୨୦୨୧ ଜାନୁୟାରୀ ୬ରେ ଟ୍ରମ୍ପ୍ କ୍ୟାପିଟୋଲ ବିଦ୍ରୋହରେ ସାମିଲ ଥିଲେ ବୋଲି ତଳ କୋର୍ଟ ବିଚାରପତିଙ୍କ ରାୟକୁ କଲରାଡୋ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ତେବେ ରାଷ୍ଟ୍ରପତି ନିର୍ବାଚନ କ୍ଷେତ୍ରରେ ଏହା ଲାଗୁ ହେବ ନାହିଁ ବୋଲି ଟ୍ରାଏଲ୍ କୋର୍ଟ ବିଚାରପତି ଦେଇଥିବା ରାୟକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ପୂର୍ବରୁ ଆମେରିକାର କୌଣସି ରାଜ୍ୟ ଅଦାଲତ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ଯୋଗ୍ୟତା ନିର୍ଦ୍ଧାରଣ କରି ନ ଥିଲେ। କଲରାଡୋ ସର୍ବୋଚ୍ଚ ଅଦାଲତଙ୍କ ରାୟ ତ୍ରୁଟିପୂର୍ଣ୍ଣ। ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ଆମ ସପକ୍ଷରେ ଯିବା ନେଇ ନିଶ୍ଚିତ ବୋଲି ଟ୍ରମ୍ପ୍‌ଙ୍କ ମୁଖପାତ୍ର ଷ୍ଟିଭେନ୍ ଚେଉଙ୍ଗ କହିଛନ୍ତି।

ରିପବ୍ଲିକାନ୍ ପ୍ରାର୍ଥୀ ହେବା ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ଥିବା ଭାରତୀୟ ବଂଶୋଦ୍ଭବ ନିକ୍କି ହାଲି ଏବଂ ବିବେକ ରାମସ୍ୱାମୀ କଲରାଡୋ କୋର୍ଟଙ୍କ ରାୟକୁ ବିରୋଧ କରିଛନ୍ତି। କଲରାଡୋ ରିପବ୍ଲିକାନ ପାର୍ଟି ପ୍ରାଇମେରି ବାଲଟରେ ଟ୍ରମ୍ପ୍‌ଙ୍କ ନାଁକୁ ଅନୁମତି ନ ମିଳିଲେ ସେ ମଧ୍ୟ ପ୍ରାଇମେରିରୁ ଓହରିଯିବେ ବୋଲି ରାମସ୍ୱାମୀ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ପୋଷ୍ଟ କରିଛନ୍ତି।

## ଫୁର୍‌ସତ୍

# ୟୁରେନସ୍‌ର ଉଜ୍ଜ୍ୱଳ ବଳୟ

**ନୂଆଦିଲ୍ଲୀ**



ନିକଟରେ ନ୍ୟାଶନାଲ ଏରୋନେଟିକ୍ ଆଣ୍ଡ ସ୍ପେସ୍ ଏଜେନ୍ସି (ନାସା) ନିକଟରେ ଏକ ଫଟୋ ଶେୟାର କରିଛି। ଯେଉଁଥିରେ ୟୁରେନସ୍ ଗ୍ରହର ଚାରିପଟେ ଏକ ଉଜ୍ଜ୍ୱଳ ବଳୟ ଦେଖିବାକୁ ମିଳିଛି। ଏହା ପୂର୍ବରୁ କେବେ ୟୁରେନସ୍‌ର ଏପରି ଦୃଶ୍ୟ ଦେଖାଯାଇନି। ଯେତେବେଳେ ବୈଜ୍ଞାନିକମାନେ ୟୁରେନସ୍‌ର ଏହି ଫଟୋକୁ ଦେଖିଲେ ସେତେବେଳେ ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ। ରିପୋର୍ଟ ମୁତାବକ, ୟୁରେନ୍‌ସର ଏହି ନୂଆ ଫଟୋରେ ତା'ର ବଡ଼ ଆଶ୍ଚର୍ଯ୍ୟଜନକ ରୂପ ଦେଖିବାକୁ ମିଳିଛି। ଏହାକୁ ଜେମ୍ସ ୱେବ୍ ସ୍ପେସ୍ ଟେଲିସ୍କୋପ ଦ୍ୱାରା ୟୁରେନସ୍‌ର ମଧ୍ୟ ଏବଂ ତା'ର ବାହାର ବଳୟର ଫଟୋ ଉତ୍ତୋଳନ କରାଯାଇଛି। ଯେଉଁଥିରେ ଇଲ୍ୟୁସିଭ ଜିଟା ରିଙ୍ଗ୍ ମଧ୍ୟ ଦେଖାଯାଉଛି। ଯାହା ଏହି ଗ୍ରହର ସବୁଠୁ ନିକଟରେ ରହିଛି। ଏହି ଟେଲିସ୍କୋପ ୟୁରେନସ୍‌ର ୨୭ ଛୋଟ ଛୋଟ ଚନ୍ଦ୍ରର ଫଟୋ ମଧ୍ୟ ନେଇଛି। ପୃଥିବୀଠାରୁ ୟୁରେନସ ଏକ ଆରବ ମାଇଲଠାରୁ ଅଧିକ ଦୂରରେ ରହିଛି। ତେବେ ସୌରମଣ୍ଡଳର ୮ ଗ୍ରହ ମଧ୍ୟରୁ ୟୁରେନସ୍‌ଠାରୁ ସବୁଠୁ କମ୍ ତଥ୍ୟ ହାସଲ ହୋଇଛି। ଏହା ପୂର୍ବରୁ ନାସା ୧୯୮୦ ଦଶକରେ ୱୋୟାଜୋର ୨ ଅନ୍ତରୀକ୍ଷ ଯାନ ଦ୍ୱାରା ଏକ ଫଟୋ ଉଠାଯାଇଥିଲା। ନାସା ଟେଲିସ୍କୋପ ଏହି ବରଫ ଦୁନିଆର ଚାରିପଟେ ଥିବା ରୋମାଞ୍ଚକର ବାୟୁମଣ୍ଡଳକୁ ମଧ୍ୟ କ୍ୟାମେରା ଲେନ୍ସରେ କ୍ୟାପ୍ଚର କରିଛି। ଯେଉଁଥିରେ ସିଜନାଲ ନର୍ଥ ପୋଲାର କ୍ଲାଉଡ କପ୍ ରହିଛି। ଏହି ପୋଲାର କ୍ଲାଉଡ କପ୍ ୟୁରେନ୍‌ସ ପାଇଁ ଭିନ୍ନ । ଏପରି ପୋଲାର କ୍ଲାଉଡ କପ୍ ଗରମ ଦିନରେ ସୂର୍ଯ୍ୟଙ୍କ ପ୍ରକୋପରେ ନଜରକୁ ଆସିଥାଏ। ଯାହା ଶୀତ ଦିନରେ ଲୁଚିଯାଏ। ୟୁରେନ୍ସ ନିଜ ଆଡ଼କୁ ପ୍ରାୟ ୯୮ ଡିଗ୍ରୀ ଢଳି ରହି ଘୂରୁଥାଏ, ଯାହା ଏହାର ଭିନ୍ନ ଋତୁର କାରଣ।

# ୩.୫ କୋଟିର କାର୍ କିଣିଲେ ଶାହିଦ

**ମୁମ୍ବାଇ**



ବଲିଉଡ ଅଭିନେତା ଶାହିଦ କପୁରଙ୍କ କାର୍ କଲେକ୍ସନରେ ଆଉ ଏକ ବିଳାସପୂର୍ଣ୍ଣ କାର ସାମିଲ ହୋଇଛି। ଶାହିଦ ନିକଟରେ ଏକ କଳା ରଙ୍ଗର ମର୍ସିଡିଜ୍ ମାୟାବାକ୍ ଜିଏଲ୍‌ଏସ୍ ୬୦୦ କିଣିଛନ୍ତି। ଅଭିନେତା ଇନ୍‌ଷ୍ଟାଗ୍ରାମ୍‌ରେ ମୀରା କପୁରଙ୍କ ସହ ଏକ ଫଟୋ ଶେୟାର କରିଛନ୍ତି, ଯାହା ମାଧ୍ୟମରେ ଦମ୍ପତି ନୂତନ କାର୍‌ର ସ୍ୱାଗତ ବିଷୟରେ ସୂଚନା ଦେଇଛନ୍ତି। ଏହି କାର୍ ବିଳାସପୂର୍ଣ୍ଣ ବିଶିଷ୍ଟ। ଅଭିନେତା ଏହି କାର୍‌କୁ ୩.୫ କୋଟି ଟଙ୍କାରେ କିଣିଛନ୍ତି। ଶାହିଦ୍‌ଙ୍କ ପୂର୍ବରୁ ଏହି କାର୍ ରଣବୀର ସିଂ, ଅର୍ଜ୍ଜୁନ କପୁର, କ୍ରୀତି ସାନନ, ଆୟୁଷ୍ମାନ ଖୁରାନା ଏବଂ ନୀତୁ କପୁରଙ୍କ ପାଖରେ ରହିଛି। ଶାହିଦ୍ ୧୯୯୭ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେ ତାଙ୍କ ଅଭିନୟ ଯାଦୁରେ ଅନେକଙ୍କ ପ୍ରିୟ ହୋଇପାରିଛନ୍ତି। ୨୦୧୯ରେ ମୁକ୍ତିଲାଭ କରିଥିବା ଫିଲ୍ମ 'କବିର ସିଂ'ରେ ସେ ଅଧିକ ଲୋକପ୍ରିୟ ହୋଇଥିଲେ। ଏହାପରେ ସେ 'ଜର୍ସି' ଏବଂ 'ବ୍ଲଡି ଡାଡି'ରେ ମଧ୍ୟ ନଜରକୁ ଆସିଥିଲେ। ଆଗକୁ ତାଙ୍କ ପାଖରେ ୨ଟି ଫିଲ୍ମ ରହିଛି।

# ପାକିସ୍ତାନଠାରୁ ୪ ଗୁଣ କାର୍ ଦିଲ୍ଲୀରେ ବିକ୍ରି

**ଇସ୍‌ଲାମାବାଦ**

ପାକିସ୍ତାନର ଅଟୋମୋବାଇଲ ବଜାରର ସ୍ଥିତି ଏବେ ବହୁତ ଦୁର୍ବଳ ହୋଇପଡ଼ିଛି। କାରଣ କାର୍‌ର ବିକ୍ରି ହେଉନାହିଁ। ପାକିସ୍ତାନ ଅଟୋମୋବିଟ୍ ମାନୁଫ୍ୟାକ୍ଟର ଆସୋସିଏଶନ ଅନୁସାରେ, ଚଳିତବର୍ଷ ନଭେମ୍ବରରେ କାର୍‌ର ବିକ୍ରି କମି କେବଳ ୪,୮୭୫ ୟୁନିଟ୍‌ରେ ପହଞ୍ଚିଛି, ଯାହା ମାସର ୬୮ ପ୍ରତିଶତ କମ୍। ପୂର୍ବବର୍ଷ ଏହି ସମୟରେ ୧୫,୪୩୨ କାର୍ ବିକ୍ରି ହୋଇଥିଲା। ଅଧିକାଂଶ କ୍ଷେତ୍ରରେ ବିକ୍ରି ଲଗାତର ଭାବେ କମୁଛି। ଯଦି ଭାରତ ଏବଂ ପାକିସ୍ତାନ ମଧ୍ୟରେ ତୁଳନା କରାଯାଏ, ନଭେମ୍ବର ସମୟରେ ଭାରତରେ ୨.୮୮ ଲକ୍ଷରୁ ଅଧିକ କାର୍ ବିକ୍ରି ହୋଇଛି। କେବଳ ଦେଶରେ ୧. ୩୪ ଲକ୍ଷରୁ ଅଧିକ ମାରୁତି ସୁଜୁକି କାର୍ ବିକ୍ରି ହୋଇଛି। ସବୁଠାରୁ ଅଧିକ କାର୍ ଦିଲ୍ଲୀରେ ବିକ୍ରି ହୋଇଛି। ଦିଲ୍ଲୀରେ କେବଳ ୮୦ ହଜାରରୁ ଅଧିକ ନୂଆ ଯାନର ରେଜିଷ୍ଟ୍ରି ହୋଇଛି। ସେଥିମଧ୍ୟରୁ ୧୮ ହଜାର କେବଳ କାର୍। ଅର୍ଥାତ୍ ପୂରା ପାକିସ୍ତାନରେ ଯେତେ କାର୍ ବିକ୍ରି ହୋଇଛି, ତା'ଠାରୁ ୪ ଗୁଣ କାର୍ କେବଳ ଦିଲ୍ଲୀରେ ବିକ୍ରି ହୋଇଛି। ପାକିସ୍ତାନରେ କାର୍‌ର ମୂଲ୍ୟ ହିଁ ଏହାର ବଡ଼ କାରଣ। ବର୍ତ୍ତମାନ ସମୟରେ ପାକିସ୍ତାନରେ କାର୍‌ର ମୂଲ୍ୟ ବଢି ବଢି ଚାଲିଛି। ଦେଶର ଅର୍ଥ ବ୍ୟବସ୍ଥା ଦୁର୍ବଳ ଏବଂ ସାମାନ୍ୟ ଜିନିଷର ମୂଲ୍ୟ ବୃଦ୍ଧି ହେଉଥିବାରୁ ଲୋକଙ୍କ କ୍ରୟ କ୍ଷମତା କମିବାରେ ଲାଗିଛି। ସେଥିପାଇଁ ସେମାନେ ଯାନବାହନ କିଣିବାରେ ପଛରେ ପଡ଼ିଛନ୍ତି। କେତେକ କାର୍ କମ୍ପାନୀ ମଧ୍ୟ ଦେଶରେ ତାଙ୍କ ଫ୍ୟାକ୍ଟ୍ରି ବନ୍ଦ କରିସାରିଲେଣି।

ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର,ଗୁରୁବାର, ଡିସେମ୍ବର ୨୧/୨୦୨୩ | Bhubaneswar, Thursday, December 21/2023 | ପୃଷ୍ଠା-୧

# ଝିଲାରୁ ଛତିଶଗଡ଼ ଯାଉଛି ଧାନ



ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରୁ ଧାନ ଛତିଶଗଡକୁ ଟ୍ରକ୍‌ରେ ଯାଉଛି।

## ପଶ୍ଚିମ ଓଡ଼ିଶାରେ ମଣ୍ଡି ଅବ୍ୟବସ୍ଥା

**ସୋନପୁର,୨୦।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ପଶ୍ଚିମ ଓଡ଼ିଶାରୁ ପଡୋଶୀ ଛତିଶଗଡ଼କୁ ଧାନ ଚାଲାଣ ଜୋର ଧରିଛି। ବ୍ୟବସାୟୀମାନେ ଚାଷୀଙ୍କ ନିକଟରୁ ଧାନ କିଣି ଟ୍ରକ୍ ଯୋଗେ ପଠାଉଛନ୍ତି। ପଡୋଶୀ ଛତିଶଗଡରେ ଚାଷୀଙ୍କୁ ଖରିଫରେ ଧାନ କୁଇଣ୍ଟାଲ ପ୍ରତି ୯୧୭ଟଙ୍କା ଅଧିକ ମିଳୁଛି। ତେଣୁ ଏହାର ପ୍ରଭାବ ପଶ୍ଚିମ ଓଡିଶାର ଜିଲାଗୁଡିକରେ ଅନୁଭୂତ ହେଉଛି। ଏଠାକାର ଚାଷୀମାନେ ମଣ୍ଡି ଅବ୍ୟବସ୍ଥା, କଟ୍‌ନୀ ଛଟ୍‌ନୀରେ ଅତିଷ୍ଠ ହୋଇ ବ୍ୟବସାୟୀଙ୍କୁ ଧାନ ବିକ୍ରି କରିବାକୁ ଆଗ୍ରହ ଦେଖାଉଛନ୍ତି। କୁଇଣ୍ଟାଲ ପ୍ରତି ନଗଦ ୨୧୦୦ରୁ ୨୨୦୦ ଟଙ୍କା ଦେଇ ବାହାର ରାଜ୍ୟର ବ୍ୟବସାୟୀମାନେ ଧାନ କିଣି ନେଉଛନ୍ତି। ବର୍ତ୍ତମାନ ସମୟରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଗାଁରେ ବ୍ୟବସାୟୀମାନେ ସକ୍ରିୟ ହୋଇଉଠିଛନ୍ତି।

ଛତିଶଗଡରେ ଚାଷୀଙ୍କୁ ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ମିଳୁଛି। ପୁଣି ଚାଷୀଙ୍କୁ ବୋନ୍‌ସ ଆକାରରେ ରାଜ୍ୟ ସରକାର ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର(ଡିବିଟି) ଯୋଗେ କୁଇଣ୍ଟାଲ ପ୍ରତି ୯୧୭ଟଙ୍କା ପ୍ରଦାନ କରୁଛନ୍ତି। ସେହିପରି ଏକର ପ୍ରତି ଚାଷୀଙ୍କ ନିକଟରୁ ୨୧ କୁଇଣ୍ଟାଲ ଧାନ କିଣାଯାଉଛି। ସେଠାରେ ଧାନ ଦର ଅଧିକ ରହୁଥିବାରୁ ପଶ୍ଚିମ ଓଡ଼ିଶାର ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ବରଗଡ଼ ଓ ସମ୍ବଲପୁର ଜିଲାରୁ ପ୍ରତ୍ୟହ ବହୁ କୁଇଣ୍ଟାଲ ଧାନ ବଡ଼ ବଡ଼ ଟ୍ରକ୍ ଯୋଗେ ଛତିଶଗଡ଼ ଯାଉଛି। ଚାଷୀ ଅଧିକ ଦାମ୍ ପାଉଥିବାରୁ କେହି ପ୍ରତିବାଦ କରୁନାହାନ୍ତି। ଜିଲା ପ୍ରଶାସନ ବାହାର ରାଜ୍ୟକୁ ଯାଉଥିବା ଧାନ ବୋଝେଇ ଟ୍ରକ୍‌ଗୁଡ଼ିକୁ ଜବତ କରୁନାହିଁ। ପରିସ୍ଥିତି ଏଭଳି ଯେ, ସ୍ଥାନୀୟ ଧାନ ମଣ୍ଡିଗୁଡ଼ିକରେ ଆଉ ଚାଷୀଙ୍କ ଭିଡ଼ ପରିଲକ୍ଷିତ ହେଉନାହିଁ। ଓଡିଶାରେ ଚଳିତ ଖରିଫରେ ବମ୍ପର ଧାନ ଉତ୍ପାଦନ ହୋଇଛି। କିନ୍ତୁ ଚାଷୀଙ୍କୁ ଜଳସେଚିତ ଜମିରେ ଏକର ପ୍ରତି ୧୯ କୁଇଣ୍ଟାଲ ଓ ଅଣଜଳସେଚିତ ଜମିରେ ଏକର ପ୍ରତି ୧୩ କୁଇଣ୍ଟାଲ ଧାନ ବିକ୍ରି ଲାଗି ☞ପୃଷ୍ଠା–୨

# ଗୁପ୍ତ ତଥ୍ୟ ପାଇଁ ହନିଟ୍ରାପ୍

## ନ୍ୟୁଡ୍ କଲ୍ ଲାଗି ଆପ୍ ଖୋଲିଥିଲେ ବୁଖାରୀ

**ଭୁବନେଶ୍ୱର,୨୦।୧୨ (ସୂର୍ଯ୍ୟକାନ୍ତ ବେହେରା)**

ଯାଜପୁର ଧର୍ମଶାଳା ଥାନାଞ୍ଚଳରୁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଗିରଫ କରିଥିବା ସନ୍ଦିଗ୍ଧ ଆତଙ୍କବାଦୀ ସୟଦ ଇଶାନ ବୁଖାରୀଙ୍କଠାରୁ ବହୁ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ୫ଦିନିଆ ରିମାଣ୍ଡର ବୁଧବାର ଦ୍ୱିତୀୟ ଦିନରେ ଏସ୍‌ଟିଏଫ୍ ସହ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ‘ଇଣ୍ଟେଲିଜେନ୍‌ସ ବ୍ୟୁରୋ (ଆଇବି)’ର ଅଧିକାରୀମାନେ ତାଙ୍କୁ ଘନଘନ ଜେରା କରିଛନ୍ତି। କେତେବେଳେ ଅଲଗା ତ ଆଉ କେତେବେଳେ ମିଳିତ ଭାବେ ପଚରାଉଚରା କରାଯାଇ ଦେଶଦ୍ରୋହ ସହ ଅନ୍ୟ ଆପରାଧିକ କାର୍ଯ୍ୟକଳାପର ତଥ୍ୟ ସଂଗ୍ରହ କରୁଛନ୍ତି। ତେବେ ବୁଖାରୀ ହନିଟ୍ରାପର ଜାଲ ବିଛାଇ ଟଙ୍କା ସହ ଗୁପ୍ତ ତଥ୍ୟ ହାସଲ କରିଥିବା ବିଶେଷସୂତ୍ରରୁ ସୂଚନା ମିଳିଛି। ଏକାଧିକ ଯୁବତୀଙ୍କୁ ନେଇ ବୁଖାରୀ ହନିଟ୍ରାପର ଜାଲ ବିଛାଇଥିଲେ। ଏଥିପାଇଁ ବୁଖାରୀ ନିଜର ଏକ ଆପ୍ ଖୋଲିଥିଲେ। ଏହି ଆପ୍‌ରେ ସେ ବହୁ ଯୁବତୀଙ୍କୁ ସାମିଲ କରାଇ ସେମାନଙ୍କ ଦ୍ୱାରା ନ୍ୟୁଡ୍ କଲ୍ କରି ଟାର୍ଗେଟ ହାସଲ କରୁଥିଲେ। ଯୁବତୀମାନେ ☞ପୃଷ୍ଠା–୨



ସନ୍ଦିଗ୍ଧ ଆତଙ୍କବାଦୀ ସୟଦ ଇଶାନ ବୁଖାରୀ

# ଭାରତରେ ମିନିଟ୍‌କୁ ୭୬୧ ସାଇବର ଆକ୍ରମଣ ଉଦ୍ୟମ

**ନୂଆଦିଲ୍ଲୀ,୨୦।୧୨**

ଚଳିତ ବର୍ଷ ଭାରତର ୮୫ ଲକ୍ଷ ଏଣ୍ଡପଏଣ୍ଟରେ ୪୦ କୋଟିରୁ ଅଧିକ ସାଇବର ଆକ୍ରମଣ ଉଦ୍ୟମ ହୋଇଥିବା ଏକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ରିପୋର୍ଟ ଅନୁଯାୟୀ ମିନିଟ୍ ପ୍ରତି ହାରାହାରି ୭୬୧ ସାଇବର ଆକ୍ରମଣ ଉଦ୍ୟମ ହୋଇଛି। ସୁରଟରେ ସର୍ବାଧିକ ୧୫ ପ୍ରତିଶତ ସାଇବର ଥ୍ରେଟ୍ ଚିହ୍ନଟ ହୋଇଥିବାବେଳେ ବେଙ୍ଗାଲୁରୁରେ ୧୪ ପ୍ରତିଶତ ହୋଇଛି। ୪.୯ କୋଟି ଆଚରଣ ଭିତ୍ତିକ ଚିହ୍ନଟ ଯାହାକି ମୋଟ ଚିହ୍ନଟର ୧୨.୫ ପ୍ରତିଶତ ବୋଲି ଡାଟା ସିକ୍ୟୁରିଟି କାଉନସିଲ୍ ଅଫ୍ ଇଣ୍ଡିଆ (ଡିଏସ୍‌ସିଆଇ) ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ସଂସ୍ଥା ସାଇବରସିକ୍ୟୁରିଟି ସଲ୍ୟୁଶନ ପ୍ରଦାନ କରୁଥିବା ସେକ୍ରିଟ୍ ସହ ମିଶି ସର୍ଭେ କରିଥିଲା। ୫୦ ପ୍ରତିଶତରୁ ଅଧିକ ସାଇବର ଆକ୍ରମଣ ହଟାଇ ଦିଆଯାଇପାରୁଥିବା ଗଣମାଧ୍ୟମ ଏବଂ ନେଟ୍‌ୱର୍କ ଡ୍ରାଇଭରେ ହେଉଥିବାବେଳେ ପାଖାପାଖି ୨୫ ପ୍ରତିଶତ ସାଇବର ଥ୍ରେଟ୍ ଇମେଲ୍ ଏବଂ ୱେବ୍‌ସାଇଟଗୁଡ଼ିକର ଦୁର୍ଭାବନାପୂର୍ଣ୍ଣ ଲିଙ୍କ୍‌ଗୁଡ଼ିକୁ କ୍ଲିକ୍ କରିବାରୁ ହେଉଛି। ୨୦୨୩ରେ ମାସକୁ ପ୍ରତି ଆଣ୍ଡ୍ରଏଡ୍ ଉପକରଣରେ ହାରାହାରି ୩ଟି ଆକ୍ରମଣ ହେଉଛି। ସାଇବର କ୍ରାଇମ୍ ଇଞ୍ଜିନିୟରିଂରେ ମାଲୱେର୍ ସର୍ବାଧିକ ଆକ୍ରମଣ ପଦ୍ଧତି ହୋଇଥିବାବେଳେ ରାନସମ୍‌ୱେର ଆଦି ଅନ୍ୟାନ୍ୟ ପଦ୍ଧତିକୁ ମଧ୍ୟ ବ୍ୟବହାର କରାଯାଉଛି।






**ଆଜିର ମନ୍ତବ୍ୟ**

"ଶିଖ୍ ଆତଙ୍କବାଦୀଙ୍କୁ ହତ୍ୟା ଉଦ୍ୟମରେ ଭାରତର ସମ୍ପୃକ୍ତି ନେଇ ଆମେରିକା ଦେଇଥିବା ତଥ୍ୟ ପ୍ରମାଣକୁ ଅନୁଧ୍ୟାନ କରାଯିବ। ଏଭଳି ଅଭିଯୋଗ ଭାରତ-ଆମେରିକା ସମ୍ପର୍କକୁ ପ୍ରଭାବିତ କରିବ ନାହିଁ। -ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁକାର ପଦ ମୁଁ ସହିବି ନାହିଁ**
**ତାଟି କିଳା ମାଡ଼ ସହିବି ନାହିଁ**
**କି ଖଣ୍ଡିଆ ପଥୁରୀ ଧୋଇବି ନାହିଁ।**

ଯେଉଁ ଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ ସେ ଘର ପ୍ରତି ବ୍ୟକ୍ତିର ମୋହ ମାୟା ତୁଟିଯାଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ରହିଥିବା ସମ୍ପର୍କ କ୍ରମଶଃ ଫିକା ପଡ଼ିଯାଇଥାଏ। ଏପରି ସ୍ଥିତିରେ ଶାଶୁଘର ସଦସ୍ୟଙ୍କଠାରୁ କଥାକଥାକେ ମାଡ଼ ସହ ଗାଳି ଶୁଣୁଥିବା ବୋହୂ ସେଠାରେ ଚଳିବାକୁ ଇଚ୍ଛା ପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୋର ଯାଉ ମୋର ଯାଉ**
**କାହାରି କଥା କେହି ନ କହୁ।**

ମନରେ ଯେତେବେଳେ ଫାଟ ସୃଷ୍ଟି ହୁଏ ସେତେବେଳେ ସମ୍ପର୍କ ତୁଟିଯିବାକୁ ବେଶି ଡେରି ଲାଗି ନ ଥାଏ। ମନ ଥରେ ଛି ହୋଇଗଲେ ପୂର୍ବ ସ୍ନେହ ସରାଗ ମଉଳିଯାଇଥାଏ। ଏପରିସ୍ଥଳେ ଦୁହେଁ ଦୁହିଁଙ୍କୁ ଭୁଲିଯିବା ନେଇ ମନସ୍ଥ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ଜାନୁୟାରୀ ୧୯ରୁ ଝାରସୁଗୁଡ଼ାରେ 'ଏଣ୍ଟରପ୍ରାଇଜ ଓଡ଼ିଶା'



ଭୁବନେଶ୍ୱର,୨୦।୧୨(ଅନିଲ ଦାସ)

- **୨୦୦ରୁ ଊର୍ଦ୍ଧ୍ୱ ପ୍ରଦର୍ଶନକାରୀ ଯୋଗଦେବେ**
- **୨୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାଗନେବେ**

ଓଡ଼ିଶା ସରକାର ଓ ରାଜ୍ୟର ପ୍ରମୁଖ ଶିଳ୍ପ ସଂଘଗୁଡ଼ିକ ସହଯୋଗରେ ଭାରତୀୟ ଶିଳ୍ପ ମହାସଂଘ(ସିଆଇଆଇ) ପକ୍ଷରୁ ଝାରସୁଗୁଡ଼ାରେ ୨୦୨୪ ଜାନୁୟାରୀ ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ୨୪ତମ ଏଣ୍ଟରପ୍ରାଇଜ ଓଡ଼ିଶାର ଆୟୋଜନ କରାଯାଉଛି। ଏ ସମ୍ପର୍କରେ ସୂଚନା ଦେଇ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ ରାଜ୍ୟ ସରକାରଙ୍କ ସହଯୋଗ ଯୋଗୁ ବହୁ ଶିଳ୍ପ ସଂସ୍ଥା ସମ୍ବଲପୁର, ବରଗଡ଼, କଳାହାଣ୍ଡି ଭଳି ସ୍ଥାନରେ ସେମାନଙ୍କ ପ୍ରକଳ୍ପ ସ୍ଥାପନ କରିବାକୁ ଘୋଷଣା କରିଛନ୍ତି। ପ୍ରତି ମାସରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ ବୈଠକ ଅନୁଷ୍ଠିତ ହେଉଛି। ପ୍ରତି ବୈଠକରେ ମଞ୍ଜୁର ହୋଇଥିବା ଅତିକମ୍‌ରେ ୪ରୁ ୫ଟି ପ୍ରକଳ୍ପ କଳାହାଣ୍ଡି, ନବରଙ୍ଗପୁର ଓ ନୂଆପଡ଼ା ଭଳି ଜିଲାରେ କାର୍ଯ୍ୟକାରୀ ହେବାକୁ ଯାଉଛି। ଆସନ୍ତା ସିଙ୍ଗଲ୍ ୱିଣ୍ଡୋ ବୈଠକରେ ୨୦ଟି ପ୍ରସ୍ତାବ ବିଚାରକୁ ନିଆଯାଇଥିବା ବେଳେ ସେଥିମଧ୍ୟରୁ ବହୁ ପ୍ରକଳ୍ପ ରାଜ୍ୟର ଏହି ଅଞ୍ଚଳଗୁଡ଼ିକରେ କାର୍ଯ୍ୟକାରୀ ହେବ। ସରକାର ଏହି ଅଞ୍ଚଳର ଶିଳ୍ପାୟନକୁ ଗୁରୁତ୍ୱ ଦେଉଥିବାରୁ ପ୍ରଥମ ଥର ଲାଗି ଝାରସୁଗୁଡ଼ାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା।

ଏଣ୍ଟରପ୍ରାଇଜ୍ ଓଡ଼ିଶା ସମ୍ପର୍କରେ ଇପିକଲ୍ ଓ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ କହିଛନ୍ତି ଯେ ସ୍ଥାନୀୟ ଉଦ୍ୟୋଗୀ ସୃଷ୍ଟି କରିବା ଏବଂ ଏମ୍ଏସ୍ଏମ୍ଇଗୁଡ଼ିକୁ ବ୍ୟାପକ ସୁଯୋଗ ପ୍ରଦାନ କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଶିଳ୍ପାୟନରେ ଓଡ଼ିଶା ଜାତୀୟ ସ୍ତରରେ ପରିଚିତ ହୋଇଛି। ଓଡ଼ିଶା ବିଷୟରେ ଆଲୋଚନା ହେଉଛି। ଏହି ଧାରା ବଜାୟ ରହିବା ଲାଗି ରାଜ୍ୟର ସବୁ ଅଞ୍ଚଳରେ ଆନୁଷଙ୍ଗିକ ଶିଳ୍ପ ଓ ମୂଲ୍ୟଯୋଗର ବିକାଶ ହେବା ଦରକାର। ଏହି କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟ ବାହାରର ନିବେଶକଙ୍କ ବ୍ୟତୀତ ରାଜ୍ୟ ଭିତରେ ନିବେଶକମାନେ ମଧ୍ୟ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ସୁଯୋଗ ବିଷୟରେ ଜାଣିପାରିବେ।

ଏହି ୩ ଦିନିଆ ପ୍ରଦର୍ଶନୀରେ ୨୦୦ରୁ ଅଧିକ ପ୍ରଦର୍ଶନକାରୀ, ୧୦୦ରୁ ଅଧିକ ସିଇଓ ଓ ସିଏକ୍ସଓ, ୨୦ରୁ ଅଧିକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାଗନେବେ। ଦୁଇ ଦିନ ସମ୍ମିଳନୀ ଆୟୋଜନ କରାଯିବ। ଏହି ପ୍ରଦର୍ଶନୀକୁ ୪ହଜାରରୁ ଅଧିକ ପ୍ରଦର୍ଶନକାରୀଙ୍କ ଆମଗନ ହେବା ନେଇ ଆଶା କରାଯାଉଛି। ପ୍ରଦର୍ଶନକାରୀଙ୍କ ମଧ୍ୟରେ ରାଜ୍ୟର ବୃହତ୍ ଓ ମଧ୍ୟମ ଶିଳ୍ପ ସଂସ୍ଥା, ସେବା କ୍ଷେତ୍ରର ସଂସ୍ଥା, ଆନ୍ତର୍ଜାତିକ ସଙ୍ଗଠନ, ବହୁଦେଶୀୟ ଏଜେନ୍ସି ପ୍ରମୁଖ ଦେଶଗୁଡ଼ିକର ବାଣିଜ୍ୟ ବିଭାଗ ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଅଂଶଗ୍ରହଣ କରିବେ। ଷ୍ଟାର୍ଟଅପ୍ ଓ ମହିଳା ଉଦ୍ୟୋଗୀଙ୍କୁ ସ୍ୱତନ୍ତ୍ର ଗୁରୁତ୍ୱ ପ୍ରଦାନ କରାଯିବ।

# ଭାଷା ସମାଜକୁ ଏକ କରିବାର ମୁଖ୍ୟ ମାଧ୍ୟମ: ଭାଗବତ



ଭୁବନେଶ୍ୱର, ୨୦।୧୨(ସୁନିତ୍ ମିଶ୍ର)

ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଦ୍ୱାରା ସର୍ବଭାଷା ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ମୋହନ ଭାଗବତ ଯୋଗଦେଇ କହିଛନ୍ତି, ଭାଷା ସମାଜକୁ ଏକ କରିବାର ମୁଖ୍ୟ ମାଧ୍ୟମ। ଭାରତର ବିଭିନ୍ନ ଭାଷାର ୧୪ ଜଣ ବିଶିଷ୍ଟ ସାହିତ୍ୟିକଙ୍କୁ ସେ ଏହି ଅବସରରେ ସମ୍ମାନିତ କରି କହିଛନ୍ତି, ସାହିତ୍ୟର ସୃଷ୍ଟି କେବଳ ମୁକ୍ତ ପ୍ରବାହ ନୁହେଁ ବରଂ ବହୁମୁଖୀ ହେବା ଉଚିତ। ସାହିତ୍ୟର ସୃଷ୍ଟି କେବଳ ଆତ୍ମସନ୍ତୋଷ ପାଇଁ ନୁହେଁ। ଭାଷା ଉପଯୁକ୍ତ ପ୍ରୟୋଗ ଓ ବ୍ୟବହାର ଦ୍ୱାରା ସମ୍ମାନିତ ହୋଇଥାଏ। ଭାଷା କେବଳ ପୁରସ୍କାର ଏବଂ ସମ୍ମାନ ପାଇ ଅଗ୍ରଗତି କରେନାହିଁ। ବର୍ତ୍ତମାନ ଭାରତର ମାର୍ଗଦର୍ଶନକୁ ସମଗ୍ର ବିଶ୍ୱ ଚାହିଁ ରହିଛି। ଧର୍ମକୁ ନେଇ ଲୋକଙ୍କ ମନରେ ଭ୍ରାନ୍ତଧାରଣା ରହିଛି। ପୂଜା ପଦ୍ଧତି ଧର୍ମ ନୁହେଁ। ଲୋକମାନଙ୍କ ପୂଜାପାଠର ଭିନ୍ନଭିନ୍ନ ପଦ୍ଧତି ଥାଇପାରେ, କିନ୍ତୁ ଧର୍ମ ଏକ। ତାହା ହେଉଛି ଚିରନ୍ତନ ଓ ଶାଶ୍ୱତ। ମନୁଷ୍ୟ ଓ ପ୍ରାଣୀଙ୍କ ମଧ୍ୟରେ ଅନ୍ତର ହେଲା ପ୍ରାଣିଜଗତ କେବଳ ନିଜ ହିତ କଥା ଚିନ୍ତା କରିଥାଏ। ସେମାନେ ଖାଦ୍ୟ, ବିହାର, ନିଦ୍ରା, ମୈଥୁନରେ ରତ ରହିଥାନ୍ତି। କିନ୍ତୁ ମନୁଷ୍ୟ ଏସବୁ ସହିତ ଅନ୍ୟର ହିତ କଥା ଚିନ୍ତା କରିଥାଏ। ବର୍ତ୍ତମାନ ସମୟରେ ମାନବ ସମାଜ ଏଭଳି ଏକ ପରିସ୍ଥିତି ଦେଇ ଗତି କରୁଛି ଯେଉଁଥିରେ ସେ କେବଳ ନିଜ ହିତ କଥା ଚିନ୍ତା କରୁଛି। ଏଭଳି ଆତ୍ମ ସ୍ୱାର୍ଥରେ ବୁଡି ରହିଥିବା ସମାଜ କେବେହେଲେ ଆଗକୁ ବଢ଼ିପାରିବ ନାହିଁ ବୋଲି ସେ କହିଛନ୍ତି।

# ୫-ଟି ଅଧ୍ୟକ୍ଷଙ୍କ ଗସ୍ତର ୨୪ ଘଣ୍ଟା ମଧ୍ୟରେ ଅର୍ଥ ମଞ୍ଜୁର, ସମସ୍ୟା ସମାଧାନ

ଭୁବନେଶ୍ୱର,୨୦।୧୨ (ଅନିଲ ଦାସ)

**କେନ୍ଦ୍ରାପଡ଼ା କେରେଡ଼ାଗଡ଼ ପ୍ରାଥମିକ ବିଦ୍ୟାଳୟର ଉନ୍ନତି, ପଞ୍ଚାୟତ ପୋଖରୀର ସଂରକ୍ଷଣ ପାଇଁ ୨୦ ଲକ୍ଷ ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ**

କେନ୍ଦ୍ରାପଡ଼ା ଜିଲା କେରେଡ଼ାଗଡର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥରେ କେରେଡ଼ାଗଡ ପ୍ରାଥମିକ ବିଦ୍ୟାଳୟର ଉନ୍ନତି ଏବଂ କେରେଡ଼ାଗଡ ଗ୍ରାମ ପଞ୍ଚାୟତ ପୋଖରୀର ସଂରକ୍ଷଣ ଓ ଉନ୍ନତୀକରଣ କରାଯିବ। ସୂଚନାଯୋଗ୍ୟ ଯେ ଗତ ୧୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କେନ୍ଦ୍ରାପଡ଼ା ରାଜନଗର ଗସ୍ତରେ ଯାଇ କେରେଡ଼ାଗଡ଼ବାସୀଙ୍କ ଏହି ମୌଳିକ ସମସ୍ୟା ବିଷୟରେ ଜାଣିବାକୁ ପାଇଥିଲେ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ନିବେଦନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଏ ବିଷୟରେ ଜାଣିବା ପରେ ବୁଧବାର 'ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠି'ରୁ ୨ଟି ଯାକ ପ୍ରକଳ୍ପ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ ସମୁଦାୟ ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏହି ପ୍ରକଳ୍ପ ୨ଟିର କାର୍ଯ୍ୟ ଯଥାଶୀଘ୍ର ସମ୍ପନ୍ନ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୨୪ ଘଣ୍ଟା ମଧ୍ୟରେ ଜନଅଭିଯୋଗର ସମାଧାନ କେରେଡ଼ାଗଡ଼ବାସୀଙ୍କ ପାଇଁ ଏକ ବିରଳ ଅନୁଭୂତି। ରାଜ୍ୟ ସରକାରଙ୍କ ଏହି ତ୍ୱରିତ ପଦକ୍ଷେପ ପାଇଁ କେରେଡ଼ାଗଡ଼ବାସୀ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି।




ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୧୦ ଡିଗ୍ରୀ ତଳେ ୧୩ ସହର

ଭୁବନେଶ୍ୱର, ୨୦।୧୨(ଅନିଲ ଦାସ )

**ଜି. ଉଦୟଗିରିରେ ୫ ଡିଗ୍ରୀ ସେଲ୍‌ସିୟସ୍**

ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି। ପାରଦ ୫ ଡିଗ୍ରୀକୁ ଖସିଛି। ଜି. ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ବୁଧବାର ଏଠାରେ ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଏଥିସହିତ ରାଜ୍ୟର ୧୩ଟି ସହରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ଼ର କିରେଇରେ ୭.୫ ଡିଗ୍ରୀ, ଅନୁଗୋଳ ୮, କୋରାପୁଟରେ ୮, ସେମିଳିଗୁଡ଼ାରେ ୮.୪, ଦାରିଙ୍ଗବାଡ଼ିରେ ୮.୫, କେନ୍ଦୁଝର ୮.୬, ରାଉରକେଲାରେ ୮.୬, ସୁନ୍ଦରଗଡ଼ରେ ୮.୮, ଭବାନୀପାଟଣାରେ ୮.୯, ରାଣୀତାଲରେ ୯ ଓ ଝାରସୁଗୁଡ଼ାରେ ୯.୨, ସୋନପୁରରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ କରାଯାଇଛି। ଚଳିତ ଋତୁରେ କଟକ ଓ ଭୁବନେଶ୍ୱରରେ ମଧ୍ୟ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ସମ୍ବଲପୁରରେ ସର୍ବନିମ୍ନ ରାତ୍ର ତାପମାତ୍ରା ୧୨.୧ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବରଗଡ଼ରେ ୧୧.୭, ବଲାଙ୍ଗିରରେ ୧୧, ଟିଟିଲାଗଡ଼ରେ ୧୨.୫, ନବରଙ୍ଗପୁରରେ ୧୨, ମାଲକାନଗିରିରେ ୧୩.୯, ତାଳଚେରରେ ୧୧.୪, ଢେଙ୍କାନାଳରେ ୧୧.୯, ଭଦ୍ରକରେ ୧୨.୫, ବାଲେଶ୍ୱରରେ ୧୦.୮, ଜଗତସିଂହପୁରରେ ୧୨.୨ ଡିଗ୍ରୀ ରେକର୍ଡ କରାଯାଇଛି।

## ବିରୋଧୀ ନ ଥାଇ ...

ହେଲେ ନାଗରିକଙ୍କ ଅଧିକାରକୁ ଛଡ଼ାଇ ନିଆଯିବ। ଏହା ସାଧାରଣ ଲୋକଙ୍କ ବିରୋଧରେ ଯିବ ବୋଲି ଆଲୋଚନାରେ ଭାଗନେଇ ଓୱାଇସି କହିଥିଲେ। ଭାରତୀୟ ନ୍ୟାୟ ସଂହିତାରେ ଅନେକ ବ୍ୟବସ୍ଥା ସଂଯୋଗ ହୋଇଛି, ଯାହା ବିପଜ୍ଜନକ। ଏଥିରେ ପୋଲିସକୁ ବିଚାରପତି ଓ ଦଣ୍ଡବିଧାନକାରୀ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯାଇଥିବା ଓୱାଇସି କହିଛନ୍ତି। ପ୍ରସ୍ତାବିତ ଆଇନରେ ଦେଶଦ୍ରୋହକୁ ଭିନ୍ନ ଏକ ରୂପରେ ଉପସ୍ଥାପନ କରାଯାଇଛି, ଯେଉଁଥିରେ ଦଣ୍ଡ ବ୍ୟବସ୍ଥାକୁ ୩ ବର୍ଷରୁ ୭ ବର୍ଷକୁ ବଢ଼ାଇ ଦିଆଯାଇଛି। ପ୍ରସ୍ତାବିତ ଆଇନ ଦେଶର ମୁସଲମାନ, ଆଦିବାସୀ ଓ ଦଳିତଙ୍କ ପ୍ରତି ବିପଦ ରହିଛି। ଦେଶର ୩୦ ପ୍ରତିଶତ ଏବଂ ଉତ୍ତରପ୍ରଦେଶର ୩୩ ପ୍ରତିଶତ ବନ୍ଦୀ ମୁସଲମାନ ସମ୍ପ୍ରଦାୟର ବୋଲି ସେ କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗତ ସପ୍ତାହରେ ଲୋକ ସଭାରେ ନୂଆ ବିଲ୍‌ଗୁଡ଼ିକୁ ଆଗତ କରିଥିଲେ। ବିଲ୍‌ଗୁଡ଼ିକ ଉପରେ ବିତର୍କର ଉତ୍ତର ଦେଇ ଶାହା କହିଥଲେ, ବ୍ୟାପକ ବିଚାରବିମର୍ଶ ପରେ ପ୍ରସ୍ତାବିତ ଆଇନ ପ୍ରସ୍ତୁତ ହୋଇଛି। ଗୃହର ଅନୁମୋଦନ ପାଇଁ ଅଣାଯିବା ପୂର୍ବରୁ ଚିଠା ବିଧେୟକର ପ୍ରତି କମା ଓ ପୂର୍ଣ୍ଣଚ୍ଛେଦକୁ ଭଲ ଭାବେ ଅନୁଧ୍ୟାନ କରାଯାଇଛି। ବର୍ତ୍ତମାନର ପ୍ରଚଳିତ ଆପରାଧିକ ଆଇନଗୁଡ଼ିକରେ ନ୍ୟାୟ ନ ଦେଇ ଦଣ୍ଡ ପ୍ରଦାନରେ ଉପନିବେଶୀୟ ମନୋବୃତ୍ତିର ପ୍ରତିଫଳନ ହେଉଥିବା ଶାହା କହିଥିଲେ। ଭାରତୀୟ ଚିନ୍ତାଧାରା ଆଧାରରେ ଏକ ନ୍ୟାୟ ବ୍ୟବସ୍ଥା ପ୍ରତିଷ୍ଠା କରିବା ୩ ନୂଆ ବିଲ୍‌ର ଉଦ୍ଦେଶ୍ୟ। ଏହା ଜନସାଧାରଣଙ୍କୁ ଉପନିବେଶୀୟ ମନୋଭାବ ଓ ଏହାର ପ୍ରତୀକରୁ ମୁକ୍ତ କରିବ ବୋଲି ବିଲ୍ ଗୃହୀତ ହେବା ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ। ବର୍ତ୍ତମାନର ଆପରାଧିକ ଆଇନକୁ ନ ହଟାଇବା ଯାଏ ଆମକୁ ବ୍ରିଟିଶ ସରକାରଙ୍କ ଆଇନକୁ ମାନି ଚଳିବାକୁ ହେବ। ସ୍ୱାଧୀନତାର ୭୫ ବର୍ଷ ପରେ ବି ଉକ୍ତ ଆଇନରେ ହର୍ ମାଜେଷ୍ଟି, କ୍ରାଉନ୍, ବାରିଷ୍ଟର ଭଳି ଇଂଲିଶ ଶବ୍ଦ ବ୍ୟବହୃତ ହେଉଥିବା ଶାହା କହିଥିଲେ।

ପ୍ରଥମ ପୃଷ୍ଠାରୁ...

## ଚିଲିକାରେ ଫସିଲେ ...

ଡଙ୍ଗା ଉଦ୍ଧାର ପାଇଁ ଯାଇଥିଲା। ଯାତ୍ରୀମାନେ ପ୍ରାୟ ୧ ଘଣ୍ଟା ଜଳବନ୍ଦୀ ରହିବା ପରେ ଉକ୍ତ ଡଙ୍ଗାରେ ଆସି ସାତପଡ଼ା କୂଳରେ ପହଞ୍ଚିଥିଲେ। ପ୍ରାୟ ପ୍ରତିଦିନ ଚିଲିକାରେ ଯାତ୍ରୀମାନେ କେବେ ଭସାପୋଲ ତ ଆଉକେବେ ଡଙ୍ଗାରେ ଏଭଳି ଅଘଟଣର ସମ୍ମୁଖୀନ ହେଉଛନ୍ତି। ତେଣୁ ଚିଲିକାରେ ସ୍ଥାୟୀ ବ୍ରିଜ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ଗୁପ୍ତ ତଥ୍ୟ ପାଇଁ ...

ଯେଉଁମାନଙ୍କ ସହ ନ୍ୟୁଡ୍ କଲ୍ କରୁଥିଲେ, ତାହାର ଭିଡିଓ ବା ସ୍କ୍ରିନ୍‌ଶଟ୍ ଆଣି ବୁଖାରୀ ବ୍ଲାକ୍‌ମେଲ କରି ବିପୁଳ ଟଙ୍କା ଲୁଟୁଥିଲେ। ତାଙ୍କ ଆପ୍ ସହ ଯୋଡି ହେଉଥିବା ଯୁବତୀଙ୍କୁ ସେ ମୋଟା ଅଙ୍କର କମିଶନ ଦେଉଥିଲେ। ଓଡ଼ିଶାର ଦୁଇଜଣ ଯୁବତୀଙ୍କ ସହ ମଧ୍ୟ ବୁଖାରୀର ସମ୍ପର୍କ ଥିବା ସୂଚନା ମିଳିଛି। ଏଥିସହ ଏଭଳି ବ୍ଲାକ୍‌ମେଲ୍ କରି ଦେଶର ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରି ଶତ୍ରୁ ଦେଶର ଗୋଇନ୍ଦାକୁ ଦେଇ ବିପୁଳ ଟଙ୍କା ପାଉଥିବା ସନ୍ଦେହ କରାଯାଉଛି। ତାଙ୍କ ନାମରେ ୯ଟି ବ୍ୟାଙ୍କରେ ଥିବା ଆକାଉଣ୍ଟରେ କୋଟି କୋଟି ଟଙ୍କା କାରବାର ହୋଇଥିବା ତଦନ୍ତବେଳେ ଅଧିକାରୀମାନେ ଜାଣିବାକୁ ପାଇଛନ୍ତି। ତେବେ ଏସବୁ ଟଙ୍କା କେଉଁ ଉତ୍ସରୁ ଆସିଛି, ତାହାର ଅଧିକ ଖୋଳତାଡ଼ କରୁଛି ମିଳିତ ଟିମ୍।

ଅପରପକ୍ଷରେ ଜମ୍ମୁ ପୋଲିସର ୱାଣ୍ଟେଡ୍ ଥିବାରୁ ବୁଖାରୀଙ୍କ ଦେଶଦ୍ରୋହ କାର୍ଯ୍ୟକଳାପର ଅଧିକ ପ୍ରମାଣ ଯୋଗାଡ଼ ପାଇଁ ତଦନ୍ତକାରୀ ଅଧିକାରୀମାନେ ଉଦ୍ୟମ ଚଳାଇଛନ୍ତି। ଏପରିକି ଜମ୍ମୁ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଓଡ଼ିଶା ଆସି ବୁଖାରୀଙ୍କୁ ଜେରା କରିବା ସହ ରିମାଣ୍ଡରେ ନେବାକୁ ଯୋଜନା କରୁଥିବାରୁ ଆଗକୁ ଆହୁରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି। ସେହିଭଳି ବୁଖାରୀ ବିଭିନ୍ନ ରାଜ୍ୟର ବହୁ ମହିଳାଙ୍କୁ ବିବାହ କରି ସେଠାକାର ବାସିନ୍ଦା ହୋଇ ଏଭଳି ଆପରାଧିକ କାର୍ଯ୍ୟ ଜାରି ରଖିଥିବାବେଳେ କେଉଁ ପରିସ୍ଥିତିରେ ଯାଜପୁରରେ ବିବାହ କରି ଓଡ଼ିଶାରୁ କେଉଁ ଟାର୍ଗେଟ ହାସଲ କରିଛନ୍ତି ତାହାକୁ ଗୁରୁତ୍ୱର ସହ ନେଇ ଏସ୍‌ଟିଏଫ୍ ଅଧିକାରୀମାନେ ତଦନ୍ତକୁ ଆଗକୁ ବଢ଼ାଇଛନ୍ତି। ଏପଟେ ଧର୍ମଶାଳା ପୋଲିସ ସହ ବୁଖାରୀଙ୍କ ସୁସମ୍ପର୍କ ଅଭିଯୋଗ ଉଠୁଥିବାରୁ ତାଙ୍କ ର୍‌ୟାକେଟରେ କେଉଁ ଥାନା କର୍ମଚାରୀ ସାମିଲ ଅଛନ୍ତି ତାହା ଜାଣିବାକୁ ସ୍ଥାନୀୟ ଲୋକେ ଉତ୍କଣ୍ଠାର ସହ ଚାହିଁ ବସିଛନ୍ତି।

## ଖଳାରୁ ଛତିଶଗଡ଼ ...

ଅନୁମତି ରହିଛି। ସେହିପରି ବିଳମ୍ବରେ ମଣ୍ଡି ଖୋଲିବା ଓ ଟୋକନ ଠିକ୍ ସମୟରେ ନ ଆସିବା ଚାଷୀଙ୍କୁ ସମସ୍ୟାରେ ପକାଉଛି। ଏଭଳି ସ୍ଥିତିରେ ଚାଷୀ ମଣ୍ଡିକୁ ନ ଯାଇ ଖଳାରୁ ନଗଦ ଟଙ୍କା ନେଇ ବ୍ୟବସାୟୀଙ୍କୁ ଧାନ ବିକ୍ରି କରୁଛନ୍ତି। ଓଡ଼ିଶାରେ ଚାଷୀଙ୍କୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ଏମ୍ଏସ୍‌ପି ଅନୁଯାୟୀ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ପ୍ରଦାନ କରାଯାଉଛି। ପରବର୍ତ୍ତୀ ସମୟରେ ଚାଷୀଙ୍କୁ ବୋନସ କିମ୍ବା ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରାଯାଉନାହିଁ। ଏହା ଚାଷୀଙ୍କୁ ହତୋତ୍ସାହିତ କରୁଛି। ଏ ସମ୍ପର୍କରେ ସୁବର୍ଣ୍ଣପୁର ଜିଲା କୃଷକ ସଂଗଠନର ସଭାପତି ବୈକୁଣ୍ଠନାଥ ଶତପଥୀ କୁହନ୍ତି, ଧାନରେ ଆର୍ଦ୍ରତା ଥିବା ଓ ଏଫ୍ଏକ୍ୟୁ ମାନ ନ ଥିବା କହି ମଣ୍ଡିରୁ ଧାନ ଫେରାଇ ଦିଆଯାଉଛି। କଟ୍‌ନୀ ଛଟ୍‌ନୀ ନ କଲେ ଧାନ ଉଠୁନି। ଛତିଶଗଡରେ ଚାଷୀ ଧାନ କୁଇଣ୍ଟାଲ ପ୍ରତି ଅଧିକ ୯୧୭ଟଙ୍କା ପାଉଛନ୍ତି । ତେଣୁ ସେଠାକାର ବ୍ୟବସାୟୀ ଅଧିକ ଟଙ୍କା ଦେଇ ଆମ ଅଞ୍ଚଳରୁ ଧାନ କିଣିବାରେ ସକ୍ଷମ ହେଉଛନ୍ତି।

ନବନିର୍ମାଣ କୃଷକ ସଂଗଠନର ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ପାଢ଼ୀ କୁହନ୍ତି, ସାମୁଦ୍ରିକ ବାତ୍ୟା 'ମିଗ୍‌ଜୋମ୍' ପ୍ରଭାବରେ ଜିଲାରେ ଅମଳ ଧାନ ବର୍ଷାରେ ଭିଜିଥିଲା। ଧାନରେ ଆର୍ଦ୍ରତା ଥିବା କହି ମିଲର୍ସ ଧାନ କିଣିବାକୁ ଅମଙ୍ଗ ହେଉଛନ୍ତି। ରାଜ୍ୟ ସରକାର ଚାଷୀଙ୍କୁ ବୋନସ୍ ଦେଉନାହାନ୍ତି। ମଣ୍ଡିରେ ଅବ୍ୟବସ୍ଥା କାରଣରୁ ଚାଷୀ ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଦ୍ୱାଦଶସ୍ଥ ଚନ୍ଦ୍ର ଯୁକ୍ତ ରାହୁଙ୍କ ଯୋଗୁ ବାହାର ଲୋକଙ୍କ ସକାଶେ ସମୟ ଦେବେ। କାର୍ଯ୍ୟ ତ୍ୱରାନ୍ୱିତ ହେବା ବଦଳରେ ହଠାତ୍ ଅଟକି ରହିଯାଇପାରେ। ଶିଳ୍ପ, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ ଓ ଲାଭବାନ୍ ହେବେ। ପରିବାରର ନିର୍ଦ୍ଦେଶକ୍ରମେ ଗୃହକୁ ଧାତୁ , ଅଳଙ୍କାରାଦି ପଦାର୍ଥ କିମ୍ବା ମୂଲ୍ୟବାନ ଜିନିଷ ଆଣିପାରନ୍ତି।

**ବୃଷ** – କର୍ମାଧିପ ସ୍ୱଗୃହୀଶନିଙ୍କ ଯୋଗୁ ଯେମିତି ଚାହୁଁଛନ୍ତି, ସେମିତି ପାଇବେ କିନ୍ତୁ ଟିକିଏ ଝିନଝଟ୍ ମଧ୍ୟରେ। ପିଲାଙ୍କ ଉନ୍ନତ କାର୍ଯ୍ୟକଳାପ ପାଇଁ ଗୌରବାନ୍ୱିତ ହୋଇପାରନ୍ତି। କର୍ମ କ୍ଷେତ୍ର, ଯାନବାହନ, ସଭା ସମିତିରେ ଟେନ୍‌ସନ ଲାଗିରହିବ। ଆତ୍ମୀୟତା ଦେଖାଉଥିବା ଲୋକମାନେ ପରୋକ୍ଷଭାବେ ବିରୁଦ୍ଧାଚରଣ କରିପାରନ୍ତି।

**ମିଥୁନ** – ରବି ସହ ବୁଧ ସଂଯୋଗରୁ ସକାଳୁ ସକାଳୁ ହଠାତ୍ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ମାନସିକ ଅସ୍ଥିରତା ଦେଖାଦେବ। କୌଣସି ବ୍ୟକ୍ତି ଦ୍ୱାରା ବାଧ ବାଧକତାରେ ଯାତ୍ରାରୁ ଦୂରେଇ ରହିବା ଭଲ। ଅଫିସ କାମରେ ଆଲୋଚନା ସରଗରମ ମଧ୍ୟରେ ଅସମାପ୍ତ ରହିବ। ବ୍ୟବସାୟ ବେଶ୍ ଭଲରେ ଚାଲିବ, କିନ୍ତୁ ଲାଭ ବିଶେଷ ହେବ ନାହିଁ।

**କର୍କଟ** – ବୃହସ୍ପତିଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥାକହି ଜଟିଳ ପରିସ୍ଥିତିକୁ ସୁଧାରି ନେବେ। ଟଙ୍କା ପଇସା, ନେବା ଆଣିବା କ୍ଷେତ୍ରରେ ସତର୍କ ନ ରହିଲେ ଅନୁତାପ କରିବାକୁ ପଡିପାରେ। ପାରିବାରିକ କ୍ଷେତ୍ର, ଯାନବାହନ କ୍ରୟ, ଦୋକାନବାଡି ପ୍ରଭୃତିରେ ଶୁଭଫଳ ପାଇବେ। ଅଧିକାଂଶ ସମୟ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ।

**ସିଂହ** – ସାମୟିକ ଭାବେ ଭାଇ, ସ୍ତ୍ରୀ, ବାଣିଜ୍ୟ, ଯାତ୍ରା ପ୍ରଭୃତି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଉପରେ ସନ୍ଦେହ ପାରିପାର୍ଶ୍ୱିକ ପରିସ୍ଥିତିକୁ କେତେକାଂଶରେ ଅସ୍ୱାଭାବିକ କରିବ। ଆକସ୍ମିକ ଆଗନ୍ତୁକ ଅତିଥି ଦୁଶ୍ଚିନ୍ତାର କାରଣ ହୋଇପାରନ୍ତି। ପରିବହନ,ବ୍ୟବସାୟ ଓ ପ୍ରଶାସନିକ ସ୍ତରରେ ଆଶାନୁଯାୟୀ ଫଳ ପାଇବେ।

**କନ୍ୟା** – ଧନସ୍ଥାନରେ ଶୁକ୍ର ଥିବାରୁ ଋଣ ପରିଶୋଧ ଓ ରୋଗପୀଡ଼ା ଉପଶମଜନିତ ଆଶ୍ୱସ୍ତିଲାଭ କରିପାରନ୍ତି। ବହୁତ ଦିନ ହେଲା ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ। ସାଂଗଠନିକ କାମ, ରାଜନୀତି ଓ ସଭାସମିତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। କ୍ରୀଡ଼ା, ଚଳଚ୍ଚିତ୍ର ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** – ସ୍ୱଗୃହୀ ଶୁକ୍ରଙ୍କ ପ୍ରଭାବରୁ ଶାରୀରିକ ଓ ମାନସିକ ସ୍ଥିତି ଭଲ ରହିବ। ସନ୍ତାନଙ୍କ ଉନ୍ନତି, ସାକ୍ଷାତକାର, ଆନୁଷ୍ଠାନିକ ଆଲୋଚନା ପ୍ରଭୃତିରେ ସଫଳତା ପାଇବା ସାଙ୍ଗକୁ ବୁଦ୍ଧିଜୀବୀଙ୍କ ସୁନଜରରେ ଆସିବେ। ସାହିତ୍ୟସଭା, ଆନୁଷ୍ଠାନିକ କାମ, ରାଜନୈତିକ ସଂଗଠନ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ବିଛା** – କର୍ମକ୍ଷେତ୍ର ଶନିଦୃଷ୍ଟରେ ଥିବାରୁ କାମ ସବୁ ଗଡ୍‌ବଡ୍ ହୋଇଯାଉଥିବାରୁ ମନସ୍ତାପ କରିବେ। କ୍ରୋଧ ସମ୍ବରଣ ନ କରି କଡ଼ା କଥା କହିବା କାରଣରୁ ଅସୁବିଧାର ସମ୍ମୁଖୀନ ହେବେ। ଶିଳ୍ପ, ବାଣିଜ୍ୟରେ ମାଲ ପରିବହନ ପାଇଁ ଅସୁବିଧା ହେବ ନାହିଁ। ଅଫିସରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ କିନ୍ତୁ ସମୟାନ୍ତରରେ ସମାଧାନ ମଧ୍ୟ ହୋଇଯିବ।

**ଧନୁ** – ବୁଧାଦିତ୍ୟ ଯୋଗ ପ୍ରଭାବରୁ ଦିନଟି ପ୍ରତ୍ୟେକ ଦୃଷ୍ଟି କୋଣରୁ ବହୁତ ଭଲ ରହିବ। ଯାହା ଭାବୁଛନ୍ତି ଶୀଘ୍ର କରିବା ଭଲ ହେବ। ପ୍ରିୟ ବନ୍ଧୁଙ୍କ ଆଗରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଗଲେ ପରେ ପସ୍ତେଇବେ। ଶିଳ୍ପ, ବାଣିଜ୍ୟ, ପ୍ରକାଶନ, ରାଜନୀତି, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ଉଚ୍ଚ ମାନର ଫଳ ପାଇବେ।

**ମକର** – ସାନମାନଙ୍କ ମତକୁ ସମ୍ମାନ ଦେଲେ ସମାଲୋଚନାରୁ ତ୍ରାହି ମିଳିବ। କର୍ମଭାବର ଶୁଭତ୍ୱ ହେତୁ ବୁଦ୍ଧି ଖଟାଇ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହେବେ। ଆଜି ବ୍ୟବସାୟ ଭଲ ହେବାରୁ ଖୁସି ରହିବେ। ହିତୈଷୀଙ୍କ ପରାମର୍ଶରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ରାଗ, ରୁଷା ଓ ଅଭିମାନ ଭିତରେ ସମୟ କଟାଇବେ।

**କୁମ୍ଭ** – ସ୍ୱଗୃହୀ ଶନିଜନିତ କର୍ମକ୍ଷେତ୍ରର ବିବଦମାନ ସ୍ଥିତି ସମାଧାନ ଦିଗକୁ ଗତିକରିବ। ନିର୍ମାଣାଧୀନ କାର୍ଯ୍ୟ ସକାଶେ ଅର୍ଥର ଆବଶ୍ୟକତା ଅପରିହାର୍ଯ୍ୟ ହୋଇପାରେ। ସକାଳୁ ମାଙ୍ଗଳିକ କାମ କିମ୍ବା ଧର୍ମାନୁଷ୍ଠାନ ଦିଗ ସକାଶେ ଖିଆପିଆ ଛାଡି ବୁଲିବେ। ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡିପାରେ।

**ମୀନ** – ମୁଖଭାବସ୍ଥ ଗୁରୁଙ୍କ ଯୋଗୁ ଆପଣଙ୍କ ମନଭୁଲାଣିଆ କଥାରେ ଶତ୍ରୁମାନେ ମଧ୍ୟ ମିତ୍ର ପାଲଟିଯିବେ। ଭାବପ୍ରବଣତାବଶତଃ ନିଜର ଅସାବଧାନତା କିମ୍ବା ସତର୍କତା ଅଭାବରୁ ଧନହାନି ଘଟିପାରେ। ପରିବାରରେ, ପରିବହନରେ, ଗୃହ ନିର୍ମାଣରେ, ସଭା ସମିତିରେ କ୍ରମଶଃ ସ୍ଥିରତା ଫେରିଆସିବ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

ଆଜି ମାର୍ଗଶିର ଶୁକ୍ଳ ନବମୀ ଯୁକ୍ତ ଦଶମୀ, ମାଣବସା ଗୁରୁବାର ଚତୁର୍ଥପାଳି, ଡିସେମ୍ବର ୨୧ ତାରିଖ। ରାଶି ନକ୍ଷତ୍ର-ରେବତୀ/ମୀନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୦ ଗତେ ଘ.୦୭।୪୬ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୧।୦୫ ଗତେ ଘ.୦୨।୨୬ ମଧ୍ୟରେ ରାହୁ କାଳ ।

# ସଶକ୍ତ ଓଡ଼ିଶା ଗଠନରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ: ମୁଖ୍ୟମନ୍ତ୍ରୀ

## କଳିଙ୍ଗ ଷ୍ଟାଡିୟମରେ ନିଯୁକ୍ତି ପର୍ବ

### ମାତାପିତାଙ୍କ ପରେ ଶିକ୍ଷକ ହିଁ ପିଲାଙ୍କ ରୋଲ୍ ମଡେଲ: ୫-ଟି ଅଧ୍ୟକ୍ଷ



ଭୁବନେଶ୍ୱର,୨୦।୧୨(ଅନିଲ ଦାସ)

ରାଜ୍ୟର ବିଭିନ୍ନ ସରକାରୀ ସ୍କୁଲଗୁଡ଼ିକରେ ୪,୧୬୬ ଜଣ ମାଧ୍ୟମିକ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଛନ୍ତି। ଏଥିପାଇଁ ବୁଧବାର କଳିଙ୍ଗ ଷ୍ଟାଡିୟମରେ ଏକ ନିଯୁକ୍ତି ପର୍ବ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପିଲାମାନଙ୍କ ମଧ୍ୟରେ ଗଭୀର ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ନବନିଯୁକ୍ତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏଥିସହିତ ଆମର ମହାନ୍ ଦେଶ, ମହାନ୍ ଜାତି ଓ ମହାନ୍ ସଂସ୍କୃତିକୁ ଭଲ ପାଇବା ସହିତ ଏଥିପାଇଁ ଗର୍ବ ଅନୁଭବ କରିବାକୁ ପିଲାମାନଙ୍କୁ ପ୍ରେରଣା ଦେବାକୁ ସେ ପରାମର୍ଶ ଦେଇଛନ୍ତି।

ନବନିଯୁକ୍ତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଛାତ୍ରୀଛାତ୍ର ଯେପରି ବଡ଼ ସ୍ୱପ୍ନ ଦେଖିବେ ଓ ନିଜର ଲକ୍ଷ୍ୟ ହାସଲ କରିବାରେ ସଫଳ ହେବେ ସେଥିପାଇଁ ଶିକ୍ଷୟିତ୍ରୀଶିକ୍ଷକମାନେ ଉଦ୍ୟମ କରିବା ଆବଶ୍ୟକ। ଏକବିଂଶ ଶତାବ୍ଦୀରେ ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ। ଶିକ୍ଷା ପିଲାମାନଙ୍କ ମଧ୍ୟରେ ମୌଳିକ ଜ୍ଞାନ ଓ ଦକ୍ଷତା ସୃଷ୍ଟି କରେ। ସେମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରିବା ସହିତ ସେମାନଙ୍କୁ ରୂପାନ୍ତରିତ ନାଗରିକରେ ପରିଣତ କରିବାରେ ସାହାଯ୍ୟ କରେ। ଶିକ୍ଷକମାନଙ୍କ ଲକ୍ଷ୍ୟ କେବଳ ଭଲ ଛାତ୍ର ସୃଷ୍ଟି କରିବା ନୁହେଁ, ଭଲ ଛାତ୍ର ସହିତ ଭଲ ମଣିଷ ମଧ୍ୟ ସୃଷ୍ଟି କରିବା ଲକ୍ଷ୍ୟ ହେବା ଆବଶ୍ୟକ। ଶିକ୍ଷା ଉପରେ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱାରୋପ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୫-ଟି ଉପକ୍ରମରେ ୬,୮୮୩ ହାଇସ୍କୁଲର ରୂପାନ୍ତରଣ କରାଯାଇଛି। ଏହା ଦ୍ୱାରା ସ୍କୁଲର ଭିତ୍ତିଭୂମି ଓ ସାମଗ୍ରିକ ବାତାବରଣରେ ବିରାଟ ପରିବର୍ତ୍ତନ ଆସିଛି। ରାଜ୍ୟର ଶିକ୍ଷା ଦୃଶ୍ୟପଟ୍ଟରେ ରୂପାନ୍ତର ଆସିଛି। ଏଥିପାଇଁ ସରକାରୀ ସ୍କୁଲଗୁଡ଼ିକରେ ନାମଲେଖା ଯଥେଷ୍ଟ ପରିମାଣରେ ବୃଦ୍ଧିପାଇଛି। ଶିକ୍ଷା କ୍ଷେତ୍ରରେ ପ୍ରୋତ୍ସାହନ ପାଇଁ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ଜଡିତ ସମସ୍ତଙ୍କୁ ପୁରସ୍କାର ଦେବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ବର୍ଷକୁ ୧୩୮ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ଏହି ପୁରସ୍କାର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ସରକାରୀ ସ୍କୁଲ, ଗ୍ରାମ ପଞ୍ଚାୟତ, ସ୍କୁଲ ପରିଚାଳନା କମିଟି, ପ୍ରାକ୍ତନ ଛାତ୍ରୀଛାତ୍ର ଓ ଜିଲା ଏବଂ ବ୍ଲକସ୍ତରୀୟ ଶିକ୍ଷା ଅଧିକାରୀମାନଙ୍କୁ ଦିଆଯିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି ଯେ ଆଜି ରାଜ୍ୟରେ ଆମ ମୁଖ୍ୟମନ୍ତ୍ରୀଙ୍କ ୫-ଟି ରୂପାନ୍ତରଣର ପର୍ବ ଜାରି ରହିଛି। ସବୁ କ୍ଷେତ୍ରରେ ରୂପାନ୍ତରଣ କରି ଏକ ସଶକ୍ତ ଓଡ଼ିଶା ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମରେ ନବନିଯୁକ୍ତ ଶିକ୍ଷୟତ୍ରୀ ଶିକ୍ଷକମାନଙ୍କ ସହ ମତବିନିମୟ କରି କହିଛନ୍ତି ଯେ ରାଜ୍ୟରେ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଶିକ୍ଷକମାନଙ୍କର ଦାୟିତ୍ୱ। ପିଲାମାନଙ୍କୁ ଭଲ ପାଠ ପଢ଼ାଇ ସେମାନଙ୍କ ମା' ବାପାଙ୍କ ମନରେ ଖୁସି ଆଣିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ମା'ବାପାଙ୍କ ପରେ ଶିକ୍ଷକ ହେଉଛନ୍ତି ପିଲାଙ୍କ ରୋଲ୍ ମଡେଲ। ପିଲାମାନଙ୍କ ପାଇଁ ସମସ୍ତ କ୍ଷେତ୍ରରେ ପ୍ରେରଣାଦାୟୀ ହୋଇ କାର୍ଯ୍ୟ କରିବା ପାଇଁ ପାଣ୍ଡିଆନ କହିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି, ମୁଖ୍ୟମନ୍ତ୍ରୀ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣ ଆଣିଛନ୍ତି। ଆମ ଶିକ୍ଷା ବ୍ୟବସ୍ଥାକୁ ସଶକ୍ତ କରିବା ପାଇଁ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ କୋରାପୁଟର ନବନିଯୁକ୍ତ ଶିକ୍ଷୟିତ୍ରୀ ସ୍ରୋତସ୍ୱିନୀ ଲେଙ୍କା ନିଯୁକ୍ତି ସମ୍ପର୍କରେ ତାଙ୍କର ଅନୁଭୂତି ବର୍ଣ୍ଣନା କରି ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ୫-ଟି ନୀତି ଅନୁଯାୟୀ ଏହି ନିଯୁକ୍ତି ପ୍ରକ୍ରିୟା ସମାପନ କରି ଖୁବ୍‌ଶୀଘ୍ର ନିଯୁକ୍ତି ମିଳିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଦ୍ୱରିତ୍ୱ ପଦକ୍ଷେପ ଯୁବ ସମାଜ ପାଇଁ ବେଶ୍ ଉତ୍ସାହଜନକ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥ୍ ଏସ୍. ସ୍ୱାଗତ ଭାଷଣ ଦେଇଥିଲେ ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଶୁତୋଷ ପରିଡ଼ା ପାଇବେ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର'

### ୨୪ ଭାଷାରେ ପୁରସ୍କାର ଘୋଷଣା



ଭୁବନେଶ୍ୱର,୨୦।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶିଷ୍ଟ କବି ତଥା ବରିଷ୍ଠ ବୈଜ୍ଞାନିକ ଆଶୁତୋଷ ପରିଡ଼ା ୨୦୨୩ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ। କବିତା ସଂକଳନ 'ଅପ୍ରସ୍ତୁତ ମୃତ୍ୟୁ' ପାଇଁ ତାଙ୍କୁ ଏହି ପୁରସ୍କାର ଦିଆଯିବ ବୋଲି ବୁଧବାର କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଘୋଷଣା କରାଯାଇଛି। ପୁରସ୍କାର ବାବଦରେ ୧ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯିବ। ଏକାଡେମୀ ପୁରସ୍କାର ପାଇବା ନେଇ ଆଶୁତୋଷ ନିଜ ପ୍ରତିକ୍ରିୟାରେ କହିଛନ୍ତି, ୨୦୨୦ରେ ପ୍ରକାଶିତ ମୋର ଏହି କାବ୍ୟକୁ ସ୍ୱୀକୃତି ମିଳିଛି। ଖୁସି ହେବା ସ୍ୱାଭାବିକ। ଏହି ପୁରସ୍କାର ଏକ ପ୍ରେରଣା। ମୃତ୍ୟୁ କାହିଁକି ଅପ୍ରସ୍ତୁତ। ସଂଘର୍ଷ ଓ ଦ୍ୱନ୍ଦ୍ୱ ଭିତରେ ରହି ମଣିଷ ବଞ୍ଚି ରହିବାକୁ ଚେଷ୍ଟା କରିଥାଏ। ମୃତ୍ୟୁ ବାରମ୍ବାର ପରାସ୍ତ ହୁଏ। ମଣିଷର ଜିଜୀବିଷା ଆଗରେ ମୃତ୍ୟୁ ଅପ୍ରସ୍ତୁତ ହୋଇପଡ଼େ। ମୃତ୍ୟୁକୁ ଅତିକ୍ରମ କରି ମଣିଷ ବଞ୍ଚିବାକୁ ଚାହେଁ। ମାନବବାଦୀ ଭାବନା ଓ ମୃତ୍ୟୁ ସମ୍ପର୍କିତ କବିତାଗୁଡ଼ିକ ଏହି ପୁସ୍ତକରେ ରହିଛି।

ଏକାଡେମୀ ପକ୍ଷରୁ ୨୪ଟି ଭାଷାରେ ପୁରସ୍କାର ଘୋଷଣା କରାଯାଇଛି। ସେଥିମଧ୍ୟରୁ ୯ଟି କବିତା ପୁସ୍ତକ, ୬ଟି ଉପନ୍ୟାସ, ୫ଟି କ୍ଷୁଦ୍ର ଗଳ୍ପ, ୩ଟି ପ୍ରବନ୍ଧ ଓ ଗୋଟିଏ ଲିଟେରାରୀ ଷ୍ଟଡି ରହିଛି। ଆଞ୍ଚଳିକ ଭାଷା ଓଡ଼ିଆରେ ଜୁରୀ ସଦସ୍ୟ ଭାବେ ବିଶିଷ୍ଟ ସାହିତ୍ୟିକ ହରପ୍ରସାଦ ଦାସ, ପ୍ରଫେସର କାଳିଦାସ ମିଶ୍ର ଓ ରାଜେନ୍ଦ୍ର କିଶୋର ପଣ୍ଡା ରହିଥିଲେ। ଆସନ୍ତା ବର୍ଷ ମାର୍ଚ୍ଚ ୧୨ରେ ନୂଆଦିଲ୍ଲୀସ୍ଥିତ କମନି ଅଡିଟୋରିୟମ୍‌ରେ ଏହି ପୁରସ୍କାର ପ୍ରଦାନ କରାଯିବ।

ଆଶୁତୋଷ ପରିଡ଼ା ୧୯୪୬ ଫେବୃୟାରୀରେ କେନ୍ଦ୍ରାପଡ଼ା ଜିଲାରେ ଜନ୍ମଗ୍ରହଣ କରିଥିଲେ। ସେ ରାଉରକେଲାର ଆର୍‌ଇସିରେ ଇଞ୍ଜିନିୟରିଂରେ ସ୍ନାତକ ହାସଲ କରିବା ପରେ ଆଇଆଇଟି ଖଡ଼ଗପୁରରେ ଆବର୍ତ୍ତ ପୃଥକୀକରଣ ଯନ୍ତ୍ରର ପ୍ରସ୍ତୁତି ନେଇ ଗବେଷଣା କରିଥିଲେ। ପରେ ପରିଡ଼ା ଭୁବନେଶ୍ୱର ଆଞ୍ଚଳିକ ଗବେଷଣା କେନ୍ଦ୍ରରେ ବୈଜ୍ଞାନିକ ଭାବେ କାର୍ଯ୍ୟ କରିଥିଲେ। କେବଳ ଜଣେ ବରିଷ୍ଠ ବୈଜ୍ଞାନିକ ନୁହନ୍ତି, କବି ଭାବେ ମଧ୍ୟ ସେ ସୁପ୍ରତିଷ୍ଠିତ। ସେ ଯୁକ୍ତ ଯାତନା, ଇପ୍‌ସିତ କ୍ରୋଧ, ଚଣ୍ଡାଳ, ଶବ୍ଦଭେଦୀ ଭଳି ବହୁ କବିତା ପୁସ୍ତକ ରଚନା କରିଛନ୍ତି। କବିତା ସଂକଳନ 'ଇପ୍‌ସିତ କ୍ରୋଧ' ପାଇଁ ୧୯୯୦ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ତାଙ୍କର ବହୁ କବିତା ହିନ୍ଦୀ, ଇଂଲିଶ ଓ ବଙ୍ଗଳା ଭାଷାରେ ଅନୂଦିତ ହୋଇଛି।

# ଶିବମନ୍ଦିରରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ସରଣ୍ଡା,୨୦।୧୨(ଯୁଧିଷ୍ଠିର ମହାପାତ୍ର)

ସମ୍ବଲପୁର ଜିଲା ରେଙ୍ଗାଲି ଅଞ୍ଚଳରୁ ବୋର୍‌ୱେଲ ଭିତରୁ ନବଜାତ ଶିଶୁ ଉଦ୍ଧାର ଘଟଣା ଚର୍ଚ୍ଚା ଥମି ନ ଥିବାବେଳେ ବୁଧବାର ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡ଼ଭଗା ଶିବମନ୍ଦିରରୁ ଜଣେ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ଶିଶୁକନ୍ୟାକୁ ବୁର୍ଲା ଭିମସାର୍‌ରେ ଭର୍ତ୍ତି କରାଯାଇଛି। ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ସୂଚନା ମିଳିଛି।

ପ୍ରକାଶ ଯେ, ସକାଳ ପ୍ରାୟ ୬ଟାରେ ପୂଜକ ଅକ୍ଷୟ ମହାପାତ୍ର ପୂଜାର୍ଚ୍ଚନା ପାଇଁ ମନ୍ଦିର ଆସିଥିଲେ। ତେବେ ମନ୍ଦିର ପରିସରରେ ରହିଥିବା ବୃଷଭ ମୂର୍ତ୍ତିତଳେ ଶିଶୁର କୁଆଁ କୁଆଁ କାନ୍ଦ ଶୁଣିବାକୁ ପାଇଥିଲେ। କେହି ଶିଶୁକନ୍ୟାକୁ ଲୁଙ୍ଗି ଏବଂ ଶୀତବସ୍ତ୍ରରେ ଘୋଡ଼ାଇ ରଖିଦେଇ ସେଠାରୁ ଚାଲି ଯାଇଥିବା ସେ ଜାଣିବାକୁ ପାଇଥିଲେ।

ଏହାପରେ ପୂଜକ ମହାପାତ୍ର ମନ୍ଦିର କମିଟି ଏବଂ ଗୋଡ଼ଭଗା ଫାଣ୍ଡି ପୋଲିସକୁ ସୂଚନା ଦେଇଥିଲେ। ସୂଚନାପାଇ ଗୋଡ଼ଭଗା ଫାଣ୍ଡି ଅଧିକାରୀ ଅନିମା ଏକ୍କା ଏବଂ ମନ୍ଦିର କମିଟି କର୍ମକର୍ତ୍ତା ସେଠାରେ ପହଞ୍ଚିଥିଲେ। ଶିଶୁକନ୍ୟାକୁ ସେଠାରୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ଚିକିତ୍ସା ପାଇଁ ନିଆଯାଇଥିଲା। ତେବେ କିଏ, କେଉଁ ପରିସ୍ଥିତିରେ ଶିଶୁକନ୍ୟାକୁ ସେଠାରେ ଛାଡ଼ିଗଲେ ଏବଂ ଶିଶୁକନ୍ୟାର ମା' ବାପା କିଏ ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ।

# ନିର୍ବାଚନ ପୂର୍ବରୁ ଜୋରଦାର ହେବ ମାଓବାଦୀ ଅପରେଶନ

### ଓଡ଼ିଶା ପୋଲିସର ଗୁରୁତ୍ୱପୂର୍ଣ୍ଣ ବୈଠକ

- ନିୟୋଜିତ ହେବ ଡ୍ରୋନ୍, ୩ ଜିଲାକୁ ଅଧିକ ଫୋକସ୍
- ଦୁର୍ଗମ ଅଞ୍ଚଳରେ ୧୧ ସିଆର୍‌ପିଏଫ୍/ବିଏସ୍ଏଫ୍ କ୍ୟାମ୍ପ ପ୍ରତିଷ୍ଠା ନିଷ୍ପତ୍ତି

ଭୁବନେଶ୍ୱର,୨୦।୧୨(ସତ୍ୟଜିତ୍ ରାଉତ)

ମାଓବାଦୀ କାର୍ଯ୍ୟକଳାପ ବିରୋଧରେ ଓଡ଼ିଶା ପୋଲିସ ପକ୍ଷରୁ ମିଳିତ ପ୍ରୟାସ ଜାରି ରହିଛି। ୨୦୨୪ ସାଧାରଣ ନିର୍ବାଚନବେଳେ ମାଓବାଦୀ ହିଂସାକାଣ୍ଡ ଅଧିକ ଘଟିବାର ସମ୍ଭାବନା ରହିଛି। ତେଣୁ ଏଥିପ୍ରତି ଦୃଷ୍ଟି ଦିଆଯାଇ ମାଓବାଦୀ ଅପରେଶନକୁ ଜୋର୍‌ଦାର କରାଯିବ। ବିଶେଷକରି ଏଥିରେ ସୁରକ୍ଷା ବାହିନୀ ପକ୍ଷରୁ ଡ୍ରୋନ୍ ବ୍ୟବହାର କରାଯିବ ବୋଲି ଭୁବନେଶ୍ୱରସ୍ଥିତ ପୋଲିସ ଭବନରେ ବୁଧବାର ଆୟୋଜିତ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ପୋଲିସ ଡିଜି ସୁନୀଲ ବଂଶଲଙ୍କ ସମେତ ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଡିଆଇଜି ଅନୁପ ସାହୁ, ଏଡିଜି (ଅପରେଶନ୍) ଦେବଦତ୍ତ ସିଂ, ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗ୍ (ଏସ୍‌ଆଇଡବ୍ଲ୍ୟୁ) ଡିଆଇଜି ଉମାଶଙ୍କର ଦାଶଙ୍କ ସମେତ ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, ବଡ଼ଗଡ଼, କେନ୍ଦୁଝର, ରାଉରକେଲା ଓ ନବରଙ୍ଗପୁରର ଏସ୍‌ପି, ସିଆର୍‌ପିଏଫ୍ ଡିଆଇଜି ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମାଓବାଦୀ ଦମନ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଆଣିବାକୁ ଉଦ୍ୟମ ଜାରି ରଖିଥିବା ଜିଲା ପୋଲିସ, ଏସ୍‌ଆଇଡବ୍ଲ୍ୟୁ, ଏସ୍‌ଓଜି ଓ ସିଆର୍‌ପିଏଫ୍‌କୁ ଏହି ବୈଠକରେ ଡିଜି ବଂଶଲ ପ୍ରଶଂସା କରିଥିଲେ। ଡିଜି କହିଥିଲେ, ବର୍ତ୍ତମାନ ମାଓବାଦୀ ଗତିବିଧି ଥିବା କନ୍ଧମାଳ, କଳାହାଣ୍ଡି, ବୌଦ୍ଧ ଜିଲାକୁ ମୁଖ୍ୟ ଧ୍ୟାନ ଦିଆଯାଇଛି। ଏହା ବିରୋଧରେ ମିଳିତ ପ୍ରୟାସ ଦ୍ୱାରା ମାଓବାଦୀ କାର୍ଯ୍ୟକଳାପ କମିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଅନ୍ୟପକ୍ଷରେ ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏହି ସମୟରେ ମାଓବାଦୀ ହିଂସାକାଣ୍ଡ ଘଟାଇପାରନ୍ତି ବୋଲି ଗୋଇନ୍ଦା ନିର୍ଦ୍ଦେଶକ କହିଥିଲେ। ଏହି ଦିଗରେ ସୁରକ୍ଷା ବାହିନୀ ଅଧିକ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ବୈଠକରେ ଅଂଶଗ୍ରହଣ କରିଥିବା ଅନ୍ୟ ଅଧିକାରୀମାନେ ମାଓବାଦୀ ଦମନ ନେଇ ମତ ରଖିଥିଲେ। ଏଥିସହ ଆଗକୁ ଗୋଇନ୍ଦା ତଥ୍ୟ ଯୋଗାଡ଼ ଓ ମାଓବାଦୀ ବିରୋଧୀ କାର୍ଯ୍ୟ ଅଧିକ ବଳିଷ୍ଠ କରାଯିବ ବୋଲି ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ବୌଦ୍ଧ ଜିଲାକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯିବାକୁ କୁହାଯାଇଛି। ଦୁର୍ଗମ ଅଞ୍ଚଳରେ ୧୧ଟି ସିଆର୍‌ପିଏଫ୍/ବିଏସ୍ଏଫ୍ କ୍ୟାମ୍ପ ପ୍ରତିଷ୍ଠା କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।


Azadi Ka Amrit Mahotsav | ସେଣ୍ଟ୍ରଲ ବ୍ୟାଙ୍କ ଅଫ୍ ଇଣ୍ଡିଆ Central Bank of India CENTRAL TO YOU SINCE 1911 | G20

ଚନ୍ଦରମୁଖୀ, ନରିମନ ପଏଣ୍ଟ, ମୁମ୍ବାଇ-୪୦୦୦୨୧,
ଫୋନ୍: ୦୨୨-୬୬୩୮୭୬୮୦, ଫ୍ୟାକ୍ସ:୦୨୨-୨୨୦୪୪୩୩୬,
ୱେବ୍‌ସାଇଟ୍ : www.centralbankofindia.co.in

**ସଫେଇ କର୍ମଚାରୀ ତଥା ସବ୍-ଷ୍ଟାଫ୍ ଏବଂ/କିମ୍ବା ସବ୍ ଷ୍ଟାଫ୍ ୨୦୨୪-୨୫ ନିଯୁକ୍ତି**

**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,** ଏକ ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯାହାର ସର୍ବଭାରତୀୟ ଶାଖା ନେଟ୍‌ୱର୍କରେ ୪୫୦୦ରୁ ଅଧିକ ଶାଖା ସହିତ ସର୍ବମୋଟ ବ୍ୟବସାୟ ୬,୦୦,୦୦୦ କୋଟି ଟଙ୍କାରୁ ଅଧିକ ଏବଂ ୩୨,୦୦୦ରୁ ଅଧିକ କର୍ମଚାରୀଙ୍କ ପ୍ରତିବଦ୍ଧ ଟିମ୍ ଦ୍ୱାରା ପରିଚାଳିତ। ବ୍ୟାଙ୍କ ସଫେଇ କର୍ମଚାରୀ ତଥା ସବ୍-ଷ୍ଟାଫ୍ ଏବଂ/କିମ୍ବା ସବ୍ ଷ୍ଟାଫ୍ ୨୦୨୪-୨୫ ନିଯୁକ୍ତି ପାଇଁ ଇଚ୍ଛା ପ୍ରକାଶ କରୁଅଛି।
ପ୍ରାର୍ଥୀମାନଙ୍କୁ ଅନୁରୋଧ କି, ସବିଶେଷ ବିବରଣୀ ନିମନ୍ତେ ବ୍ୟାଙ୍କର ୱେବ୍‌ସାଇଟ୍ https://www.centralbankofindia.co.in ଦେଖନ୍ତୁ।
ମୁମ୍ବାଇ
ତାରିଖ: ୧୯.୧୨.୨୦୨୩ ମହାପ୍ରବନ୍ଧକ (ଏଚ୍‌ସିଏମ୍)



NBCC A Navratna CPSE
**ଏନ୍‌ବିସିସି (ଇଣ୍ଡିଆ) ଲିମିଟେଡ୍**
ସିଆଇଏନ: ଏଲ୭୪୮୯୯ଡିଏଲ୧୯୬୦ଜିଓଆଇ୦୦୩୩୩୫
ଏନ୍‌ବିସିସି (ଆଇ) ଲିମିଟେଡ୍, ଏନ୍‌ବିସିସି ଇମ୍ପେରିଆ, ପ୍ରେସ୍ ଛକ, ମୌଜା: ଗାଡ଼କଣ, ଭୁବନେଶ୍ୱର-୭୫୧୦୧୭ (ଓଡ଼ିଶା)

**ଇ-ସଂଗ୍ରହଣ ବିଜ୍ଞପ୍ତି (୨ୟ ଆହ୍ୱାନ)**

ଏନ୍‌ଆଇଟି ନଂ. ଏନ୍‌ବିସିସି/ଓଡ଼ିଶା/ପିଏମ୍‌ଜିଏସ୍‌ୱାଇ/୨୦୨୩-୨୪/୦୨ ତାରିଖ: ୨୧।୧୨।୨୦୨୩
**ମହାପ୍ରବନ୍ଧକ (ଇଏନ୍‌ଜିଜି), ଏନ୍‌ବିସିସି ଇଣ୍ଡିଆ (ଆଇ) ଲିମିଟେଡ୍, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ** କୋରାପୁଟ ଜିଲ୍ଲାରେ **ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା** ଅଧୀନରେ ମୋଟ ଟ.୩୫୩.୪୭ ଲକ୍ଷର ଅଟକଳ ମୂଲ୍ୟ ସହିତ **ପ୍ୟାକେଜ୍ ନଂ. ଓଆର୍୧୯ଏଲ୍‌ବିଏନ୍୫୧ଏ** ନିମନ୍ତେ ସେତୁର ଅତିରିକ୍ତ ବଳକା ନିର୍ମାଣ କାର୍ଯ୍ୟ ଲାଗି **ରାଜ୍ୟ ପିଡବ୍ଲ୍ୟୁଡି/ସିପିଡବ୍ଲ୍ୟୁଡି/ଏମ୍‌ଇଏସ୍/ରେଳପଥ/ପିଏସ୍‌ୟୁଗୁଡ଼ିକ ସହିତ ପଞ୍ଜୀକୃତ ଯୋଗ୍ୟ ଠିକାଦାରମାନଙ୍କଠାରୁ ଇଲେକ୍ଟ୍ରୋନିକ୍ ଟେଣ୍ଡରିଂ ପଦ୍ଧତିରେ ଶତକଡ଼ା ଦର ବିଡ୍ ଆହ୍ୱାନ କରୁଛି ।** ଓଡ଼ିଶା ବାହାରର ପଞ୍ଜୀକୃତ ବିଡରମାନେ ମଧ୍ୟ ଏହି ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ, ହେଲେ ତାଙ୍କୁ ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ପଞ୍ଜୀକରଣ କରିବାକୁ ହେବ, ଯାହା ବିଡ୍ ଦାଖଲର ଶେଷ ତାରିଖର ଏକମାସ ମଧ୍ୟରେ କିନ୍ତୁ ଚୁକ୍ତି ସ୍ୱାକ୍ଷର ପୂର୍ବରୁ ହେବା ବାଞ୍ଛନୀୟ । ଇ-ସଂଗ୍ରହଣ ମାଧ୍ୟମରେ ବିଡ୍ ଆହ୍ୱାନ ଜାରି ହେବା ତାରିଖ: **୨୧।୧୨।୨୦୨୩ । ଇ-ସଂଗ୍ରହଣ ମାଧ୍ୟମରେ ବିଡ୍ ପ୍ରାପ୍ତିର ଶେଷ ତାରିଖ/ସମୟ: ୦୪।୦୧।୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକା ପର୍ଯ୍ୟନ୍ତ ।** ଅଧିକ ବିବରଣୀ ପାଇଁ ଦୟାକରି **www.pmgsytenders.gov.in**ରେ ଲଗ୍ ଅନ୍ କରନ୍ତୁ ।
ଜିଏମ୍ (ଇଏନ୍‌ଜିଜି.), ଏସ୍‌ବିଜି-ମୁଖ୍ୟ (ପିଏମ୍‌ଜିଏସ୍‌ୱାଇ ଓଡ଼ିଶା ଏବଂ ଛତିଶଗଡ଼)
ଏନ୍‌ବିସିସି ଇଣ୍ଡିଆ ଲିମିଟେଡ୍, ଭୁବନେଶ୍ୱର


# ଜି.ଉଦୟଗିରିରେ ତୁଷାରପାତ

ଜି.ଉଦୟଗିରି,୨୦।୧୨
(ଶିଶିର ପଟ୍ଟନାୟକ)

ବୁଧବାର ରାଜ୍ୟର ସବୁଠାରୁ ଥଣ୍ଡା ସହର ଭାବେ ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ ସେଲ୍‌ସିୟସ ରହିଛି। ଘରୁ ବାହାରିବା କଷ୍ଟକର ହୋଇପଡିଛି। ବିଭିନ୍ନ ସ୍ଥାନ ସମେତ ମହାଗୁଡ଼ା ସାହିର ଜଣଙ୍କ ଘର ଉପରେ ତୁଷାରପାତ ହୋଇଛି। ସକାଳ ୯ଟା ଯାଏ ଘନକୁହୁଡି ଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ରାସ୍ତା ପାର୍ଶ୍ୱରେ ବସି ପନିପରିବା ବିକ୍ରି କରୁଥିବା ଛୋଟ ଚାଷୀ ଓ ବ୍ୟବସାୟୀମାନେ ଅଧିକ ପ୍ରଭାବିତ ହେଉଛନ୍ତି।

# ୧୫ ଘଣ୍ଟା ପଡ଼ିରହିଲା ଏଡ଼ସ ଆକ୍ରାନ୍ତଙ୍କ ମୃତଦେହ

- ବୋହୂଙ୍କୁ ମଧ୍ୟ ଘରେ ପୂରାଇଲେନି ସାବତ ମା'
- ସାମାଜିକ କର୍ମୀ ଓ ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ହେଲା ଶେଷକୃତ୍ୟ

ଅନୁଗୋଳ, ୨୦।୧୨
(ଅମିତ କୁମାର ସାମଲ)

ଏଡ୍‌ସକୁ ନେଇ ସମାଜରୁ ଏବେ ବି ଦୂର ହୋଇନି ଭୟ। ଏହି ରୋଗକୁ ନେଇ ଥିବା ଭ୍ରାନ୍ତ ଧାରଣା ପାଇଁ ଏଡ୍‌ସରେ ପ୍ରାଣ ହରାଇଥିବା ସାବତ ପୁଅର ମୃତଦେହକୁ ଘରକୁ ନେବା ତ ଦୂରର କଥା ସାବତ ବୋହୂଙ୍କୁ ମଧ୍ୟ ଘରେ ପଶିବାକୁ ଦେଇନାହାନ୍ତି ସାବତ ମା'। ଶେଷରେ କେତେଜଣ ସାମାଜିକ କର୍ମୀ ଓ ଗ୍ରାମବାସୀ ବୁଝାଶୁଝା କରିବା ପରେ ଦୀର୍ଘ ୧୫ ଘଣ୍ଟା ଧରି ବାହାରେ ପଡ଼ି ରହିଥିବା ମୃତଦେହର ଅନ୍ତିମ ସଂସ୍କାର କରାଯାଇଛି। ଅନୁଗୋଳ ସହର ଉପକଣ୍ଠ କୁମଣ୍ଡ ଅଞ୍ଚଳରେ ଘଟିଥିବା ଏପରି ଘଟଣା ସହରରେ ବୁଧବାର ଚର୍ଚ୍ଚାର ବିଷୟ ହୋଇଛି।

ଅନୁଗୋଳ ଜିଲା କୁମଣ୍ଡ ଅଞ୍ଚଳର ଜଣେ ଯୁବକ କିଛିବର୍ଷ ହେଲା ଏଡ୍‌ସରେ ଆକ୍ରାନ୍ତ ଥିଲେ। ଗତ ରବିବାର ଦେହ ଅଧିକ ଅସୁସ୍ଥ ହେବାରୁ ସ୍ତ୍ରୀ ତାଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କ ମୃତଦେହକୁ ସ୍ତ୍ରୀ ଘରକୁ ଆଣିଥିଲେ। ହେଲେ ସାବତ ମା' ମୃତଦେହ ଘରେ ପୂରାଇ ଦେଇ ନ ଥିଲେ। ଏପରିକି ବୋହୂଙ୍କୁ ମଧ୍ୟ ଘରେ ପଶିବାକୁ ବାରଣ କରିଥିଲେ। ଫଳରେ ମୃତଦେହ ବାହାରେ ରଖି ସ୍ତ୍ରୀ ଘର ଆଗରେ ବସି ରହିଥିଲେ। ଦୀର୍ଘ ୧୫ ଘଣ୍ଟା ଧରି ମୃତଦେହ ଘର ସମ୍ମୁଖରେ ପଡ଼ି ରହିବା ପରେ ଗାଁ ଲୋକ ସାବତ ମା'ଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଖବରପାଇ ପୋଲିସ ପହଞ୍ଚି ବୁଝାଶୁଝା କରି ବିଫଳ ହୋଇଥିଲା। ଶେଷରେ କେତେଜଣ ସାମାଜିକ କର୍ମୀ ପହଞ୍ଚି ସାବତ ମା'ଙ୍କୁ ବୁଝାଇବା ସହ ଗାଁରେ ବୈଠକ ଡାକି ଅନୁରୋଧ କରିବା ପରେ ଅପରାହ୍ନ ୨ଟା ପରେ ସାବତ ମା' ବୋହୂଙ୍କୁ ଘରେ ପଶିବାକୁ ଅନୁମତି ଦେଇଥିଲେ। ଏହାପରେ ମୃତଦେହ ସଂସ୍କାର ପାଇଁ ଆବଶ୍ୟକ ସାମଗ୍ରୀ ଘରୁ ଯୋଗାଡ଼ କରାଯିବା ସହ ଶ୍ମଶାନରେ ସତ୍କାର କରାଯାଇଥିଲା।

# ସବୁ କଲେଜରେ ଗଠନ ହେବ 'ଆଲୁମ୍‌ନି ସେଲ୍'

ଭୁବନେଶ୍ୱର, ୨୦।୧୨ (ଅସମାପିକା ସାହୁ)

'ମୋ କଲେଜ' ଅଧୀନରେ ଥିବା ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ 'ଆଲୁମ୍‌ନି ସେଲ୍' ଗଠନ ହେବ। ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ୧୦ଜଣ ବିଦ୍ୟାର୍ଥୀଙ୍କୁ ନେଇ ଏହି ସେଲର ସଂରଚନା ହେବ। ବିଶେଷକରି ଏନ୍‌ଏସ୍‌ଏସ୍, ରେଡକ୍ରସ୍ ଭଳି ବିଭାଗ ସହ ଯୋଡ଼ି ହୋଇଥିବା ବିଦ୍ୟାର୍ଥୀ ଏହାର ପ୍ରମୁଖ ପରିଚାଳନା ଦାୟିତ୍ୱ ସମ୍ଭାଳିବେ। ସେଲ୍‌ର ବିଦ୍ୟାର୍ଥୀ ସଦସ୍ୟମାନେ ସିଧାସଳଖ 'ମୋ କଲେଜ' ସଂଯୋଜକ ଏବଂ କଲେଜ ଅଧ୍ୟକ୍ଷ ତଥା ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ରିପୋର୍ଟ କରିବେ। ବଡ଼ କଥା ହେଉଛି, ନିଜ ଶିକ୍ଷାନୁଷ୍ଠାନ ସହ ଅଧିକରୁ ଅଧିକ ଆଲୁମ୍‌ନିଙ୍କୁ ଯୋଡ଼ିବା ନେଇ ଏହି ସେଲ୍ କାର୍ଯ୍ୟ କରିବ। ଆଲୁମ୍‌ନି ମିଟ୍ ସହ ବିଭିନ୍ନ ଜନସେବା ମୂଳକ କାର୍ଯ୍ୟକ୍ରମରେ ମଧ୍ୟ ସେଲ୍‌ର ସଦସ୍ୟମାନେ ନିଜକୁ ସାମିଲ କରିବେ। ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟର ୧୨ଟି ମହାବିଦ୍ୟାଳୟରେ ଏହି ସେଲ୍ ଗଢ଼ା ସରିଛି। ଏହି ସେଲ୍‌ଗୁଡ଼ିକ ଆଲୁମ୍‌ନି ମିଟ୍ ସହ ରକ୍ତଦାନ ଶିବିର, ଆଲୋଚନାଚକ୍ର, କର୍ମଶାଳା, ସଚେତନଧର୍ମୀ କାର୍ଯ୍ୟକ୍ରମ, ଆନ୍ତଃକଲେଜ କ୍ରୀଡ଼ା ପ୍ରତିଯୋଗିତା, ବୃକ୍ଷରୋପଣ ଭଳି ଜନସେବା କାର୍ଯ୍ୟକ୍ରମମାନ ଆୟୋଜନ କରିବେ ବୋଲି 'ମୋ କଲେଜ' ଅଧ୍ୟକ୍ଷ ଆକାଶ ଦାସନାୟକ ପ୍ରକାଶ କରିଛନ୍ତି।

# ଭୁବନେଶ୍ୱର: ଧାର୍ମିକ ପୀଠର ହେବ ରୂପାନ୍ତର

### ୧୫.୨୦ କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୧୨(ଅନିଲ ଦାସ)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ୫୦୭ଟି ଧାର୍ମିକ ଓ ଗୋଷ୍ଠୀ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୫ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥରେ ଭୁବନେଶ୍ୱର ଉତ୍ତର, ଏକାମ୍ର ଭୁବନେଶ୍ୱର ଏବଂ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଧାର୍ମିକ ଓ ଗୋଷ୍ଠୀ ପ୍ରକଳ୍ପଗୁଡ଼ିକର ନୂତନ ନିର୍ମାଣ ସହିତ ଉନ୍ନତୀକରଣ କାର୍ଯ୍ୟ କରାଯିବ।

ସୂଚନାଯୋଗ୍ୟ ଯେ ବିଭିନ୍ନ ମନ୍ଦିର ପରିଚାଳନା କମିଟି, ସ୍ଥାନୀୟ ଜନପ୍ରତିନିଧି ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ପକ୍ଷରୁ ସେମାନଙ୍କ ଧାର୍ମିକ ଅନୁଷ୍ଠାନ, ଗୋଷ୍ଠୀ ସମ୍ପତ୍ତି, ମହିଳା ସମିତି ଗୃହ, ପୂଜାମଣ୍ଡପ ଇତ୍ୟାଦିର ଉନ୍ନତୀକରଣ ଓ ବିକାଶ ପାଇଁ ନିବେଦନପତ୍ର ଆସିଥିଲା। ବିଏମ୍‌ସି ଅଧିକାରୀମାନେ ସେସବୁ ସ୍ଥାନକୁ ଯାଇ ଅନୁଧ୍ୟାନ କରିବା ସହ ଆବଶ୍ୟକ ରିପୋର୍ଟ ପ୍ରଦାନ କରିଥିଲେ। ଉକ୍ତ ରିପୋର୍ଟ ଆଧାରରେ ସମ୍ପୃକ୍ତ କମିଟିର ସଦସ୍ୟ ଓ ଜନପ୍ରତିନିଧିମାନଙ୍କ ସହିତ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏସବୁ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବା ପରେ ସେ ଏହିସବୁ ଉନ୍ନୟନ କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି।


SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** | **ଡିମାଣ୍ଡ ନୋଟିସ୍**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ - ୭୫୩୦୧୦, ଫୋନ୍: ୦୬୭୧-୨୩୪୪୩୦୮/୨୩୪୪୩୦୨, ଇ-ମେଲ: sbi.10027@sbi.co.in

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ୨ୟ ଆକ୍ଟ୨୦୦୨ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ।**

ଏତଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି କିବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି(ଏନପିଏ)ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସେମାନଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ନୋଟିସ୍ ଜାରି କରାଯାଇଥିଲା। ତାହା ମଧ୍ୟରୁ **ମେସର୍ସ ଏମ୍ ଆର ମୋଟର୍ସ** ର ନୋଟିସ୍ ପ୍ରଦାନ କରାଯାଇନପାରି ଫେରସ୍ତ ଆସିଛି। ତେଣୁଏହି କାରଣରୁ ଉକ୍ତ ବିଷୟରେ ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଅବଗତ କରାଗଲା।

| ଫୁଲନଖରା ଶାଖା/ ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ | ଏନ୍‌ପିଏ ତାରିଖ/ ଡିମାଣ୍ଡ ନୋଟିସ୍ ତାରିଖ | ବକେୟା ରାଶି |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଏମ୍ ଆର ମୋଟର୍ସ,** ସା: ଜୟାରା ଶାସନ, (ଇଣ୍ଡିଆନ୍ ଅଏଲ୍ ପେଟ୍ରୋଲ ପମ୍ପ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନଖରା ରୋଡ୍ ନିକଟ), ପୋ: ଜଗନ୍ନାଥପୁର, ଥାନା: ପାହାଳ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୨୧୦୧ (ଓଡିଶା) / **ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ରମ୍ୟା ରଞ୍ଜନ ରାଉତ,** ପିତା: ଶ୍ରୀ ନରେନ୍ଦ୍ର କୁମାର ରାଉତ, ସା: ଗନ୍ଧଣ, ଥାନା: ନାଉଗାଁ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୦୯ (ଓଡିଶା), **୨) ମିସ୍ ପ୍ରତିମା ମହାନ୍ତି,** ପିତା: ଶ୍ରୀ କୃପାସିନ୍ଧୁ ମହାନ୍ତି, ସା: ମଲ୍ଲିକାପୁର, ପୋ: ଅଳାବୋଳ, ଥାନା: ବାଲିକୁଦା, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୦୮ (ଓଡିଶା) | **ମିସ୍ ପ୍ରତିମା ମହାନ୍ତି,** ପିତା: ଶ୍ରୀ କୃପାସିନ୍ଧୁ ମହାନ୍ତିଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମରିଚାପଦା, ଥାନା: ଜଗତ୍‌ସିଂହପୁର, ଥାନା ନଂ.: ୨୩୩, ତହସିଲ: ଜଗତ୍‌ସିଂହପୁର, ତହସିଲ: ନଂ.: ୨୩୩, ଜିଲ୍ଲା/ଡିଏସ୍‌ଆର୍: ଜଗତ୍‌ସିଂହପୁର, ଖାତା ନଂ.: ୯୧/୮୩, ପ୍ଲଟ୍ ନଂ.: ୧୯୦/୬୦୦, କ୍ଷେତ୍ର: ଏକର ୦.୦୪ ଡିସିମିଲି, ଅନୁରୂପ ପୂର୍ବ ଖାତା ନଂ.: ୯୧/୨୩, ପ୍ଲଟ୍ ନଂ.: ୧୯୦, କ୍ଷେତ୍ର: ଏକର ୦.୦୪ ଡିସିମିଲି | ୧୫.୦୮.୨୦୨୩ / ୨୪.୧୧.୨୦୨୩ | ୨୭.୧୦.୨୦୨୩ସୁଦ୍ଧା ଟ.୨୫,୩୬,୧୩୫/- + ସେବାବଦ ସୁଧ |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଏତଦ୍ୱାରା ଜଣାଇଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ୨୦୦୨ର ଧାରା ୧୩ର ଉପଧାରା (୪) ଅନୁସାରେ ଏହି ନୋଟିସ୍‌ର ୬୦ଦିନ ଅତିକ୍ରାନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। **ଏତଦ୍ୱାରା ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

**ସ୍ଥାନ: କଟକ, ତାରିଖ : ୨୦.୧୨.୨୦୨୩** ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



pmbi **Pharmaceuticals & Medical Devices Bureau of India (PMBI)**
(Under Department of Pharmaceuticals, Govt. of India)
E-1, 8th Floor, Videocon Tower, Jhandewalan Extn., New Delhi-110055
Telephone: 011-49431800 | Website: janaushadhi.gov.in

**ସେଲ୍‌ସ ଏବଂ ମାର୍କେଟିଂରେ ୱାକ୍-ଇନ୍-ଇଣ୍ଟରଭ୍ୟୁ**
**ବିଜ୍ଞାପନ ନଂ. ୦୯/୨୦୨୩**

ଫାର୍ମାସ୍ୟୁଟିକାଲ୍ସ ଆଣ୍ଡ ମେଡିକାଲ ଡିଭାଇସେସ୍ ବ୍ୟୁରୋ ଅଫ୍ ଇଣ୍ଡିଆ (ପିଏମ୍‌ବିଆଇ) ଫାର୍ମାସ୍ୟୁଟିକାଲ୍ସ ବିଭାଗ, ରସାୟନ ଏବଂ ସାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧୀ ପରିଯୋଜନାର କାର୍ଯ୍ୟାନ୍ୱୟନକାରୀ ଏଜେନ୍ସି ଅଟେ । ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ସମସ୍ତଙ୍କ ପାଇଁ ସୁଲଭ ମୂଲ୍ୟରେ ଗୁଣବତ୍ତାଯୁକ୍ତ ଜେନେରିକ୍ ଔଷଧ ଉପଲବ୍ଧ କରାଇବା । ପିଏମ୍‌ବିଆଇ ଏହାର ପରିଚାଳନାର ପରିସରକୁ ବୃଦ୍ଧି କରୁଛି ଏବଂ ସେଲ୍‌ସ ଓ ମାର୍କେଟିଂ ବିଭାଗରେ କର୍ମଚାରୀଙ୍କ ଜରୁରୀ ଆବଶ୍ୟକତା ରହିଛି । ଏହି ପଦବୀଗୁଡ଼ିକ ପାଇଁ ନିମ୍ନ ଅନୁଯାୟୀ ୱାକ୍-ଇନ୍-ଇଣ୍ଟରଭ୍ୟୁ ଅନୁଷ୍ଠିତ ହେବ:

| ପଦବୀର ନାମ | ମୋଟ ପଦବୀ | ନିଯୁକ୍ତିର ସ୍ଥାନ | ସାକ୍ଷାତକାରର ତାରିଖ ଓ ସମୟ | ୱାକ୍-ଇନ୍-ଇଣ୍ଟରଭ୍ୟୁର ସ୍ଥାନ (ଜାଗା/ଠିକଣା) |
|---|---|---|---|---|
| ଆସିଷ୍ଟାଣ୍ଟ ମ୍ୟାନେଜର/ ସିନିୟର ମାର୍କେଟିଂ ଅଫିସର (ସେଲ୍‌ସ ଆଣ୍ଡ ମାର୍କେଟିଂ) | ୦୪ | କର୍ଣ୍ଣାଟକ<br>ଓଡ଼ିଶା<br>ଆନ୍ଧ୍ରପ୍ରଦେଶ | ୨୯।୧୨।୨୦୨୩ (ଶୁକ୍ରବାର) (ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୦୩.୩୦ ଘଟିକା) | ମେସର୍ସ ମହାବୀର ଡ୍ରଗ୍ସ ପ୍ଲସ୍, #୪୫, ବେସ୍‌ମେଣ୍ଟ, ଗ୍ରାଉଣ୍ଡ, ୧ମ, ୨ୟ, ୩ୟ ମହଲା, ବିଲ୍ଡିଂ ନଂ.୩, ନାନଜାୟା ଅଗ୍ରହର, ୫ମ ମେନ୍ ରୋଡ୍, ଚାମରାଜପେଟ, ବେଙ୍ଗାଲୁରୁ ରୁରାଲ୍, କର୍ଣ୍ଣାଟକ-୫୬୦୦୧୮ |
| | | କେରଳ | ୦୫।୦୧।୨୦୨୪ (ଶୁକ୍ରବାର) (ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୦୩.୩୦ ଘଟିକା) | ମେସର୍ସ ମଣି ଫାର୍ମାସ୍ୟୁଟିକାଲ୍ସ ପ୍ଲଟ୍ ନଂ.- ୨ବି/୪୪୩, ସେକ୍ଟର-୮, ଡା. ତନ୍‌ପେ ରୋଡ୍, ସିଡିଏ, କଟକ, ଓଡ଼ିଶା - ୭୫୩୦୧୪ |

ଯୋଗ୍ୟ ପ୍ରାର୍ଥୀମାନେ ଉକ୍ତ ସ୍ଥାନରେ ଉପରଦର୍ଶିତ ତାରିଖରେ ୱାକ୍-ଇନ୍-ଇଣ୍ଟରଭ୍ୟୁରେ ଅଂଶଗ୍ରହଣ କରିପାରନ୍ତି । ଦରଖାସ୍ତ ଫର୍ମ, ବେତନ ଢାଞ୍ଚା ଏବଂ ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଆମର ୱେବ୍‌ସାଇଟ୍: **janaushadhi.gov.in** ପରିଦର୍ଶନ କରନ୍ତୁ ।
ସିଇଓ, ପିଏମ୍‌ବିଆଇ

“ଅନ୍ୟମାନଙ୍କଠାରୁ ଯାହା ଆସେ -ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ- ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ- ସେତେବେଳେ ଆଗେ ତାଙ୍କର ଅଦ୍ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। -ଶ୍ରୀମା

# ମାନବ ଅଧିକାର ଓ ନୈତିକ ବିଶ୍ୱବାଦ



ମାଇକେଲ୍ ଇଗ୍ନାଟିଫ୍

ପଚିଶ ବର୍ଷ ପୂର୍ବେ ଏହି ସପ୍ତାହରେ ପ୍ୟାରିସ୍‌ରେ ମିଳିତ ଜାତିସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକର ବୈଠକରେ ମାନବ ଅଧିକାରର ବୈଶ୍ୱିକ ଘୋଷଣାନାମା ଗୃହୀତ ହୋଇଥିଲା। ଏହା ବାଧ୍ୟତାମୂଳକ ଆଇନ ନୁହେଁ, କେବଳ ନୀତି ବା ସିଦ୍ଧାନ୍ତର ଏକ ଔପଚାରିକ ଘୋଷଣାନାମା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ନରସଂହାର ରାଷ୍ଟ୍ରବାଦକୁ ଲକ୍ଷ୍ୟ କରି ଗଢ଼ାଯାଇଥିବା ଅନ୍ତର୍ଜାତୀୟ ଆଇନରେ ମାନବୀୟ ସମାନତାକୁ ସ୍ଥାନିତ କରିବାରେ ଏହା ଥିଲା ପ୍ରଥମ ଘୋଷଣାନାମା। ଏହି ନୂତନ ନୈତିକ ବିଶ୍ୱବାଦ ମାନବ ଜାତି ପ୍ରତି ହେଉଥିବା ପକ୍ଷପାତରୁ ମୁହଁ ଫେରାଇବାକୁ କହିଲା। ଏହା ଜାତି, ଧର୍ମ, ଲିଙ୍ଗ, ଶ୍ରେଣୀ, ଜାତୀୟତା ଓ ଭାଷାକୁ ନେଇ ଅତୀତର ଗୁରୁତ୍ୱପୂର୍ଣ୍ଣ ପ୍ରଭେଦ ଏବଂ ସହଭାଗୀ ମାନବିକତା ବିଷୟରେ ଚିନ୍ତା କରିବାକୁ କହିଲା। ୧୯୪୮ରେ ହାନ୍ନା ଆରେଣ୍ଡ ଅନୁଭବ କରିଥିଲେ, ‘ଏହା ମନେହୁଏ ଯେ, ଜଣେ ପୁରୁଷ ସେହି ପୁରୁଷ ବ୍ୟତୀତ ଅନ୍ୟ କିଛି ନୁହେଁ; ଯିଏ ଗୁଣଗୁଡ଼ିକ ହରାଇଛି ଓ ଅନ୍ୟମାନେ ତାଙ୍କୁ ସହକର୍ମୀ ଭାବରେ ବ୍ୟବହାର କରିବା ସମ୍ଭବ ହୋଇଛି।’ ନାଜିଙ୍କ ଦ୍ୱାରା ପରିଚାଳିତ ଅଶ୍ୱିଚ୍ ବିର୍କେନାଉ କ୍ୟାମ୍ପର ଅସୁରକ୍ଷିତ କଏଦୀମାନେ ଜାଣିପାରିଥିଲେ ଯେ ମଣିଷ ଭାବେ ଦୟା ଏବଂ ଭଦ୍ରତା, ଅଧିକାର ଦାବିର ମୂଲ୍ୟ ସେମାନଙ୍କ ଉତ୍ପୀଡ଼ନ ଆଗରେ କିଛି ବି ନ ଥିଲା। ଯଦି ଏଭଳି ଅସୁରକ୍ଷିତ ଲୋକ ନିଜକୁ ବଞ୍ଚାଇବା ସ୍ଥିତିରେ ରହିଥା’ନ୍ତେ, ତେବେ ଆରେଣ୍ଡଙ୍କ ମତରେ, ସେମାନେ ନିରାପଦରେ ରହିଥାଆନ୍ତେ କି? ବିଶ୍ୱର ମାନବ ଅଧିକାର ପାଇବାର ଅଧିକାର ରହିବ, ଯଦି ଆମେ ସମସ୍ତେ ନାଗରିକତ୍ୱର ସୁରକ୍ଷା ଉପଭୋଗ କରିବା।

୧୯୮୯ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଏକ ବାସ୍ତବ ସମାଜ ପାଇବାର ଘୋଷଣାନାମାର ଆଶା କେବଳ ପାଶ୍ଚାତ୍ୟରେ ସୀମିତ ଥିଲା। ଘୋଷଣାନାମା ଯେଉଁ ମୂଳ ବୁଝାମଣାକୁ ନେଇ କରାଯାଇଥିଲା, ସେଥିରେ ପୂର୍ବ ଉପନିବେଶୀ ଲୋକମାନେ ଭାଗ ନେଇ ନ ଥିଲେ ଏବଂ ଗୋଷ୍ଠୀ ନିରପେକ୍ଷ ଅଭିଯାନର ପ୍ରାରମ୍ଭିକ ଦଶନ୍ଧିରେ ଉପନିବେଶୀମାନେ ସେମାନଙ୍କ ନୂତନ ଶାସନ ଉପରେ ପାଶ୍ଚାତ୍ୟର ସମାଲୋଚନାକୁ ବିରୋଧ କରିଥିଲେ। ଏହି ସମୟରେ ସୋଭିଏଟ୍ ସାମ୍ରାଜ୍ୟର ରାଷ୍ଟ୍ରଗୁଡ଼ିକ ମିଳିତ ଜାତିସଂଘ ଘୋଷଣାର ବୈଧତାକୁ ନେଇ ସ୍ୱର ଉଠାଇଥିଲେ। ୟୁଏସ୍ଏସ୍ଆର୍ ଏବଂ ତାକୁ ଅନୁସରଣ କରୁଥିବା ଦେଶଗୁଡ଼ିକ ମୂଳ ଭୋଟରୁ ଦୂରେଇ ରହିଥିଲେ। ସେମାନଙ୍କ ବିଶ୍ୱାସ ଥିଲା ଯେ ସେମାନେ ପ୍ରଚାର କରୁଥିବା ସମାଜବାଦୀ ଅଧିକାର ଘୋଷଣାନାମାରେ ଦର୍ଶାଯାଇଥିବା ବ୍ୟକ୍ତିଗତ ଅଧିକାରଠାରୁ ଉନ୍ନତ। ୧୯୮୯ରେ ବର୍ଲିନ ୱାଲ ପତନ ପରେ ହିଁ ବିଶ୍ୱାସ କରିବା ସମ୍ଭବ ହେଲା ଯେ ସମଗ୍ର ବିଶ୍ୱ ଶେଷରେ ନୈତିକ ବିଶ୍ୱବାଦକୁ ଗ୍ରହଣ କରିଛି।

ଅବଶ୍ୟ ୟୁକ୍ରେନ୍, ମଧ୍ୟପ୍ରାଚ୍ୟ, ସୁଦାନ, ମ୍ୟାନ୍ମାର ଏବଂ ଅନ୍ୟାନ୍ୟ ସ୍ଥାନରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହିପରି ଏକ ଆଶାବାଦ ଆଜି ନିରାଶାଜନକ ମନେହୁଏ। ଆମର ଅତୀତର ବର୍ବରତାକୁ ରୋକିବା ପାଇଁ ୧୯୪୫ ପରେ ଗଠିତ ବୈଧ ଆଇନ ଶେଷ ହେବା ଲକ୍ଷ୍ୟ କରାଯାଉଛି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଜାତିସଂଘର ମୌଳିକ ଘୋଷଣାନାମାକୁ ନିଜେ ଉଲ୍ଲଂଘନ କରୁଛି; ହମାସର ନିଜସ୍ୱ ଘୋଷଣାପତ୍ରରେ ସ୍ପଷ୍ଟ ଭାବରେ ଇହୁଦୀଙ୍କୁ ବିଲୋପ କରିବାକୁ ଆହ୍ୱାନ ଦିଆଯାଇଛି ଏବଂ ଇସ୍ରାଏଲର ଗାଜା ଉପରେ ବୋମା ବର୍ଷଣ ନିଷ୍ଠୁର ମନେହୁଏ। ଏପରିକି ଏହା ଜେନେଭା ସମ୍ମିଳନୀର ଯୁଦ୍ଧ ଅପରାଧର ଅଭିଯୋଗକୁ ଖଣ୍ଡନ କରେ।




କିନ୍ତୁ ଅତୀତ ଏବଂ ବର୍ତ୍ତମାନର ନେତାଙ୍କୁ ଏହି ଅବସ୍ଥା ପାଇଁ ଦାୟୀ କରିବା ଏକ ବଡ଼ ସତ୍ୟକୁ ଆଢୁଆଳରେ ରଖିପାରେ। ମାନବ ଅଧିକାରର ନୈତିକ ବିଶ୍ୱବାଦ କେବଳ ପରିଚାଳନା ପାଇଁ ନୁହେଁ, ବରଂ ଅଧିକାଂଶ ମାନବଙ୍କ ହିତ ପାଇଁ ସ୍ୱର ଉଠାଏ। ପାଲେଷ୍ଟିନୀୟ, ଇହୁଦୀ କିମ୍ବା ଇସ୍ରାଏଲୀଙ୍କ ବାଦ୍ ଯେକେହି ନୈତିକ ବିଶ୍ୱବାଦକୁ ଅପେକ୍ଷାକୃତ ସହଜ ଅନୁଶାସନ ଭାବେ ଗ୍ରହଣ କରିବା ଉଚିତ। ତଥାପି ଚିନ୍ତା କର, ଗାଜା ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବାରୁ ବିଶ୍ୱ କିପରି ଶକ୍ତ ତଥା ଅପରିବର୍ତ୍ତନୀୟ ଗୋଷ୍ଠୀରେ ବିଭକ୍ତ ହୋଇଯାଇଛି।

ସାମ୍ପ୍ରତିକ ଦୁଃସ୍ୱପ୍ନରେ ଜୀବନ ବିତାଉଥିବା ଲୋକମାନଙ୍କ ପାଇଁ ଏକ ବିଶ୍ୱବାଦୀ ସହାନୁଭୂତି ପ୍ରଦର୍ଶନ କରିବା ପ୍ରଥମ ଘଟଣା ନୁହେଁ। ଅନ୍ୟପଟେ, ଯେଉଁମାନେ ହୋଲ୍‌କୋଷ୍ଟ ବା ଇହୁଦୀ ଗଣହତ୍ୟାର ସ୍ମୃତିକୁ ନେଇ ବଞ୍ଚି ରହିଛନ୍ତି, ସେମାନେ ଅକ୍ଟୋବର ୭ରେ ହମାସ୍ ଅତ୍ୟାଚାର ପରେ ଭୟଭୀତ ହେବା ଛଡ଼ା ଆଉ କିଛି ଅନୁଭବ କରିପାରନ୍ତି ନାହିଁ। ପ୍ରତିଶୋଧ ନେବାକୁ କିମ୍ବା ଅତି କମ୍‌ରେ ସାମରିକ ପ୍ରତିକ୍ରିୟା ସହିତ ପ୍ରତିରୋଧକୁ ପୁନଃସ୍ଥାପନ କରିବାକୁ ଚାହୁଁଛନ୍ତି ସେହି ମଣିଷ। ଅନ୍ୟପଟେ, ୧୯୪୮ରେ ବ୍ରିଟିଶ୍ ଅଧିକୃତ ପାଲେଷ୍ଟାଇନ୍‌ରୁ ବିତାଡ଼ିତ ଶରଣାର୍ଥୀଙ୍କ ବଂଶଧର ଏବଂ ଯେଉଁମାନେ ମାସ ମାସ ଧରି କ୍ରମାଗତ ବୋମା ବିସ୍ଫୋରଣ ଭିତରେ ଅଛନ୍ତି, ସେମାନଙ୍କ ବ୍ୟତୀତ ଅନ୍ୟ କେହି ଯନ୍ତ୍ରଣା କିମ୍ବା କ୍ରୋଧକୁ ହୃଦୟଙ୍ଗମ କରୁଥିବା ମନେ ହୁଏ ନାହିଁ।

ଯଦି ଏହିସବୁ ବିଷୟକୁ ଦେଖିଲେ ମାନବ ଅଧିକାରର ମୂଳଦୁଆ ନୈତିକ ଅନ୍ତଃକରଣକୁ ଅନାବଶ୍ୟକ ମନେକରିବା ଉଚିତ ନୁହେଁ। ଅତି ନିକଟରୁ ଦେଖିଲେ ଜଣାପଡ଼େ ଯେ ଏବେ ଯୁଦ୍ଧରେ ଫସି ରହିଥିବା ଲୋକମାନଙ୍କ ପ୍ରତି ଦୟା ସହାନୁଭୂତି ଅପେକ୍ଷା ନିଷ୍ଠୁରତା ଏବଂ ପ୍ରତିଶୋଧ ଅଧିକ ଗ୍ରହଣୀୟ ହୋଇଛି। ଲକ୍ଷ୍ୟ କଲେ ଜାଣିପାରିବେ, ଇସ୍ରାଏଲୀ ଏବଂ ପାଲେଷ୍ଟିନୀୟଙ୍କ ନୈତିକ ବିଶ୍ୱବାଦ ନ୍ୟାୟ ଓ ଶାନ୍ତି ପାଇଁ ପ୍ରତିବଦ୍ଧ। ସେମାନେ ହିଁ ବୈଶ୍ୱିକ ଘୋଷଣାନାମାର ମୂଳ ଭାବନାକୁ ସିଦ୍ଧ କରନ୍ତି। ୧୯୪୮ରୁ ଆରମ୍ଭ ହୋଇଥିବା ଏହି ଧ୍ୱଂସକାରୀ ସଂଘର୍ଷର ଏକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ହେଉଛି, ଉଭୟ ପକ୍ଷରେ କେବେ ବି ନୈତିକ ବିଶ୍ୱବାଦର ଅଭାବ ହୋଇ ନାହିଁ। ସଂଘର୍ଷରେ ଜଡ଼ିତ ଲୋକମାନଙ୍କ ମଧ୍ୟରେ ସହାନୁଭୂତି ଓ କରୁଣାର ଅଭାବ ପ୍ରକୃତ ସମସ୍ୟା ନୁହେଁ (ଯଦିଓ ସାମ୍ପ୍ରତିକ ଘଟଣା ନିଶ୍ଚିତ ଭାବରେ ଏହି ନୈତିକ ସମ୍ବଳକୁ ନଷ୍ଟ କରିଦେଇଛି), ବରଂ ସମସ୍ୟା ରହିଛି ଉଭୟ ପାର୍ଶ୍ୱର କୁକର୍ମକାରୀ, ହତ୍ୟାକାରୀ ଲୁଟେରାଙ୍କ ଉପସ୍ଥିତିରେ। ଶାନ୍ତି ସ୍ଥାପନ କରିଥିବା ଦୁଇ ନେତା ହେଉଛନ୍ତି ଇସ୍ରାଏଲ୍‌ର ୟିତ୍‌ହକ ରବିନ୍ (ଯାହାଙ୍କୁ ଜଣେ ଜିହୁଦୀ ଉଗ୍ରବାଦୀ ହତ୍ୟା କରିଥିଲେ) ଏବଂ ଇଜିପ୍ଟର ଅନ୍‌ୱାର ଏଲ-ସାଦତ୍ (ଯାହାଙ୍କୁ ଇସ୍‌ଲାମବାଦୀ ପ୍ରଶଂସକମାନେ ହତ୍ୟା କରିଥିଲେ)। ସେହି ଶାନ୍ତି ଚୁକ୍ତି ଶାନ୍ତିକାମୀଙ୍କ ପାଇଁ ଏକମାତ୍ର କାର୍ଯ୍ୟକ୍ଷମ ପଥ।

ଯେ ପର୍ଯ୍ୟନ୍ତ ଆମେ ସ୍ୱୀକାର କରୁନାହୁଁ ଯେ ରବିନ୍ ଏବଂ ସାଦତ୍‌ଙ୍କ ଶାନ୍ତିର ସହଭାଗୀ ଦୃଷ୍ଟିକୋଣ ସେମାନଙ୍କ ପରେ ଶେଷ ହୋଇଯାଇଛି, ସେ ପର୍ଯ୍ୟନ୍ତ ବିଚାର କରିବାକୁ ହେବ ଯେ, ସବୁ ଲୋକ ସମାନ ଭାବେ ଯନ୍ତ୍ରଣା ଭୋଗୁଛନ୍ତି ଓ ବୈଶ୍ୱିକ ଘୋଷଣାନାମାର ନୈତିକ ଆଲେଖ୍ୟର ବୈଧତା ରହିଛି। ଯନ୍ତ୍ରଣା ଏବଂ କ୍ଷତିକୁ ଠିକ୍ ଭାବେ ବୁଝିପାରିଲେ ଶାନ୍ତି ହାସଲ ହୋଇପାରିବ, କିନ୍ତୁ ଉଭୟ ପାର୍ଶ୍ୱରେ ଥିବା କ୍ଷତିକାରୀମାନେ ଯଥା ୱେଷ୍ଟବ୍ୟାଙ୍କକୁ ଘେରି ରହିଥିବା ଉପନିବେଶୀ ଏବଂ ବିଳୟ ଓ ଲୁଣ୍ଠନ ପାଇଁ ବେଞ୍ଜାମିନ ନେତାନ୍ୟାହୁଙ୍କ ସରକାରକୁ ଚଳାଉଥିବା ବ୍ୟକ୍ତି ଏବଂ ଇସ୍ରାଏଲ୍‌କୁ ଧ୍ୱଂସ କରିବା ଛଡ଼ା ଆଉ କିଛି ଚାହୁଁ ନଥିବା ଜେହାଦି ଉଗ୍ରବାଦୀମାନେ ଯେ ପର୍ଯ୍ୟନ୍ତ ହଟିନାହାନ୍ତି ସେଯାଏ ଶାନ୍ତି ସମ୍ଭବ ନୁହେଁ।

ବୈଶ୍ୱିକ ଘୋଷଣାନାମା ଦର୍ଶାଏ ଯେ ଆମେ ଅନ୍ୟମାନଙ୍କର ଅଧିକାରକୁ ସମ୍ମାନ ଦେବା ଉଚିତ ଏବଂ ଏହା କିଭଳି ଉଲ୍ଲଂଘନ ନ ହେବ ତାହା ନିଶ୍ଚିତ କରିବା ଦରକାର। ମଧ୍ୟପ୍ରାଚ୍ୟରେ ଦୁଇ ଦେଶର ସମାଧାନ ହେଉଛି ଶାନ୍ତି ଏବଂ ନ୍ୟାୟ ପାଇଁ ଏକମାତ୍ର ପଥ। କାରଣ ବୈଶ୍ୱିକ ମାନବ ଅଧିକାରର ଏକମାତ୍ର ଗ୍ୟାରେଣ୍ଟି ହେଉଛି ସ୍ୱାଧୀନ ଦେଶର ମାନ୍ୟତା। କେବଳ ଦୁଇଟି ଦେଶ ମାଧ୍ୟମରେ ବିନାଶକାରୀଙ୍କୁ ପରାସ୍ତ କରାଯାଇପାରିବ ଏବଂ ଜାତିସଂଘ ଘୋଷଣାର ନୈତିକ ବିଶ୍ୱବାଦର ଶେଷରେ ହିଁ ବିଜୟ ହେବ।

**ପ୍ରଫେସର, ହିଷ୍ଟ୍ରି ଆଣ୍ଡ ରେକ୍ଟର ଏମ୍‌ରିଟସ୍, ସେଣ୍ଟ୍ରାଲ ୟୁରୋପିଆନ ୟୁନିଭର୍ସିଟି(ଭିଏନା)**

## ୟୁରିଆର ଦୁରୁପଯୋଗ



ଡ.ଚିନ୍ତାମଣି ପଣ୍ଡା

୧୮୨୩ ମସିହାରେ ବୈଜ୍ଞାନିକ ସାର୍ ଫ୍ରେଡେରିକ ଓହଲର ଜୈବିକ ଉପାଦାନ ଯଥା ଗୋମୂତ୍ରରୁ ୟୁରିଆ ଉଦ୍ଭାବନ କରିଥିଲେ। କିନ୍ତୁ ଏହାର ମାତ୍ରା ଏତେ କମ୍ ଥିଲା ଯେ ଏକ ବ୍ୟୟବହୁଳ ଆହରଣ ପ୍ରଣାଳୀ କଦାପି ଲାଭଜନକ ହୋଇ ପାରୁ ନ ଥିଲା। କିଛିଦିନ ପରେ ପୁନଃଗବେଷଣା ଦ୍ୱାରା କୃତ୍ରିମ ଉପାୟରେ ରାସାୟନିକ ବିଘଟନ କରାଇ ବିଭିନ୍ନ ଅଜୈବିକ ଉପାଦାନରୁ ଅଳ୍ପ ଖର୍ଚ୍ଚରେ ୟୁରିଆ ଉତ୍ପାଦନ କରାଯାଇ ପାରିଲା। ଫଳରେ ଏହାକୁ ମୁଖ୍ୟ ସାର ହିସାବରେ କୃଷିକ୍ଷେତ୍ରରେ ବ୍ୟବହାର କରି କୃଷକମାନେ ଫସଲ ଅମଳକୁ ବହୁଗୁଣିତ କରିପାରିଲେ। ଫସଲ ଉପରେ ଏହାର ତତ୍କାଳ ପ୍ରଭାବ ହେତୁ ଏହା ଏତେ ଲୋକପ୍ରିୟ ହେଲା ଯେ କ୍ରମେ ଉତ୍ପାଦିତ ସାର କୃଷିକ୍ଷେତ୍ରକୁ ନିଅଣ୍ଟ ପଡ଼ିଲା ଏବଂ ସରକାର ଆଉ ପାଦଟେ ଆଗେଇ ଯାଇ ଏହାକୁ ରିହାତି ଦରରେ ଯୋଗାଇବା ଆରମ୍ଭ କରିଦେଲେ। ଅନ୍ୟ ପକ୍ଷରେ ଏହି ରିହାତି ଯୁକ୍ତ ସାରକୁ ଚତୁର ବ୍ୟବସାୟୀଗଣ ହଡ଼ପ କରିନେଲେ ନିଜ ନିଜର ଶିଳ୍ପରେ ବ୍ୟବହାର ପାଇଁ। ଫଳରେ ବଜାରରେ ଏହାର କୃତ୍ରିମ ଅଭାବ ଅନୁଭୂତ ହେଲା।

ବିଭିନ୍ନ ଆନୁଷଙ୍ଗିକ ଶିଳ୍ପ ଯଥା ପ୍ଲାଇଉଡ, ରେସିନ, ଚିନାମାଟି ବାସନ, ଗୋଖାଦ୍ୟ ଓ ବିସ୍ଫୋରକ ପ୍ରସ୍ତୁତି ପାଇଁ ପ୍ରତିବର୍ଷ ପ୍ରାୟ ୧୦ - ୧୨ ଲକ୍ଷଟନ ୟୁରିଆ ବ୍ୟବହୃତ ହେଉଛି। ଏହାକୁ ଆଖିଆଗରେ ରଖି ସରକାର ସାର ନିୟନ୍ତ୍ରଣ ଅଧାଦେଶ ୧୯୮୫ର ଧାରା ୨୫ ତଥା ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ ୧୯୫୫ର ଧାରା ୭ ଓ ୧୦ ଅନୁଯାୟୀ ୟୁରିଆର ଅପବ୍ୟବହାରକୁ ଧର୍ତ୍ତବ୍ୟ ଅପରାଧରେ ସାମିଲ କଲେ। ପୁନଶ୍ଚ ଭାରତୀୟ ପିଙ୍ଗଳ କୋଡ୍ ଧାରା ୪୨୦ ଅନୁଯାୟୀ ଏଥି ନିମନ୍ତେ ଦଣ୍ଡବିଧାନର ବ୍ୟବସ୍ଥା ମଧ୍ୟ କଲେ। ତଥାପି ଏହାର ଦୁରୁପଯୋଗକୁ ରୋକାଯାଇ ପାରିଲା ନାହିଁ। ଖଣି ଖନନ ପାଇଁ ଆବଶ୍ୟକ ହେଉଥିବା ଆଇଡି ବିସ୍ଫୋରକ ପ୍ରସ୍ତୁତିରେ ୟୁରିଆ ନାଇଟ୍ରେଟ୍‌କୁ ବହୁଳଭାବରେ ବ୍ୟବହାର କରାଯାଉଛି। ଦୁଇଟି ପ୍ଲାଇଉଡ୍‌କୁ ଯୋଡିବା ପାଇଁ ଆବଶ୍ୟକ ପଡୁଥିବା ଅଠା ୟୁରିଆ ଫର୍ମାଲ ଡିହାଇଡ ଓ ରେସିନ୍‌ର ସମ୍ମିଶ୍ରଣରେ ପ୍ରସ୍ତୁତ ହେଉଛି। କେବଳ ଶିଳ୍ପ କ୍ଷେତ୍ରରେ କାହିଁକି ଚିକିତ୍ସା କ୍ଷେତ୍ରରେ ମଧ୍ୟ ଔଷଧ ପ୍ରସ୍ତୁତିରେ ୟୁରିଆର ବ୍ୟବହାର ସର୍ବଜନ ବିଦିତ। କଳକାରଖାନା ତଥା ଯାନବାହନରୁ ନିର୍ଗତ ଧୂଆଁର କୁପ୍ରଭାବରୁ ମଣିଷ ଶରୀରକୁ ରକ୍ଷାକରିବା ପାଇଁ ୟୁରିଆ ମିଶ୍ରିତ ଏକ ପ୍ରଲେପର ବହୁଳ ଆବଶ୍ୟକତା ପଡ଼ିଥାଏ। ଦନ୍ତଶୋଧନ ଚୂର୍ଣ୍ଣ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଚିକିତ୍ସା ଉପକରଣ ପ୍ରସ୍ତୁତିରେ ୟୁରିଆ ବ୍ୟବହୃତ ହୋଇଥାଏ। ଏତଦ୍‌ବ୍ୟତୀତ ପ୍ରସାଧନ ସାମଗ୍ରୀ ଓ ଶରୀରରୁ ଅନାବଶ୍ୟକ ଲୋମନିର୍ମୂଳକ ପ୍ରସ୍ତୁତିରେ ୟୁରିଆକୁ ବ୍ୟବହାର କରାଯାଏ। ପର୍ଯ୍ୟାବରଣ କ୍ଷେତ୍ରରେ ବାୟୁପ୍ରଦୂଷଣକୁ କମାଇବା ପାଇଁ ଯେଉଁ କୃତ୍ରିମ ମେଘର ସୃଷ୍ଟି କରାଯାଏ ସେଥିରେ ମଧ୍ୟ ୟୁରିଆର ନିର୍ଦ୍ଦିଷ୍ଟ ଭୂମିକା ରହିଛି। ହିମଅଞ୍ଚଳରେ ରାସ୍ତାରେ ଜମୁଥିବା ବରଫର ଆସ୍ତରଣକୁ ତରଳାଇବା ପାଇଁ ୟୁରିଆ ବ୍ୟବହୃତ ହୁଏ। ଯନ୍ତ୍ରପାତିରେ କଳଙ୍କି ନ ଧରିବା ପାଇଁ ଦିଆ ଯାଉଥିବା ବାଦାମୀ ପ୍ରଲେପରେ ୟୁରିଆର ସିଂହଭାଗ ରହୁଥିବା ବେଳେ ଅଗ୍ନି ନିର୍ବାପକ କ୍ଷେତ୍ରରେ ମଧ୍ୟ ଏହାର ଅବଦାନ ଅନସ୍ୱୀକାର୍ଯ୍ୟ। ଆଜିକାଲି ଗାଁ ଗହଳିରେ ମଧ୍ୟ ବାସନକୁସନ ସଫା କରିବାକୁ ୟୁରିଆ ପ୍ରସ୍ତୁତ ସାବୁନର ଚାହିଦା ଅଧିକ। କିଏ ମୁଢ଼ି, ଲିଆ ଭାଜିବାରେ ୟୁରିଆକୁ ଉପଯୋଗ କଲାଣି ତ ପୁଣିକିଏ ଦେଶୀ ମଦ ପ୍ରସ୍ତୁତିରେ ଶର୍କରା ଅଂଶର ବିଘଟନ ପାଇଁ ୟୁରିଆକୁ ବ୍ୟବହାର କଲାଣି। ଇଟା ପ୍ରସ୍ତୁତକାରୀମାନ ଆଉ ପାଦେ ଆଗେଇ ଯାଇ ଇଟାଭାଟିରେ ୟୁରିଆ ବ୍ୟବହାର କରି କମ୍ ଜାଳରେ ଅଧିକ ଲାଲରଙ୍ଗର ଇଟା ତିଆରି କଲେଣି। ଦୁଗ୍ଧଚାଷୀମାନେ ଦୁଗ୍ଧର ମାନବର୍ଦ୍ଧକ ହିସାବରେ ୟୁରିଆର ଅପମିଶ୍ରଣ କୌଶଳ ଆପଣାଇଲେଣି। ଏତଦ୍‌ବ୍ୟତୀତ ଗୌଖାଦ୍ୟ ପ୍ରସ୍ତୁତିରେ ଘାସକୁ ଶଢ଼େଇ ଆଚାର ବନେଇବା କିମ୍ବା ଛତୁଚାଷରେ ଧିଙ୍ଗିରି ଛତୁର ଆକାର ଓ ଓଜନ ବୃଦ୍ଧି କରିବାରେ ୟୁରିଆ ସହାୟକ ହୋଇପାରୁଛି।

ପାଣି ଭିତରେ ବଢୁଥିବା ମାଛଖାଦ୍ୟ ପ୍ଲାଙ୍କଟନ ଉଦ୍ଭିଦର ବୃଦ୍ଧିପାଇଁ ମତ୍ସ୍ୟଚାଷୀମାନେ ବି ୟୁରିଆର ବହୁଳ ବ୍ୟବହାର କରୁଛନ୍ତି। ଅତଏବ କୁଟୀରଶିଳ୍ପ ଠାରୁ ଆରମ୍ଭ କରି ବଡ଼ ବଡ଼ ଶିଳ୍ପ କାରଖାନା ପର୍ଯ୍ୟନ୍ତ ସବୁଠି ୟୁରିଆର ବ୍ୟବହାର ବଢ଼ିଚାଲିବାରୁ କୃଷି କ୍ଷେତ୍ରରେ ବ୍ୟବହାର ପାଇଁ ଏହା ଟିରୋଟ ପଡୁଛି ଏବଂ କଳାବଜାର ବଢୁଛି। ତେଣୁ କାରଖାନାଗୁଡ଼ିକରେ ୟୁରିଆର ଉତ୍ପାଦନ ବଢ଼ାଇବା ସଙ୍ଗେ ସଙ୍ଗେ ଏହାର ବିତରଣକୁ ନିୟନ୍ତ୍ରଣକୁ ନ ଆଣିଲେ ଆଗକୁ ଅଭାବଜନିତ ସାଂଘାତିକ ପରିସ୍ଥିତି ସୃଷ୍ଟି ହେବା ସହିତ କୃଷି ଉତ୍ପାଦନରେ ସୁଦୂରପ୍ରସାରୀ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି।

**ମୋ: ୯୪୩୭୧୮୫୧୩୫**

## ଏଇ ଭାରତରେ

ଗରିବ ଓ ଅସହାୟଙ୍କ ପାଇଁ ସାହାରା ପାଲଟିଛନ୍ତି ଗୁରୁଗାଁଓର ସଜନ ଭିର୍। ସେ ବ୍ୟବହୃତ ପୋଷାକ ଓ କନା ସଂଗ୍ରହ କରି ସେଥିରେ ବ୍ୟାଗ୍, କମ୍ବଳ ଓ ଡଗ୍ ବେଡ୍ ତିଆରି କରୁଛନ୍ତି। ସେ ୩୦ ପ୍ରକାର ବ୍ୟାଗ୍ ଓ କମ୍ବଳ ପ୍ରସ୍ତୁତ କରୁଛନ୍ତି। ଶିକ୍ଷା ଶେଷ କରି ସେ ଭଲ ଚାକିରି କରିଥିଲେ ଓ ୨୦୧୫ରେ ତାହାକୁ ଛାଡ଼ି ଏହା ଜାରି ରଖିଛନ୍ତି। ଏହି କାର୍ଯ୍ୟ କରିବା ଲାଗି ସଜନ ‘କ୍ଲଥେସ୍ ବକ୍ସ ଫାଉଣ୍ଡେଶନ’ ଗଠନ କରିଛନ୍ତି। ସଜନ ଓ ତାଙ୍କ ଟିମ୍ ପ୍ରତିଦିନ କୌଣସି ଏକ ଦୁର୍ଗମ ଅଞ୍ଚଳର ଗାଁଗୁଡ଼ିକୁ ଯାଇ ସେଠାରେ ବସ୍ତ୍ର ବାଣ୍ଟୁଛନ୍ତି। ସେମାନେ ଲୋକଙ୍କଠାରୁ ଟି-ଶାର୍ଟ, ପ୍ୟାଣ୍ଟ ସଂଗ୍ରହ କରି ତାହାକୁ ନିର୍ମାଣ ସ୍ଥଳୀରେ ଶ୍ରମିକମାନଙ୍କୁ ବି ଦେଉଛନ୍ତି। ପ୍ରତି କେ.ଜି. ପୋଷାକକୁ ପୁନଃ ବ୍ୟବହାର ଉପଯୋଗୀ କରିବା ଦ୍ୱାରା ୩୧ କେ.ଜି. କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ରୋକାଯାଇପାରୁଛି ବୋଲି କହନ୍ତି ୩୨ ବର୍ଷୀୟ ସଜନ। ଏହି ହିସାବରେ ଏବେ ସୁଦ୍ଧା ତାଙ୍କ ସଂସ୍ଥା ୭,୪୬,୦୦୦ କେ.ଜି. ବ୍ୟବହୃତ କନା ବା ପୋଷାକ ସଂଗ୍ରହ ଓ ବଣ୍ଟନ କରି ୨୩,୧୨୬ ଟନ କାର୍ବନ ନିର୍ଗମନ ରୋକିପାରିଛନ୍ତି। ଏହି କାର୍ଯ୍ୟରେ ସେ ଅନେକ ଲୋକଙ୍କୁ ଦୈନିକ ୪୦୦ ଟଙ୍କା ମଜୁରିରେ ନିଯୁକ୍ତ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୧ ଡିସେମ୍ବର ୧୯୭୪

- ୱାଘା ସୀମାନ୍ତରେ ଜଣେ ଜର୍ମାନ ନାଗରିକଙ୍କଠାରୁ ଏକ ଶହ ହତ୍ୟାଧୁନିକ ସ୍ୱୟଂକ୍ରିୟ ରାଇଫଲ ଏବଂ ୫୦୦ ଗୁଳି ଜବତ।
- ଭାରତ ଓ ଭୁଟାନର ବୈଦେଶିକ ନୀତି ପୂର୍ବ ପରି ଭବିଷ୍ୟତରେ ମଧ୍ୟ ନିବିଡ଼ ସହଯୋଗିତା କ୍ରମେ ଅନୁସରଣ କରାଯିବା ନେଇ ଏକ ରାଜିନାମା ସ୍ୱାକ୍ଷରିତ।
- ଆମେରିକାର ଉପରାଷ୍ଟ୍ରପତି ରୂପେ ନେଲ୍‌ସନ୍ ଏ. ରକ୍‌ଫେଲର୍‌ଙ୍କ ଶପଥ ଗ୍ରହଣ ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | 2 | | | 6 | | 5 |
| 6 | | 9 | | | | | 1 | 2 |
| 8 | | | | | | | | |
| | | | | | | | | 4 |
| | | 8 | | 9 | 7 | | | |
| | 1 | | | 6 | | | 2 | |
| | | | 3 | | | 4 | | |
| 3 | | | | | | | | 1 |
| | 6 | 4 | | | 9 | | 8 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 6 | 5 | 7 | 4 | 3 | 2 | 8 |
| 2 | 4 | 8 | 3 | 6 | 1 | 7 | 9 | 5 |
| 3 | 7 | 5 | 2 | 9 | 8 | 1 | 4 | 6 |
| 6 | 1 | 4 | 8 | 2 | 9 | 5 | 7 | 3 |
| 8 | 3 | 2 | 7 | 1 | 5 | 4 | 6 | 9 |
| 7 | 5 | 9 | 6 | 4 | 3 | 8 | 1 | 2 |
| 4 | 6 | 3 | 1 | 5 | 2 | 9 | 8 | 7 |
| 5 | 2 | 1 | 9 | 8 | 7 | 6 | 3 | 4 |
| 9 | 8 | 7 | 4 | 3 | 6 | 2 | 5 | 1 |

ଗତକାଲିର ଉତ୍ତର

# ଶିଶୁ ପ୍ରତି ସମ୍ବେଦନହୀନ କାହିଁକି



ଡ.ବିଧୁପ୍ରଭା ରଥ

ଶିଶୁ ମାନବ ସମାଜକୁ ନିର୍ମାଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସୁସ୍ଥ ମା’ ସୁସ୍ଥ ଶିଶୁ ହିଁ ବିକଶିତ ଓଡ଼ିଶା ଓ ଭାରତର ପ୍ରତିରୂପ ବୋଲି ଉଭୟ ରାଜ୍ୟ ଓ ଦେଶକୁ ଚଳାଉଥିବା ସରକାରମାନେ ପ୍ରତିଦିନ ଘୋଷଣା କରୁଛନ୍ତି। ଆମ ଦେଶର ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ‘ସୁପୋଷଣ ଦିବସ’ କାର୍ଯ୍ୟକ୍ରମ ଚାଲୁଛି। ଯାହାଦ୍ୱାରା ଶିଶୁ, କିଶୋରୀ ଓ ମହିଳାମାନେ କୁପୋଷଣର ଶିକାର ହେବେ ନାହିଁ। ଯଥେଷ୍ଟ ପରିମାଣରେ ପୁଷ୍ଟିକର ଖାଦ୍ୟ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ପ୍ରତିଷେଧକ ଟିକାଦାନ ଦ୍ୱାରା କୁପୋଷଣକୁ ସମ୍ପୂର୍ଣ୍ଣ ଲୁପ୍ତ କରିଦିଆଯାଇ ପାରିବ। ଏହି ଉଦ୍ଦେଶ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ‘ପୋଷଣ ମାସ’ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ଶିଶୁ, ଗର୍ଭବତୀ, ପ୍ରସୂତି ମହିଳାମାନଙ୍କର ସ୍ୱାସ୍ଥ୍ୟ ପୁଷ୍ଟିର ଯତ୍ନ, ସନ୍ତୁଳିତ ଆହାର, ନିୟମିତ ଗର୍ଭାବସ୍ଥାର ପରୀକ୍ଷଣ, ପ୍ରତିଷେଧକ ଟିକାଦାନ, ଶିଶୁ ଜନ୍ମପରେ ସ୍ତନ୍ୟପାନ, ତା’ର ଓଜନ ଓ ଉଚ୍ଚତାର ପରିମାପକ, କିଶୋରୀମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ସମ୍ପର୍କରେ ବିଭିନ୍ନ ପଦକ୍ଷେପ ନିଆଯାଏ। କିନ୍ତୁ ଦୁଃଖର କଥା ବର୍ତ୍ତମାନ ରାଜ୍ୟରେ ଚାଲୁଥିବା ୭୪ଟି ‘ଶିଶୁ ସଦନ’କୁ ବନ୍ଦ କରିବାପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଅନ୍ୟ ୭୪ଟି ଶିଶୁ ସଦନ କେନ୍ଦ୍ରରେ ୧୨୦ପ୍ରତିଶତରୁ ଅଧିକ ଅନ୍ତେବାସୀ ରହିଛନ୍ତି। ଓଡ଼ିଶା ସରକାରଙ୍କର ମହିଳା ଶିଶୁ ବିକାଶ ଅଧୀନରେ ଥିବା ଶିଶୁ ସୁରକ୍ଷା ଆରୋଗ୍ୟ ପକ୍ଷରୁ ଏହି ବନ୍ଦ ନିର୍ଦ୍ଦେଶ ଦିଆଯାଇଛି। ସେଥିରେ ଦର୍ଶାଯାଇଛି ଯେଉଁ ଶିଶୁ ଯତ୍ନ ଅନୁଷ୍ଠାନରେ ୭୫ ପ୍ରତିଶତରୁ କମ୍ ଅନ୍ତେବାସୀ ରହିଥିବେ ସେଗୁଡ଼ିକୁ ଦଶଦିନ ମଧ୍ୟରେ ବନ୍ଦ କରିଦିଆଯିବ। ମହିଳା ଶିଶୁ ବିକାଶ ବିଭାଗୀୟ କଟକଣା ଅନୁସାରେ ୨୦୨୩ ନଭେମ୍ବର ସୁଦ୍ଧା ୭୪ଟି ଶିଶୁ ଯତ୍ନ କେନ୍ଦ୍ରରେ ୭୫ ପ୍ରତିଶତରୁ କମ୍ ଶିଶୁ ରହିଛନ୍ତି। ଅର୍ଥାତ୍ ଏହି କେନ୍ଦ୍ରଗୁଡ଼ିକ ବନ୍ଦ ହେବାକୁ ଯାଉଛି। କିନ୍ତୁ ସରକାରଙ୍କ ବିଭାଗ କହୁଛି ଯେ ୮୬ଟି ଶିଶୁ କେନ୍ଦ୍ରରେ ୧୨୦ରୁ ୧୫୦ ପ୍ରତିଶତ ଶିଶୁ ରହିଛନ୍ତି। ଏହି ଶିଶୁ ଯତ୍ନ କେନ୍ଦ୍ରଗୁଡ଼ିକ ବନ୍ଦ ହୋଇଗଲେ ୨୫୪୭ ଶିଶୁ କେଉଁଠି ରହିବେ? କ’ଣ ହେବ ସେମାନଙ୍କର ଯତ୍ନ, ବର୍ତ୍ତମାନ ଓ ଭବିଷ୍ୟତ। ସାଧାରଣତଃ ଏହି ଶିଶୁମାନେ ଅନାଥ, ଛାଡ଼ପତ୍ର ହୋଇଥିବା ଏକକ ଅଭିଭାବକ, ଅବିବାହିତା କୁମାରୀ ମାତୃତ୍ୱ, ଗଣବଳାତ୍କାର ଦ୍ୱାରା ଜନ୍ମଲାଭ କରିଥିବା ଅବହେଳିତ ସ୍ଥିତିରୁ ଉଦ୍ଧାର ହୋଇ ସରକାରଙ୍କର ଉକ୍ତ କେନ୍ଦ୍ରଗୁଡ଼ିକୁ ଆସିଥାନ୍ତି। ଏହି ଶିଶୁମାନଙ୍କୁ ତିନିବର୍ଷ ହେଲାପରେ ସେମାନଙ୍କୁ ସ୍ଥାନୀୟ ଅଙ୍ଗନୱାଡ଼ି କେନ୍ଦ୍ର ସହିତ ସଂଶ୍ଳିଷ୍ଟ କରାଯାଇ ତାଙ୍କ ଖାଦ୍ୟ ପୁଷ୍ଟିର ଯତ୍ନ ନିଆଯାଇଥାଏ। ପାଞ୍ଚବର୍ଷ ପୂରିଲା ପରେ ଏହି ଶିଶୁମାନେ ବିଦ୍ୟାଳୟକୁ ଯାଇଥାନ୍ତି।

କିନ୍ତୁ ପରିତାପର ବିଷୟ ଯେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଅତ୍ୟାବଶ୍ୟକ ଜନମଙ୍ଗଳକାରୀ ଯୋଜନାଗୁଡ଼ିକୁ ଶିଶୁମାନଙ୍କ ଉପସ୍ଥିତି ଅଭାବରୁ ବନ୍ଦକରି ଦେଉଛନ୍ତି। ଜାତୀୟ ଶିକ୍ଷାନୀତି ୨୦୨୦ କାର୍ଯ୍ୟକାରୀ ହେବାପରେ ଓଡ଼ିଶା ସରକାର ସର୍ବପ୍ରଥମେ ରାଜ୍ୟର ୧୪ ହଜାର ପ୍ରାଥମିକ/ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିବାର ନିଷ୍ପତ୍ତି ନେଇଛନ୍ତି। ଏପର୍ଯ୍ୟନ୍ତ ସେଥିରୁ ୬ ହଜାର ବିଦ୍ୟାଳୟ ବନ୍ଦ ହୋଇସାରିଛି। ଆମ ରାଜ୍ୟରେ ଶିକ୍ଷାନୀତି ଆସିବା ପୂର୍ବରୁ ହିଁ ସରକାରୀ ବିଦ୍ୟାଳୟଗୁଡ଼ିକ ବନ୍ଦ ଓ ମିଶ୍ରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଏହି ନୀତି ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ, ଅନ୍ୟାୟ ଓ ଅସାମ୍ବିଧାନିକ ବୋଲି ବର୍ଣ୍ଣନା କରି ସାରା ରାଜ୍ୟରେ ବହୁ ଅଭିଭାବକ, ସାମାଜିକ କର୍ମୀ, ଛାତ୍ରୀଛାତ୍ର, ଶିକ୍ଷାବିତ୍, ବୁଦ୍ଧିଜୀବୀ, ସ୍କୁଲ ସୁରକ୍ଷା କମିଟିର ଜନସାଧାରଣ ଶିକ୍ଷା ବଞ୍ଚାଅ ଆନ୍ଦୋଳନ କରିଥିଲେ। ଏହି ସମୟରେ ଭାରତରେ ମଧ୍ୟ ଜାତୀୟ ଶିକ୍ଷା ନୀତିକୁ ନେଇ ଆନ୍ଦୋଳନ ଜୋରଦାର ହୋଇଥିଲା। ଏହି ବିଦ୍ୟାଳୟ ବନ୍ଦ ପାଇଁ ଅନେକ ମାମଲା ଉଚ୍ଚନ୍ୟାୟାଳୟରେ ଦାଏର କରାଯାଇଥିଲା। ଉଚ୍ଚନ୍ୟାୟାଳୟ ସବୁ ପକ୍ଷର ଅଭିଯୋଗ ଶୁଣିଲାପରେ ତାଙ୍କର ରାୟ ଶୁଣାଇଥିଲେ ଯେ, ‘‘ରାଜ୍ୟ ସରକାରଙ୍କର ଏହି ବିଜ୍ଞପ୍ତି ଆଇନ ସମର୍ଥିତ ନୁହେଁ। ସରକାରଙ୍କର ବିଜ୍ଞପ୍ତି ସମ୍ବିଧାନର ଧାରା ‘୨୧ଏ’ଏବଂ ଶିକ୍ଷା ଅଧିକାର ଆଇନ ୨୦୦୯ ଓ ନିୟମ ୨୦୧୦ ଅନୁଯାୟୀ ବିରୁଦ୍ଧାଚରଣ କରୁଛି। ଏଭଳି ପରିସ୍ଥିତିରେ ବିଭିନ୍ନ ବର୍ଗର ବିଦ୍ୟାଳୟର ଏକତ୍ରୀକରଣ ମିଶ୍ରଣ ପାଇଁ ପ୍ରସ୍ତାବିତ ପଦ୍ଧତି ଗ୍ରହଣୀୟ ହୋଇପାରିବ ନାହିଁ।’’



୨୦୦୯ ଶିକ୍ଷା ଅଧିକାର ଆଇନ ଓ ନିୟମ ୨୦୧୦ ଅନୁସାରେ ଅନ୍ତତଃ ଜଣେ ଶିଶୁ ଓ କିଶୋର ପାଇଁ ପହଞ୍ଚି ପାରୁଥିବା ଏକ କିଲୋମିଟର ଦୂରତା ଭିତରେ ଗୋଟିଏ ବିଦ୍ୟାଳୟ ଉପଲବ୍ଧ ହେବା ଉଚିତ। ଯେଉଁଠାରେ ଏତିକି ଦୂରତା ସ୍ଥାନୀୟ ବାସିନ୍ଦାଙ୍କର ଆବଶ୍ୟକତାକୁ ପୂରଣ କରୁଛି, ସେତେବେଳେ ସେଗୁଡ଼ିକୁ ରାଜ୍ୟ ସରକାର ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ, ବିଦ୍ୟାଳୟ ଏକତ୍ରୀକରଣ କହି ବନ୍ଦ କରିପାରିବେ ନାହିଁ। କାହିଁକି ଛାତ୍ର ସଂଖ୍ୟା କମିଛି ତାହାର ଅନେକ କାରଣ ରହିଛି। ସେହିସବୁ ମୂଳ ଅସୁବିଧାଗୁଡ଼ିକର ଯଥାର୍ଥ ବାସ୍ତବ ନିରାକରଣ ନ କରି ବିଦ୍ୟାଳୟ ବନ୍ଦ କରିବା କେତେଦୂର ଯୁକ୍ତିଯୁକ୍ତ ତାହା ରାଜ୍ୟ ସରକାର ହୃଦ୍‌ବୋଧ କରିବା ନିହାତି ଆବଶ୍ୟକ। ନୂତନ ଜାତୀୟ ଶିକ୍ଷାନୀତି ଅନୁସାରେ ଅଙ୍ଗନୱାଡ଼ି କେନ୍ଦ୍ରରେ ବର୍ତ୍ତମାନ ଶିଶୁମାନେ ପାଞ୍ଚବର୍ଷ ପରିବର୍ତ୍ତେ ଆଠବର୍ଷ ପର୍ଯ୍ୟନ୍ତ ବିଦ୍ୟାଳୟ ଶିକ୍ଷା ଲାଭ କରିବେ। କିନ୍ତୁ ଦେଶରେ ୧୩.୬ ଲକ୍ଷ ଅଙ୍ଗନୱାଡ଼ି କେନ୍ଦ୍ରରୁ ୩.୬୨ ଲକ୍ଷ ଅଙ୍ଗନୱାଡ଼ି କେନ୍ଦ୍ରରେ ଉପଯୁକ୍ତ ଗୃହ, ଶୌଚାଳୟ, ପାନୀୟ ଜଳର ସୁବିଧା ନାହିଁ। ବିଦ୍ୟାଳୟଗୁଡ଼ିକରେ ହଜାର ହଜାର ସଂଖ୍ୟକ ଶିକ୍ଷକ ପଦବୀ ଖାଲିପଡ଼ିଛି। ମୁଖ୍ୟତଃ ପ୍ରତ୍ୟେକ ସାହି ବା ମହଲ୍ଲାରେ ଅଙ୍ଗନୱାଡ଼ି କେନ୍ଦ୍ର ରହିବା କଥା। ସାରା ଦେଶରେ ୪୦ ଲକ୍ଷ ସାହି, ପଡ଼ା ରହିଛି। ଦେଶରେ ବର୍ତ୍ତମାନ ସୁଦ୍ଧା ୧୩ ଲକ୍ଷ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ଆଜିର ଆବଶ୍ୟକତାକୁ ଦେଖିଲେ ଆହୁରି ୨୭ ଲକ୍ଷ ଅଙ୍ଗନୱାଡ଼ି କେନ୍ଦ୍ର ତିଆରି ହେବାର ଆବଶ୍ୟକତା ରହିଛି। କିନ୍ତୁ ପରିତାପର ବିଷୟ ହେଉଛି ଯେଉଁ ଅଙ୍ଗନୱାଡ଼ି କର୍ମୀ, ସହାୟିକାମାନେ ଶିଶୁମାନଙ୍କର ଉନ୍ନତିର ଦାୟିତ୍ୱ ନେଇଛନ୍ତି ସେମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ ପ୍ରାପ୍ୟ ଦରମା ବାବଦରେ ନ ପାଇ ମଜୁରି ବା ପାରିତୋଷିକ ଭାବରେ ପାଉଛନ୍ତି। ସେମାନେ ସ୍ଥାୟୀ କର୍ମଚାରୀ ନୁହନ୍ତି। ରାଜ୍ୟ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟି, ଶିଶୁଯତ୍ନ ଭଳି ଜନକଲ୍ୟାଣକାରୀ ଯୋଜନାକୁ ରୁଗ୍‌ଣ କରିଦେଇଛନ୍ତି।

ଆଜିର ଏହି ପରିସ୍ଥିତିର ପରିଣାମ ସ୍ୱରୂପ ଆଗାମୀ ଦିନଗୁଡ଼ିକରେ ରାଜ୍ୟରୁ ଅଧିକ ସଂଖ୍ୟାରେ ଶିଶୁବିକ୍ରି, କିଶୋର/କିଶୋରୀମାନଙ୍କୁ ‘ମାନବ ଚାଲାଣ’ ଦ୍ୱାରା ବିଭିନ୍ନ ସ୍ଥାନକୁ ପେଟର ଭୋକପାଇଁ ଜୋର ଜବରଦସ୍ତ ଯିବାକୁ ହେବ। ସେମାନେ ସମସ୍ତ ପ୍ରକାର ଅମାନବୀୟ, ଅମାନୁଷିକ, ଯୌନଗତ, ଆର୍ଥିକ, ମାନସିକ, ଶାରୀରିକ ଶୋଷଣର ଶିକାର ହୋଇ ଅକାଳରେ ମୃତ୍ୟୁବରଣ କରିବେ। ସେମାନଙ୍କ ପାଇଁ ଏକ ସୁସ୍ଥ ନିରାପଦ ସମାଜର ସ୍ୱପ୍ନ ଚିରକାଳ କେବଳ ଚିତ୍ରପଟଟିଏ ହୋଇ ରହିଯିବ।

**ଗାନ୍ଧୀନଗର ବ୍ରହ୍ମପୁର,**
**ମୋ:୯୪୩୭୨୬୦୬୯୬**

## ପାଠକ ଶ୍ରେଷ୍ଠ ବିଚାରକ

### ଖାଦ୍ୟଶସ୍ୟ ଦରରେ ଅସ୍ଥିରତା

ମହାଶୟ,

ଦେଶରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ସମେତ ବିଭିନ୍ନ ଦ୍ରବ୍ୟର ମୂଲ୍ୟ ଉପରମୁହାଁ ହୋଇଥିବାବେଳେ ମୁଦ୍ରାସ୍ଫୀତି ମଧ୍ୟ ସେହି ହାରରେ ବଢିଚାଲିଛି। ଦେଶର ଗରିବ ଖଟିଖିଆ, ମଧ୍ୟବିତ୍ତ ପରିବାର ପାଇଁ ଏହା ଚିନ୍ତାର କାରଣ ହୋଇଛି। ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଅଫିସ (ଏନ୍ଏସ୍ଓ)ର ରିପୋର୍ଟ ଅନୁଯାୟୀ କଞ୍ଜୁମର ପ୍ରାଇସ ଇଣ୍ଡେକ୍ସ(ସିପିଆଇ) ୫.୫୫ ପ୍ରତିଶତକୁ ବୃଦ୍ଧି ପାଇଥିବା ମୁଦ୍ରାସ୍ଫୀତି ସଂକେତ କରିଛି। ଖାଦ୍ୟ ଶସ୍ୟ ଯାହାକି ସିପିଆଇର ଏକ ଦଶମାଂଶ, ତାହା ଗତ ୧୫ମାସ ମଧ୍ୟରେ ବଢି ଦୁଇ ଅଙ୍କରେ ପହଁଚିଛି। ବିଶେଷ କରି ଗହମ, ଚାଉଳ, ଡାଲି ଆଦି ଶସ୍ୟର ମୂଲ୍ୟ ବଢିବାରେ ଲାଗିଛି। ଗତ ୭ମାସ ଧରି ଅଦାର ମୂଲ୍ୟ ୧୦୦ ପ୍ରତିଶତରୁ ଅଧିକ ବଢିଛି। ଉଦ୍‌ବେଗର କାରଣ ହେଉଛି ପନିପରିବାର ଦର ବୃଦ୍ଧି। ଏହା ନିଃସନ୍ଦେହ ଯେ, ଯଦି ମୂଲ୍ୟ ବୃଦ୍ଧିକୁ ନିୟନ୍ତ୍ରଣ କରା ନ ଯାଏ ତେବେ ତାହା ଦ୍ରବ୍ୟର କ୍ରୟ ଏବଂ ଅଭିବୃଦ୍ଧି ପ୍ରତି ବାଧକ ହେବ।

**-ସୌଭାଗ୍ୟ ରଞ୍ଜନ ମହାନ୍ତି, ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେହି ମନେ ପ୍ରକମ୍ପିତ ସ୍ପନ୍ଦନବିହୀନ କେତେ ଛାତି
ଚମକିବ ଅକସ୍ମାତ ଘୋଷି ଉଠି ଜାତି! ଜାତି! ଜାତି!
ମୂକ ମାନବର ମୁହଁ ମୁଖରିତ ହେଉ ପୁଣି ଭାଷା
ଦଳିତର ପୀଡିତର ତେଜି ଦିଅ ଜ୍ୱଳନ୍ତ ପିପାସା।
-(ଜାଗ ଜାଗ ଗାନ୍ଧୀ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ହିଡ଼ କାଟିଲେ, ନାଳ ଖୋଜିଲେ



ମ୍ୟାପ ଧରି ମ୍ୟୁନିସିପାଲିଟି ଓ ତହସିଲ କର୍ମଚାରୀ ନାଳା ଖୋଜା କାମ ତଦାରଖ କରୁଛନ୍ତି।



ତେଲିଗୋଠପଡା-ଭଗବତୀ ନଗର ରାସ୍ତାରେ ମହାରାଣୀ ସାଗର ନିଷ୍କାସିତ ପାଣି ଛୁଟୁଛି।

ବଲାଙ୍ଗୀର,୨୦।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରର ସର୍ବବୃହତ୍ ଜଳାଶୟ ମହାରାଣୀ ସାଗର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଜିଲାପାଳ ଚଞ୍ଚଳ ରାଣା, ପୌରାଧ୍ୟକ୍ଷା ଲିକା ସାହୁ, କାଉନ୍‌ସିଲର ଏବଂ ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ବହୁ ପ୍ରତୀକ୍ଷିତ ଏବଂ ରାଜନୈତିକ ବିବାଦରେ ଛନ୍ଦି ହୋଇଥିବା ମହାରାଣୀ ସାଗର ଉନ୍ନୟନ ପ୍ରକଳ୍ପ କାମର ଶୁଭାରମ୍ଭ ହୋଇଛି। ମୋ ପୋଖରୀ ଯୋଜନାରେ ଏହି ଜଳାଶୟର ପୁନରୁଦ୍ଧାର କାମ କରାଯାଉଥିବା ସୂଚନା ଦିଆଯାଇଛି। ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୮ କୋଟି ଟଙ୍କା ଅନୁଦାନ ଖର୍ଚ୍ଚ କରାଯିବ। ଏଥିରେ ୧୦୧ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ପୃକ୍ତ କରାଯିବ ଏବଂ ଏହି ଉନ୍ନୟନ କାମ ପାଇଁ ସମ୍ପୃକ୍ତ ଏସ୍‌ଏଚ୍‌ଜିଗୁଡିକୁ ତାଲିମ ମଧ୍ୟ ଦିଆଯାଇଥିବା ସୂଚନା ଦିଆଯାଇଛି। ତେବେ ଏସ୍‌ଏଚ୍‌ଜି ଜରିଆରେ ଜଳାଶୟ ଉନ୍ନୟନ କାମ କେତେ ଠୋସ୍ ହେବ ତାକୁ ନେଇ ସଂଶୟ ଦେଖାଦେଇଛି।

ମ୍ୟୁନିସିପାଲିଟି ଟିମ୍ ସୋମବାର ମହାରାଣୀ ସାଗର ଜଳ ନିଷ୍କାସନ ସକାଶେ ଜଳାଶୟର ହିଡ କାଟିଥିଲେ। ହିଡ କାଟିବା ପରେ ମହାରାଣୀ ସାଗର ନିର୍ଗମନ ନାଳାରେ ପାଣି ନିଷ୍କାସିତ ହୋଇଥିଲା। ତେବେ ପ୍ରଥମରୁ ଜଳ ନିଷ୍କାସନ ନାଳାର ସ୍ଥିତି ଯାଞ୍ଚ କରାଯାଇ ନ ଥିବାରୁ ହିଡ କାଟିଦେଲା ପରେ ମହାରାଣୀ ସାଗରର ଜଳ ଠିକ୍ ଭାବେ ନିଷ୍କାସିତ ହୋଇ ନପାରି ମହାଲକ୍ଷ୍ମୀନଗର, ଭଗବତୀ ନଗର ଏବଂ ତେଲିଗୋଠପଡାର କେତେକ ଅଞ୍ଚଳରେ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା। ହଠାତ୍ ରାତିରେ ଅଧିକ ପାଣି ଆସି ରାସ୍ତା ଉପରକୁ ଉଛୁଳି ଉଠିବା ସହ କିଛି ସ୍ଥାନରେ ଅଟକି ରହିଥିଲା। ଏଭଳି ସ୍ଥିତି ସମ୍ପର୍କରେ ଖବର ପାଇବା ପରେ ମ୍ୟୁନିସିପାଲିଟି ଟିମ୍ ପ୍ରଭାବିତ ଅଞ୍ଚଳ ଗସ୍ତ କରି ବିଭିନ୍ନ ସ୍ଥାନରେ ଅଟକ ରହିଥବା ଜଳ ନିଷ୍କାସନ ସକାଶେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିଥିଲେ। ତେଲିଗୋଠପଡା ଠାରେ ଜଳ ଅଟକି ରହିଥିବାରୁ ସେଠାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫରମର ଘେରା ଭିତରକୁ ପାଣି ପଶିଯାଇଥିଲା। କୌଣସି ଲୋକ ସେଠାରେ ଜଳ ସଂସ୍ପର୍ଶରେ ଆସିଥିଲେ ପରିସ୍ଥିତି ଜଟିଳ ହୋଇଥାନ୍ତା। ଏହା ସହିତ ତେଲିଗୋଠପଠାରୁ ଭଗବତୀ ନଗର ଭିତର ରାସ୍ତା ଉପରେ ପାଣି ଛୁଟୁଥିବାରୁ ଲୋକେ ଯିବା ଆସିବାରେ ଅସୁବିଧା ଭୋଗିଥିଲେ। ସେଠାରେ ଡ୍ରେନ୍ ନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଲୋକେ କହିଛନ୍ତି। ପୂର୍ବରୁ ମହାରାଣୀ ସାଗରରୁ ଜଳ ନିଷ୍କାସିତ ହେଉଥିବା ନାଳା ଜବରଦଖଲ କରାଯାଇଥିବାରୁ ଏଠାରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏଭଳି ସ୍ଥିତି ସମ୍ପର୍କରେ ଜାଣିବା ପରେ ମ୍ୟୁନିସିପାଲିଟିର ଏକ ଟିମ୍ ବୁଧବାର ସକାଳେ ମ୍ୟାପ୍ ଧରି ନାଳା ଖୋଜା ଅଭିଯାନରେ ବାହାରିଥିବା ଦେଖାଯାଇଥିଲା। ମହାରାଣୀ ସାଗରରୁ ଯେଉଁ ନାଳାରେ ଜଳ ନିଷ୍କାସନ ହେଉଥିଲା ସେଇ ନାଳାଟି କେଉଁଠାରେ ଜବରଦଖଲ ହୋଇଛି ଏକ ସ୍ୱତନ୍ତ୍ର ଟିମ୍ ସେନେଇ ସ୍ଥିତି ଯାଞ୍ଚ କରିଥିଲେ। ତେବେ ନାଳା ଖୋଜିବା ଅଭିଯାନ ନକରି ହିଡ କାଟିଲା ପରେ ଜଳ ନିଷ୍କାସନ ଠିକ୍ ନ ହେବାରୁ ନାଳା ଖୋଲିବା ଅଭିଯାନରେ ମ୍ୟୁନିସିପାଲିଟି ଟିମ୍ ବାହାରିବା ଘଟଣାକୁ ଲୋକେ ସମାଲୋଚନା କରିଥିଲେ। ରାଜାରାଜୁଡା ଅମଳରୁ ଏକ ଯୋଜନାବଦ୍ଧ ସହ ଏବଂ ବିଶେଷକରି ବର୍ଷାଜଳ ଓ ଡ୍ରେନ୍ ପାଣି ନିଷ୍କାସନ ପାଇଁ ଖ୍ୟାତି ଅର୍ଜନ କରିଥିବା ବଲାଙ୍ଗୀର ସହର ଏବେ ଜବରଦଖଲ ଏବଂ ଅବ୍ୟବସ୍ଥିତ ସହର ହୋଇଯାଇଛି। ସହରର ମହାରାଣୀ ସାଗରରୁ ରୁଗୁଡିମୁଣ୍ଡା, ପ୍ରତାପ ସାଗର, ରାଣୀବନ୍ଧ, ନୃସିଂହବନ୍ଧ, କରଙ୍ଗାକଟା, ମାରୱାଡି ବନ୍ଧ, ଗେଟସରୋବର ଏବଂ ବିଷ୍ଣୁମୁଣ୍ଡା ବନ୍ଧକୁ ଯେଉଁ ଜଳ ପରିଚାଳନା ହୋଉଥିଲା ତାହା ଏବେ ଇତିହାସ ପାଲଟି ଗଲାଣି। ସହରର ଜଳ ନିଷ୍କାସନ ବ୍ୟବସ୍ଥାକୁ ପୁନରୁଦ୍ଧାର କରିବା ପାଇଁ ଠୋସ୍ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କ ପଚାରିବାରୁ ମହାରାଣୀ ସାଗର ପ୍ରଥମ ଫେଜ୍ ପୁନରୁଦ୍ଧାର କାମ ଆରମ୍ଭ ହୋଇଛି। ଜଳାଶୟ ହିଡ କଟାଗଲା ପରେ କେତେକ ସ୍ଥାନରେ ଜଳ ନିଷ୍କାସନରେ ଅସୁବିଧା ହୋଇଥିବା ଖବର ମିଳିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶରେ ମ୍ୟୁନିସିପାଲିଟି ଓ ତହସିଲ ଅଫିସର ଏକ ଟିମ୍ ଯାଇ ଯେଉଁ ଅଞ୍ଚଳ ତଦାରଖ କରିଛନ୍ତି। ସେଠାରେ ଜବରଦଖଲ ଥିଲେ ଉଚ୍ଛେଦ କରାଯିବ ଏବଂ ଡ୍ରେନ୍ ନିର୍ମାଣ ହେବ ବୋଲି କହିଛନ୍ତି।

## ମହାରାଣୀ ସାଗର ଉନ୍ନୟନ କାର୍ଯ୍ୟ

# ବ୍ଲକସ୍ତରୀୟ ଶିଶୁମେଳା

ମୁରିବାହାଲ,୨୦।୧୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗୁରୁଣ୍ଡା ହାଇସ୍କୁଲ ପରିସରରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତରଫରୁ ବ୍ଲକସ୍ତରୀୟ ଶିଶୁ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ମୁରିବାହାଲ ବ୍ଲକ ସଭାପତି ବିନୋଦ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବକୁ ଗୋଇମୁଣ୍ଡ ସରପଞ୍ଚ କାଳିଆ ସରାପ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥି ଭାବେ ଓଷ୍ଟା ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦୀପ ପୁଟେଲ, ବ୍ଲକ ସମ୍ପାଦକ ରାଜୀବ କୁମାର ମହାନ୍ତି, ଗୁରୁଣ୍ଡା ହାଇସ୍କୁଲ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସରାପ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତୁଲେ ମାଝି ଯୋଗ ଦେଇଥିଲେ। ଗୁରୁଣ୍ଡା ହାଇସ୍କୁଲ ସହିତ ମୁରିବାହାଲ ବ୍ଲକର ଆଠଟି ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ତର୍କ, ସଙ୍ଗୀତ, କ୍ୱିଜ, ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁ ମେଳାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ମୁରିବାହାଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢିହାରୀ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଓଷ୍ଟାର ଜିଲା ସମ୍ପାଦକ କୁଶଧ୍ୱଜ ସାହୁ, ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ଲୋକନାଥ ମେହେର, ବିଦ୍ୟାଳୟର ପୂର୍ବତନ ସଭାପତି କଶ୍ୟପ ସରାଫ, ଓଷ୍ଟା ବ୍ଲକ ସମ୍ପାଦକ ରାଜୀବ କୁମାର ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ଓଷ୍ଟା ସଭାପତି ମହାପାତ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଓଷ୍ଟା ବଙ୍ଗୋମୁଣ୍ଡା ବ୍ଲକ ସଭାପତି ଅରୁଣ କୁମାର ବାରିକ, ସମ୍ପାଦକ ରସାନନ୍ଦ ମହାପାତ୍ର, ବ୍ଲକ ଓଷ୍ଟାର କର୍ମକର୍ତ୍ତା, ଗୁରୁଣ୍ଡା ହାଇସ୍କୁଲ ଶଇକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।



ମୁରିବାହାଲ ବ୍ଲକସ୍ତରୀୟ ଶିଶୁ ମେଳାରେ ମଞ୍ଚାସୀନ ଅତିଥି।

# ଡିଏଭି ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଟିଟିଲାଗଡ଼, ୨୦।୧୨(ଶରତ ମିଶ୍ର)

ନୂଆ-ଓ ଯୁବ ଓଡିଶା ନବୀନ ଓଡ଼ିଶା ଯୋଜନାରେ ଟିଟିଲାଗଡ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟରେ କ୍ରୀଡା ପ୍ରତିଯୋଗିତା ସହ ଶିକ୍ଷଣ କାର୍ଯ୍ୟକ୍ରମ, ସାମାଜିକ ସେବା, ସାଂସ୍କୃତିକ କାର୍ଯ୍ୟକ୍ରମ ଅଆୟୋଜିତ ହୋଇଛି। ବୁଧବାର ମହାବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଣବ କିଶୋର ପୁରୋହିତ, ତାଙ୍କ ସ୍ତ୍ରୀ ହିମାନୀ ପୁରୋହିତ, ପରୀକ୍ଷା ନିୟନ୍ତ୍ରକ ଡ. ଉମେଶ ଚନ୍ଦ୍ର ସାହୁ, ପ୍ରଦୀପ ମେହେର, ସୁରଥ ନାଏକ, ଅର୍ଣ୍ଣବ ଦାସ, ରିତେଶ ବେହେରା, ଲିପିନ ତ୍ରିପାଠୀ ପ୍ରମୁଖ ଅଧାପିକା ଅଧାପକ ଏବଂ ଛାତ୍ରଛାତ୍ରୀ ରକ୍ତଦାନ କରିଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ଦୋଳଗୋବିନ୍ଦ ବିଶି, ପ୍ରଫେସର ବିଧାନଚନ୍ଦ୍ର ମିଶ୍ର, ଡ. କୃଷ୍ଣଚନ୍ଦ୍ର ଶତପଥି, ମନୋଜ ପଟେଲ, ବେଦବର ରଣା, ଲିଙ୍ଗରାଜ ବେହେରା, ପ୍ରଦୀପ ମେହେର, ଅଲକାନନ୍ଦ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଅଧିକାରୀ ଡା. କୃଷ୍ଣଚନ୍ଦ୍ର ପାଳଙ୍କ ତତ୍ତ୍ୱାବଧାନରେ ଟିଟିଲାଗଡ ରେଡକ୍ରସ ବ୍ଲଡବ୍ୟାଙ୍କ ବିଶେଷଜ୍ଞ ଗଜେନ୍ଦ୍ର ନାଥ ରାଉତ, ଜୟରାମ ମଛଖଣ୍ଡ, ବିନୟ ସାହୁ, ହରେନ୍ଦ୍ର ପଣ୍ଡା, ବିମଳ ହାତୀ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।



ଶିବିରରେ ଅଧକ୍ଷ ରକ୍ତଦାତାଙ୍କୁ ଉତ୍ସାହିତ କରୁଛନ୍ତି।

## ସଂକ୍ଷେପରେ

### ୬ଦାଦନ ଶ୍ରମିକ ଉଦ୍ଧାର, ୨ଗିରଫ

ଖପ୍ରାଖୋଲ, ୨୦।୧୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ବେଆଇନ ଦାଦନ ଚାଲାଣ ବେଳେ ଚଢାଉ କରି ୬ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ସେମାନଙ୍କ ସହ ୭ଜଣ ଶିଶୁ ରହିଛନ୍ତି। ଉଦ୍ଧାର ସମସ୍ତ ଶ୍ରମିକ ଲରମ୍ଭା ଥାନା ବଡ ଉଡେନ ଗାଁର ବୋଲି ଜଣାପଡିଛି। ସୂଚନା ଅନୁସାରେ ବୁଧବାର ସକାଳେ ଏକ ବୋଲେରୋରେ କେତେଜଣ ଶ୍ରମିକଙ୍କୁ ଚାଲାଣ କରାଯାଉଥିବା ସୂଚନା ପାଇ ପୋଲିସ ହରିଶଙ୍କର ଛକ ନିକଟରେ ଗାଡିକୁ ଅଟକାଇ ଥିଲା। ପଚାରାଉଚରା ବେଳେ ଶ୍ରମିକ ମାନଙ୍କୁ ବେଆଇନ ଭାବେ ଚାଲାଣ କରାଯାଉଥିବା ଜାଣିବାକୁ ପାଇଥିଲା। ପରେ ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କ ଘରକୁ ପଠେଇ ଦିଆଯାଇଥିବା ପୋଲିସ କହିଛି। ବେଆଇନ ଚାଲାଣ ଅଭିଯୋଗରେ ମଧ୍ୟସ୍ଥ ତୁରେକେଲା ଥାନା ଗଭରା ଗାଁର ରାମେଶ୍ୱର ସମରଥ ଓ ଗାଡ଼ି ଡ୍ରାଇଭର କ୍ଷମା ପ୍ରସାଦ ବାଗଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ମୁଖ୍ୟ ଚାଲାଣକାରୀ ଗଭରା ଗାଁର ଦଶରଥ ସମରଥ ଫେରାର ହୋଇ ଯାଇଛନ୍ତି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୨୬୯/୨୩)ରୁଜୁ ହୋଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି।

### ମହିଳା ସ୍ନାତକ କଲେଜରେ ଯୋଗ ଶିବିର

କଣ୍ଟାବାଞ୍ଜି, ୨୦।୧୨(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମରେ ବୁଧବାର ଏକ ଯୋଗ ଶିବିର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଯାଇଛି। ଉକ୍ତ ଶିବିରରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା କଣ୍ଟାବାଞ୍ଜି ଯୋଗ ଶିବିର ସଭ୍ୟ ବୃନ୍ଦାବନ ନାଗ ଓ ସଭ୍ୟ ଦୁଃଖୀଶ୍ୟାମ ରାଏ ଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାରର ଯୋଗାଶନ ବିଷୟରେ ତାଲିମ ଦେଇଥିଲେ। ଏଥିରେ ପ୍ରାୟ ୨୫୦ଛାତ୍ରୀ ଅଂଶଗ୍ରହଣ କରିଥିଲେ। ନୋଡାଲ ଅଫିସର ଅଧାପକ ଯୁଧିଷ୍ଠିର ବେହେରା, ଡକ୍ଟର ନେପାଲ ସେଠୀ, ରାଜୀବ କୁମାର ମେହେର, ଅଧାପିକା ଲିପାନିତା ପାଧାନ, ନିରବତି ପ୍ରଧାନ, କଲ୍ୟାଣୀ ମେହେର ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ

ଟିଟିଲାଗଡ଼, ୨୦।୧୨(ଶରତ ମିଶ୍ର)

ନୂଆ-ଓ କାର୍ଯ୍ୟକ୍ରମ ଅନୁଯାୟୀ ଟିଟିଲାଗଡ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ବୁଧବାର ସ୍ଥାନୀୟ ବାଳକ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଛି। ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଯୋଜନା ଅନୁଯାୟୀ ପ୍ରତିଯୋଗିତାରେ ପ୍ରଥମ ଦଳକୁ ୨୦ହଜାର, ଦ୍ୱିତୀୟ ଦଳକୁ ୧୫ ହଜାର ଏବଂ ତୃତୀୟ ଓ ଚତୁର୍ଥ ଦଳଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। କ୍ରିକେଟରେ ଭାଲେଗାଁ ପ୍ରଥମ, ବାନ୍ଧୁପଲା ଦ୍ୱିତୀୟ, କତରକେଲା ତୃତୀୟ ଏବଂ ବିଜେପୁର ଚତୁର୍ଥ ହୋଇଥିଲେ। କବାଡିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରଥମ, ସିହିନି ଦ୍ୱିତୀୟ, ସିହିନି ୱାରିୟର୍ସ ତୃତୀୟ, ଖୋଖୋରେ ମନିଗାଁ ପ୍ରଥମ, କତରକେଲା ଦ୍ୱିତୀୟ, ଛତାଭଟା ତୃତୀୟ, ଭଲିବଲରେ ବୋରଭଟା ପ୍ରଥମ, ଖୋଲାନ ଦ୍ୱିତୀୟ, କୁର୍ସୁଡ ତୃତୀୟ ହୋଇଥିଲେ। ହକିରେ ବୋରଭଟା ପ୍ରଥମ, କତରକେଲା ଦ୍ୱିତୀୟ, ବଜରଙ୍ଗି ଉଲେଭେନ ତୃତୀୟ, ଫୁଟବଲରେ କୁରସୁଡ ପ୍ରଥମ, ଭାଟିପଡା ଦ୍ୱିତୀୟ, ନାରେନ ତୃତୀୟ, କବାଡି ମହିଳାରେ ମନିଗାଁ ପ୍ରଥମ, ସିହିନୀ ଦ୍ୱିତୀୟ, ସିଲୁଆଁ ତୃତୀୟ, କୁଶକେଲା ଚତୁର୍ଥ, ଖୋଖୋ ମହିଳାରେ ସିଲୁଆଁ ପ୍ରଥମ, ସିଲୁଆଁ ବାଉମ୍ବର ଦ୍ୱିତୀୟ ବିବେଚିତ ହୋଇଥିଲେ। ବିଡିଓ ସୁଶାନ୍ତ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଟିଟିଲାଗଡ ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ବ୍ଲକ ଉପାଧ୍ୟକ୍ଷା ଜଗତରାମ ରଣା, ଜିଲା ପରିଷଦ ସଭ୍ୟା ଗୀତା ବିଶି, ସଞ୍ଜୟ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଶିବାନୀ ପ୍ରଧାନ, ସରପଞ୍ଚ ଯମୁନା ମହାନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ।



କ୍ରିକେଟରେ ପ୍ରଥମ ଭାଲେଗାଁ ଦଳ ଖେଳାଳିଙ୍କୁ ମନ୍ତ୍ରୀ ଟୁକୁନୀ ସାହୁ ପୁରସ୍କୃତ କରୁଛନ୍ତି।

# କୋଶଳ ରାଜ୍ୟ ଗଠନ ପାଇଁ ଆହ୍ୱାନ

ଦେଓଗାଁ,୨୦।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଚନ୍ଦ୍ରପୁର ସାଇ ମନ୍ଦିର ପରିସରରେ କୋଶଳ ସଂଗ୍ରାମୀ ସଂଗଠନ ତରଫରୁ ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସେବକ ବାରିକଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ଓଡ଼ିଶା ପ୍ରତି ବୈମାତୃକ ମନଭାବ ଓ କୋଶଳାଞ୍ଚଳ ପ୍ରତି ସରକାରଙ୍କ ଅବହେଳା ଯୋଗୁ କୋଶଳ ରାଜ୍ୟ ଆନ୍ଦୋଳନ ତୀବ୍ର ହେଉଛି। ଏହାକୁ ଯେଉଁମାନେ ବିରୋଧ କରୁଛନ୍ତି ସେମାନଙ୍କୁ ଆଗାମୀ ଦିନରେ ଅଞ୍ଚଳରେ ପୂରାଇ ଦିଆଯିବ ନାହିଁ ବୋଲି ଚେତାବନୀ ଦିଆଯାଇଥିଲା। କୋଶଳ ରାଜ୍ୟ ହେଲେ ପଶ୍ଚିମ ଓଡ଼ିଶାର ବିକାଶ ଓ ଅଞ୍ଚଳର ଉନ୍ନତି ପାଇଁ କାହାକୁ ଭିକ୍ଷା ମାଗିବାକୁ ପଡିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଯୁବଶକ୍ତି ଆନ୍ଦୋଳନର ପ୍ରମୁଖ ଭୂମିକା ନେବା ପାଇଁ ଏହି ଅବସରରେ ଶପଥ ନେଇଥିଲେ। ଲୁକାସ ଦୀପ ସ୍ୱାଗତ ଭାଷଣ ଦେଇଥିଲେ।

# ସିସିଟିଭି ମନିଟରିଂ ବ୍ୟବସ୍ଥା ଉଦ୍‌ଘାଟିତ

ଟିଟିଲାଗଡ଼, ୨୦।୧୨(ଶରତ ମିଶ୍ର)

ଟିଟିଲାଗଡ଼ରେ ସହରରେ ଅପରାଧ ତଥା ଟ୍ରାଫିକ ନିୟନ୍ତ୍ରଣ ପାଇଁ ବହୁ ପ୍ରତିକ୍ଷିତ ସିସିଟିଭି ମନିଟରିଂ ବ୍ୟବସ୍ଥା ବୁଧବାର ଉଦ୍‌ଘାଟନ ହୋଇଛି। ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥି, ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ସମ୍ମାନୀତ ଅତିଥି ଭାବେ ଯୋଗଦେଉ ଟିଟିଲାଗଡ଼ ଥାନା ପରିସରରେ ଏହାର ମନିଟରିଙ୍ଗ ସିଷ୍ଟମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ସାହୁ କହିଥିଲେ ଟିଟିଲାଗଡ଼ ଅଞ୍ଚଳର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ କେବେ ପାଣ୍ଠିର ଉଣା କରିନାହାନ୍ତି। ଟିଟିଲାଗରେ ଏକ ଷ୍ଟାଡିୟମ ପ୍ରତିଷ୍ଠା ଏବଂ ମହାରାଜ ସାଗରରେ ବିଦ୍ୟୁତ୍ ଆଲୁଅ ବ୍ୟବସ୍ଥା ପାଇଁ ପାଣ୍ଠି ବରାଦ କରାଯିବ ବୋଲି କହିଥିଲେ । ପଶ୍ଚିମ ଓଡିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବ ଅପେକ୍ଷା ବିକାଶ ପରିଷଦକୁ ୪ ଗୁଣା ଅଧିକ ପାଣ୍ଠି ପ୍ରଦାନ କରୁଥିବା ବିକାଶ ପରିଷଦ ଅଧ୍ୟକ୍ଷ ତ୍ରିପାଠୀ କହିଥିଲେ। କାର୍ଯ୍ୟକ୍ରମରେ ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼.ଅଜିତ ମିଶ୍ର, ବୈଷୟିକ ପରାମର୍ଶଦାତା ସୁନୀଲ ନାୟକ, ଟିଟିଲାଗଡ଼ ଉପଜିଲାପାଳ ଦୟାମୟ ପାଢ଼ୀ, ବଲାଙ୍ଗୀର ଏଏସପି ବିଦ୍ୟୁତ୍ ପଣ୍ଡା, ଟିଟିଲାଗଡ଼ ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର, ଥାନା ଆଇଆଇସି ମନୋଜ ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ପ୍ରେମ ଜୈନ, ଜିଲା ପରିଷଦ ସଭ୍ୟ ଗୀତା ବିଶି, କାଉନସିଲର ଟିନୁ ଅଗ୍ରୱାଲ, ସୁନିତା ଦାଶ, ବୁଲୁ ଆଚାର୍ଯ୍ୟ, ସନ୍ଦୀପ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।




ଉଦ୍‌ଘାଟନୀ ଉତ୍ସବରେ ଅତିଥି ବୃନ୍ଦ।

# ୮୮୨ହେକ୍ଟର ଖରିଫ ଧାନଫସଲ କ୍ଷତିଗ୍ରସ୍ତ

ଲୋଇସିଂହା,୨୦।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ପଞ୍ଚାୟତ ସମିତିର ପଞ୍ଚମ ବୈଠକ ବ୍ଲକ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଅଧ୍ୟକ୍ଷତା କରିଥିଲେ। ନୂତନଭାବେ ଯୋଗଦେଇଥିବା ବିଡିଓ ଯୁଧିଷ୍ଠିର ମେହେରଙ୍କୁ ବ୍ଲକ ଅଧ୍ୟକ୍ଷ ଓ ଜନପ୍ରତିନିଧି ସ୍ୱାଗତ ଜଣାଇଥିଲେ। ଭାରପ୍ରାପ୍ତ ବ୍ଲକ କୃଷି ଅଧିକାରୀ ସୁଜାତା ଛାତ୍ରିଆ ୨୦୨୩-୨୪ ବର୍ଷ ପାଇଁ ବିଭାଗ ପକ୍ଷରୁ ଧାନ, ମୁଗ, ରାଶି ଆଦି ପରୀକ୍ଷାମୂଳକ ଚାଷ ଏବଂ କିଟ୍ ବଣ୍ଟନ ସମ୍ପର୍କରେ ସୂଚନା ଦେଇଥିଲେ । ଚଳିତ ଡିସେମ୍ବର ମାସରେ ହୋଇଥିବା ଅଦିନିଆ ବର୍ଷାରେ ବ୍ଲକର ୮୮୨ ହେକ୍ଟର ଅମଳ ଧାନ କ୍ଷତିଗ୍ରସ୍ତ ହୋଇଥିବା ସେ ସୂଚନା ଦେଇଥିଲେ। କ୍ଷୟକ୍ଷତି ଆକଳନ ଏବଂ ବିଭିନ୍ନ କିଟ୍ ବଣ୍ଟନ ବେଳେ କୃଷି ବିଭାଗ କୌଣସି ସୂଚନା ଦେଉ ନ ଥିବାରୁ ସରପଞ୍ଚ ଓ ସମିତି ସଭ୍ୟମାନେ ବୈଠକରେ ପ୍ରତିକ୍ରିୟା ପ୍ରକାଶ କରିଥିଲେ।

ଜନସ୍ୱାସ୍ଥ୍ୟ ଯନ୍ତ୍ରୀ ପ୍ରସାଦ ସାମନ୍ତରାୟ ଲୋଇସିଂହା ପଞ୍ଚାୟତ ଢୋଲମହୁଲ ସମେତ ବୁଢୀପଦର, ବୁର୍ଡା, କୁଟେନପାଲି, କନ୍ଦାଜୁରୀ ଓ ଝାରମୁଣ୍ଡା ଆଦି ୫ ପଞ୍ଚାୟତକୁ ମେଗ ପ୍ରକଳ୍ପ ଜରିଆରେ ପାନୀୟ ଜଳଯୋଗାଣ ପାଇଁ ପଦକ୍ଷେପ ନିଆଯାଉଛି। ଏହି ପ୍ରକଳ୍ପ ଆଗଲପୁର ଅଞ୍ଚଳରୁ କାମ ହୋଇ ଆସୁଥିବା ସୂଚନା ଦେଇଥିଲେ। ସରପଞ୍ଚଙ୍କ ଅଗୋଚରରେ ଏସିଏମ୍‌ମାନଙ୍କୁ ନଳକୂପ ସାମଗ୍ରୀ ପ୍ରଦାନ କରାଯାଉଥିବାରୁ ସରପଞ୍ଚମାନେ କ୍ଷୋଭ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ ଉପରେ ପିଏଚଇଓ ରମେଶ ସାହୁ କହିଥିଲେ ଯେ, ଆସନ୍ତା ଫେବୃୟାରୀ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଫେଲେରିଆମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ରହିଛି । ଏଥିରେ ଜନପ୍ରତିନିଧିଙ୍କ ସହଭାଗିତା ସେ ଲୋଡିଥିଲେ। ବ୍ଲକରେ ୧୪ଟି ସବସେଣ୍ଟର ରହିଛି। ତେବେ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ କରିବା ପାଇଁ ଆଉ ୬ ପଞ୍ଚାୟତରେ ସବ୍‌ସେଣ୍ଟର ଖୋଲିବା ପାଇଁ ପ୍ରସ୍ତାବ ହୋଇଥିବା ସେ କହିଥିଲେ। ବିଇଓ ରୀନାକୁମାରୀ କହିଥିଲେ ଯେ, ସ୍କୁଲରେ ଶିକ୍ଷକ ଅଭାବ ରହିଛି । ଏହାସତ୍ତ୍ୱେ ଛାତ୍ରୀଛାତ୍ରମାନେ ସୁରଭି, ଜାତୀୟ ବିଜ୍ଞାନ କଂଗ୍ରେସ ଓ ବିଜ୍ଞାନ ମେଳାରେ ପ୍ରତିଭା ଦେଖାଇ ବ୍ଲକ ଠୁ ରାଜ୍ୟସ୍ତର ପର୍ଯ୍ୟନ୍ତ ପ୍ରଶଂସିତ ହୋଇଛନ୍ତି। ଆସନ୍ତା ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତ ଅଧିକ ମାର୍କ ରଖିବା ପାଇଁ ୩୦ ଛାତ୍ରଛାତ୍ରଙ୍କୁ ନେଇ ଆସନ୍ତା ଜାନୁୟାରୀ ୨୦୨୪ରୁ ମାନସ ମନ୍ଥନ କାର୍ଯ୍ୟକ୍ରମ ରହିଥିବା ସେ ସୂଚନା ଦେଇଥିଲେ। ସିଡିପିଓ ଗାୟତ୍ରୀ ବାରିକ କିଶୋରୀମାନଙ୍କ ପାଇଁ କାର୍ଯ୍ୟକାରୀ ହେବାକୁ ଯାଉଥିବା ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଟେଣ୍ଡ ପାଇଁ ଏଣିକି ଟେଣ୍ଡର ବ୍ୟବସ୍ଥା କରିବାକୁ ଲୋଇସିଂହା ସରପଞ୍ଚ ନବକିଶୋର ନାଏକ ଦୃଷ୍ଟି ଆକର୍ଷଣ କରିଥିଲେ । ଜିପିଓ କିଶୋର ମାନସିଂ ଧନ୍ୟବାଦ ଅର୍ପଣ କରିଥିଲେ ।




ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି।

## ଲୋଇସିଂହା ପଞ୍ଚାୟତ ସମିତି ବୈଠକ

## ସଂକ୍ଷେପରେ

### କୁଲତା ଜାତିର ଇଷ୍ଟ ବଡଦେବଙ୍କ ପୂଜା



ସୋହେଲା, ୨୦।୧୨(ଅଶ୍ୱିନୀ କୁମାର ପାତ୍ର): ବରଗଡ ଜିଲା ସୋହେଲା ବ୍ଲକ ଗର୍ଭଣାଠାରେ ବଲାସିଂହା କୁଲତା ଜାତିର ଇଷ୍ଟଦେବ ବଡଦେବଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମର ୧୦ଟି ଜିଲା ଏବଂ ପଡ଼ୋଶୀ ଚତିଶଗଡ଼ର ଆଠଟି ଜିଲାରେ ବସବାସ କରୁଥିବା ବଲାସିଂହା କୁଲତାମାନେ ପ୍ରତି ତିନି ବର୍ଷରେ ଥରେ ଗର୍ଭଣାର ଝାରଗୁଡିଠାରେ ଥିବା ବଡଦେବଙ୍କ ପୀଠରେ ଏକତ୍ରିତ ହୋଇ ପୂଜାର୍ଚ୍ଚନା ସହ ବଳି ମଧ ଦେଇଥାନ୍ତି। ମରହଟ୍ଟା ଶାସନ ଅମଳରୁ ଏହି ପୂଜା ହୋଇଆସୁଥିବା ଲୋକଶ୍ରୁତିରୁ ଜଣାପଡ଼େ ବୋଲି ଗର୍ଭଣାର୍ ବୟୋଜ୍ୟେଷ୍ଠ ରାଧାଚରଣ ସାହୁ ଏବଂ ଯାଚକେଶ୍ୱର ସାହୁ ସୂଚନା ଦେଇଛନ୍ତି। କୁଳିତାମାନଙ୍କର ପୂଜାବିଧି ନିଆରା ହୋଇଥାଏ। ପୂଜାର ପ୍ରସ୍ତୁତି ଠାରୁ ଶେଷ ପର୍ଯନ୍ତ ସମ୍ପୂର୍ଣ୍ଣ ନୀରବ ରହିଥାନ୍ତି। କଳା ବସ୍ତ୍ର ଆଦୌ ପରିଧାନ କରିନ ଥାନ୍ତି। ପୂଜା ସମୟରେ ଗୋଟିଏ ଗୋଡରେ ଛିଡ଼ା ହୋଇ ପୂଜା କରିଥାନ୍ତି। କେଶ ମୁକୁଳା ରଖିଥାନ୍ତି । ପ୍ରତି ତିନି ବର୍ଷରେ ଥରେ ମାର୍ଗସିର ମାସ ଶୁକ୍ଳପକ୍ଷ ଅଷ୍ଟମୀ ଏବଂ ନବମୀ ତିଥିରେ ଏହି ପୂଜା କରାଯାଏ। ଏହି ପୂଜାରେ ଧର୍ମଦେବତା (ସୂର୍ଯ୍ୟ), ବଡଦେବ (ଶିବ), ଦେବୀ କଳାପାଟ,ତାଙ୍କ ପାର୍ଶ୍ୱଦେବ ଜରେଳ ସିଂ ଓ କୁରେଳ ସିଂ ଙ୍କୁ ପୂଜା କରାଯାଏ। ଶହ ଶହ ମହିଳା ଏବଂ ପୁରୁଷ ମାନସିକ ରଖି ଅଧିଆ ପଡିଥାନ୍ତି। ଗଗନ ବିହାରୀ ସାହୁ ଏବଂ ତାଙ୍କର ଏଗାର ଜଣ ସାଥୀ ପୂଜକ ପୂଜା କାର୍ଯ୍ୟ ତୁଲାଉଛନ୍ତି। ଚଳିତବର୍ଷ ୧୫୦ ଯୋଡ଼ା ବୋଦା ବଳି ପଡ଼ିଛି ବୋଲି ଜଣାପଡ଼ିଛି। ଆୟୋଜନ କମିଟିରେ ଗୋବିନ୍ଦ ସାହୁ ସଭାପତି, ପ୍ରହଲ୍ଲାଦ ସାହୁ ସମ୍ପାଦକ ରହିଛନ୍ତି।

### ବ୍ଲକ ମିଶନ ଶକ୍ତି ଭବନ ଉଦ୍‌ଘାଟିତ

ପଦ୍ମପୁର, ୨୦।୧୨ (ପ୍ରଦୀପ୍ତ ଦାଶ): ରାଜବୋଡାସମ୍ବର ବ୍ଲକ ମିଶନ ଶକ୍ତି ଭବନ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦ୍ରମଣୀ ନାଗ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମିନାକ୍ଷୀ ରାଜ, ବିପିସି ପରେଶ ବେହେରା, ବିଏଲସି ଯୋଗେଶ୍ୱରୀ ଧରୁଆ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ ମହାସଂଘ ସଦସ୍ୟ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଅତାବିରା,୨୦।୧୨(ହୃଷୀକେଶ ଖମାରୀ): ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ



କୁମେଲସିଂହା ଗ୍ରାମର ଧର୍ମପ୍ରାଣା ମହିଳା ମୀରା ପାଣିଗ୍ରାହୀଙ୍କ ବୁଧବାର ସକାଳେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୮୨ବର୍ଷ ହୋଇଥିଲା। ପଣ୍ଡିତ ଭୁବନେଶ୍ୱର ପାଣିଗ୍ରାହୀଙ୍କ ଧର୍ମପତ୍ନୀ ସ୍ୱର୍ଗତା ପାଣିଗ୍ରାହୀ ଗ୍ରାମରେ ଅନୁଷ୍ଠିତ ଭାଗବତ, ଗୀତା, ପୂଜାପାଠ ଆଦି ଧାର୍ମିକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ଆସୁଥିଲେ। ତାଙ୍କ ପରଲୋକରେ ଗ୍ରାମରେ ଗଭୀର ଶୋକପ୍ରକାଶ ପାଇଛି। ସ୍ୱର୍ଗତା ପାଣିଗ୍ରାହୀଙ୍କ ମୃତଦେହକୁ ଏକ ଶୋଭାଯାତ୍ରାରେ ରୂପାପାଲି ଝାଇଁଯୋର ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ସେଠାରେ ତାଙ୍କ ବଡ଼ପୁଅ ଧନୀରାମ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ପାଣିଗ୍ରାହୀ ତାଙ୍କ ମୃତ୍ୟୁପଛରେ ସାନପୁଅ ପୁରନ୍ଦର, ୫ଝିଅ, ନାତିନାତୁଣୀ ଏବଂ ଆତ୍ମୀୟସ୍ୱଜନଙ୍କୁ ଛାଡ଼ି ଯାଇଛନ୍ତି । ଜନକଲ୍ୟାଣ ସେବା ଟ୍ରଷ୍ଟର ସଭାପତି ମୁକୁନ୍ଦ ଦାଶଙ୍କ ସମେତ ଗ୍ରାମର ଏକତା ଯୁବକ ସଂଘ, ଦଧିବାମନ ପାଲାମଞ୍ଚ ପ୍ରମୁଖ ଅନୁଷ୍ଠାନର କର୍ମକର୍ତ୍ତାମାନେ ସ୍ୱର୍ଗତା ପାଣିଗ୍ରାହୀଙ୍କ ଶେଷ ଦର୍ଶନ ସହିତ ଶୋକ ପ୍ରକାଶ କରିଥିଲେ।

# କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମବାସୀଙ୍କ ଧାରଣା

- ମନ୍ଦିରକୁ ଧକ୍କାଦେଲା ବାଲିବୋଝେଇ ଗାଡ଼ି
- କ୍ଷତିଗ୍ରସ୍ତ ହେଲା ଦୁର୍ଗା ମନ୍ଦିର
- ପ୍ରତିଶ୍ରୁତି ମିଳିବା ପରେ ଧାରଣା ଉଠିଲା

ବରଗଡ଼,୨୦।୧୨(ପ୍ରେମାନନ୍ଦ ଖମାରୀ)



କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମବାସୀଙ୍କ ଧାରଣା ।

ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ଗ୍ରାମର ଦୁର୍ଗା ମନ୍ଦିରକୁ ଏକ ବାଲି ବୋଝେଇ ଗାଡ଼ି ଧକ୍କା ଦେଇଛି। ଏଥିରେ ମନ୍ଦିର କ୍ଷତିଗ୍ରସ୍ତ ହୋଇଛି। ଏହାକୁ ନେଇ ବୁଧବାର ଗ୍ରାମରେ ଚାପା ଉତ୍ତେଜନା ଦେଖାଯାଇଥିଲା। ଗ୍ରାମବାସୀ ମନ୍ଦିର ସମ୍ମୁଖରେ ଧାରଣାରେ ବସି କାର୍ଯ୍ୟାନୁଷ୍ଠାନ ଦାବି କରିବା ସହିତ ବାଲି ବୋଝେଇ ହାଇୱା ଗାଡ଼ିକୁ ଅଟକ ରଖିଥିଲେ। ପରେ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲା ଏବଂ ଗାଡ଼ି ମାଲିକ କ୍ଷତିଗ୍ରସ୍ତ ଅଂଶକୁ ନୂତନଭାବେ ନିର୍ମାଣ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ଉଠିଥିଲା।

ପ୍ରକାଶଯେ, ଜୀରାନଦୀରୁ ଖୁଣ୍ଟପାଲି ଦେଇ ବାଲି ଚାଲାଣ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଗ୍ରାମର ବାଲିଯାତ୍ରା ଘାଟରୁ ଦିନରାତି ବାଲି ଚାଲାଣ ହେଉଥିବାବେଳେ ବାଲି ବୋଝେଇ ଗାଡ଼ିଗୁଡ଼ିକ ପାଇଁ ଗ୍ରାମର ରାସ୍ତାରେ ଯାତାୟାତ ମଧ୍ୟ ବିପଦସଙ୍କୁଳ ହୋଇପଡ଼ିଛି। ତେବେ ମଙ୍ଗଳବାର ବିଳମ୍ବିତ ରାତିରେ ଦ୍ରୁତବେଗରେ ଯାଉଥିବା ବାଲି ବୋଝେଇ ହାଇୱା ଗାଡ଼ି ଧକ୍କା ଯୋଗୁ ଖୁଣ୍ଟପାଲି ଗ୍ରାମର ଦୁର୍ଗା ମନ୍ଦିର କ୍ଷତିଗ୍ରସ୍ତ ହୋଇଥିଲା। ଏହା ଜାଣିବା ପରେ ଗ୍ରାମବାସୀ ସମ୍ପୃକ୍ତ ବାଲି ବୋଝେଇ ଗାଡ଼ିକୁ ଅଟକ ରଖିବା ସହିତ ବୁଧବାର ସକାଳୁ ମନ୍ଦିର ସମ୍ମୁଖରେ ଧାରଣାରେ ବସି କାର୍ଯାନୁଷ୍ଠାନ ଦାବି କରିଥିଲେ।

## ଐତିହ୍ୟ, ସାମଗ୍ରିକ ଉନ୍ନତିକୁ ଗୁରୁତ୍ୱ

ବରଗଡ଼,୨୦।୧୨(ପ୍ରେମାନନ୍ଦ ଖମାରୀ): ପଶ୍ଚିମ ଓଡ଼ିଶାର ଗୌରବମୟ ଐତିହ୍ୟ, ଉନ୍ନତି ଉପରେ ହାଇଦ୍ରାବାଦରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ହାଇଦ୍ରାବାଦସ୍ଥିତ ପ୍ରବାସୀ ପଶ୍ଚିମଓଡ଼ିଶାବାସୀଙ୍କ ଅନୁଷ୍ଠାନ ଓସାକା ପକ୍ଷରୁ ଆୟୋଜିତ ଉକ୍ତ ଆଲୋଚନାଚକ୍ରରେ ଅନୁଷ୍ଠାନ ସଭାପତି ସୁନିଲ କୁମାର ଗଡ଼ତୀୟା ସ୍ୱାଗତ ଭାଷଣ ଦେଇଥିଲେ। ରାମକୃଷ୍ଣ ବାରିକ ଆଲୋଚନାଚକ୍ରର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ସନ୍ଦୀପ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ହାଇଦ୍ରାବାଦସ୍ଥିତ ବାଘଲିଙ୍ଗମପଲ୍ଲୀର ସୁନ୍ଦରୟା ବିଜ୍ଞାନ କେନ୍ଦ୍ରମଠାରେ ଉକ୍ତ ଆଲୋଚନାଚକ୍ର ହୋଇଥିଲା। ସଂସ୍କୃତି ବିଶାରଦ ଡ. ଘାସିରାମ ମିଶ୍ର, ପ୍ରଫେସର ଲୋହିତାକ୍ଷ ଯୋଶୀ, ମୋହନ ସାହୁ, ପ୍ରଶାନ୍ତ କୁମାର ମାଝୀ, ଡ. ଶ୍ରୀକାନ୍ତ ଶର୍ମା ଆଲୋଚକଭାବେ ଯୋଗ ଦେଇ ପଶ୍ଚିମଓଡ଼ିଶାର ଐତିହ୍ୟ, ସଂସ୍କୃତି ଉପରେ ସେମାନେ ଆଲୋକପାତ କରିଥିଲେ। ଅଞ୍ଚଳର ସାମଗ୍ରିକ ଉନ୍ନତି ପାଇଁ ଏକତା ସହିତ ପଶ୍ଚିମ ଓଡ଼ିଶା ଉପରେ ଗବେଷଣା, ଅଧ୍ୟୟନ କରିବା ଉପରେ ଆଲୋଚକମାନେ ଗୁରୁତ୍ୱାରୋପ କରିଥିଲେ। କୁମୁଦ ରଞ୍ଜନ ପଣ୍ଡା, ପଦ୍ମନାଭ ପ୍ରଧାନ, ପ୍ରତ୍ୟୁଷ ରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା, ଶଙ୍କର୍ଷଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବରତୁଣ୍ଡା ଲକ୍ଷ୍ମୀପୂଜା ପାଇଁ କଳସ ଶୋଭାଯାତ୍ରା



ଲକ୍ଷ୍ମୀପୂଜା ପାଇଁ ବାହାରିଥିବା କଳସ ଶୋଭାଯାତ୍ରା।

ପାଇକମାଳ, ୨୦।୧୨(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ବରତୁଣ୍ଡା ଗ୍ରାମରେ ୬୦ବର୍ଷ ପୂର୍ତ୍ତି ଉପଲକ୍ଷେ ପାଳିତ ହେଉଛି ମହାଲକ୍ଷ୍ମୀ ପୂଜା। ଏହା ୨୦ ତାରିଖ ଠାରୁ ଆରମ୍ଭ ହୋଇ ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବୁଧବାର ଗ୍ରାମର ମହିଳାମାନେ ଅଙ୍ଗନଦୀରୁ ପୂର୍ଣ୍ଣ କଳସ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ୫ ଦିନ ଧରି ହେଉଥିବା ଏହି ଲକ୍ଷ୍ମୀ ପୂଜା ମହୋତ୍ସବରେ ମୁରାସୁର ଦରବାର ଅନୁଷ୍ଠିତ ହେବ। ମୁରାସୁର ଭୂମିକାରେ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ ଅଭିନୟ କରୁଥିବା କଂସ ମହାରାଜ ହୃଷୀକେଶ ଭୋଇ ହେବେ ଅବତୀର୍ଣ୍ଣ। ଏହି ପୂଜା ମହୋତ୍ସବରେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଦାସ ପୌରୋହିତ୍ୟ କରିଥିବା ବେଳେ ପୂଜାକର୍ତ୍ତା ଭାବେ ଜିତେନ୍ଦ୍ର ବାଗ ଓ ତାଙ୍କ ଧର୍ମପତ୍ନୀ ସସ୍ମିତା ବାଗଙ୍କ ଦାୟିତ୍ୱ ତୁଲାଉଛନ୍ତି ।

# କଠିନ ପରିଶ୍ରମର ବିକଳ୍ପ ନାହିଁ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ବିଦ୍ୟାଳୟର ତ୍ରୈମାସିକ ପତ୍ରିକାର ସପ୍ତମ ସଂଖ୍ୟା ପ୍ରୟାସ ଉନ୍ମୋଚନ କରୁଛନ୍ତି।

**ପଦ୍ମପୁର ସରକାରୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ**

ପଦ୍ମପୁର, ୨୦।୧୨(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଚୂଡ଼ାମଣି ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପଦ୍ମପୁର ଉପଜିଲାପାଳ ଆଲୋକ କୁମାର ପଟେଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ବିଦ୍ୟାର୍ଥୀମାନଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, କଠିନ ପରିଶ୍ରମର ବିକଳ୍ପ ନାହିଁ। ତେଣୁ ସେମାନେ ଶୃଙ୍ଖଳିତ, ସହନଶୀଳ ହୋଇ ପାଠପଢାରେ ଧ୍ୟାନ ଦିଅନ୍ତୁ। ସ୍ୱତନ୍ତ୍ର ଅତିଥିଭାବେ ପାଇକମାଳ ତହସିଲଦାର ସିନ୍ଧୁସୁତା ପାତ୍ର, ସମ୍ମାନୀତ ଅତିଥିଭାବେ ଏସ୍‌ଡିପିଆର୍‌ଓ ବିନାୟକ ମିଶ୍ର, ବରିଷ୍ଠ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ, ଅମ୍ବାଭୋନା ବିଇଓ ଭାବନା ସାହୁ, ପଦ୍ମପୁର ବିଇଓ ଲୋକନାଥ ଭୋଇ, ଝାରବନ୍ଧ ବିଇଓ ଶୁଭମ କୁମାର ପତି, ଏସଏମସି ଚେୟରପର୍ସନ ବନଲତା ସାହୁ, ଭାଇସ ଚେୟାରପର୍ସନ ନମିତା ସାହା ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମିନତି ଦାଶ ଓ ଶିକ୍ଷକ ସୁରେଶ କୁମାର ଚୌହାନ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ରାଣୀ ସାହୁଙ୍କ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକାରୀ ପ୍ରଧାନଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ବାର୍ଷିକ ବିବରଣୀ ପଠନ କରିଥିଲେ । ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ତ୍ରୈମାସିକ ପତ୍ରିକାର ସପ୍ତମ ସଂଖ୍ୟା ପ୍ରୟାସ ଉନ୍ମୋଚନ କରାଯାଇଥିଲା । ସୁରେନ୍ଦ୍ର କୁମାର ଭୋଇ, ମାନସ ରଞ୍ଜନ ଶତପଥୀ ଓ ରବୀନା ପଧାନ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅବସରରେ ବରଗଡ ବରିଷ୍ଠ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ ମୋ ସ୍କୁଲ ଅଭିଯାନକୁ ପାଞ୍ଚ ହଜାର ଟଙ୍କା ରାଶି ପ୍ରଦାନ କରିଥିଲେ। ଶିକ୍ଷକ ଚକ୍ରଧର ନାୟକଙ୍କ ନିର୍ଦ୍ଦେଶିତ ନାଟକ ସୟଂପ୍ରଭା ଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଶିକ୍ଷୟିତ୍ରୀ ସଂଯୁକ୍ତା ଭୋଇ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଜାତୀୟ ଡୁମାଳ ଦିବସ ପାଳିତ, ମାହେଶ୍ୱରୀ ଭବନର ଶିଳାନ୍ୟାସ

ଭେଡ଼େନ,୨୦।୧୨ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଐତିହାସିକ ପର୍ଯ୍ୟଟନସ୍ଥଳୀ ପପଙ୍ଗା ପାହାଡ଼ ପାଦ ଦେଶରେ ଡୁମାଳ ସମାଜ ତରଫରୁ ଜାତୀୟ ଡୁମାଳ ଦିବସ ବୁଧବାର ପାଳିତ ହୋଇ ଯାଇଛି । ଏହି ଅବସରରେ ଡୁମାଳ ସମାଜର ଇଷ୍ଟଦେବୀ ମା' ମାହେଶ୍ୱରୀଙ୍କ ସଂସ୍କୃତି ଭବନର ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତାବିରା ବିଧାୟିକା ମୁଖ୍ୟ ଅତିଥିଭାବେ ଯୋଗଦେଇ ଭବନର ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ପ୍ରଭାସ ସିଂ, ଆର୍‌ସିଏମ୍‌ଏସ୍ ସୁଜିତ ପଣ୍ଡା, ଆରଏମ୍‌ସି ଭାଇସ୍ ଚେୟାରମେନ ସୁବାସ ହୋତା, ସମବାୟ ବ୍ୟାଙ୍କ ସଭାପତି ନରେନ୍ଦ୍ର ପଧାନ, ପପଙ୍ଗା ସରପଞ୍ଚ ସସ୍ମିତା ହୋତା, ସମିତିସଭ୍ୟା ମନ୍ଦାକିନି କର୍ଣ୍ଣ, ଡୁମାଳ ସମାଜର ମହିଳା ସଭାନେତ୍ରୀ ହେମାବତୀ କରନ, ଓମଫେଡ଼ ଅତିରିକ୍ତ ପରିଚାଳକ ସୁଶାନ୍ତ ମହାକୁର, ଏସଡ଼ିସିସି ବ୍ୟାଙ୍କ ନିର୍ଦ୍ଦେଶକ ସାନନ୍ଦ କରନ, ମାହେଶ୍ୱରୀ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ସଦସ୍ୟ ଫକିର କର୍ଣ୍ଣ, ସାଗର ମହାକୁର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ମଞ୍ଚାସୀନ ଥିଲେ। ମାହେଶ୍ୱରୀ ଦେବୀଙ୍କ ବନ୍ଦନା ସହ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଓଡ଼ିଶା ମାନଚିତ୍ରରେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା ପପଙ୍ଗା ପାହାଡ଼ ପାଦ ଦେଶରେ ଏହି ଭବନ ନିର୍ମାଣର ମହତ୍ୱ ଏବଂ ଦେବୀଙ୍କ କରୁଣା ବିଷୟରେ ଅତିଥିଗଣ ଆଲୋକପାତ କରିଥିଲେ। ବିଜେଡ଼ି ବ୍ଲକ ସଭାପତି ହରିଶଙ୍କର ବେହେରା ଉତ୍ସବରେ ସଭାପତିତ୍ୱ କରିଥିବାବେଳେ ହୀରା ମହାକୁର ଅତିଥି ପରିଚୟ, ଉଦ୍ଦେଶ୍ୟ ଜ୍ଞାପନ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ବିକାଶ ଲ' ସ୍କୁଲରେ ସଚେତନତା କାର୍ଯ୍ୟକ୍ରମ




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼,୨୦।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ସଂସ୍ଥା ଏବଂ ବିକାଶ ଲ ସ୍କୁଲର ମିଳିତ ଆନୁକୂଲ୍ୟରେ ଦ ପ୍ରିଭେନ୍ସନ ଅଫ୍ ସେକ୍ସୁଆଲ ହାରାସମେଣ୍ଟ ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଲ ସ୍କୁଲର ଅଧ୍ୟକ୍ଷ ବିକ୍ରମ କୁମାର ଦାଶ ଅଧ୍ୟକ୍ଷତା କରିଥିବାବେଳେ ଅଧ୍ୟାପକ ଶିବାନନ୍ଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟକ୍ଷ ଦାଶ ସ୍ୱାଗତ ଭାଷଣ ଦେବା ସହିତ ମହିଳାମାନଙ୍କ ସାମ୍ବିଧାନିକ ଅଧିକାର ଏବଂ ସେମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ କମଳାକାନ୍ତ ରାଉତ ମୁଖ୍ୟବକ୍ତାଭାବେ ଯୋଗଦେଇ ଦ ପ୍ରିଭେନ୍ସନ ଅଫ୍ ସେକ୍ସୁଆଲ ହାରାସମେଣ୍ଟ ଆଇନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବିକାଶ ଗ୍ରୁପର ଏକ୍ସିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଆଡ଼ଭୋକେଟ୍ କିରଣ କୁମାର ମିଶ୍ର, ଦେବାଶିଷ ମିଶ୍ର, ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ, ପ୍ରତାପ କୁମାର ସାହୁ, ଅଧ୍ୟାପିକା ରୋଜି ମେହେର, ସ୍ୱାଗତିକା ସାହୁ, ସୁଶୋଭିତା ଦାଶ, ସାଗରୀକା ବିଶ୍ୱାଳ, ଶେଫାଳୀ ନନ୍ଦ, ଲଭଲି ମାସି ଦାଶଙ୍କ ସମେତ ବିକାଶ ନର୍ସିଂ ଏବଂ ଲ ସ୍କୁଲର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଅଧ୍ୟାପକ ଜୈମିନି କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାଲକ୍ଷ୍ମୀ ପୂଜାରେ କଳସ ଯାତ୍ରା

ଅମ୍ବାଭୋନା,୨୦।୧୨(ଛନ୍ଦାଚରଣ ପ୍ରଧାନ)



ମହାଲକ୍ଷ୍ମୀ ପୂଜା ଅବସରରେ କଳସ ଯାତ୍ରା ।

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବଡ଼ଧରା ଗ୍ରାମରେ ବୁଧବାର ସାର୍ବଜନୀନ ମହାଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ବଡ଼ଧରା ବୈଦ୍ୟପଡ଼ାର ମହିଳାମାନେ ସ୍ଥାନୀୟ କଟାବନ୍ଧସ୍ଥିତ ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରି କଳସ ଯାତ୍ରାରେ ସାମିଲ ହୋଇଥିଲେ। ଦୁଲଦୁଲି ବାଜା, ଶଙ୍ଖ, ଘଣ୍ଟ, ହରିବୋଲ, ହୁଳହୁଳି ମଧ୍ୟରେ କଳସଯାତ୍ରା ହୋଇଥିଲା। ଗ୍ରାମର ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରି ମନ୍ଦିରରେ ନେତ ବାନ୍ଧି କଳସ ଆବାହନ କରାଯାଇଥିଲା। ପଣ୍ଡିତ କୈଳାସ ପଣ୍ଡା ମନ୍ତ୍ରପାଠ କରିଥିଲେ। ତପୋବନ୍ତ ପ୍ରଧାନ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଧାନମଣ୍ଡି ପରିଦର୍ଶନ କଲେ ଅଧିକାରୀ



ତହସିଲଦାର ଓ ଯୋଗାଣ ନିରୀକ୍ଷକ ଧାନମଣ୍ଡି ପରିଦର୍ଶନ କରୁଛନ୍ତି।

ପଦ୍ମପୁର, ୨୦।୧୨(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ବ୍ଲକରେ ଧାନ ଉଠାଣ ପ୍ରକ୍ରିୟା ଓ ମଣ୍ଡି ବ୍ୟାବସ୍ଥା ତଦାରଖ କରିବା ପାଇଁ ବୁଧବାର ପଦ୍ମପୁର ତହସିଲଦାର ବିପିନ ପଧାନ ଓ ଯୋଗାଣ ନିରୀକ୍ଷକ ଗଣପତି ତାଣ୍ଡି ଦହିତା, ବୁଡେନ ଓ ଦହିଁଗାର ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ କରିଥିଲେ। ସେମାନେ ଚାଷୀ ମାନଙ୍କ ସହିତ ଆଲୋଚନା କରି ଧାନ ବିକ୍ରି ଉପରେ ଆଲୋଚନା କରିଥିଲେ । ଏହା ସହିତ ମିଶନ ଶକ୍ତି ଦ୍ୱାରା ପରିଚାଳିତ ଦହିଁଗା ନୀଳକଣ୍ଠେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ । କୌଣସି ଚାଷୀଙ୍କ ଯେମିତି ଟୋକନ ଲାପ୍ସ ନହେବ ସେଥିପାଇଁ ଧାନ ଦେବା ପାଇଁ କହିଥିଲେ। ଯୋଗାଣ ନିରୀକ୍ଷକ ଗଣପତି ତାଣ୍ଡି ଶୁଖିଲା ଧାନ ମଣ୍ଡିକୁ ଆଣିବାକୁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ ।

# ୪ରୁ ବରଗଡ଼ରେ ଜାତୀୟସ୍ତରୀୟ ହସ୍ତତନ୍ତ ସମ୍ମିଳନୀ

ବରଗଡ଼,୨୦।୧୨(ପ୍ରେମାନନ୍ଦ ଖମାରୀ)



ଖବରଦାତା ସମ୍ମିଳନୀରେ ଜିଲାପାଳ ଏବଂ ଅନ୍ୟମାନେ।

ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ୨୦୨୪ ଜାନୁଆରୀ ୪ ଓ ୫ତାରିଖ ଦୁଇଦିନ ଧରି ଜାତୀୟସ୍ତରୀୟ ହସ୍ତତନ୍ତ ସମ୍ମିଳନୀ ଅନୁଷ୍ଠିତ ହେବ। ଧନୁଯାତ୍ରା ମହୋତ୍ସବ ଅବ୍ୟବହିତ ପୂର୍ବରୁ ଏଭଳି ଏକ ସମ୍ମିଳନୀ ଆୟୋଜନକୁ ନେଇ ସାଧାରଣରେ ଉତ୍ସୁକତା ଦେଖାଯାଇଛି। ରାଜ୍ୟ ସରକାର, ରାଜ୍ୟ ହସ୍ତତନ୍ତ ମନ୍ତ୍ରଣାଳୟ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଉକ୍ତ କର୍ମଶାଳାରେ ଦେଶର ୨୦ରାଜ୍ୟର ହସ୍ତତନ୍ତ ଶିଳ୍ପୀମାନେ ଯୋଗଦେଇ ସେମାନଙ୍କ ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶନ କରିବେ। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ ମୋନିଷା ବାନାର୍ଜୀ ସୂଚନା ଦେଇ କହିଥିଲେ, ଉକ୍ତ ସମ୍ମିଳନୀରେ ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶନୀ ସହିତ ହସ୍ତତନ୍ତ ଉପରେ ଆଲୋଚନାଚକ୍ର ରହିଛି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରେ ସୁଖ୍ୟାତି ଅର୍ଜନ କରିଥିବା ବାନ୍ଧଶିଳ୍ପୀ, ହସ୍ତତନ୍ତ ଶିଳ୍ପୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସମ୍ବଲପୁରୀ ବାନ୍ଧକଳା ପାଇଁ ଦେଶ, ବିଦେଶରେ ପ୍ରସିଦ୍ଧି ଲାଭ କରିଥିବା ବାନ୍ଧଶିଳ୍ପୀମାନେ ଏଥିରେ ଯୋଗଦେଇ ବାନ୍ଧକଳା ଉପରେ ନିଜର ଅଭିଜ୍ଞତା, ଅନୁଭୂତି ନେଇ ଉପସ୍ଥିତ ବୁଣାକାରଙ୍କୁ ବିଭିନ୍ନ ପରାମର୍ଶ ଦେବେ ବୋଲି ସେ ସୂଚନା ଦେଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଏଥିରେ ବାନ୍ଧକଳା ଉପରେ ଆଧାରିତ ଗୀତ, ନାଚ ଆଦି ପରିବେଷିତ ହେବ। ଏହା ସହିତ ଫେଶନ ଶୋ କାର୍ଯ୍ୟକ୍ରମ ମଧ୍ୟ ରହିଛି। ବାନ୍ଧଶିଳ୍ପରେ ପଦ୍ମଶ୍ରୀ ସମ୍ମାନ ପାଇଥିବା ତଥା ବାନ୍ଧକଳାରେ ରାଜ୍ୟ ତଥା ଜାତୀୟସ୍ତରରେ ପୁରସ୍କୃତ ବାନ୍ଧଶିଳ୍ପୀମାନେ ମଧ୍ୟ ଯୋଗଦେଇ ହସ୍ତତନ୍ତ ତଥା ବାନ୍ଧକଳା ଉପରେ ସେମାନଙ୍କ ମତ ରଖିବା କାର୍ଯ୍ୟକ୍ରମ ରହିଛି ବୋଲି ଜିଲାପାଳ ବାନାର୍ଜୀ କହିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଆଦିତ୍ୟ ଗୋୟଲ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦାଦନ ଖଟିବାକୁ ଯାଇ ମହିଳା ଶ୍ରମିକ ନିଖୋଜ

**ପରିବାରବର୍ଗ ଥାନାର ଦ୍ୱାରସ୍ଥ**



ଲାଞ୍ଜିଗଡ଼,୨୦ା୧୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଅଞ୍ଚଳ ଜଗନ୍ନାଥପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ବିଜୁଳି ମାଝି (୪୧) ଜଣେ ମହିଳା ଶ୍ରମିକ ଦାଦନ ଖଟିବାକୁ ଯାଇ ବନାରସଠାରେ ନିଖୋଜ ହେଇଯାଇଛନ୍ତି। ଏ ନେଇ ବିଜୁଳିଙ୍କ ପୁଅ ମୁରଲୀ ୧୬ ତାରିଖରେ ଲାଞ୍ଜିଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାନୁସାରେ ବଳଭଦ୍ରପୁର ଗ୍ରାମର ବିଜୁଳି ଗତ ୨ ତାରିଖରେ ସେହି ଗ୍ରାମର ୨ଜଣ ମହିଳାଙ୍କ ସହିତ ବ୍ରହ୍ମପୁର ଗଲେ ଏବଂ ସେଠାରେ ମହିଳା ୨ଜଣ ଦାଦନ ଦଲାଲ ପାଖରେ ଛାଡି ଗାଁକୁ ଫେରିଥିଲେ। ବ୍ରହ୍ମପୁରରୁ ଦଲାଲ ପାଖରୁ ବନାରସରୁ କୌଣସି ମାଲିକ ଆସି ବିଜୁଳି ଏବଂ ଅନ୍ୟ ଶ୍ରମିକମାନଙ୍କୁ ନେଇ ଯାଇଥିଲେ। ଗତ ୮ ତାରିଖରେ ବନାରସର ଠିକାଦାର ବିଜୁଳି ଘରକୁ ଫୋନ କରି ବିଜୁଳିଙ୍କ ପୁଅ ମୁରଲୀଙ୍କୁ ଜଣାଇଲେ ଯେ ତାଙ୍କ ମା' ବନରସରେ ଘରୁ କେଉଁଆଡେ ଚାଲି ଯାଇଛନ୍ତି। ବିଜୁଳିଙ୍କ ପରିବାର ଲୋକେ ସବୁଆଡେ ଫୋନରେ ଯୋଗାଯୋଗ କଲେ କଲେ କିନ୍ତୁ ତାଙ୍କୁ ପାଇଲେ ନାହିଁ। ଏ ନେଇ ଲାଞ୍ଜିଗଡ ଥାନାରେ ଏକ ମାମଲା (ନଂ. ୧୫/୨୩) ରୁଜୁ କରି ତଦନ୍ତ କରୁଥିବା ଥାନାଧିକାରୀ ବିଜୟ ଲକ୍ଷ୍ମୀ ହିକକା ସୂଚନା ଦେଇଛନ୍ତି।

# ଧାନକିଣାରେ ଅନିୟମିତତା ଅଭିଯୋଗ

ଭବାନୀପାଟଣା,୨୦ା୧୨(ଉତ୍ତମ କୁମାର ଦାଶ)



ଚିଟୈଗୁଡା ମଣ୍ଡିକୁ ସ୍ଥାନୀୟ ଚାଷୀ ବନ୍ଦ କରିଛନ୍ତି।

**ଚିଟୈଗୁଡ଼ା ମଣ୍ଡି**

■ଓଜନ ମେଶିନରେ ଠକେଇ, ମଣ୍ଡି ବନ୍ଦ କଲେ ଚାଷୀ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟୈଗୁଡା ମଣ୍ଡିରେ ଧାନ କିଣାରେ ଅନିୟମିତତା ଦେଖିବାକୁ ମିଳିଛି। ଧାନ ଓଜନ ମେଶିନରେ ବସ୍ତା ପ୍ରତି ପ୍ରାୟ ୩କେଜି ଠକେଇ କରାଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଏହାକୁ ବିରୋଧ କରି ବୁଧବାର ପୂର୍ବାହ୍ନରେ ଚାଷୀମାନେ ମଣ୍ଡି ବନ୍ଦ କରିଛନ୍ତି। ଏହାର ସମାଧାନ ନ ହେଲା ପର୍ଯ୍ୟନ୍ତ ମଣ୍ଡି ବନ୍ଦ ରହିବ ବୋଲି ଚାଷୀମାନେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଚିଟୈଗୁଡା ମଣ୍ଡିରେ ଚାଷୀଙ୍କ ଧାନ ଓଜନ କରିବା ପାଇଁ ସ୍ଥାନୀୟ ଜୁନାଗଡ ଆରଏମସି ପକ୍ଷରୁ ୬ଟି ଧାନ ଓଜନ ମେଶିନ ଦିଆଯାଇଥିଲା। ଚାଷୀମାନେ ମଣ୍ଡିକୁ ଧାନ ବିକ୍ରି କରିବାକୁ ଆଣୁଥିବାବେଳେ ଓଜନ ବେଳେ ଯେତିକି ପରିମାଣ ଧାନ ହେବା କଥା ତାହାଠୁ କମ୍ ପରିମାଣ ହେଉଥିଲା। ଫଳରେ ଚାଷୀମାନଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଥିଲା। ବୁଧବାର ସକାଳରେ ମଣ୍ଡି କାର୍ଯ୍ୟ ଆରମ୍ଭ ପୂର୍ବରୁ ଚାଷୀମାନେ ଧାନ ଓଜନ ମେଶିନକୁ ବିଭିନ୍ନ ପ୍ରକାର ପରୀକ୍ଷା କରିଥିଲେ। ଏହି ସମୟରେ ମେଶିନ ପ୍ରାୟ ୩ କେଜି କମ୍ ବତାଉଥିବା ଚାଷୀମାନେ ଜାଣିବାକୁ ପାଇଥିଲେ। ଏହାପରେ ଚାଷୀମାନେ ଉତ୍ତ୍ୟକ୍ତ ହୋଇ ଧାନ କିଣାକୁ ବନ୍ଦ କରିଦେଇଥିଲେ। ସେହିପରି ଧାନ ଓଜନ ମେଶିନକୁ ମଣ୍ଡି ପାଇଁ ନିର୍ମାଣ ହୋଇଥିବା ଘରେ ତାଲା ପକାଇଦେଇଥିଲେ। ଚିଟୈଗୁଡା ମଣ୍ଡିରେ ମଙ୍ଗଳବାର ସୁଦ୍ଧା ୧୮୨ ଜଣ ଚାଷୀଙ୍କ ପ୍ରାୟ ୧୦ ହଜାର କୁଇଣ୍ଟାଲ ଧାନ ଉଠାଣ କରାଯାଇଥିବା ଜଣାପଡିଛି। ଯଦି ମେଶିନ ଓଜନରେ ୩ କେଜି ଠକେଇ ହୋଇଥାଏ ତାହାହେଲେ କୁଇଣ୍ଟାଲ ପ୍ରତି ପ୍ରାୟ ୬ କିଗ୍ରା କମ୍ ହେଲେ ୧୦ହଜାର କୁଇଣ୍ଟାଲରେ ପ୍ରାୟ ୬ଶହ କୁଇଣ୍ଟାଲ ଚାଷୀଙ୍କ ଧାନ ଠକେଇ ହୋଇଥିବା ଅନୁମାନ କରାଯାଏ। ଯାହାର ମୂଲ୍ୟ ପାଖାପାଖି ୧୩ ଲକ୍ଷ ଟଙ୍କା। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଖବର ପାଇ ଜୁନାଗଡ ତହସିଲଦାର ସୁର୍ମି ସୋରେନ ପହଞ୍ଚି ଉପସ୍ଥିତ ଚାଷୀଙ୍କ ସହ ଏହି ସମସ୍ୟା ଉପରେ ଆଲୋଚନା କରିଥିଲେ। ତହସିଲଦାର ସୋରେନ ଠକେଇ ଅଭିଯୋଗ ଆସିଥିବା ମେଶିନ ଗୁଡିକୁ ପରିବର୍ତ୍ତନ କରିବା ସହ ନୂଆ ମେଶିନରେ ଓଜନ କରିବାକୁ ଆରଏମସି କର୍ମଚାରୀଙ୍କୁ କହିଥିଲେ। ସେହିପରି ପୂର୍ବରୁ ଧାନ ବିକ୍ରି କରିଥିବା ଚାଷୀଙ୍କୁ ଲିଖିତ ଆକାରରେ ଦେଲେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ଚିଟୈଗୁଡା ମଣ୍ଡିରେ ଧାନ ଓଜନ ମେଶିନର ଠକେଇ ହୋଇଥିବା ଚାଷୀ ଧରିବା ପରେ ଘଟଣାଟି ପଦାକୁ ଆସିଥିଲା। ହେଲେ ଜିଲାର ଏଭଳି ଅନେକ ମଣ୍ଡିରେ ଚିଟୈଗୁଡା ଭଳି ହୋଇ ନ ଥିବ ତାହା ସାଧାରଣରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମଦନପୁର,୨୦ା୧୨(ସନ୍ତୋଷ କୁମାର ଦଣ୍ଡସେନା)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ମ.ରାମପୁର ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂ ଦେଓ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବ୍ୟସାଚୀ ବେହେରା, ବିଇଓ ସଞ୍ଜିତା ମହାନ୍ତି, ସାମାଜିକ କର୍ମୀ ବିଭୁ ପ୍ରସାଦ ସାହୁ ଥିବାବେଳେ ମୁଖ୍ୟବକ୍ତା ଭାବେ ନୀଳ ମାଧବ ପଟ୍ଟନାୟକ ଅଧ୍ୟକ୍ଷ କେସିଙ୍ଗା ଆଦର୍ଶ ବିଦ୍ୟାଳୟ ଉପସ୍ଥିତ ଥିଲେ। ଅନୁଷ୍ଠିତ ଉତ୍ସବରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ବିତରଣ କରିଥିଲେ। ଅପରାହ୍ନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟଳୟ ଶିକ୍ଷକ ରିପୁ ଦମନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ ଆଶିଷ କୁମାର ପଣ୍ଡା, ମହେନ୍ଦ୍ର ବେସ୍ରା, ମଳୟ ରଞ୍ଜନ ବାଗ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।




ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## କାମ ନ ସରୁଣୁ ରାସ୍ତାରୁ ପିଚୁ ଫାଟିଲା

କର୍ଲାମୁଣ୍ଡା,୨୦ା୧୨(ପ୍ରଦୀପ କୁମାର ସାହୁ)

ରାସ୍ତାଗୁଡ଼ିକର ଉନ୍ନତୀକରଣ, ପ୍ରଶସ୍ତୀକରଣ ତଥା ଅତ୍ୟାଧୁନିକ କରିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁ ଥିଲେ ହେଁ ବିଭାଗୀୟ ଅଧିକାରୀମାନଙ୍କ ଅନ୍ତରିକତାର ଅଭାବ ଯୋଗୁ ସରକାରଙ୍କ ଲକ୍ଷ୍ୟ ପୂରଣ ଦିଗରେ ବାଧା ସୃଷ୍ଟି ହେଉଛି। ଏପରି ଏକ ପରିସ୍ଥିତି ଏବେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରରୁ ତୁଣ୍ଡଲା ପୂର୍ତ୍ତ ବିଭାଗ ରାସ୍ତା କାମରେ ଦେଖିବାକୁ ମିଳିଛି। କର୍ଲାମୁଣ୍ଡା ପେଟ୍ରୋଲ ଟ୍ୟାଙ୍କ ନିକଟରୁ ବେଲଖଣ୍ଡି ତୁଣ୍ଡଲା ରାସ୍ତା ନିର୍ମାଣ ପୂର୍ତ୍ତ ବିଭାଗ ପକ୍ଷରୁ ଜଣେ ଠିକାଦାରଙ୍କ ଜରିଆରେ ଗତ ସପ୍ତାହରେ ପିଚୁ କାମ ହୋଇଥିଲା। ତେବେ କିଛି ସ୍ଥାନରେ ରାସ୍ତା ଫାଟିଯାଇଥିବା ବେଳେ ରାସ୍ତା ସମତଳ ହୋଇ ନ ଥିବା ଅଭିଯୋଗ ହେଉଛି। ଏ ନେଇ ବିଭାଗୀୟ ଏସଡିଓ ରମେଶ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ରାସ୍ତାରେ ଯଦି ଫାଟ ସୃଷ୍ଟି ହୋଇଛି କିମ୍ବା ଅନ୍ୟ ସମସ୍ୟା ରହିଛି, ତାକୁ ପୁଣି ଥରେ କାମ କରିବାକୁ ଠିକାଦାରଙ୍କୁ କୁହାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, କର୍ଲାମୁଣ୍ଡା ବେଲଖଣ୍ଡି ତୁଣ୍ଡଲା ରାସ୍ତାରେ ପିଚୁ ପକାଇବା ପାଇଁ ୧୩ କି.ମି. ୮୬୦ ମିଟର ଦୂରତା ରାସ୍ତା ନିମନ୍ତେ ଟେଣ୍ଡର ଜରିଆରେ ୩ କୋଟି ୩୩ ଲକ୍ଷ ଟଙ୍କା ଅଟକଳ କରାଯାଇଛି। ରାସ୍ତା କାର୍ଯ୍ୟରେ ହୋଇଥିବା ଦୁର୍ନୀତି ତଦନ୍ତ କରାଯିବାକୁ ସରଗୁଲ ଗ୍ରାମର ବାଲ୍ମୀକି ଛତ୍ରୀଆ ଓ ପ୍ରଦୀପ ଛତ୍ରୀଆ ଦାବି କରିଛନ୍ତି।



## ଓଷ୍ଟା ପକ୍ଷରୁ ଜିଲାସ୍ତରୀୟ ଶିଶୁ ଉତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡ଼ା,୨୦ା୧୨(ମକାରୁ ବେମାଲ)

ନୂଆପଡା ଜିଲା କୋମନା ଜିତାମିତ୍ର ଉଚ୍ଚ ବିଦ୍ୟାଳୟଠାରେ ଓଷ୍ଟା ପକ୍ଷରୁ ଜିଲାସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ଜିଲା ସଭାପତି ବନ ବିହାରୀ ମେହେର ପତାକା ଉତ୍ତୋଳନ କରି ଶିଶୁ ଉତ୍ସବ ଉଦଘାଟନ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଙ୍ଗିତ, କବିତା, ରଚନା, କବିତା ଆବୃତି, ଗଳ୍ପ ରଚନା, ତର୍କ, ସାଧାରଣ ଜ୍ଞାନ, ବୃଦ୍ଧି ପରୀକ୍ଷା, ଏକକ ଅଭିନୟ, ଏକକ ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲା ୫ ବ୍ଲକରେ ଥିବା ବିଦ୍ୟାଳୟଗୁଡକର ଚୟନ ହୋଇଥିବା କୃତୀ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ସଭାପତି ମେହେର ସଭାପତିତ୍ୱ କରିଥିବା ବେଳେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି, କୋମନା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିତା ପଣ୍ଡା, ସାମାଜିକ କର୍ମୀ ବିରେନ୍ଦ୍ର ପ୍ରଧାନ, ଓଷ୍ଟା ରାଜ୍ୟ ସହ ସମ୍ପାଦକ ଆଶୁତୋଷ ରଥ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ପ୍ରଦୀପ କୁମାର ଯୋଶୀ, ଜିଲା କାର୍ଯ୍ୟକାରିଣୀ ସଭାପତି ସୁଶାନ୍ତ କୁମାର ବିଶି, ଜିଲା ସମ୍ପାଦକ ରବିନ୍ଦ୍ର ନାଥ ଯୋଶୀ, ପ୍ରଧାନ ଶିକ୍ଷକ କପିଳେଶ୍ୱର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୀମାଶ୍ରୀ ମହାପାତ୍ର ଅତିଥି ପରିଚୟ କରିଥିବା ବେଳେ ଦୀଲିପ କୁମାର ନାଏକ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମମତା ପତି, ପ୍ରିୟା ମଞ୍ଜୁରୀ ବେହେରା, ଦିଗାମ୍ବରଦ ନିଆଲ, ପଞ୍ଚାନନ ମଟାରି, ପର୍ଶୁରାମ ପାଣ୍ଡେ, ତାରାଚନ ଥପା, ଚତୁର୍ଭୁଜ ସିଂଦେଓ, ସୁବାଷ ଚନ୍ଦ୍ର ସାହୁ, ସୀମାଞ୍ଚଳ ଦାସ, ଚିତ୍ତରଞ୍ଜନ ଦୁବେ, ପରମେଶ୍ୱର କଠାର, ଶୁଶିଲ କୁମାର ତ୍ରିପାଠୀ, ରବିନ୍ଦ୍ର ସିଂ, ଶ୍ୟାମ ପାଢୀ, ସରୋଜ ସୁନା, ଜିବନାନନ୍ଦ ଆଚାର୍ଯ୍ୟ, କୂଳଚନ୍ଦ୍ର ରଣା, ଗୋପୀନାଥ ଦାସ, ରତନ ତିୱାରୀ, ପରେଶ ଚନ୍ଦ୍ର ପାଣିଗ୍ରାହୀ, ଦିଲୀପ କୁମାର ପଣ୍ଡା, ଗୌରଚନ୍ଦ୍ର ରଣା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଭରତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କଳାହାଣ୍ଡି ଲେଖିକା ସଂଘର ଶୀତକାବ୍ୟୋତ୍ସବ

ଭବାନୀପାଟଣା,୨୦ା୧୨(ଉତ୍ତମ କୁମାର ଦାଶ)

ନାରୀ ସମାଜକୁ ନିଶ୍ଚିତ ରୂପେ ବାର୍ତ୍ତା ଯୋଗାଇ ପାରିବ। ନାରୀ ସଚେତନ ଓ ଆଗାମୀ ଭବିଶ୍ୟତ ପିଢି ପାଇଁ ଏକ ପ୍ରଶସ୍ତ ମାର୍ଗ ସୃଷ୍ଟି କରିପାରିବ। ନାରୀମାନେ ପରସ୍ପର ସାହାଯ୍ୟ ସହଯୋଗର ହାତ ବଢାଇଲେ ଅସମ୍ଭବକୁ ମଧ୍ୟ ସମ୍ଭବ କରିପାରିବେ ବୋଲି ଭବାନୀପାଟଣାରେ କଳାହାଣ୍ଡି ଲେଖିକା ସଂଘ ପକ୍ଷରୁ ଆୟୋଜିତ ଶୀତକାବ୍ୟୋତ୍ସବ ନାରୀ କବିୟତ୍ରୀମାନେ ମତ ରଖିଥିଲେ। ସଭାପତି ସୁଦେଷ୍ଣା ପଣ୍ଡାଙ୍କ ସଭାପତିତ୍ୱ ଓ ପରିଚାଳନାରେ ପ୍ରଥମେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ କଣ୍ଠଶିଳ୍ପୀ ସସ୍ମିତା ରଥ। ସମ୍ମାନିତ ଅତିଥି ଅଖିଳ ଭାରତୀୟ ସାହିତ୍ୟ ସଂସଦ ଉପାଧ୍ୟକ୍ଷା ମୀନା ମୁଣ୍ଡ ଲକ୍ଷ୍ମୀ ପୁରାଣରେ ନାରୀର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦିକା କଳ୍ପନା ରଥ ଲେଖିକା ସଂଘର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ପରେ କୋଷାଧ୍ୟକ୍ଷା ସବିତା ଶତପଥୀ ସଂଘର ବର୍ତ୍ତମାନ ଆର୍ଥିକ ସ୍ଥିତି ସମ୍ପର୍କରେ କହିଥିଲେ। କବି ନାହେଦା ଶାହୀନଙ୍କ ସଂଯୋଜନାରେ କବିତା ମୁଣ୍ଡ, ପଦ୍ମିନୀ ବେହେରା କବିତାପଣ୍ଡା, ନାହେଦା ଶାହୀନ, ଭାରତୀ ମିଶ୍ର, ମିନତି ପ୍ରଧାନ, ସ୍ୱର୍ଣକାନ୍ତି ବୈକାର, ରୀତା ପଟ୍ଟଯୋଷୀ, ସବିତା ଶତପଥୀ, ସସ୍ମିତା ସାହୁ, ଅନୀତା ମୁଣ୍ଡ କଳ୍ପନା ରଥ, ସୁଦେଷ୍ଣା ପଣ୍ଡା, ସସ୍ମିତା ରଥ, ସୁଚିସ୍ମିତା ରଥ ଅର୍ଚ୍ଚନା ମିଶ୍ର, ମଞ୍ଜୁରାଣୀ ରଥ ପ୍ରମୁଖ ୨୦ଜଣ ନାରୀକବି ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ପ୍ରମୋଦିନୀ ପଣ୍ଡାଙ୍କ କଳାହାଣ୍ଡି ଆ ଗଳ୍ପ'ଟୁଇ ଗଲୁ ଯେ 'ହୃଦୟ ସ୍ପର୍ଶୀ ଥିଲା ଓ ଲିପ୍ସା ମହାରଣାଙ୍କ ଭଜନ ଚିତ୍ତାକର୍ଷକ ଥିଲା। କବିୟତ୍ରୀ ପଦ୍ମିନୀ ବେହେରା ଧନ୍ୟବାଦ ଦେଇଥିବାବେଳେ ବୈଷୟିକ ସହାୟତା ସହ ସମ୍ପାଦିକା ମିନତି ପ୍ରଧାନ କରିଥିଲେ।

## ବଏଜ୍ କମନ ରୁମ୍ ତିଆରି କରୁନାହାନ୍ତି କଲେଜ କର୍ତ୍ତୃପକ୍ଷ

**ଜିଲାପାଳଙ୍କୁ ଅଭିଯୋଗ କଲା କଳାହାଣ୍ଡି ଛାତ୍ର ପରିଷଦ**

ଭବାନୀପାଟଣା,୨୦ା୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାକୁ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗସ୍ତ ସମୟରେ ଜିଲାର ଯୁକ୍ତ ୨ ଓ ଯୁକ୍ତ ୩ କଲେଜକୁ ବିଭିନ୍ନ ଅନୁଦାନ ଘୋଷଣା କରିଥିଲେ। ଏହି ଅନୁଦାନ ମଧ୍ୟରେ ଯୁକ୍ତ ୩ ଡିଗ୍ରୀ ମହାବିଦ୍ୟାଳୟ ପାଇଁ ବଏଜ୍ କମନ ରୁମ୍ (ବାଳକ ସାଧାରଣ କକ୍ଷ) ଉଲ୍ଲେଖ ରହିଥିଲା। ହେଲେ ଏପର୍ଯ୍ୟନ୍ତ କଲେଜ କର୍ତ୍ତୃପକ୍ଷ ବଏଜ୍ କମନ ରୁମ୍ ତିଆରି କରିନାହାନ୍ତି। ଏପରିକି ଏ ଦିଗରେ କୌଣସି ପଦକ୍ଷେପ ନ ନେବା ତଥା ଏ ବିଷୟରେ ସୂଚନା ମଧ୍ୟ ଦେଇନାହାନ୍ତି। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ୨୦୨୩-୨୪ରେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ, ଧର୍ମଗଡ ପଞ୍ଚାୟତ କଲେଜ ଓ ଜୁନାଗଡ ପିଆଇ କଲେଜରେ ବଏଜ୍ କମନ ରୁମ ଉଲ୍ଲେଖ ରହିଥିବାବେଳେ ଏ ପର୍ଯ୍ୟନ୍ତ ହୋଇ ନ ଥିବାରୁ କଳାହାଣ୍ଡି ଛାତ୍ର ପରିଷଦ ଅସନ୍ତୋଷ ବ୍ୟକ୍ତ କରିଛି। ଏ ନେଇ କଳାହାଣ୍ଡି ଛାତ୍ର ପରିଷଦ ପକ୍ଷରୁ ସ୍ଥାନୀୟ ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କରାଯାଇଛି। ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବାକୁ ଛାତ୍ର ସଂଘ ପକ୍ଷରୁ ଦାବି କରାଯାଇଛି।

## ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ୍

ଭବାନୀପାଟଣା,୨୦ା୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲ୍‌ଠାରେ ଏକ ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଉଦଘାଟିତ ହୋଇଯାଇଛି। ଓଡିଶା ଲଳିତ କଳା ଏକାଡେମୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ କଳାହାଣ୍ଡି ଜିଲା ପ୍ରଶାସନର ସହ ଯୋଗରେ ଏହା ଆୟୋଜିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ଓଡିଶାର ସୁନାମଧନ୍ୟ ଶିଳ୍ପୀଙ୍କ ୪୦ଟି ଚିତ୍ରକଳା ସ୍ଥାନ ପାଇଛି। ୨୧ ତାରିଖ ଗୁରୁବାର ଏହାର ଉଦଯାପନୀ ସମାରୋହ ଅନୁଷ୍ଠିତ ହେବ।



ଚିତ୍ରକଳା ବୁଲି ଦେଖୁଛନ୍ତି ଅତିରିକ୍ତ ଜିଲାପାଳ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନୂଆପଡ଼ା,୨୦ା୧୨(ମକାରୁ ବେମାଲ)

ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିପିନ ବିହାରୀ ଦୀପଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟଅତିଥି, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ଜିଲା ପରିଷଦ ଉମା ଠାକୁର, ଭରତଲାଲ ରାଉତ, ଜିଲା ସମାଜ ସୁରକ୍ଷା ଅଧିକାରୀ ଅନନ୍ତରାମ ହେମ୍‌ବ୍ରମ, ଭିନ୍ନକ୍ଷମ ଆସୋସିଏଶନ ସଭାପତି ଅଚ୍ୟୁତ ସୁନାନୀ, ସାମାଜିକ କର୍ମୀ ଧନିରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଳୟର ଅସ୍ଥିଶଲ୍ୟ ବିଶେଷଜ୍ଞ ଡ.ବିପୁଳ ଗର୍ଗ, ଶିଶୁ ରୋଗ ବିଶେଷଜ୍ଞ ଡ.ଅନୁଜ ମେହେର, ଭେଷଜ ବିଶେଷଜ୍ଞ ଡ.ମନୋଜ ସାହୁ, ଚକ୍ଷୁ ବିଶେଷଜ୍ଞ ଡ.ଭୁକ୍ତା ପମୁକ ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କ ପରୀକ୍ଷା କରିଥିଲେ। ୨୭ଜଣ ଅସ୍ଥିଶଲ୍ୟ ଭିନ୍ନକ୍ଷମ ରହିଥିବା ବେଳେ ୬ଜଣ ମାନସିକ, ୮ଜଣ ଦୃଷ୍ଟି ବାଧିତ, ୧୩ଜଣ ଶ୍ରବଣ ବାଧିତ ଓ ୩ଜଣଙ୍କୁ ରକ୍ତ ଶିକୁଳି ପ୍ରମାଣ ପତ୍ର ଦିଆଯାଇଥିଲା। ୬ ଜଣଙ୍କୁ ବସପାସ, ୧୪ ଜଣଙ୍କୁ ଡିଆରଆଇ ଲୋନ, ୩ ଜଣଙ୍କୁ ମଧୁବାବୁ ପେନସନ ପ୍ରଦାନ କରାଯାଇଥିଲା।



ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ।

## ମିଳିତ ମଞ୍ଚ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ

ଖଡ଼ିଆଳ,୨୦ା୧୨(ସୁଜିତ୍ କୁମାର ପ୍ରଧାନ)

**ଖଡିଆଳରେ ଅତିରିକ୍ତ ଜିଲା ଦୌରା ଜଜ୍ କୋର୍ଟ ପ୍ରତିଷ୍ଠା ଦାବି**

ନୂଆପଡ଼ା ଜିଲା ଖଡିଆଳରେ ଅତିରିକ୍ତ ଜିଲା ଦୌରା ଜଜ୍ କୋର୍ଟ ପ୍ରତିଷ୍ଠା ଦାବିରେ ବୁଧବାର ଖଡ଼ିଆଳ, ବୋଡ଼େନ, ସିନାପାଲି ମିଳିତ ମଞ୍ଚ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖଡିଆଳ, ବୋଡ଼େନ ଏବଂ ସିନାପାଲିରେ ବନ୍ଦ ପାଳିତ ହେଇଥିଲା। ଫଳରେ ସହ ସହ ଭାରିଯାନ ରାସ୍ତାରେ ଅଟକି ରହିଥିଲା। ଖଡ଼ିଆଳଠାରେ ସମସ୍ତ ଦୋକାନ ବଜାର ସରକାରୀ କାର୍ଯ୍ୟାଳୟ, ସମସ୍ତ ଶିକ୍ଷା ଅନୁଷ୍ଠାନ ବନ୍ଦ ରହିଥିଲା। ଖଡିଆଳଠାରେ ଅତିରିକ୍ତ ଜିଲା ଦୌରା ଜଜ୍ କୋର୍ଟ ଖୋଲିବା ନେଇ ହାଇକୋର୍ଟରୁ ସ୍ୱୀକୃତି ପ୍ରାପ୍ତ ହୋଇଥିବା ବେଳେ ସରକାରଙ୍କ ଉଦାସୀନତା କାରଣରୁ ଖଡିଆଳ, ବୋଡ଼େନ ଏବଂ ସିନାପାଲିର ସାଧାରଣ ଲୋକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ମିଳିତ ନାଗରିକ ମଞ୍ଚ ଖଡିଆଳ, ବୋଡ଼େନ ଏବଂ ସିନାପାଲି ଦ୍ୱାରା ୧୨ଘଣ୍ଟିଆ ବନ୍ଦ ଡାକରା ସଫଳ ହୋଇଛି। ବନ୍ଦରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତାଙ୍କ ସମେତ ଖଡ଼ିଆଳର ୨ଟି ଓକିଲ ସଂଘ, ବଣିକ ସଂଘ, ବସ ମାଲିକ ସଂଘ ସମେତ ଅନେକ ଅନୁଷ୍ଠାନ ସହଯୋଗ କରିଥିଲେ। ଏହି ବନ୍ଦରେ ଖଡିଆଳଠାରେ ୩୫୩ ନମ୍ବର ଜାତୀୟ ରାଜପଥ, ସିନାପାଲି ଏବଂ ବୋଡ଼େନଠାରେ ବିଜୁ ଏକ୍ସପ୍ରେସ ୱେ ମଧ୍ୟ ବନ୍ଦ କରାଯାଇଥିଲା।




ଖଡ଼ିଆଳରେ ବନ୍ଦ ପାଳନ କରାଯାଉଛି।

## ଅନାବୃଷ୍ଟିଜନିତ କ୍ଷତିପୂରଣ ପାଇଁ ଦାବିପତ୍ର

କୋକସରା,୨୦ା୧୨(ଦୁଷ୍ମନ୍ତ କୁମାର ପାଟଯୋଶୀ)

ଚଳିତବର୍ଷ କଳାହାଣ୍ଡି ଜିଲା କୋକସରା ବ୍ଲକର ଅନେକ ପଞ୍ଚାୟତରେ ଅନାବୃଷ୍ଟି କାରଣରୁ ମରୁଡି ପରିସ୍ଥିତି ଦେଖାଦେଇଛି। ତନ୍ମଧ୍ୟରୁ ବ୍ଲକର ମହିମା ପଞ୍ଚାୟତ ଘଣ୍ଟିଗୁଡା ରାଜସ୍ୱ ଗ୍ରାମ ଅଧୀନରେ ଥିବା ଚାଷୀ ମରୁଡିର ସମ୍ମୁଖୀନ ହୋଇଛନ୍ତି। ପୂର୍ବରୁ ମଧ୍ୟ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବି କରି ଏହି ଅଞ୍ଚଳର ଚାଷୀମାନେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ରାଜସ୍ୱ ବିଭାଗ ପକ୍ଷରୁ କୌଣସି କ୍ଷୟକ୍ଷତି ଆକଳନ ହୋଇନାହିଁ, ଫଳସ୍ୱରୂପ ବୁଧବାର ଘଣ୍ଟିଗୁଡା ଗ୍ରାମର ଚାଷୀମାନେ ୩ ଦଫା ଦାବି ନେଇ ପୁଣିଥରେ କୋକସରା ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମଧ୍ୟରେ ରାଜସ୍ୱ ବିଭାଗ ପକ୍ଷରୁ କ୍ରପ କଟିଂ ମହିମା ପଞ୍ଚାୟତ ସହ ସଂଲଗ୍ନ ନ କରି ଘଣ୍ଟିଗୁଡା ରାଜସ୍ୱ ଗ୍ରାମକୁ ସ୍ୱତନ୍ତ୍ର ଶସ୍ୟକଟା ଅନୁପାତ ଧାର୍ଯ୍ୟ କରି ତୁରନ୍ତ ସହାୟତା ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଅନେକ ଚାଷୀ ଅନଲାଇନ କରି ପାରିନାହାନ୍ତି। ଚାଷର ସର୍ବେକ୍ଷଣ କରି ଫସଲବୀମା ଶତ ପ୍ରତିଶତ ଦିଆଯାଉ, ଗଜା ମରୁଡି ବାବଦରେ ଏକଡ଼ ପିଛା ୧୫ ହଜାର କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ମଧୁବନ ପାତ୍ର, ପୀତାମ୍ବର ଦଣ୍ଡସେନା, ବଳଭଦ୍ର ଧ. ମାଝି, ୱାର୍ଡ଼ ସଭ୍ୟ ହରିହର ବାଗ, ନେତ୍ର ନାଏକ, ତରୁ ଚଣ୍ଡି, ଜୟସିଂ ଧ. ମାଝି, ଶମ୍ଭୁ ଧ. ମାଝି, ଗିରିଧର ଧ.ମାଝି, ବଳରାମ ଧ. ମାଝି ଓ ଶତାଧିକ ଚାଷୀ ଚେତାବନୀ ଦେଇଛନ୍ତି।



ଚାଷୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# ହିଡ଼ କାଟିଲେ, ନାଳ ଖୋଜିଲେ



ମ୍ୟାପ ଧରି ମ୍ୟୁନିସିପାଲିଟି ଓ ତହସିଲ କର୍ମଚାରୀ ନାଳା ଖୋଜା କାମ ତଦାରଖ କରୁଛନ୍ତି।



ତେଲିଗୋଠପଡା-ଭଗବତୀ ନଗର ରାସ୍ତାରେ ମହାରାଣୀ ସାଗର ନିଷ୍କାସିତ ପାଣି ଛୁଟୁଛି।

**ବଲାଙ୍ଗୀର,୨୦।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହରର ସର୍ବବୃହତ୍ ଜଳାଶୟ ମହାରାଣୀ ସାଗର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଜିଲାପାଳ ଚଞ୍ଚଳ ରାଣା, ପୌରାଧ୍ୟକ୍ଷା ଲିକା ସାହୁ, କାଉନ୍ସିଲର ଏବଂ ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ବହୁ ପ୍ରତୀକ୍ଷିତ ଏବଂ ରାଜନୈତିକ ବିବାଦରେ ଛନ୍ଦି ହୋଇଥିବା ମହାରାଣୀ ସାଗର ଉନ୍ନୟନ ପ୍ରକଳ୍ପ କାମର ଶୁଭାରମ୍ଭ ହୋଇଛି। ମୋ ପୋଖରୀ ଯୋଜନାରେ ଏହି ଜଳାଶୟର ପୁନରୁଦ୍ଧାର କାମ କରାଯାଉଥିବା ସୂଚନା ଦିଆଯାଇଛି। ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୮ କୋଟି ଟଙ୍କା ଅନୁଦାନ ଖର୍ଚ୍ଚ କରାଯିବ। ଏଥିରେ ୧୦୧ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ପୃକ୍ତ କରାଯିବ ଏବଂ ଏହି ଉନ୍ନୟନ କାମ ପାଇଁ ସମ୍ପୃକ୍ତ ଏସ୍ଏଚ୍‌ଜିଗୁଡିକୁ ତାଲିମ ମଧ୍ୟ ଦିଆଯାଇଥିବା ସୂଚନା ଦିଆଯାଇଛି। ତେବେ ଏସ୍ଏଚ୍‌ଜି ଜରିଆରେ ଜଳାଶୟ ଉନ୍ନୟନ କାମ କେତେ ଠୋସ୍ ହେବ ତାକୁ ନେଇ ସଂଶୟ ଦେଖାଦେଇଛି।

ମ୍ୟୁନିସିପାଲିଟି ଟିମ୍ ସୋମବାର ମହାରାଣୀ ସାଗର ଜଳ ନିଷ୍କାସନ ସକାଶେ ଜଳାଶୟର ହିଡ କାଟିଥିଲେ। ହିଡ କାଟିବା ପରେ ମହାରାଣୀ ସାଗର ନିର୍ଗମନ ନାଳାରେ ପାଣି ନିଷ୍କାସିତ ହୋଇଥିଲା। ତେବେ ପ୍ରଥମରୁ ଜଳ ନିଷ୍କାସନ ନାଳାର ସ୍ଥିତି ଯାଞ୍ଚ କରାଯାଇ ନ ଥିବାରୁ ହିଡ କାଟିଦେଲା ପରେ ମହାରାଣୀ ସାଗରର ଜଳ ଠିକ୍ ଭାବେ ନିଷ୍କାସିତ ହୋଇ ନପାରି ମହାଲକ୍ଷ୍ମୀନଗର, ଭଗବତୀ ନଗର ଏବଂ ତେଲିଗୋଠପଡାର କେତେକ ଅଞ୍ଚଳରେ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା। ହଠାତ୍ ରାତିରେ ଅଧିକ ପାଣି ଆସି ରାସ୍ତା ଉପରକୁ ଉଛୁଳି ଉଠିବା ସହ କିଛି ସ୍ଥାନରେ ଅଟକି ରହିଥିଲା। ଏଭଳି ସ୍ଥିତି ସମ୍ପର୍କରେ ଖବର ପାଇବା ପରେ ମ୍ୟୁନିସିପାଲିଟି ଟିମ୍ ପ୍ରଭାବିତ ଅଞ୍ଚଳ ଗସ୍ତ କରି ବିଭିନ୍ନ ସ୍ଥାନରେ ଅଟକ ରହିଥିବା ଜଳ ନିଷ୍କାସନ ସକାଶେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିଥିଲେ। ତେଲିଗୋଠପଡା ଠାରେ ଜଳ ଅଟକି ରହିଥିବାରୁ ସେଠାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫରମର ଘେରା ଭିତରକୁ ପାଣି ପଶିଯାଇଥିଲା। କୌଣସି ଲୋକ ସେଠାରେ ଜଳ ସଂସ୍ପର୍ଶରେ ଆସିଥିଲେ ପରିସ୍ଥିତି ଜଟିଳ ହୋଇଥାନ୍ତା। ଏହା ସହିତ ତେଲିଗୋଠପଠାରୁ ଭଗବତୀ ନଗର ଭିତର ରାସ୍ତା ଉପରେ ପାଣି ଛୁଟୁଥିବାରୁ ଲୋକେ ଯିବା ଆସିବାରେ ଅସୁବିଧା ଭୋଗିଥିଲେ। ସେଠାରେ ଡ୍ରେନ୍ ନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଲୋକେ କହିଛନ୍ତି। ପୂର୍ବରୁ ମହାରାଣୀ ସାଗରରୁ ଜଳ ନିଷ୍କାସିତ ହେଉଥିବା ନାଳା ଜବରଦଖଲ କରାଯାଇଥିବାରୁ ଏଠାରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏଭଳି ସ୍ଥିତି ସମ୍ପର୍କରେ ଜାଣିବା ପରେ ମ୍ୟୁନିସିପାଲିଟିର ଏକ ଟିମ୍ ବୁଧବାର ସକାଳେ ମ୍ୟାପ୍ ଧରି ନାଳା ଖୋଜା ଅଭିଯାନରେ ବାହାରିଥିବା ଦେଖାଯାଇଥିଲା। ମହାରାଣୀ ସାଗରରୁ ଯେଉଁ ନାଳାରେ ଜଳ ନିଷ୍କାସନ ହେଉଥିଲା ସେଇ ନାଳାଟି କେଉଁଠାରେ ଜବରଦଖଲ ହୋଇଛି ଏକ ସ୍ୱତନ୍ତ୍ର ଟିମ୍ ସେନେଇ ସ୍ଥିତି ଯାଞ୍ଚ କରିଥିଲେ। ତେବେ ନାଳା ଖୋଜିବା ଅଭିଯାନ ନକରି ହିଡ କାଟିଲା ପରେ ଜଳ ନିଷ୍କାସନ ଠିକ୍ ନ ହେବାରୁ ନାଳା ଖୋଲିବା ଅଭିଯାନରେ ମ୍ୟୁନିସିପାଲିଟି ଟିମ୍ ବାହାରିବା ଘଟଣାକୁ ଲୋକେ ସମାଲୋଚନା କରିଥିଲେ। ରାଜାରାଜୁଡା ଅମଳରୁ ଏକ ଯୋଜନାବଦ୍ଧ ସହ ଏବଂ ବିଶେଷକରି ବର୍ଷାଜଳ ଓ ଡ୍ରେନ୍ ପାଣି ନିଷ୍କାସନ ପାଇଁ ଖ୍ୟାତି ଅର୍ଜନ କରିଥିବା ବଲାଙ୍ଗୀର ସହର ଏବେ ଜବରଦଖଲ ଏବଂ ଅବ୍ୟବସ୍ଥିତ ସହର ହୋଇଯାଇଛି। ସହରର ମହାରାଣୀ ସାଗରରୁ ରୁଗୁଡିମୁଣ୍ଡା, ପ୍ରତାପ ସାଗର, ରାଣୀବନ୍ଧ, ନୃସିଂହବନ୍ଧ, କରଙ୍ଗାକଟା, ମାରୱାଡି ବନ୍ଧ, ଗେଟସରୋବର ଏବଂ ବିଷ୍ଣୁମୁଣ୍ଡା ବନ୍ଧକୁ ଯେଉଁ ଜଳ ପରିଚାଳନା ହୋଉଥିଲା ତାହା ଏବେ ଇତିହାସ ପାଲଟି ଗଲାଣି। ସହରର ଜଳ ନିଷ୍କାସନ ବ୍ୟବସ୍ଥାକୁ ପୁନରୁଦ୍ଧାର କରିବା ପାଇଁ ଠୋସ୍ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ରଙ୍କ ପଚାରିବାରୁ ମହାରାଣୀ ସାଗର ପ୍ରଥମ ଫେଜ୍ ପୁନରୁଦ୍ଧାର କାମ ଆରମ୍ଭ ହୋଇଛି। ଜଳାଶୟ ହିଡ କଟାଗଲା ପରେ କେତେକ ସ୍ଥାନରେ ଜଳ ନିଷ୍କାସନରେ ଅସୁବିଧା ହୋଇଥିବା ଖବର ମିଳିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶରେ ମ୍ୟୁନିସିପାଲିଟି ଓ ତହସିଲ ଅଫିସର ଏକ ଟିମ୍ ଯାଇ ଯେଉଁ ଅଞ୍ଚଳ ତଦାରଖ କରିଛନ୍ତି। ସେଠାରେ ଜବରଦଖଲ ଥିଲେ ଉଚ୍ଛେଦ କରାଯିବ ଏବଂ ଡ୍ରେନ୍ ନିର୍ମାଣ ହେବ ବୋଲି କହିଛନ୍ତି।

**ମହାରାଣୀ ସାଗର ଉନ୍ନୟନ କାର୍ଯ୍ୟ**

## କୃଷି ଯନ୍ତ୍ରପାତି ମେଳାରେ କୃଷକ ପାଠଶାଳା

**ଅମରପାଲି,୨୦।୧୨ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା -୨୦୨୩ର ବୁଧବାର ଥିଲା ଦ୍ୱିତୀୟ ଦିବସ। ଏହି ଅବସରରେ କୃଷି ସମ୍ବନ୍ଧୀୟ ପାଠଶାଳା ଅନୁଷ୍ଠିତ ହୋଇଯାଇଛି। ପାଠଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ସହକାରୀ କୃଷି ଯନ୍ତ୍ରୀ ପ୍ରିୟଙ୍କା ବେହେରା ଚାଷୀଙ୍କୁ ଅବଗତ କରିଥିଲେ। ପ୍ରାଣୀ ଚିକିତ୍ସକ ଡା. ଆକାଶ କୁମାର ସାହୁ ରାଜ୍ୟ ସରକାରଙ୍କ ପ୍ରାଣୀ ଧନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସଂପର୍କରେ ଚାଷୀଙ୍କୁ ଅବଗତ କରିଥିଲେ। ସହକାରୀ କୃଷି ଯନ୍ତ୍ରୀ ରଶ୍ମିତା ଦଳାଇ କୃଷି ଯନ୍ତ୍ରପାତି ପାଇବା ପାଇଁ ଆବେଦନ ପ୍ରଣାଳୀ, କୃଷକ ପରିଚୟ ପତ୍ର ପଞ୍ଜୀକରଣ, କୃଷକ ଓଡ଼ିଶା, ଗୋ ସୁଗମ ପୋର୍ଟାଲରେ ରେଜେଷ୍ଟ୍ରି ପ୍ରକ୍ରିୟା, ପରମିଟ ଅର୍ଡର୍, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ବ୍ୟକ୍ତିଗତ ରିହାତି ସମ୍ପର୍କରେ ଚାଷୀଙ୍କୁ ଅବଗତ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ ମତ୍ସ୍ୟ ସମ୍ପଦ ବିଭାଗ ଦ୍ୱାରା ଚାଷୀଙ୍କୁ ବ୍ୟକ୍ତିଗତ ଓ ସାମୁହିକ ଭାବରେ ଦିଆଯାଉଥିବା ସୁବିଧା ନେଇ କହିଥିଲେ। ସହକାରୀ କୃଷି ଅଧିକାରୀ ଯଶୋବନ୍ତ ପଧାନ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀଙ୍କୁ ଅବଗତ କରିଥିଲେ। ଅତିରିକ୍ତ ଜିଲା ଉଦ୍ୟାନ କୃଷି ଅଧିକାରୀ ବିଦ୍ୟାଧର ଦାସ ଉଦ୍ୟାନ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ଡ. ବିଭୂତି ଭୂଷଣ ମିଶ୍ର ଆଲୋଚନାରେ ଅଂଶଗ୍ରହଣ କରି କୃଷି ଯନ୍ତ୍ରପାତି ମେଳାର ଫାଇଦା ନେବାକୁ ଅନୁରୋଧ କରିଥିଲେ। ସହକାରୀ ବୈଷୟିକ ପରିଚାଳକ ମୀନକେତନ ମହାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୋଷ୍ଠୀ କୃଷି ଅଧିକାରୀ ମକରଧ୍ୱଜ ପଟେଲ ଧନ୍ୟବାଦ ଅର୍ପଣ କରିଥଲେ।

**କୃଷି ସହାୟତା ହାସଲ କରିବାକୁ ପରାମର୍ଶ**




କୃଷି ଯନ୍ତ୍ରପାତି ମେଳାରେ ମଞ୍ଚାସୀନ ଅଧିକାରୀ।

## ବାଉଁଶୁଣୀରେ ନିଯୁକ୍ତି ମେଳା

**ବାଉଁଶୁଣୀ,୨୦।୧୨(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ବାଉଁଶୁଣୀ ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ବୌଦ୍ଧ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ନିଯୁକ୍ତି ମେଳା ୨୦୨୩ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମେଳାରେ ଓରମାସ୍‌ର ଡେପୁଟି ସିଇଓ ଶିବାଶିଷ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାଉଁଶୁଣୀର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ତର୍କଶାସ୍ତ୍ର ଅଧ୍ୟାପକ ମକର ମହାରଣା ଓ ଓଡ଼ିଆ ଅଧ୍ୟାପକ ଦେବାର୍ଚ୍ଚନ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ସୁଶାନ୍ତ ନାଏକଙ୍କ ଦ୍ୱାରା ପରିଚାଳିତ ଏହି ମେଳାରେ ମୋଟ ୫୦୬ ଜଣ ନିଯୁକ୍ତି ଆଶାୟୀ ଯୁବତୀ ଯୁବକ ଯୋଗ ଦେଇଥିଲେ। ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଯାଞ୍ଚ ପରେ ୩୬୯ ଜଣଙ୍କୁ ଚୟନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୯୭ ଜଣଙ୍କୁ ପ୍ରଶିକ୍ଷଣ ପାଇଁ ଚୟନ କରାଯାଇଥିବା ବେଳେ ୧୭୨ ଜଣଙ୍କୁ ସିଧାସଳଖ କାମରେ ଯୋଗ ଦେବା ପାଇଁ ଚିହ୍ନଟ କରାଯାଇଛି। ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ୨୦ଟି ନିଯୁକ୍ତିଦାତା ସଂସ୍ଥାର ପ୍ରତିନିଧି ଓ ୧୧ ଦକ୍ଷତା ବୃଦ୍ଧି ତାଲିମ ଦାତା ସଂସ୍ଥା ଯୋଗ ଦେଇଥିଲେ।




ମେଳାରେ ଯୋଗ ଦେଇଥିବା ଅତିଥି।

## ସଂକ୍ଷେପରେ

### ଜୁରାମୁଣ୍ଡା କପ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

**ବୌଦ୍ଧ,୨୦।୧୨(ଅଜିତ କୁମାର ବାରିକ)**

ବୌଦ୍ଧ ବ୍ଲକ ଜୁରାମୁଣ୍ଡା ଖେଳପଡିଆଠାରେ ଜୁରାମୁଣ୍ଡା କପ୍ କ୍ରିକେଟ ପ୍ରତିଯୋଗିତା ବୁଧବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜୁରାମୁଣ୍ଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଦୁଇଟି ଫର୍ମାଟ୍‌ରେ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ମୁର୍ଛୁଣ୍ଡି ପଞ୍ଚାୟତ ଓ ଏଲଏମସିସି ମଧ୍ୟରେ ହୋଇଥିଲା। ସେଥିରେ ମୁର୍ଛୁଣ୍ଡି ଦଳ ବିଜୟୀ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ବାଗବର ଓ ମନମୁଣ୍ଡା ପଞ୍ଚାୟତ ମଧ୍ୟରେ ହୋଇଥିଲା। ଏଥିରେ ମନମୁଣ୍ଡା ପଞ୍ଚାୟତ ବିଜୟୀ ହୋଇଥିଲା। ମୁର୍ଛୁଣ୍ଡି ଓ ମନମୁଣ୍ଡା ମଧ୍ୟରେ ହୋଇଥିବା ତୃତୀୟ ମ୍ୟାଚରେ ମନମୁଣ୍ଡା ବିଜୟୀ ହୋଇଥିଲା।

### ଖଣ୍ଡହତା ହାଇସ୍କୁଲ ଓଷ୍ଟାର ବ୍ଲକସ୍ତରୀୟ ଶିଶୁ ଉତ୍ସବ

**ଅମରପାଲି,୨୦।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାସ୍ଥିତ ଇନ୍ଦିରା ଗାନ୍ଧୀ ହାଇସ୍କୁଲରେ ଓଷ୍ଟା ଆନୁକୂଲ୍ୟରେ ଶିଶୁ ଉତ୍ସବ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ହାଇସ୍କୁଲରୁ ପ୍ରାୟ ୮୫ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉତ୍ସବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ଜଣା ଅଜଣା,ସାଧାରଣ ଜ୍ଞାନ,କବିତା ଲିଖନ,ଗଳ୍ପ ଲିଖନ,ଏକକ ଅଭିନୟ ଓ ଏକକ ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୧୪ ଜଣ ପ୍ରତିଯୋଗୀ ଜିଲାସ୍ତର ଶିଶୁ ଉତ୍ସବକୁ ମନୋନୀତ ହୋଇଛନ୍ତି। ଆସନ୍ତା ୨୩ ତାରିଖରେ ସୁବର୍ଣ୍ଣପୁରସ୍ଥିତ ସାହାରା ଟ୍ରଷ୍ଟ ହାଇସ୍କୁଲରେ ହେବାକୁ ଥିବା ଜିଲାସ୍ତରୀୟ ଶିଶୁ ଉତ୍ସବରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ ବୋଲି ସୂଚନା ମିଳିଛି। ଉକ୍ତ ଶିଶୁ ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ଓଷ୍ଟାର ଜିଲା ସଭାପତି ତଥା ସ୍ଥାନୀୟ ହାଇସ୍କୁଲ ର ପ୍ରଧାନଶିକ୍ଷକ ଅଖୋଜ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଖଣ୍ଡହତା ହାଇସ୍କୁଲର ସ୍କୁଲ ପରିଚାଳନା କମିଟିର ସଭାପତି ରତ୍ନାକର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଶିକ୍ଷକ ସନ୍ତୋଷ କୁମାର ରଥ ଉତ୍ସବ ପରିଚାଳନା କରିଥିଲେ । ରଣଜିତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଉଜ୍ଜଳ ଚନ୍ଦ୍ର ପ୍ରଧାନ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ

**ଟିଟିଲାଗଡ଼, ୨୦।୧୨(ଶରତ ମିଶ୍ର)**

ନୂଆ-ଓ କାର୍ଯ୍ୟକ୍ରମ ଅନୁଯାୟୀ ଟିଟିଲାଗଡ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ବୁଧବାର ସ୍ଥାନୀୟ ବାଳକ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଛି। ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଯୋଜନା ଅନୁଯାୟୀ ପ୍ରତିଯୋଗିତାରେ ପ୍ରଥମ ଦଳକୁ ୨୦ହଜାର, ଦ୍ୱିତୀୟ ଦଳକୁ ୧୫ ହଜାର ଏବଂ ତୃତୀୟ ଓ ଚତୁର୍ଥ ଦଳଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। କ୍ରିକେଟରେ ଭାଲେଗାଁ ପ୍ରଥମ, ବାନ୍ଧୁପଲା ଦ୍ୱିତୀୟ, କତରକେଲା ତୃତୀୟ ଏବଂ ବିଜେପୁର ଚତୁର୍ଥ ହୋଇଥିଲେ। କବାଡିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରଥମ, ସିହିନି ଦ୍ୱିତୀୟ, ସିହିନି ୱାରିୟର୍ସ ତୃତୀୟ, ଖୋଖୋରେ ମନିଗାଁ ପ୍ରଥମ, କତରକେଲା ଦ୍ୱିତୀୟ, ଛତାଭଟା ତୃତୀୟ, ଭଲିବଲରେ ବୋରଭଟା ପ୍ରଥମ, ଖୋଲାନ ଦ୍ୱିତୀୟ, କୁର୍ସୁଡ ତୃତୀୟ ହୋଇଥିଲେ। ହକିରେ ବୋରଭଟା ପ୍ରଥମ, କତରକେଲା ଦ୍ୱିତୀୟ, ବଜରଙ୍ଗି ଉଲେଭେନ ତୃତୀୟ, ଫୁଟବଲରେ କୁରସୁଡ ପ୍ରଥମ, ଭାଟିପଡା ଦ୍ୱିତୀୟ, ନାରେନ ତୃତୀୟ, କବାଡି ମହିଳାରେ ମନିଗାଁ ପ୍ରଥମ, ସିହିନୀ ଦ୍ୱିତୀୟ, ସିଲୁଆଁ ତୃତୀୟ, କୁଶକେଲା ଚତୁର୍ଥ, ଖୋଖୋ ମହିଳାରେ ସିଲୁଆଁ ପ୍ରଥମ, ସିଲୁଆଁ ବାଉନ୍ସର ଦ୍ୱିତୀୟ ବିବେଚିତ ହୋଇଥିଲେ। ବିଡିଓ ସୁଶାନ୍ତ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଟିଟିଲାଗଡ ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ବ୍ଲକ ଉପାଧ୍ୟକ୍ଷା ଜଗତରାମ ରଣା, ଜିଲା ପରିଷଦ ସଭ୍ୟା ଗୀତା ବିଶି, ସଞ୍ଜୟ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଶିବାନୀ ପ୍ରଧାନ, ସରପଞ୍ଚ ଯମୁନା ମହାନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ।



କ୍ରିକେଟରେ ପ୍ରଥମ ଭାଲେଗାଁ ଦଳ ଖେଳାଳିଙ୍କୁ ମନ୍ତ୍ରୀ ଟୁକୁନୀ ସାହୁ ପୁରସ୍କୃତ କରୁଛନ୍ତି।

## କୋଶଳ ରାଜ୍ୟ ଗଠନ ପାଇଁ ଆହ୍ୱାନ

**ଦେଓଗାଁ,୨୦।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକ ଚନ୍ଦ୍ରପୁର ସାଇ ମନ୍ଦିର ପରିସରରେ କୋଶଳ ସଂଗ୍ରାମୀ ସଂଗଠନ ତରଫରୁ ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସେବକ ବାରିକଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ଓଡ଼ିଶା ପ୍ରତି ବୈମାତୃକ ମନଭାବ ଓ କୋଶଳାଞ୍ଚଳ ପ୍ରତି ସରକାରଙ୍କ ଅବହେଳା ଯୋଗୁ କୋଶଳ ରାଜ୍ୟ ଆନ୍ଦୋଳନ ତୀବ୍ର ହେଉଛି । ଏହାକୁ ଯେଉଁମାନେ ବିରୋଧ କରୁଛନ୍ତି ସେମାନଙ୍କୁ ଆଗାମୀ ଦିନରେ ଅଞ୍ଚଳରେ ପୂରାଇ ଦିଆଯିବ ନାହିଁ ବୋଲି ଚେତାବନୀ ଦିଆଯାଇଥିଲା। କୋଶଳ ରାଜ୍ୟ ହେଲେ ପଶ୍ଚିମ ଓଡ଼ିଶାର ବିକାଶ ଓ ଅଞ୍ଚଳର ଉନ୍ନତି ପାଇଁ କାହାକୁ ଭିକ୍ଷା ମାଗିବାକୁ ପଡିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଯୁବଶକ୍ତି ଆନ୍ଦୋଳନର ପ୍ରମୁଖ ଭୂମିକା ନେବା ପାଇଁ ଏହି ଅବସରରେ ଶପଥ ନେଇଥିଲେ । ଲୁକାସ ଦୀପ ସ୍ୱାଗତ ଭାଷଣ ଦେଇଥିଲେ।

## ସିସିଟିଭି ମନିଟରିଂ ବ୍ୟବସ୍ଥା ଉଦ୍‌ଘାଟିତ

**ଟିଟିଲାଗଡ଼, ୨୦।୧୨(ଶରତ ମିଶ୍ର)**

ଟିଟିଲାଗଡ଼ରେ ସହରରେ ଅପରାଧ ତଥା ଟ୍ରାଫିକ ନିୟନ୍ତ୍ରଣ ପାଇଁ ବହୁ ପ୍ରତିକ୍ଷିତ ସିସିଟିଭି ମନିଟରିଂ ବ୍ୟବସ୍ଥା ବୁଧବାର ଉଦ୍‌ଘାଟନ ହୋଇଛି। ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥି, ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ସମ୍ମାନୀତ ଅତିଥି ଭାବେ ଯୋଗଦେଉ ଟିଟିଲାଗଡ଼ ଥାନା ପରିସରରେ ଏହାର ମନିଟରିଙ୍ଗ ସିଷ୍ଟମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ସାହୁ କହିଥିଲେ ଟିଟିଲାଗଡ଼ ଅଞ୍ଚଳର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ କେବେ ପାଣ୍ଠିର ଊଣା କରିନାହାନ୍ତି। ଟିଟିଲାଗରେ ଏକ ଷ୍ଟାଡିୟମ ପ୍ରତିଷ୍ଠା ଏବଂ ମହାରାଜ ସାଗରରେ ବିଦ୍ୟୁତ୍ ଆଲୁଅ ବ୍ୟବସ୍ଥା ପାଇଁ ପାଣ୍ଠି ବରାଦ କରାଯିବ ବୋଲି କହିଥିଲେ । ପଶ୍ଚିମ ଓଡିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବ ଅପେକ୍ଷା ବିକାଶ ପରିଷଦକୁ ୪ ଗୁଣା ଅଧିକ ପାଣ୍ଠି ପ୍ରଦାନ କରୁଥିବା ବିକାଶ ପରିଷଦ ଅଧ୍ୟକ୍ଷ ତ୍ରିପାଠୀ କହିଥିଲେ। କାର୍ଯ୍ୟକ୍ରମରେ ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼.ଅଜିତ ମିଶ୍ର, ବୈଷୟିକ ପରାମର୍ଶଦାତା ସୁନୀଲ ନାୟକ, ଟିଟିଲାଗଡ଼ ଉପଜିଲାପାଳ ଦୟାମୟ ପାଢ଼ୀ, ବଲାଙ୍ଗୀର ଏଏସପି ବିଦ୍ୟୁତ୍ ପଣ୍ଡା, ଟିଟିଲାଗଡ଼ ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର, ଥାନା ଆଇଆଇସି ମନୋଜ ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ପ୍ରେମ ଜୈନ, ଜିଲା ପରିଷଦ ସଭ୍ୟ ଗୀତା ବିଶି, କାଉନସିଲର ଟିନୁ ଅଗ୍ରୱାଲ, ସୁନିତା ଦାଶ, ବୁଲୁ ଆଚାର୍ଯ୍ୟ, ସନ୍ଦୀପ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।




ଉଦ୍‌ଘାଟନୀ ଉତ୍ସବରେ ଅତିଥି ବୃନ୍ଦ।

## ୮୮୨ହେକ୍ଟର ଖରିଫ ଧାନଫସଲ କ୍ଷତିଗ୍ରସ୍ତ

**ଲୋଇସିଂହା,୨୦।୧୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ପଞ୍ଚାୟତ ସମିତିର ପଞ୍ଚମ ବୈଠକ ବ୍ଲକ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଅଧ୍ୟକ୍ଷତା କରିଥିଲେ। ନୂତନଭାବେ ଯୋଗଦେଇଥିବା ବିଡିଓ ଯୁଧିଷ୍ଠିର ମେହେରଙ୍କୁ ବ୍ଲକ ଅଧ୍ୟକ୍ଷ ଓ ଜନପ୍ରତିନିଧି ସ୍ୱାଗତ ଜଣାଇଥିଲେ। ଭାରପ୍ରାପ୍ତ ବ୍ଲକ କୃଷି ଅଧିକାରୀ ସୁଜାତା ଛାତ୍ରିଆ ୨୦୨୩-୨୪ ବର୍ଷ ପାଇଁ ବିଭାଗ ପକ୍ଷରୁ ଧାନ, ମୁଗ, ରାଶି ଆଦି ପରୀକ୍ଷାମୂଳକ ଚାଷ ଏବଂ କିଟ୍ ବଣ୍ଟନ ସମ୍ପର୍କରେ ସୂଚନା ଦେଇଥିଲେ । ଚଳିତ ଡିସେମ୍ବର ମାସରେ ହୋଇଥିବା ଅଦିନିଆ ବର୍ଷାରେ ବ୍ଲକର ୮୮୨ ହେକ୍ଟର ଅମଳ ଧାନ କ୍ଷତିଗ୍ରସ୍ତ ହୋଇଥିବା ସେ ସୂଚନା ଦେଇଥିଲେ। କ୍ଷୟକ୍ଷତି ଆକଳନ ଏବଂ ବିଭିନ୍ନ କିଟ୍ ବଣ୍ଟନ ବେଳେ କୃଷି ବିଭାଗ କୌଣସି ସୂଚନା ଦେଉ ନ ଥିବାରୁ ସରପଞ୍ଚ ଓ ସମିତି ସଭ୍ୟମାନେ ବୈଠକରେ ପ୍ରତିକ୍ରିୟା ପ୍ରକାଶ କରିଥିଲେ।

ଜନସ୍ୱାସ୍ଥ୍ୟ ଯନ୍ତ୍ରୀ ପ୍ରସାଦ ସାମନ୍ତରାୟ ଲୋଇସିଂହା ପଞ୍ଚାୟତ ଢୋଲମହୁଲ ସମେତ ବୁଢୀପଦର, ବୁର୍ଡା, କୁଟେନପାଲି, କନ୍ଦାଜୁରୀ ଓ ଝାରମୁଣ୍ଡା ଆଦି ୫ ପଞ୍ଚାୟତକୁ ମେଗ ପ୍ରକଳ୍ପ ଜରିଆରେ ପାନୀୟ ଜଳଯୋଗାଣ ପାଇଁ ପଦକ୍ଷେପ ନିଆଯାଉଛି। ଏହି ପ୍ରକଳ୍ପ ଆଗଲପୁର ଅଞ୍ଚଳରୁ କାମ ହୋଇ ଆସୁଥିବା ସୂଚନା ଦେଇଥିଲେ। ସରପଞ୍ଚଙ୍କ ଅଗୋଚରରେ ଏସିଏମ୍‌ମାନଙ୍କୁ ନଳକୂପ ସାମଗ୍ରୀ ପ୍ରଦାନ କରାଯାଉଥିବାରୁ ସରପଞ୍ଚମାନେ କ୍ଷୋଭ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ ଉପରେ ପିଏଚଇଓ ରମେଶ ସାହୁ କହିଥିଲେ ଯେ, ଆସନ୍ତା ଫେବୃୟାରୀ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଫେଲେରିଆମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ରହିଛି । ଏଥିରେ ଜନପ୍ରତିନିଧିଙ୍କ ସହଭାଗିତା ସେ ଲୋଡିଥିଲେ। ବ୍ଲକରେ ୧୪ଟି ସବସେଣ୍ଟର ରହିଛି। ତେବେ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ କରିବା ପାଇଁ ଆଉ ୬ ପଞ୍ଚାୟତରେ ସବ୍‌ସେଣ୍ଟର ଖୋଲିବା ପାଇଁ ପ୍ରସ୍ତାବ ହୋଇଥିବା ସେ କହିଥିଲେ। ବିଇଓ ରୀନାକୁମାରୀ କହିଥିଲେ ଯେ, ସ୍କୁଲରେ ଶିକ୍ଷକ ଅଭାବ ରହିଛି । ଏହାସତ୍ତ୍ୱେ ଛାତ୍ରୀଛାତ୍ରମାନେ ସୁରଭି, ଜାତୀୟ ବିଜ୍ଞାନ କଂଗ୍ରେସ ଓ ବିଜ୍ଞାନ ମେଳାରେ ପ୍ରତିଭା ଦେଖାଇ ବ୍ଲକ ଠୁ ରାଜ୍ୟସ୍ତର ପର୍ଯ୍ୟନ୍ତ ପ୍ରଶଂସିତ ହୋଇଛନ୍ତି। ଆସନ୍ତା ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତ ଅଧିକ ମାର୍କ ରଖିବା ପାଇଁ ୩୦ ଛାତ୍ରଛାତ୍ରଙ୍କୁ ନେଇ ଆସନ୍ତା ଜାନୁୟାରୀ ୨୦୨୪ରୁ ମାନସ ମନ୍ଥନ କାର୍ଯ୍ୟକ୍ରମ ରହିଥିବା ସେ ସୂଚନା ଦେଇଥିଲେ। ସିଡିପିଓ ଗାୟତ୍ରୀ ବାରିକ କିଶୋରୀମାନଙ୍କ ପାଇଁ କାର୍ଯ୍ୟକାରୀ ହେବାକୁ ଯାଉଥିବା ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଟେଷ୍ଟ ପାଇଁ ଏଣିକି ଟେଣ୍ଡର ବ୍ୟବସ୍ଥା କରିବାକୁ ଲୋଇସିଂହା ସରପଞ୍ଚ ନବକିଶୋର ନାଏକ ଦୃଷ୍ଟି ଆକର୍ଷଣ କରିଥିଲେ । ଜିପିଓ କିଶୋର ମାନସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

**ଲୋଇସିଂହା ପଞ୍ଚାୟତ ସମିତି ବୈଠକ**




ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି।

## ସଂକ୍ଷେପରେ

### ଆର୍‌ସିଏମ୍‌ଏସ୍ ପକ୍ଷରୁ ଧାନ କିଣା ଆରମ୍ଭ

**ଲହୁଣୀପଡା,୨୦।୧୨(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡାସ୍ଥିତ ବର୍ଣାଁଇ ଆଞ୍ଚଳିକ ସମବାୟ ସମିତି ରାଜାମୁଣ୍ଡା ପକ୍ଷରୁ ବୁଧବାର ଧାନ କିଣାର ଶୁଭାରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ରାଜାମୁଣ୍ଡା ପଞ୍ଚାୟତ ସମିତି ସଭ୍ୟ ଅଶୋକ କୁମାର ବେହେରା, ଏସିଏସଓ ମନୋଜ କୁମାର ରଥ,ଏଆର୍‌ସିଏସ ବିନୋଦ କୁମାର ପଟେଲ ଯୋଗଦେଇଥିଲେ। ଏଥିରେ ଆର୍‌ସିଏମଏସ ସଭାପତି କୁଳମଣି ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଆର୍‌ସିଏମଏସ ସମ୍ପାଦକ ଧୀରେନ୍ଦ୍ର କୁମାର ଶତପଥୀ ପରିଚୟ ଓ ଚଳିତ ବର୍ଷର ଧାନ କିଣା ନୀତି ନିୟମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ଆର୍‌ସିଏମଏସ ମଣ୍ଡି ପକ୍ଷରୁ ରାଜାମୁଣ୍ଡା, ବଡ଼ ପୁରୁଣାପାଣି ଓ ଦର୍ଜୀଂ ପଞ୍ଚାୟତର ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯିବ। ଏଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶ୍ରା ବ୍ଲକରେ ଅବସ୍ଥିତ ରାଧାଗୋପୀ ରାଇସ ମିଲ ଧାନ କିଣିବ ବୋଲି ଧାର୍ଯ୍ୟ କରାଯାଇଥିବା ଜଣାପଡିଛି। ମଣ୍ଡି ଉଦ୍‌ଘାଟନର ପ୍ରଥମ ଦିନରେ ଟୋକନ ପାଇଥିବା ୨୭ ଜଣ ଚାଷୀଙ୍କ ନିକଟରୁ ପ୍ରାୟ ୧୧ ଶହ କୁଇଣ୍ଟାଲ ଧାନ ସରକାରୀ ନିୟମ ଅନୁଯାୟୀ ଧାର୍ଯ୍ୟ ମୂଲ୍ୟରେ କିଣା ହୋଇଥିଲା। ଏସଏଲପିଏସ ସଦସ୍ୟ ସୁଦାମ ଚରଣ ତ୍ରିପାଠୀ, ଆନନ୍ଦ କୁମାର ମାହାନ୍ତ, ପ୍ରଫୁଲ୍ଲ ସାହୁ, ଚୌଧୁରୀ ମାହାନ୍ତଙ୍କ ତତ୍ତ୍ୱାବଧାନରେ ଧାନ କିଣା ଆରମ୍ଭ ହୋଇଥିଲା।

### ଚିତାପେଡ଼ିରେ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ



**ନୂଆଗାଁ,୨୦।୧୨(ବିଜୟ ତ୍ରିପାଠୀ):** ନୂଆଗାଁ ବ୍ଲକର ଚିତାପେଡ଼ି ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ମଙ୍ଗଳବାର କରାଯାଇଛି । ପୋଖରୀରେ ଗାଧୁଆ ଘାଟର ନିର୍ମାଣ, ଗୋଷ୍ଠୀ କେନ୍ଦ୍ର, ହନୁମାନ ମନ୍ଦିର ସେଡ, ମଣ୍ଡପ, ସାଂସ୍କୃତିକ ଗତିବିଧି କେନ୍ଦ୍ର ଆଦିର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ସୁଶିଲା ଟପ୍ପୋ, ବ୍ଲକ ସଭା ପତି ଦିଗାମ୍ବର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ଏସଡିସି ସଦସ୍ୟ ହିମାଂଶୁ ପଣ୍ଡା, ଛାତ୍ର ସଭାପତି ମହେନ୍ଦ୍ର ବଡ଼ାଇକ, ଯୁବ ନେତା ଲିଗୁନ ସିଂ, ବାଜିନାଥ ଭୂଇଁୟା, ବିଷୋମ୍ବର ବଡ଼ାଇକ, ପୂର୍ବତନ ସମିତି ସଭ୍ୟ ଗଞ୍ଜୁଆ ଓରାମ, ହିମାଂଶୁ ତ୍ରିପାଠୀ, ଚିତାପେଡ଼ି ସରପଞ୍ଚ ଏତ ଖାଖା, ସମିତି ସଭ୍ୟ ସନିକା ଲାକ୍ରା, ଜନ୍ମଜୟ ପଣ୍ଡା, ମହେନ୍ଦ୍ର ଗୋୱାଲା, ରାମେଶ୍ୱର ଭାଇସଲ ପ୍ରମୁଖ ଉପସ୍ଥିତ ଥିଲେ।

# ଲାଞ୍ଚ ନେଇ ଧରାପଡ଼ିଲେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ

**ସୁନ୍ଦରଗଡ଼,ବଡ଼ଗାଁ,୨୦।୧୨ (ଜୟ ନାରାୟଣ ମେଣ୍ଡୁଲି/ଅଶୋକ ଷଡ଼ଙ୍ଗୀ)**

ଚାକିରି ନିୟମିତ କରାଇ ଦେବାକୁ କହି ବିଦ୍ୟୁତ୍ ବିଭାଗ(ଟିପିଡବ୍ଲ୍ୟୁ)ର ଜଣେ ହେଲପରଙ୍କ ଠାରୁ ୩୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବୁଧବାର ରାତିରେ ସୁନ୍ଦରଗଡ଼ ଜିଲା ବଡ଼ଗାଁ ଟିପିଡବ୍ଲ୍ୟୁର କନିଷ୍ଠ ଯନ୍ତ୍ରୀ ରଞ୍ଜନ ଦାସ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଠିକାରେ କାର୍ଯ୍ୟ କରୁଥିବା ହେଲ୍‌ପର ନରେନ୍ଦ୍ର କୁଲୁଙ୍କଠାରୁ କନିଷ୍ଠ ଯନ୍ତ୍ରୀ ଦାସ ବଡ଼ଗାଁ ବସ୍‌ଷ୍ଟାଣ୍ଡର ଏକ ଚା ଦୋକାନରେ ଟଙ୍କା ନେଉଥିବା ବେଳେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡିବସିଥିଲା। ତାଙ୍କଠାରୁ ୩୦ ହଜାର ଟଙ୍କା ଜବତ କରାଯାଇ ଗିରଫ କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ଚାକିରି ନିୟମିତ କରାଇ ଦେବାକୁ କହି କନିଷ୍ଠ ଯନ୍ତ୍ରୀ ଦାସ ହେଲ୍‌ପର କୁଲୁଙ୍କୁ ୩୦ ହଜାର ଟଙ୍କା ମାଗୁଥିଲେ। ଏ ସମ୍ପର୍କରେ କୁଲୁ ଭିଜିଲାନ୍ସ ବିଭାଗରେ ଜଣାଇଥିଲେ। ସୁନ୍ଦରଗଡ଼ ଭିଜିଲାନ୍ସ ବିଭାଗର ଭାରପ୍ରାପ୍ତ ଡିଏସପି ଦୈତାରୀ ଘଡେଇଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ବୁଧବାର ପୂର୍ବ ପ୍ରସ୍ତୁତି ଅନୁଯାୟୀ ଯନ୍ତ୍ରୀ ଦାସ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା।

## ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ



ଜଣେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

**ବଡ଼ଗାଁ,୨୦।୧୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ ଦ୍ୱାରା ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆନୁକୂଲ୍ୟରେ କ୍ରୀଡା ପ୍ରତିଯୋଗିତା, ସଚେତନତା ଧର୍ମୀ ପଥପ୍ରାନ୍ତ ନାଟକ, ରାଲି , ସଡ଼କ ସୁରକ୍ଷା, ଯୋଗ ଓ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଗତ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ଅଯୋଧ୍ୟା କୁମାର ଚୌଧୁରୀ ମୁଖ୍ୟ ଅତିଥି ଓ ପ୍ରଫେସର ଡା. ପ୍ରଭାତ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଜିଲାର ଐତିହ୍ୟ,ପରମ୍ପରା ମହାନ ବୋଲି କହିଥିଲେ। ଅନ୍ୟତମ ଅତିଥି ଅଜୟ ସାମଲ, (ଲଳିତ କଳା ଏକାଡେମୀ ରାଉରକେଲାର ସଦସ୍ୟ) ଛାତ୍ରୀଛାତ୍ରଙ୍କୁ କଳା କ୍ଷେତ୍ରରେ ପ୍ରୋତ୍ସାହନ ଦେବାପାଇଁ ଘୋଷଣା କରିଥିଲେ। ଏହି ଅବସରରେ ୨୦୨୨ ଓ ୨୦୨୩ରେ କଳା ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ତ୍ରିନାଥ କିଷାନ, ବିଜ୍ଞାନରେ ଖୁସି ରାଣୀ ସାହୁ , ବେଣୁଧର ରଣା, ଆମିନା ସାର୍ଫିଙ୍କୁ ମାନପତ୍ର ସହ ପ୍ରୋତ୍ସାହନ ରାଶି ୫ ହଜାର ଟଙ୍କା ଲେଖାଏଁ ଦିଆଯାଇ ସମ୍ମାନିତ କରାଯାଇଥିଲା। ଅଧ୍ୟକ୍ଷ ଦଶରଥ ନାଏକଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ନାରୀ ଶିକ୍ଷା, ଅନ୍ଧବିଶ୍ୱାସ ଉପରେ ୨ଟି ପଥପ୍ରାନ୍ତ ନାଟକ " ଝି "ଓ "ବେଡା" ଛାତ୍ରୀଛାତ୍ର ପ୍ରଦର୍ଶିତ କରିଥିଲେ। ଏହା ସହିତ ବଡ଼ଗାଁ ବସ୍‌ଷ୍ଟାଣ୍ଡରେ ସଫେଇ କାର୍ଯ୍ୟ କରିବା ସହ ବାଇକ୍ ଚାଳକଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ତହସିଲଦାର ଝରଣା ପ୍ରଧାନ ଉଦ୍‌ଘାଟନ କରିଥିଲେ। ସେହିପରି ଯୋଗ ଓ ସ୍ୱାସ୍ଥ୍ୟ ସଚେତନତା ଶିବିରରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇ ଯୋଗର ମାହାତ୍ମ୍ୟ, ଉପକାରିତା ଉପରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ଯୋଗଦେଇ ସ୍ୱାସ୍ଥ୍ୟ କିପରି ଠିକ୍ ରହିବ ସେ ନେଇ ବୁଝାଇଥିଲେ ଏବଂ ଔଷଧ ବଣ୍ଟନ କରିଥିଲେ। ଯୋଗ ଶିବିରରେ ସର୍ବତୀ ଦେବୀ ମହିଳା ମହା ବିଦ୍ୟାଳୟର ସୁପ୍ରିୟା ନନ୍ଦ ଓ ଟିମ୍ ଆସନ ଓ ତାର ଉପାଦେୟତା ଉପରେ ପ୍ରଶିକ୍ଷଣ ଦେଇଥିଲେ। ନୃତ୍ୟ ମାଧ୍ୟମରେ ଯୋଗ ତାଲିମ୍ ପ୍ରଦର୍ଶିତ କରିଥିଲେ। କଲେଜ ଅଧ୍ୟକ୍ଷ ଦଶରଥ ନାଏକଙ୍କ ଅଧ୍ୟକ୍ଷତା ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମର ନୋଡାଲ ଅଫିସର୍ ତଥା କଲେଜର ଯୋଗ ଦାୟିତ୍ୱରେ ଥିବା ଅଧ୍ୟାପକ ନୀରୋଜ୍ କୁମାର୍ ପଟେଲ, ଉପଦେଷ୍ଟା ଅରୁଣ ରଞ୍ଜନ ପୂଜାରୀ, ପ୍ରଶାନ୍ତ ବିଶି, ଚନ୍ଦନ ବେଉରା, ସୁପ୍ରିୟା ପାଲ୍, ଧୁଲେଶ୍ୱର୍ ସାହୁ, ତରୁଲତା ନାଏକ, ବର୍ଷା ମହାନ୍ତିଙ୍କ ସହିତ କର୍ମଚାରୀ ବିଭିନ୍ନ ବିଭାଗର ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ, ତହସିଲଦାର, ବ୍ଲକ ଅଧ୍ୟକ୍ଷା, ଜିଲାପରିଷଦ ସଭ୍ୟ, ବିଧାୟକ ଯୋଗଦେଇଥିଲେ।

## ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବ୍ରଜରାଜନଗର,୨୦।୧୨(ବିଜୟ ବରାଡ଼)**

ବ୍ରଜରାଜନଗର ପୌରାଞ୍ଚଳରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଗତ ୧୬ ତାରିଖରୁ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଖେଳକୁଦ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି। ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସାଇଁଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ସଭା ହୋଇଥିଲା। ଏଥିରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଓ ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମ, ପୌର ଉପନଗରପାଳ ଗୋପାଳ ସିତାନୀ, କାଉନସିଲର ପ୍ରଭାତୀ ଗଡ଼ନାୟକ, ମଧୁ ଶ୍ରୀବାସ୍ତବ, ଅମିର କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ହକିରେ ଗଣ୍ଡଘୋରା ଉଚ୍ଚ ବିଦ୍ୟାଳୟ, କ୍ରିକେଟରେ ଓରିଏଣ୍ଟ ଏକାଦଶ, ଫୁଟ୍‌ବଲରେ ଜୟକାଳୀ ସ୍ପୋର୍ଟିଂ, କବାଡି ପୁରୁଷ ବିଭାଗରେ ବ୍ରଜରାଜନଗର ବୋଜ କବାଡି, ବାଳିକା ବିଭାଗରେ ଏନ୍‌ଏସି ବାଳିକା ଉଚ୍ଚବିଦ୍ୟାଳୟ ଚାମ୍ପିୟନ ହୋଇଥିଲେ। ଅତିଥିମାନେ ଚାମ୍ପିୟନ ଦଳକୁ ୨୦ ହଜାର ଓ ରନର୍ସ ଅପ ଦଳକୁ ୧୫ ହଜାର ଟଙ୍କା ଲେଖାଏ ପ୍ରଦାନ କରି ପୁରସ୍କୃତ କରିଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପଞ୍ଜୀକରଣ

**ବାଲିଶଙ୍କରା,୨୦।୧୨(ହୃଦାନନ୍ଦ ବାରିକ)**

ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କୁଞ୍ଜଲତା ଭିତ୍ରିଆ ଯୋଗଦେଇ ଶୁଭାରମ୍ଭ କରିଥିଲେ। ବିଡିଓ ଜ୍ୟୋର୍ତିମୟୀ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଚାଲିଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରୁବିନା ଏକ୍କା ସଂଯୋଜନା କରିଥିଲେ। ସମ୍ମାନିତ ଅତିଥିଭାବେ ସମିତି ସଭ୍ୟ ପ୍ରମୋଦ ମିଞ୍ଜ, କୁସୁମୁରା ସରପଞ୍ଚ ଜୋହାନି ତିର୍କୀ, ସମିତି ସଭ୍ୟା କସ୍ତୁରୀ ସେଠ, ବେହେରାଡିହି ସରପଞ୍ଚ ଆବ୍ରାହାମ ଲାକ୍ରା ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମଙ୍କୁ ଡାକ୍ତରଙ୍କ ପାଖରେ ଚିକିତ୍ସା କରାଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁନୀଲ ନାଏକ, ଜଗତରାମ ପ୍ରଧାନ, ସୀମାରେଖା ବେହେରା, ସୁଜାତା ମାଝି, ବ୍ଲକର ସମସ୍ତ କର୍ମଚାରୀ ସକ୍ରିୟ ଭାବେ କାର୍ଯ୍ୟଭାର ତୁଲାଇଥିଲେ। ଏହି ଶିବିରରେ ୪୮୫ ଜଣ ହିତାଧିକାରୀ ପଞ୍ଜିକରଣ କରିଥିବାବେଳେ ଆଖି ବିଶେଷଜ୍ଞ ଡା. ପୂର୍ଣ୍ଣଚନ୍ଦ୍ର ମାଝି, ନାକ ବିଶେଷଜ୍ଞ ଦୀପକ କୁମାର ପ୍ରଧାନ, ଡିଏମଏଫ ବିଶେଷଜ୍ଞ ଡ. ମନୀଷ ଶର୍ମା, ମେଡିସିନ ବିଶେଷଜ୍ଞ ଡ. ସଞ୍ଜୟ ଦାସ, ଡିଏମଏଫ ବିଶେଷଜ୍ଞ ଡା.ଶୁଭକାନ୍ତ ପଟେଲ ହିତାଧିକାରୀଙ୍କ ଚିକିତ୍ସା ସହ ପରୀକ୍ଷା କରିଥିଲେ।

## ଧାନମଣ୍ଡି ଉଦ୍‌ଘାଟିତ, ୨୦ ଚାଷୀଙ୍କଠାରୁ ଧାନ କିଣା ଆରମ୍ଭ

**ଲହୁଣୀପଡ଼ା,୨୦।୧୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଲ୍ୟାମ୍ପସରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର ଯୋଗ ଦେଇଥିବାବେଳେ ଲ୍ୟାମ୍ପସ ସଭାପତି କିଶୋର କୁମାର ନାୟକ, ପରିଚାଳନା ନିର୍ଦ୍ଦେଶକ ଚିତ୍ତରଞ୍ଜନ ପାତ୍ର, ବ୍ଲକ ଯୋଗାଣ ଅଧିକାରୀ ଶ୍ୟାମ ଚରଣ ମାଝି ଯୋଗଦେଇଥିଲେ। ଉପସ୍ଥିତ ଅତିଥିଙ୍କୁ ଲ୍ୟାମ୍ପସ ତରଫରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଫିତା କାଟି ଧାନ ମଣ୍ଡିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମଣ୍ଡି ଖୋଲିବାର ପ୍ରଥମ ଦିନରେ ଟୋକନ ପାଇଥିବା ପ୍ରାୟ



ମୁଖ୍ୟ ଅତିଥି ଫିତାକାଟି ଧାନ ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

୨୦ ଚାଷୀଙ୍କଠାରୁ ବିଦ୍ୟା ରାଇସ ମିଲ ଧାନ କିଣା ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲ୍ୟାମ୍ପସ ନିର୍ଦ୍ଦେଶକ ଗଙ୍ଗା ମାହାନ୍ତ, ଉମେଶ ରାୟ, ହେମନ୍ତ କୁମାର ମାହାନ୍ତ ସମେତ ଲ୍ୟାମ୍ପସ କର୍ମଚାରୀ ବେଣୁଧର ମାହାନ୍ତ, ଆଶ୍ୱିନ କୁମାର ପଟେଲ, ପ୍ରଦୀପ କୁମାର ମାହାନ୍ତ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭାରତର ରୋମାନିଆ ରାଷ୍ଟ୍ରଦୂତଙ୍କ ଡେଙ୍ଗୁଲା ଗସ୍ତ



**ଟେନ୍‌ସା,୨୦।୧୨(ସମୀର କୁମାର ପାଢୀ)**

ସୁନ୍ଦରଗଡ ଜିଲା କୋଇଡା ବ୍ଲକ ଡେଙ୍ଗୁଲା ପଞ୍ଚାୟତକୁ ଭାରତର ରୋମାନିଆ ରାଷ୍ଟ୍ରଦୂତ ରାହୁଲ ଶ୍ରୀବାସ୍ତବ ବୁଧବାର ପରିଦର୍ଶନରେ ଆସିଥିଲେ। ଲୁହାପଥର ଉତ୍ପାଦିତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଅଗ୍ରଗତି ସହ ଗ୍ରାମବାସୀଙ୍କ ଜୀବନ ଶୈଳୀକୁ ଦେଖିଥିଲେ। ଏହି ରାଷ୍ଟ୍ରଦୂତଙ୍କ ସହିତ ବଣାଇଁ ଉପଜିଲାପାଳ ସୁରଞ୍ଜନ ସାହୁ, କୋଇଡା ତହସିଲଦାର ଅନିଲ୍ କୁମାର ଆଚାର୍ଯ୍ୟ, ବିଡିଓ ରଶ୍ମିରେଖା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡେଙ୍ଗୁଲା ବିଦ୍ୟାଳୟ, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କଲ୍ୟାଣ ମଣ୍ଡପ, ଗ୍ରାମ୍ୟ ବ୍ୟାଙ୍କ୍, ଅଙ୍ଗନୱାଡି କେନ୍ଦ୍ର,ସ୍ୱୟଂ ସହାୟକ ଗୋଷ୍ଠୀ କେନ୍ଦ୍ର ପ୍ରମୁଖ ରାଷ୍ଟ୍ରଦୂତ ପରିଦର୍ଶନ କରିଥିଲେ।

## ୪୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ

**ରାଜଗାଙ୍ଗପୁର,୨୦।୧୨ (ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବ୍ଲକ ଚୁଙ୍ଗିମାଟି ସରକାରୀ ଉଚ୍ଚ ବିଦ୍ୟାଳୟରେ ୪୯ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଡିଓ ଅକ୍ଷୟ ବାଗ ଏହାକୁ ଉଦ୍‌ଘାଟନ କରିବା ସହିତ ନିଜ ବକ୍ତବ୍ୟରେ ପାଠପଢା ସହ ଖେଳ କୁଦର ଆବଶ୍ୟକତା ଓ ଏହା ସହିତ ସଫଳତା ଅସଫଳତା ଉଭୟକୁ ଗ୍ରହଣକରି ମାର୍ଗ ନିର୍ଣ୍ଣୟ କରିବା ଉପରେ କହିଥିଲେ। ଶେଷରେ ବିଭିନ୍ନ କ୍ରୀଡାରେ ଉତ୍ତିର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ଜଗଦିଶ କିଣ୍ଡୋ, ସମିତି ସଭ୍ୟ ଜ୍ୟୋତି ରଞ୍ଜନ ନାୟକ, ସିଆର୍‌ସିସି ପ୍ରମୋଦିନି ପଣ୍ଡା ପ୍ରମୁଖ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷୟତ୍ରୀ ସବିତା ନାଏକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ନର୍ମଦା ଦେ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଉଷା ଅମିତା ଲାକ୍ରା, ମଧୁସ୍ମିତା ପଟେଲ,ସୂର୍ଯ୍ୟକାନ୍ତ ଲାକ୍ରା, ଦିବ୍ୟଶଙ୍କର ସାହୁ, ନିତ୍ୟାନନ୍ଦ ପଣ୍ଡା ଓ ଅଜୟ ନନ୍ଦ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।



ମୁଖ୍ୟ ଅତିଥି ଜଣେ ଛାତ୍ରୀଙ୍କୁ ପରୁସ୍କାର ପ୍ରଦାନ କରୁଛନ୍ତି।

## ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଭୋଟର ସଚେତନତା

**ବ୍ରଜରାଜନଗର,୨୦।୧୨(ବିଜୟ ବରାଡ଼)**

ବ୍ରଜରାଜନଗର ମହାବିଦ୍ୟାଳୟ ସମ୍ମୁଖରେ ବୁଧବାର ଭାଜପା ଯୁବମୋର୍ଚ୍ଚା ତରଫରୁ ରାହୁଲ ଶର୍ମାଙ୍କ ଅଧ୍ୟକ୍ଷତାରେ ନୂତନ ଭୋଟର ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ ସିଂ ଯୋଗଦେଇ ନୂତନ ଭୋଟରମାନଙ୍କୁ ସଚେତନ କରିବା ସହ ସେମାନଙ୍କର ନାମ ଭୋଟର ତାଲିକାରେ ପଞ୍ଜୀକରଣ କରାଇଥିଲେ। ଏହି ଅଭିଯାନରେ ରାଜ୍ୟ ସୋସିଆଲ ମିଡ଼ିଆ ଓ ଆଇଟି ପ୍ରଭାରୀ ସାର୍ଥକ ମୁନି, ଆକାଶ ବାରିକ, ବିରେନ୍ଦ୍ର ପ୍ରଧାନ, ରାଜ ଆର୍ଯ୍ୟନ, ରଞ୍ଜିତ ବାଦି ପ୍ରମୁଖ ସାମିଲ ହୋଇଥିଲେ।



କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ଯୁବମୋର୍ଚ୍ଚା କର୍ମକର୍ତ୍ତା।

## ଜାତୀୟ ଖୋଖୋରେ ଚମକିଲେ ପୁପୁନ

**କୁତ୍ରା,୨୦।୧୨(ଦେବାଶିଷ ସାହୁ)**



ପୁପୁନ ଓ ତାଙ୍କ ମା' ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଜାତୀୟ ସ୍ତର ଖୋଖରେ ନିଜର ନିଖୁଣ ପ୍ରତିଭା ଦେଖାଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି କୁତ୍ରା ବ୍ଲକ କୁରୁଙ୍ଗା ଗ୍ରାମର ପୁପୁନ ମାଝି। ସେ କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ର। ପୁପୁନ ଯେତେବେଳେ ୬ଷ୍ଠ ଶ୍ରେଣୀରେ ପାଠ ପଢୁଥିଲେ ସେତେବେଳେ ବିଦ୍ୟାଳୟର ଅନ୍ୟାନ୍ୟ ଖଖୋ ଖେଳାଳିଙ୍କ ଖେଳ ଦେଖି ନିଜେ ଖେଳିବାକୁ ଇଚ୍ଛା ପ୍ରକାଶ କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହଯୋଗରେ ଖେଳ ଆରମ୍ଭ କରିଥିଲେ। ଚଳିତ ବର୍ଷ ଜିଲା ଖୋଖୋ ଚାମ୍ପିୟନଶିପରେ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରି ବିଦ୍ୟାଳୟକୁ ଚାମ୍ପିୟନ କରିଥିଲେ। ଏଥିସହ ରାଜ୍ୟ ଖୋଖୋ ଚାମ୍ପିୟନଶିପ୍‌ରେ ଅନୁଗୁଳଠାରେ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରି ସୁନ୍ଦରଗଡ ଜିଲା ଜୁନିୟର ଖୋଖୋ ଦଳକୁ ଚାମ୍ପିୟନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଚଳିତ ବର୍ଷ ଓପନ ଖୋଖୋ ପ୍ରତିଯୋଗିତାରେ ପୁରୀ ସ୍ପୋର୍ଟସ ଛାତ୍ରାବାସରେ ନଭେମ୍ବର ୨୧ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଖେଳ ପ୍ରଦର୍ଶନ କରି ଜୁନିୟର ଜାତୀୟ ଖୋଖୋ ଚାମ୍ପିୟନଶିପ୍ ପାଇଁ ମନୋନୀତ ହୋଇ କର୍ଣ୍ଣାଟକର ତିବତ୍ତୁର ଠାରେ ଡିସେମ୍ବର ୧୩ରୁ ୧୭ ପର୍ଯ୍ୟନ୍ତ ଖେଳି ନିଜ ପ୍ରତିଭାର ପରିଚୟ ଦେଇଥିଲେ। ସେଠାରେ କୋହ୍ଲାପୁର, ପଣ୍ଡିଚେରୀ, ତାମିଲନାଡୁ ଓ ଦିଲ୍ଲୀ ଖେଳାଳୀଙ୍କ ସହ ଖେଳିଥିଲେ। ବୁଧବାର ବିଦ୍ୟାଳୟକୁ ଫେରିବା ପରେ ଅନୁଷ୍ଠାନ ତରଫରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ତାଙ୍କ ପ୍ରେରଣା ଦାତା କ୍ରୀଡା ପ୍ରୋତ୍ସାହକ ବିଭିଷଣ ବାରିକ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, କୋଚ୍ ମନୋଜ ମିଞ୍ଜ,ଜଗନ୍ନାଥ କିଷାନ ଓ ପୁପୁନର ମା'ଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଦକ୍ଷତାବୃଦ୍ଧି ତାଲିମ ଦ୍ୱାରା କୃଷି ଉଦ୍ୟୋଗୀ ସୃଷ୍ଟି ସମ୍ଭବ

**ଜିଆଚାଷ, ଖତ ଉପରେ ଦକ୍ଷତା ବୃଦ୍ଧି ତାଲିମ ଶିବିର**

**ସୁନ୍ଦରଗଡ,୨୦।୧୨(ଜୟ ନାରାୟଣ ମେଣ୍ଡୁଲି)**




କିରେଇସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏକ ୩ ଦିବସୀୟ ଦକ୍ଷତା ବୃଦ୍ଧି ତାଲିମ୍ ଶିବିର ଗତ ୧୮ତାରିଖ ରୁ ୨୦ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି। ଗ୍ରାମୀଣ ଶିକ୍ଷିତ ଯୁବତୀ ଯୁବକଙ୍କୁ ଉଦ୍ୟୋଗୀ ସୃଷ୍ଟି କରିବା ଓ ରୋଜଗାରର ପନ୍ଥା ଭାବେ ଜିଆଚାଷ ଓ ଜିଆଖତ ଉତ୍ପାଦନକୁ ଗ୍ରହଣ କରିବା ଲକ୍ଷ୍ୟ ନେଇ ଜିଲାର ବିଭିନ୍ନ ବ୍ଲକରୁ ୨୦ ଆଗ୍ରହୀ ଯୁବଚାଷୀଙ୍କୁ ନେଇ ଏହି ତାଲିମ୍ ଶିବିର ଆୟୋଜନ କରାଯାଇଥିଲା। ପ୍ରଶୀକ୍ଷାର୍ଥୀଙ୍କୁ ଜିଆଚାଷ ଓ ଜିଆଖତ ଉତ୍ପାଦନ ସମ୍ବନ୍ଧୀୟ ବିଭିନ୍ନ ଜ୍ଞାନକୌଶଳ ଯଥା ଜିଆଖତ ପାଇଁ ଉପଯୋଗୀ ଜିଆ, ଆବଶ୍ୟକ ଉପକରଣ, ପ୍ରସ୍ତୁତି ପ୍ରଣାଳୀ, ବିଭିନ୍ନ ଫସଲରେ ପ୍ରୟୋଗ ବିଧି, ଜିଆର ବଂଶ ବୃଦ୍ଧି, ବିକ୍ରିବଟା, ସରକାରୀ ଯୋଜନା ଓ ସୁବିଧା ସୁଯୋଗ ଆଦି ବିଷୟରେ ତାଲିମ୍ ପ୍ରଦାନ କରାଯିବା ସହିତ ପ୍ରାକ୍ଟିକାଲ ମାଧ୍ୟମରେ ଜ୍ଞାନ କୌଶଳକୁ ପ୍ରଦର୍ଶନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡା. ମନୋଜ କୁମାର ଜେନା ମୁଖ୍ୟ ପ୍ରଶିକ୍ଷକ ଭାବେ ତାଲିମ୍ ପ୍ରଦାନ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ.ଡେଭିଡ୍ ଜେମସ୍ ବାଗେ ମଧ୍ୟ ତାଲିମ୍ ପ୍ରଦାନ କରିବା ସହିତ ଉତ୍ସାହିତ କରିଥିଲେ। ପ୍ରଶିକ୍ଷଣ ଶେଷରେ ପ୍ରଶିକ୍ଷାର୍ଥୀମାନଙ୍କର ମୂଲ୍ୟାୟନ କରାଯାଇ ତାଲିମ୍ ପୁସ୍ତିକା, ଜିଆ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ତାଲିମ୍ ଶିବିରକୁ କେନ୍ଦ୍ରର ବୈଜ୍ଞାନିକ ଡା. ଦିବ୍ୟେନ୍ଦୁ ମଣ୍ଡଳ, କାର୍ଯ୍ୟକ୍ରମ ସହାୟକ ବିଦ୍ୟାଧର ଟୁଡୁ, ଅରୁଣ କୁମାର ମିଶ୍ର, ମୟୁଖ ଅଧିକାରୀ, ଷ୍ଟେନୋ କମଳ ଲୋଚନ ମହାନ୍ତ, କର୍ମଚାରୀ ଜିତେନ୍ଦ୍ର ସେଠୀ, ଭ୍ରମରବର ସା, ଗଜାନନ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ଆର୍‌ସିଏମ୍‌ଏସ୍ ପକ୍ଷରୁ ଧାନ କିଣା ଆରମ୍ଭ

**ଲହୁଣୀପଡା,୨୦।୧୨(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡାସ୍ଥିତ ବଣାଁଇ ଆଞ୍ଚଳିକ ସମବାୟ ସମିତି ରାଜାମୁଣ୍ଡା ପକ୍ଷରୁ ବୁଧବାର ଧାନ କିଣାର ଶୁଭାରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ରାଜାମୁଣ୍ଡା ପଞ୍ଚାୟତ ସମିତି ସଭ୍ୟ ଅଶୋକ କୁମାର ବେହେରା, ଏସିଏସଓ ମନୋଜ କୁମାର ରଥ,ଏଆର୍‌ସିଏସ ବିନୋଦ କୁମାର ପଟେଲ ଯୋଗଦେଇଥିଲେ। ଏଥିରେ ଆର୍‌ସିଏମଏସ ସଭାପତି କୁଳମଣି ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଆର୍‌ସିଏମଏସ ସମ୍ପାଦକ ଧୀରେନ୍ଦ୍ର କୁମାର ଶତାପଥୀ ପରିଚୟ ଓ ଚଳିତ ବର୍ଷର ଧାନ କିଣା ନୀତି ନିୟମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ଆର୍‌ସିଏମଏସ ମଣ୍ଡି ପକ୍ଷରୁ ରାଜାମୁଣ୍ଡା, ବଡ଼ ପୁରୁଣାପାଣି ଓ ଦର୍ଜାଂ ପଞ୍ଚାୟତର ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯିବ। ଏଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶ୍ରା ବ୍ଲକରେ ଅବସ୍ଥିତ ରାଧାଗୋପୀ ରାଇସ ମିଲ ଧାନ କିଣିବ ବୋଲି ଧାର୍ଯ୍ୟ କରାଯାଇଥିବା ଜଣାପଡିଛି। ମଣ୍ଡି ଉଦ୍‌ଘାଟନର ପ୍ରଥମ ଦିନରେ ଟୋକନ ପାଇଥିବା ୨୭ ଜଣ ଚାଷୀଙ୍କ ନିକଟରୁ ପ୍ରାୟ ୧୧ ଶହ କୁଇଣ୍ଟାଲ ଧାନ ସରକାରୀ ନିୟମ ଅନୁଯାୟୀ ଧାର୍ଯ୍ୟ ମୂଲ୍ୟରେ କିଣା ହୋଇଥିଲା। ଏସଏଲପିଏସ ସଦସ୍ୟ ସୁଦାମ ଚରଣ ତ୍ରିପାଠୀ, ଆନନ୍ଦ କୁମାର ମାହାନ୍ତ, ପ୍ରଫୁଲ ସାହୁ, ଚୌଧୁରୀ ମାହାନ୍ତଙ୍କ ତତ୍ତ୍ୱାବଧାନରେ ଧାନ କିଣା ଆରମ୍ଭ ହୋଇଥିଲା।

## ଚିତାପେଡ଼ିରେ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

**ନୂଆଗାଁ,୨୦।୧୨(ବିଜୟ ତ୍ରିପାଠୀ):** ନୂଆଗାଁ ବ୍ଲକର ଚିତାପେଡ଼ି ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ମଙ୍ଗଳବାର କରାଯାଇଛି । ପୋଖରୀରେ ଗାଧୁଆ ଘାଟର ନିର୍ମାଣ, ଗୋଷ୍ଠୀ କେନ୍ଦ୍ର, ହନୁମାନ ମନ୍ଦିର ସେଡ, ମଣ୍ଡପ, ସାଂସ୍କୃତିକ ଗତିବିଧି କେନ୍ଦ୍ର ଆଦିର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ବିଶ୍ୱାସୀ ଟପ୍ପୋ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ସୁଶିଳା ଟପ୍ପୋ, ବ୍ଲକ ସଭା ପତି ଦିଗାମ୍ବର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ଏସଡିସି ସଦସ୍ୟ ହିମାଂଶୁ ପଣ୍ଡା, ଛାତ୍ର ସଭାପତି ମହେନ୍ଦ୍ର ବଡ଼ାଇକ, ଯୁବ ନେତା ଲିଟୁନ ସିଂ, ବାଜିନାଥ ଭୂଇଁୟା, ବିଷୋମ୍ବର ବଡ଼ାଇକ, ପୂର୍ବତନ ସମିତି ସଭ୍ୟ ଗଞ୍ଜୁଆ ଓରାମ, ହିମାଂଶୁ ତ୍ରିପାଠୀ, ଚିତାପେଡ଼ି ସରପଞ୍ଚ ଏତ ଖାଖା, ସମିତି ସଭ୍ୟ ସନିକା ଲାକ୍ରା, ଜନ୍ମଜୟ ପଣ୍ଡା, ମହେନ୍ଦ୍ର ଗୋୱାଲା, ରାମେଶ୍ୱର ଭାଇସଲ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ଧାର ଘେରରେ ଲଇମୁରାର ୫ ଖଣ୍ଡ ଗାଁ

**ଦେବଗଡ, ୨୦।୧୨ (ଶଶାଙ୍କ ଶେଖର ଝାଙ୍କର):** ତିଳେଇବଣି ବ୍ଲକ ଲଇମୁରା ପଞ୍ଚାୟତର ୫ ଖଣ୍ଡ ଗାଁ ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଛି। ୬ ମାସ ହେଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡିଯାଇଥିବାରୁ ପଞ୍ଚାୟତର ଝରିଆଗୁଡା, ପାଣିଭଣ୍ଡାର, ବରଝିପା, ସାହାଡିହ, ବାମୁଆ ଗ୍ରାମବାସୀ ଅନ୍ଧାରରେ ରହୁଛନ୍ତି। ଜିଲା କଂଗ୍ରେସ କମିଟି ସଭାପତି ସେମ୍ ହେମ୍ବ୍ରମଙ୍କ ନେତୃତ୍ୱରେ ଉକ୍ତ ଅଞ୍ଚଳର ବହୁ ଜନସାଧାରଣ ବୁଧବାର ଦେବଗଡସ୍ଥିତ ବିଦ୍ୟୁତ ବିତରଣ କମ୍ପାନୀଙ୍କୁ ଆସି ନିର୍ବାହୀ ଯନ୍ତ୍ରୀଙ୍କୁ ଯଥାଶୀଘ୍ର ଟ୍ରାନ୍ସଫର୍ମର ଲଗାଇବା ସହ ବିଦ୍ୟୁତ୍ ସଂଯୋଗ କରିବାକୁ ଦାବି କରିଛନ୍ତି ।

## ଜାତୀୟ ଖୋଖୋରେ ଚମକିଲେ ପୁପୁନ

**କୁତ୍ରା,୨୦।୧୨(ଦେବାଶିଷ ସାହୁ):** ଜାତୀୟ ସ୍ତର ଖୋଖରେ ନିଜର ନିଖୁଣ ପ୍ରତିଭା ଦେଖାଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି କୁତ୍ରା ବ୍ଲକ କୁରୁଙ୍ଗା ଗ୍ରାମର ପୁପୁନ ମାଝି। ସେ କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ର। ପୁପୁନ ଯେତେବେଳେ ୬ଷ୍ଠ ଶ୍ରେଣୀରେ ପାଠ ପଢୁଥିଲେ ସେତେବେଳେ ବିଦ୍ୟାଳୟର ଅନ୍ୟାନ୍ୟ ଖୋଖୋ ଖେଳାଳିଙ୍କ ଖେଳ ଦେଖି ନିଜେ ଖେଳିବାକୁ ଇଚ୍ଛା ପ୍ରକାଶ କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହଯୋଗରେ ଖେଳ ଆରମ୍ଭ କରିଥିଲେ। ଚଳିତ ବର୍ଷ ଜିଲା ଖୋଖୋ ଚାମ୍ପିୟନଶିପରେ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରି ବିଦ୍ୟାଳୟକୁ ଚାମ୍ପିୟନ କରିଥିଲେ।

# ଲାଞ୍ଚ ନେଇ ଧରାପଡ଼ିଲେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ

**ସୁନ୍ଦରଗଡ଼,ବଡ଼ଗାଁ,୨୦।୧୨ (ଜୟ ନାରାୟଣ ମେଣ୍ଡୁଲି/ଅଶୋକ ଷଡ଼ଙ୍ଗୀ)**

ଚାକିରି ନିୟମିତ କରାଇ ଦେବାକୁ କହି ବିଦ୍ୟୁତ୍ ବିଭାଗ(ଟିପିଡବ୍ଲ୍ୟୁ)ର ଜଣେ ହେଲପରଙ୍କ ଠାରୁ ୩୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବୁଧବାର ରାତିରେ ସୁନ୍ଦରଗଡ଼ ଜିଲା ବଡ଼ଗାଁ ଟିପିଡବ୍ଲ୍ୟୁର କନିଷ୍ଠ ଯନ୍ତ୍ରୀ ରଞ୍ଜନ ଦାସ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଠିକାରେ କାର୍ଯ୍ୟ କରୁଥିବା ହେଲ୍‌ପର ନରେନ୍ଦ୍ର କୁଲୁଙ୍କଠାରୁ କନିଷ୍ଠ ଯନ୍ତ୍ରୀ ଦାସ ବଡ଼ଗାଁ ବସ୍‌ଷ୍ଟାଣ୍ଡର ଏକ ଚା ଦୋକାନରେ ଟଙ୍କା ନେଉଥିବା ବେଳେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡିବସିଥିଲା। ତାଙ୍କଠାରୁ ୩୦ ହଜାର ଟଙ୍କା ଜବତ କରାଯାଇ ଗିରଫ କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ଚାକିରି ନିୟମିତ କରାଇ ଦେବାକୁ କହି କନିଷ୍ଠ ଯନ୍ତ୍ରୀ ଦାସ ହେଲ୍‌ପର କୁଲୁଙ୍କୁ ୩୦ ହଜାର ଟଙ୍କା ମାଗୁଥିଲେ। ଏ ସମ୍ପର୍କରେ କୁଲୁ ଭିଜିଲାନ୍ସ ବିଭାଗରେ ଜଣାଇଥିଲେ। ସୁନ୍ଦରଗଡ଼ ଭିଜିଲାନ୍ସ ବିଭାଗର ଭାରପ୍ରାପ୍ତ ଡିଏସପି ଦୈତାରୀ ଘଡେଇଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ବୁଧବାର ପୂର୍ବ ପ୍ରସ୍ତୁତି ଅନୁଯାୟୀ ଯନ୍ତ୍ରୀ ଦାସ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା।

# ଜିଲା ପରିଷଦ ଅଧିବେଶନ, ଦିଶା ବୈଠକ



ବୈଠକରେ ଉପସ୍ଥିତ ଅତିଥି ବୃନ୍ଦ।

**ଦେବଗଡ଼,୨୦।୧୨ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଜିଲା ପରିଷଦର ୬ଷ୍ଠ ଅଧିବେଶନ ତଥା ୪ର୍ଥ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିବା ସହ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ଗ୍ରାମୀଣ ଆବାସ ଯୋଜନା, ଓଡ଼ିଶା ଜୀବିକା ମିଶନ, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ସ୍ୱଚ୍ଛ ଭାରତ ମିଶନ ସମେତ ବିଭିନ୍ନ ଯୋଜନା ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଜିଲାର ସାମଗ୍ରୀକ ବିକାଶ ନିମନ୍ତେ ଜନପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ଜିଲାପରିଷଦ ଉପାଧ୍ୟକ୍ଷା ବର୍ଷାରାଣୀ ମୁଣ୍ଡା, ବନଖଣ୍ଡ ଅଧିକାରୀ ମଗର ଧାନାଜି ରାଓସୋ, ସମ୍ବଲପୁର ଲୋକସଭା ସାଂସଦଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ଦେବଗଡ ବିଧାୟକଙ୍କ ପ୍ରତିନିଧି ଭାରତ ଭୂଷଣ ପ୍ରଧାନ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ତିଳେଇବଣୀ ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଜିଲାପରିଷଦ ସଦସ୍ୟା ଗୀତାଞ୍ଜଳି ପାଣି, ପୁଷ୍ପାଞ୍ଜଳୀ ସାମଲ, ବାସନ୍ତୀ ବେହେରା, ଜିଲାପରିଷଦ ସଦସ୍ୟ ସମରେନ୍ଦ୍ର ଜିତ ଓ ସମସ୍ତ ବିଭାଗର ଜିଲସ୍ତରୀୟ ଅଧିକାରୀ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରେ ଜିଲାପାଳ ସୋମେସ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଦିଶା ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଜିଲାରେ ଚାଲିଥିବା ମଧ୍ୟାହ୍ନ ଭୋଜନ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ସମେତ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋଚନା ହୋଇଥିଲା। ଶେଷରେ ଜିଲାପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବ୍ରଜରାଜନଗର,୨୦।୧୨(ବିଜୟ ବରାଡ଼)**

ବ୍ରଜରାଜନଗର ପୌରାଞ୍ଚଳରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଗତ ୧୬ ତାରିଖରୁ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଖେଳକୁଦ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି। ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସାଇଁଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ସଭା ହୋଇଥିଲା। ଏଥିରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଓ ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମ, ପୌର ଉପନଗରପାଳ ଗୋପାଳ ସିତାନୀ, କାଉନସିଲର ପ୍ରଭାତୀ ଗଡ଼ନାୟକ, ମଧୁ ଶ୍ରୀବାସ୍ତବ, ଅମିର କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ହକିରେ ଗଣ୍ଡଘୋରା ଉଚ୍ଚ ବିଦ୍ୟାଳୟ, କ୍ରିକେଟରେ ଓରିଏଣ୍ଟ ଏକାଦଶ, ଫୁଟ୍‌ବଲରେ ଜୟକାଳୀ ସ୍ପୋର୍ଟିଂ, କବାଡି ପୁରଷ ବିଭାଗରେ ବ୍ରଜରାଜନଗର ବୋଜ କବାଡି, ବାଳିକା ବିଭାଗରେ ଏନ୍‌ଏସି ବାଳିକା ଉଚ୍ଚବିଦ୍ୟାଳୟ ଚାମ୍ପିୟନ ହୋଇଥିଲେ। ଅତିଥିମାନେ ଚାମ୍ପିୟନ ଦଳକୁ ୨୦ ହଜାର ଓ ରନର୍ସ ଅପ ଦଳକୁ ୧୫ ହଜାର ଟଙ୍କା ଲେଖାଏ ପ୍ରଦାନ କରି ପୁରସ୍କୃତ କରିଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପଞ୍ଜୀକରଣ

**ବାଲିଶଙ୍କରା,୨୦।୧୨(ହୃଦାନନ୍ଦ ବାରିକ)**

ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କୁଞ୍ଜଲତା ଭିତ୍ରିଆ ଯୋଗଦେଇ ଶୁଭାରମ୍ଭ କରିଥିଲେ। ବିଡିଓ ଜ୍ୟୋତିର୍ମୟୀ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଚାଲିଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରୁବିନା ଏକ୍କା ସଂଯୋଜନା କରିଥିଲେ। ସମ୍ମାନିତ ଅତିଥିଭାବେ ସମିତି ସଭ୍ୟ ପ୍ରମୋଦ ମିଞ୍ଜ, କୁସୁମୁରା ସରପଞ୍ଚ ଜୋହାନି ତିର୍କୀ, ସମିତି ସଭ୍ୟା କସ୍ତୁରୀ ସେଠ, ବେହେରାଡିହି ସରପଞ୍ଚ ଆବ୍ରାହାମ ଲାକ୍ରା ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମଙ୍କୁ ଡାକ୍ତରଙ୍କ ପାଖରେ ଚିକିତ୍ସା କରାଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁନୀଲ ନାଏକ, ଜଗତରାମ ପ୍ରଧାନ, ସୀମାରେଖା ବେହେରା, ସୁଜାତା ମାଝି, ବ୍ଲକର ସମସ୍ତ କର୍ମଚାରୀ ସକ୍ରିୟ ଭାବେ କାର୍ଯ୍ୟଭାର ତୁଲାଇଥିଲେ। ଏହି ଶିବିରରେ ୪୮୫ ଜଣ ହିତାଧିକାରୀ ପଞ୍ଜିକରଣ କରିଥିବାବେଳେ ଆଖି ବିଶେଷଜ୍ଞ ଡା. ପୂର୍ଣ୍ଣଚନ୍ଦ୍ର ମାଝି, ନାକ ବିଶେଷଜ୍ଞ ଦୀପକ କୁମାର ପ୍ରଧାନ, ଡିଏମଏଫ ବିଶେଷଜ୍ଞ ଡ. ମନୀଷ ଶର୍ମା, ମେଡିସିନ ବିଶେଷଜ୍ଞ ଡ. ସଞ୍ଜୟ ଦାସ, ଡିଏମଏଫ ବିଶେଷଜ୍ଞ ଡା.ଶୁଭକାନ୍ତ ପଟେଲ ହିତାଧିକାରୀଙ୍କ ଚିକିତ୍ସା ସହ ପରୀକ୍ଷା କରିଥିଲେ।

# ରାଜା ବାସୁଦେବ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ଦେବଗଡ,୨୦।୧୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲାର ସର୍ବ ପୁରାତନ ତଥା ଐତିହ୍ୟ ସମ୍ପନ୍ନ ରାଜା ବାସୁଦେବ ହାଇସ୍କୁଲରେ ମଙ୍ଗଳବାର ଆରମ୍ଭ ହୋଇଥିବା ୨ ଦିନିଆ ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱ ଓ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଯୋଗଦେଇ ଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବାସହ କ୍ରୀଡା ପତାକା ଅବତରଣ ଓ ମଶାଲ ନିର୍ବାପନ ପୂର୍ବକ ଉତ୍ସବକୁ ଉଦ୍‌ଯାପନ କରିଥିଲେ। ଏହି ଅବସରରେ ଛାତ୍ରଙ୍କ ମଧ୍ୟରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସହକାରୀ ଜିଲାପାଳ ଈଶ୍ୱର ଗୁରୁ, ପୁରାତନ ଛାତ୍ର ସଂସଦ ସଭାପତି ତଥା ବିଦ୍ୟାଳୟ ମୋ ସ୍କୁଲ ଅଭିଯାନର ସଭାପତି ସିଦ୍ଧାର୍ଥ ଗୁରୁ ଯୋଗଦେଇ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅନ୍ୟତମ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ ସୁରୁ ପାତ୍ର ଓ ସୁଗୁଡା କ୍ଲଷ୍ଟର ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ସଭା ପ୍ରାରମ୍ଭରେ ବରିଷ୍ଠ ଶିକ୍ଷୟିତ୍ରୀ ସନ୍ତୋଷିନୀ ଦାଶ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ରାମକୃଷ୍ଣ ସାହୁ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ବାତ୍ସଲ୍ୟ କୁମାର ବିଶ୍ୱାଳ ଅତିଥି ଭାବେ ଏହି ୨ଦିନିଆ କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷୟିତ୍ରୀ ସ୍ମିତାରାଣୀ ପ୍ରଧାନ, ସୁଜାତା ସାହୁ, ଅନ୍ନଦା ମଞ୍ଜରୀ ସାହୁ, ରାଜେଶ୍ୱରୀ କିଷାନ, କବିତା ଅଢା, ଭାଗ୍ୟଶ୍ରୀ ଗିରି, କର୍ମଚାରୀ ଝସକେତନ ସାହୁ ଓ ଗୌରହରି ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ସତ୍ୟ ପ୍ରକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନୈକୂଳ ଆଦିବାସୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ



**ଦେବଗଡ଼, ୨୦।୧୨(ଶଶାଙ୍କ ଶେଖର ଝାଙ୍କର)**

ବାରକୋଟ ବ୍ଲକର ବିଜୟ ନଗରସ୍ଥିତ ନୈକୂଳ ଆଦିବାସୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ର ସଂସଦ ସଭାପତି ଚୌଧୁରୀ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ହାଇସ୍କୁଲର ପୁରାତନ ଶିକ୍ଷକ ଜଟ କିଶୋର ଦାଶ, ଦୁଃଖବନ୍ଧୁ ବେହେରା, ରମେଶଚନ୍ଦ୍ର ବେହେରା, କୃଷ୍ଣ ଚନ୍ଦ୍ର ସାମଲ, ଅନନ୍ତ ଚରଣ ପ୍ରଧାନ ,ସମ୍ମାନିତ ଅତିଥିଭାବେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀଦେଇ ଓ ଲିଗାଲ ରାଇଟ କାଉନସିଲ୍‌ର ରାଜ୍ୟ ସଭାନେତ୍ରୀ ଅରୁନ୍ଧତୀ କୁମାରୀ ଦେବୀ ମଞ୍ଚାସୀନ ରହି ନିଜ ନିଜର ବକ୍ତ୍ୟ ଉପସ୍ଥାପନ କରିଥିଲେ। ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ହାଇସ୍କୁଲ ପ୍ରତିଷ୍ଠାତା ସ୍ୱର୍ଗତ ଦିବାକର ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଥିଲା। ସେହିପରି ପୁରାତନ ଛାତ୍ର ପରିଷଦର ସଦସ୍ୟ ଟିକେଶ୍ୱର ଗୁରୁ, ବୈଦ୍ୟନାଥ ବେହେରା, ବେଣୁଧର ସାହୁ, ହରିହର ସାହୁ, ପ୍ରମୋଦ କୁମାର ଗଡ଼ନାୟକ, ଡମ୍ବରୁଧର ସେଠୀ ତଥା ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଦୃଷ୍ଟିହୀନ କଳାକାରଙ୍କ ଦ୍ୱାରା ସଂଗୀତ ଓ ହାଇସ୍କୁଲ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲ। ପ୍ରଧାନ ଶିକ୍ଷକ ଇନ୍ଦ୍ରମଣି ସାମଲ ଧନ୍ୟବାଦ ଦେଇଥିଲେ।

# କେନ୍ଦୁପାଣିରେ ବ୍ଲକସ୍ତରୀୟ ମାଣ୍ଡିଆ ଅମଳ ପର୍ବ

**କୁଚିଣ୍ଡା,୨୦।୧୨(ବିରଞ୍ଚି ଦର୍ଜୀ)**


ମାଣ୍ଡିଆ ଷ୍ଟଲ ବୁଲି ଦେଖୁଛନ୍ତି ଅତିଥି।

ଓଡ଼ିଶା ମିଲେଟ ମିଶନ ଆନୁକୂଲ୍ୟରେ ବାମରା ବ୍ଲକ ଉଚ୍ଚକାପାଟ ପଞ୍ଚାୟତର କେନ୍ଦୁପାଣିଠାରେ ମଙ୍ଗଳବାର ଆୱାର୍ଡ ପକ୍ଷରୁ ବ୍ଲକସ୍ତରୀୟ ମାଣ୍ଡିଆ ଅମଳ ପର୍ବ ପାଳିତ ହୋଇଯାଇଛି। ଆୱାର୍ଡ ସମ୍ପାଦକ ପ୍ରହଲ୍ଲାଦ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ସମ୍ବଲପୁର ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନି ନାୟକ, ବାମରା ବିଡିଓ ପୁଷ୍ପକ ପ୍ରଧାନ, କୃଷି ଜିଲା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ସହକାରୀ ଉଦ୍ୟାନ ଅଧିକାରୀ ଭିକ୍ଟୋରିଆ ପ୍ରଧାନ, ସହକାରୀ କୃଷି ଅଧିକାରୀ ଚନ୍ଦ୍ରଭାନୁ ମାଝି ଓ ପୃଥ୍ୱୀରାଜ ଭୋଇ, ସମ୍ବଲପୁର ଜିଲା ମାଣ୍ଡିଆ ଚାଷ ସହକାରୀ ସଂଯୋଜକ ସନ୍ଦିପ ଲୁଭା, ଜିଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, ସମିତିସଭ୍ୟା ସୌଦାମିନୀ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାମରା ବ୍ଲକରେ ଖରିଫ ଓ ରବି ଋତୁରେ ମାଣ୍ଡିଆ ଚାଷ କରି ଜନସାଧାରଣ ଅଧିକ ଲାଭବାନ ହେବା ସହ ସରକାରଙ୍କ ବିଭିନ୍ନ ଯୋଜନାରୁ ଫାଇଦା ନେବାକୁ କହିଥିଲେ। ଏହି ଅବସରରେ ଚଳିତ ଖରିଫ ଋତୁ ପାଇଁ ଶ୍ରେଷ୍ଠ ଚାଷୀ ଭାବେ ଇସାକ କାଣ୍ଡୁଲାନା ଓ ଗ୍ଲେଡ଼ସାନ ତିଡୁଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପରେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ମାଣ୍ଡିଆ ଉପରେ ଦଳଗତ ନାଚ, କିଷାନ ଓ ମୁଣ୍ଡା ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ମାଣ୍ଡିଆରୁ ତିଆରି ବିଭିନ୍ନ ପ୍ରକାର ଟିଫିନ ଷ୍ଟଲ ଓ ରବିଋତୁରେ ଚାଷ ପାଇଁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଉପକରଣ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଶେଷରେ ଆୱାର୍ଡର ନବୀନ ମାଝି ଧନ୍ୟବାଦ ଦେଇଥିଲେ।

# ଶିକ୍ଷା ହିଁ ସଫଳତାର ମୂଳମନ୍ତ୍ର

**ଜମନକିରା,୨୦।୧୨(ରବୀନ୍ଦ୍ର ପ୍ରସାଦ ଦାନି)**

ଜମନକିରା ବ୍ଲକ ଟିକିଲିପଡ଼ା ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପଙ୍କଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରୋହିତ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ହିଁ ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ। ଷଣ୍ଢପଥର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ମୁଖ୍ୟବକ୍ତା ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଐଶ୍ୱର୍ଯ୍ୟ ନାୟକ, ସରପଞ୍ଚ ଅଜିତ ନାଏକ, ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ବେହେରା, ଶିକ୍ଷକ ସଂଘ ସଭାପତି ବିରେନ୍ଦ୍ର କୁମାର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଉସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଦକ୍ଷତାବୃଦ୍ଧି ତାଲିମ ଦ୍ୱାରା କୃଷି ଉଦ୍ୟୋଗୀ ସୃଷ୍ଟି ସମ୍ଭବ

## ଜିଆଚାଷ, ଖତ ଉପରେ ଦକ୍ଷତା ବୃଦ୍ଧି ତାଲିମ ଶିବିର

**ସୁନ୍ଦରଗଡ,୨୦।୧୨(ଜୟ ନାରାୟଣ ମେଣ୍ଡୁଲି)**




କିରେଇସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏକ ୩ ଦିବସୀୟ ଦକ୍ଷତା ବୃଦ୍ଧି ତାଲିମ୍ ଶିବିର ଗତ ୧୮ତାରିଖ ରୁ ୨୦ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି। ଗ୍ରାମୀଣ ଶିକ୍ଷିତ ଯୁବତୀ ଯୁବକଙ୍କୁ ଉଦ୍ୟୋଗୀ ସୃଷ୍ଟି କରିବା ଓ ରୋଜଗାରର ପନ୍ଥା ଭାବେ ଜିଆଚାଷ ଓ ଜିଆଖତ ଉତ୍ପାଦନକୁ ଗ୍ରହଣ କରିବା ଲକ୍ଷ୍ୟ ନେଇ ଜିଲାର ବିଭିନ୍ନ ବ୍ଲକରୁ ୨୦ ଆଗ୍ରହୀ ଯୁବଚାଷୀଙ୍କୁ ନେଇ ଏହି ତାଲିମ୍ ଶିବିର ଆୟୋଜନ କରାଯାଇଥିଲା। ପ୍ରଶୀକ୍ଷାର୍ଥୀଙ୍କୁ ଜିଆଚାଷ ଓ ଜିଆଖତ ଉତ୍ପାଦନ ସମ୍ବନ୍ଧୀୟ ବିଭିନ୍ନ ଜ୍ଞାନକୌଶଳ ଯଥା ଜିଆଖତ ପାଇଁ ଉପଯୋଗୀ ଜିଆ, ଆବଶ୍ୟକ ଉପକରଣ, ପ୍ରସ୍ତୁତି ପ୍ରଣାଳୀ, ବିଭିନ୍ନ ଫସଲରେ ପ୍ରୟୋଗ ବିଧି, ଜିଆର ବଂଶ ବୃଦ୍ଧି, ବିକ୍ରିବଟା, ସରକାରୀ ଯୋଜନା ଓ ସୁବିଧା ସୁଯୋଗ ଆଦି ବିଷୟରେ ତାଲିମ୍ ପ୍ରଦାନ କରାଯିବା ସହିତ ପ୍ରାକ୍ଟିକାଲ ମାଧ୍ୟମରେ ଜ୍ଞାନ କୌଶଳକୁ ପ୍ରଦର୍ଶନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡା. ମନୋଜ କୁମାର ଜେନା ମୁଖ୍ୟ ପ୍ରଶିକ୍ଷକ ଭାବେ ତାଲିମ୍ ପ୍ରଦାନ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ.ଡେଭିଡ୍ ଜେମସ୍ ବାଗେ ମଧ ତାଲିମ୍ ପ୍ରଦାନ କରିବା ସହିତ ଉତ୍ସାହିତ କରିଥିଲେ। ପ୍ରଶିକ୍ଷଣ ଶେଷରେ ପ୍ରଶିକ୍ଷାର୍ଥୀମାନଙ୍କର ମୂଲ୍ୟାୟନ କରାଯାଇ ତାଲିମ୍ ପୁସ୍ତିକା, ଜିଆ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ତାଲିମ୍ ଶିବିରକୁ କେନ୍ଦ୍ରର ବୈଜ୍ଞାନିକ ଡା. ଦିବ୍ୟେନ୍ଦୁ ମଣ୍ଡଳ, କାର୍ଯ୍ୟକ୍ରମ ସହାୟକ ବିଦ୍ୟାଧର ବୁଡ୍ଡୁ, ଅରୁଣ କୁମାର ମିଶ୍ର, ମୟୁଖ ଅଧିକାରୀ, ଷ୍ଟେନୋ କମଳ ଲୋଚନ ମହାନ୍ତ, କର୍ମଚାରୀ ଜିତେନ୍ଦ୍ର ସେଠୀ, ଭ୍ରମରବର ସା, ଗଜାନନ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୪୨ ଲିଟର ବିଦେଶୀ ମଦ ଜବତ, ଜଣେ ଗିରଫ

**ଲୋଇସିଂହା,୨୦।୧୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସେଲେଭାଟା ହାଟପଡା ସ୍ଥିତି ଏକ ତେଜରାଜି ଦୋକାନରେ ସ୍ଥାନୀୟ ପୋଲିସ ଚଢାଉ କରି ବିଦେଶୀ ମଦ ଜବତ କରିଛି। ଏଥିରେ ବିଭିନ୍ନ ବ୍ରାଣ୍ଡର ୮୭ ମଦ ମଦ ବୋତଲ ରହିଛି। ଜବତ ମଦର ପରିମାଣ ୪୨ ଲିଟର ହେବ । ଏହାବ୍ୟତୀତ ଏକ ଡିପ ଫ୍ରିଜର ଜବତ କରାଯାଇଛି । ଏହି ଘଟଣାରେ ସୁଶାନ୍ତ ମହାକୁର(୩୭)ଙ୍କୁ ଗିରଫ କରାଯାଇଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଯାଜ୍ଞସିନୀ ନାୟକ କହିଛନ୍ତି।

### ସନ୍ଦେହଜନକ ଅବସ୍ଥାରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ମୃତ୍ୟୁ

**ଭବାନୀପାଟଣା,୨୦।୧୨(ଉତ୍ତମ କୁମାର ଦାଶ)**



କଳାହାଣ୍ଡି ଜିଲା କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ଇଚ୍ଛାପୁର ଉପସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ (ସିଏଚଓ) ରୋଜାଲିନ ପାତ୍ର (୨୬)ଙ୍କ ବୁଧବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ବାଥ ରୁମରେ ପଡିଯାଇଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଇଚ୍ଛାପୁର ଗ୍ରାମର ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୨୦୨୧ରୁ ସେ କାର୍ଯ୍ୟରତ ଥିଲେ। ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅପରାହ୍ନରେ ବ୍ୟବଚ୍ଛେଦ କରାଯାଇଥିବା ଜଣାପଡିଛି। ତାଙ୍କ ନିଜ ଘର ପୁରୀ ଜିଲାରେ ହୋଇଥିବା ବେଳେ ପରିବାରବର୍ଗଙ୍କୁ ସୂଚନା ଦେବା ପରେ ପୁରୀରୁ କଳାହାଣ୍ଡି ଅଭିମୁଖେ ବାହାରିଥିବା ଜଣାପଡ଼ିଛି।

### ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ କ୍ରୀଡ଼ା ଉତ୍ସବ

**କର୍ଲାମୁଣ୍ଡା,୨୦।୧୨(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତ ରେଙ୍ଗାଲୀ ଖେଳ ପଡ଼ିଆଠାରେ ନୂଆ ଓ ଯୁବ ଓଡିଶା ନବୀନ ଓଡ଼ିଶା ପକ୍ଷରୁ ରିଞ୍ଜା ଗ୍ରାମପଞ୍ଚାୟତ ଆୟୋଜନକ୍ରମେ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପଞ୍ଚାନନ ବାଗ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁ, ତେଜରାଜ ସାହୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ବିଭିନ୍ନ ଖେଳ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଖେଳ ପରିଚାଳନାରେ ରିଞ୍ଜା ଗ୍ରାମପଞ୍ଚାୟତ ହାଇସ୍କୁଲ ଖେଳ ଶିକ୍ଷକ ଓ ଅନ୍ୟମାନେ ସହଯୋଗ କରିଥିଲେ। ପଞ୍ଚାୟତସ୍ତରରେ ବିଜୟୀ ଦଳଗୁଡିକ ବ୍ଲକସ୍ତରୀୟ କ୍ରୀଡା ଉତ୍ସବରେ ଅଂଶ ଗ୍ରହଣ କରିବେ ବୋଲି ସରପଞ୍ଚ ସୂଚନା ଦେଇଛନ୍ତି।

### ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଖଡ଼ିଆଳ,୨୦।୧୨(ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ଆଦର୍ଶ ମହାବିଦ୍ୟାଳୟ ପକ୍ଷରୁ ଯୁବ ବିକାଶ, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟାରକ୍ଷା ସଚେତନତା କାର୍ଯ୍ୟକ୍ରମ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଭାସିନୀ ପାଢ଼ୀ, ପ୍ରମିଳା ପଟ୍ଟନାୟକ, ସୁନୀତା ରଥ ଉପସ୍ଥିତଥିଲେ। ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସାହୁ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟରକ୍ଷା ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ସ୍ନାତକ ମହାବିଦ୍ୟାଳୟ ଅଧ୍ୟାପିକା ଅନନ୍ୟା ଜେନା, ଜୟଶ୍ରୀ ମାର୍ଥା ଓ ଗୀତାଞ୍ଜଳୀ ମେହେର ସ୍ୱାସ୍ଥ୍ୟରକ୍ଷା ସଚେତନତା ସମ୍ପର୍କରେ ବୁଝାଇଥିଲେ। ସ୍ୱାସ୍ଥ୍ୟ ଓ ସାସ୍ଥ୍ୟରକ୍ଷା ସଚେତନତା କାର୍ଯ୍ୟକ୍ରମ ସ୍ନାତକ ମହାବିଦ୍ୟାଳୟ ଅଧାପକ ଡ. ଶିବ କୁମାର ଓ ସୁରେନ୍ଦ୍ର କଲେତଙ୍କ ତତ୍ତ୍ୱାବଧାନରେ ଚାଲିଥିଲା। ସହକର୍ମଚାରୀ ସିଲୁ ସେଠୀ, ଗୌରବ ମାଝି ଓ ଗୀତାଞ୍ଜଳୀ ମେହେର ଯୋଗଦେଇଥିଲେ।

# ତୃତୀୟ ଦିନରେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କ କଳାହାଣ୍ଡି ଗସ୍ତ



ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ନୂତନ ଲାଇବ୍ରେରୀର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

■କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ନୂତନ ଲାଇବ୍ରେରୀର ଭିତ୍ତିପ୍ରସ୍ତର ସ୍ଥାପନ
■କେସିଙ୍ଗାରେ ମୁଖ୍ୟମନ୍ତ୍ରୀ ସଭାଗୃହ ଉଦ୍‌ଘାଟନ

**ଭବାନୀପାଟଣା/କେସିଙ୍ଗା,୨୦।୧୨ (ଉତ୍ତମ କୁମାର ଦାଶ/ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲାକୁ ଗସ୍ତରେ ଆସିଥିବା ପଶ୍ଚିମ ଓଡିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ଅଧ୍ୟକ୍ଷ ଅସିତ ତ୍ରିପାଠୀ ବୁଧବାର ୩ୟ ଦିନରେ ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ନୂତନ ଲାଇବ୍ରେରୀର ଭିତ୍ତିପ୍ରସ୍ତର ସ୍ଥାପନା କରିଛନ୍ତି। ଏହାର ନିର୍ମାଣ ପାଇଁ ପରିଷଦ ପକ୍ଷରୁ ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି ନୂତନ ଲାଇବ୍ରେରୀର କାମ ଆସନ୍ତା ୩ମାସ ମଧ୍ୟରେ ସମାପ୍ତ କରାଯିବ। ଫଳରେ ଛାତ୍ରୀଛାତ୍ରମାନେ ଇଣ୍ଟରନେଟ ସୁବିଧା ସହ ଏହାକୁ ବ୍ୟବହାର କରିପାରିବେ। ପ୍ରଗତିଶୀଳ ଓ ପରିବର୍ତ୍ତନଶୀଳ ଯୁଗରେ ଛାତ୍ରୀଛାତ୍ରମାନେ ଚାକିରି ପଛରେ ନ ଯାଇ ନିଜେ ଉଦ୍ୟୋଗୀ ହୋଇପାରିବେ, ଏଥିପାଇଁ ପଶ୍ଚିମ ଓଡିଶା ତଥା ରାଜ୍ୟରେ ଯଥେଷ୍ଟ ସମ୍ବଳ ଓ ସମ୍ଭାବନା ରହିଛି ବୋଲି ଅଧ୍ୟକ୍ଷ ତ୍ରିପାଠୀ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ପରେ କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦର ବୋରିଙ୍ଗପଦର୍ ନିକଟସ୍ଥ ସମ୍ପୂର୍ଣ୍ଣ କରାଯାଇଥିବା ଗୋଶାଳା ପରିଦର୍ଶନ କରିଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ୧୬ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଦେଇ ଏହି ଗୋଶାଳା ସମ୍ପୂର୍ଣ୍ଣ କରାଯାଇଛି। ଏହାସହ କେସିଙ୍ଗା ଜଗନ୍ନାଥ ମନ୍ଦିର ନିକଟରେ ସମ୍ପୂର୍ଣ୍ଣ ହୋଇଥିବା ମୁଖ୍ୟମନ୍ତ୍ରୀ ସଭାଘର ଉଦଘାଟନ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଅନୁମୋଦିତ ୧୬ ଶହଟି ମୁଖ୍ୟମନ୍ତ୍ରୀ ସଭାଘରର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କ ଗସ୍ତ ସମୟରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ମୁଖ୍ୟ ଉନ୍ନୟନ ଅଧିକାରୀ ପାୱାର୍ ସଚିନ ପ୍ରକାଶ, ବିଶେଷଜ୍ଞ ସଦସ୍ୟ ଅବିନାଶ ଠାକୁର, ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ ଅଜିତ୍ କୁମାର ମିଶ୍ର ଓ ଅନ୍ୟାନ୍ୟ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। କେସିଙ୍ଗାରେ ଡ. ହେମସାଗର ସାହାଙ୍କ ସଭାପିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ପଦ୍ମନାଭ ପୁରୋହିତ, ନଗରପାଳ ନୃପରାଜ ଯାଦବ, ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ବିଜେଡି ନଗର ସଭାପତି ରମେଶ ପଟ୍ଟନାୟକ, ଅନ୍ୟ ବିଜେଡି କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଲୋଇସିଂହା,୨୦।୧୨(ସୁଶାନ୍ତ ବାରିକ)**



ଯୋଗୀସର୍ଡା ସେକେଣ୍ଡାରୀ ସ୍କୁଲରେ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

ବଲାଙ୍ଗୀର ଜିଲା ଯୋଗୀସର୍ଡା ସେକେଣ୍ଡାରୀ ସ୍କୁଲ, ଲୋଇସିଂହା ଓ ଆଗଲପୁର ମହାବିଦ୍ୟାଳୟରେ ଗତ ୧୦ଦିନ ଧରି ଚାଲିଥିବା ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଯୋଗୀସର୍ଡା ସେକେଣ୍ଡାରୀ ସ୍କୁଲରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ରଘୁନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ସଭ୍ୟା ଲିଲିମା ବେହେରା ମୁଖ୍ୟ ଅତିଥି, ହୃଦୟାନନ୍ଦ ବେହେରା ସମ୍ମାନୀତ ଅତିଥି, ରସରାଜ ଅଚ୍ୟୁତ ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା କବିତା ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗୀତାର ଚାମ୍ପିୟନ ଛାତ୍ର ଶ୍ରବଣ କୁମାର ବର୍ଗଙ୍କ ସମେତ ୨୫୦ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରାଧାପକ ଲକ୍ଷ୍ମୀକାନ୍ତ ତ୍ରିପାଠୀ ସଭା ସଂଯୋଜନା କରିଥିଲେ । ନୋଡାଲ ଅଫିସର ଭଗବାନ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଲୋଇସିଂହା ମହାବିଦ୍ୟାଳୟରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷ ଗୋବିନ୍ଦ ସାହୁ ସଭାପତିତ୍ୱ କରିଥିଲେ। ଏଥିରେ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସୁରେନ୍ଦ୍ର କୁମାର ପୁରୋହିତ ମୁଖ୍ୟ ଅତିଥି, ବିଡିଓ ଯୁଧିଷ୍ଠିର ମେହେର, ଯୁବନେତା ନିହାର ରଞ୍ଜନ ବେହେରା, ପରିଚାଳନା କମିଟି ସଭାପତି ପୁଷ୍ପାଞ୍ଜଳି ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଭା ପ୍ରଦର୍ଶନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଆଗଲପୁର ପଞ୍ଚାୟତ ସମିତି ରୋତ ମହାବିଦ୍ୟାଳୟ ବାଣୀନିକେତନର ଉଦ୍‌ଯାପନୀ ଦିବସରେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଡକ୍ଟର ସନ୍ତୋଷ ରଥ ଅଧକ୍ଷତା କରିଥିଲେ । ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୀତାଞ୍ଜଳି ଦାଶ, ପରିଚଳନା ପରିଷଦ ସଭାପତି କାହ୍ନୁଚରଣ ଦର୍ଜି ମଞ୍ଚାସୀନ ହୋଇଥିଲେ । ସଂଯୋଜକ ଅର୍ଦ୍ଧେନ୍ଦୁ ମେହେର ସଭା ସଂଯୋଜନା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ମେଡିକାଲ ଓ ସେଲ୍ସ ରିପ୍ରେଜେଣ୍ଟେଟିଭ୍‌ଙ୍କ ଧର୍ମଘଟ

**ବଲାଙ୍ଗୀର,୨୦।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲାରେ କାର୍ଯ୍ୟରତ ମେଡିକାଲ ଓ ସେଲ୍ସ ରିପ୍ରେଜେଣ୍ଟେଟିଭ୍‌ମାନେ ବୁଧବାର କେନ୍ଦ୍ର ସରକାରଙ୍କ ସେଲ୍ସ ପ୍ରମୋସନ ଏମ୍ପ୍ଲିଜ୍ ଆକ୍ଟ ଉଚ୍ଛେଦ ନିଷ୍ପତ୍ତିକୁ ବିରୋଧ କରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବଲାଙ୍ଗୀରରେ ବିଭିନ୍ନ କମ୍ପାନୀର କାର୍ଯ୍ୟରତ ୪୦୦ରୁ ଅଧିକ ଏମ୍‌ଆର ଧର୍ମଘଟରେ ଯୋଗଦେଇଥିଲେ। ସଂଘର ବଲାଙ୍ଗୀର ଜିଲା ସମ୍ପାଦକ ଲୋପନ ମିଶ୍ରଙ୍କ ଅଧକ୍ଷତାରେ ରିପ୍ରେଜେଣ୍ଟେଟିଭ୍‌ମାନେ ଏକ ରାଲିରେ ସହର ପରିକ୍ରମା କରି ଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବି ସମ୍ବିଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ସଭାରେ ରାଜ୍ୟ ଉପସଭାପତି ଅନିରୁଦ୍ଧ ମହାପାତ୍ର, ଯୁଗ୍ମ ସମ୍ପାଦକ ଭାସ୍କର ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ବାପୁନି ସାହୁ, ଶ୍ରୀକାନ୍ତ ମହାପାତ୍ର ଏବଂ ବିକାଶ କୁମାର ପାତ୍ର ବକ୍ତବ୍ୟ ରଖିଥିଲେ। ସିଦ୍ଧାର୍ଥ ମିଶ୍ର ସଭା ପରିଚାଳନା କରିଥିଲେ। ସତବନ୍ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଓସ୍ତୁ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

## ହାତୀବନ୍ଧା ହାଇସ୍କୁଲର ୪୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ

**ସିନାପାଲି,୨୦।୧୨(ମନଫୁଲ ମେହେର)**



ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ହାତୀବନ୍ଧା ହାଇସ୍କୁଲଠାରେ ମଙ୍ଗଳବାର ଓ ବୁଧବାର ୨ ଦିନ ଧରି ଚାଲିଥିବା ୪୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଯାଇଇଛି। ଏହି କ୍ରୀଡା ଉତ୍ସବର ବିଭିନ୍ନ ବିଭାଗର ପ୍ରତିଯୋଗିତାରେ ବିଦ୍ୟାଳୟର ଶତାଧିକଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ଭୁବନେଶ୍ୱର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ଓ ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ଭରତ ଚନ୍ଦ୍ର କାଣ୍ଡ ଯୋଗଦେଇ ପ୍ରତିଯୋଗିତା ଉଦଘାଟନ କରିବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରୂପେଶ ଚନ୍ଦ୍ର ମେହେର ଓ ସ୍କାଉଟ ମାଷ୍ଟର ଚନ୍ଦ୍ରମଣୀ ମେହେର ମଞ୍ଚାସୀନ ଥିଲେ। ସଭା କାର୍ଯ୍ୟ ବରିଷ୍ଠ ଶିକ୍ଷୟିତ୍ରୀ ହିମାଦ୍ରୀ ମେହେର ପରିଚାଳନା କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାର ବାଳକ ବର୍ଗରେ ପିୟୁସ ମେହେର ଓ ବାଳିକା ବର୍ଗରେ ପଙ୍କଜିନୀ ଭୋଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ କମଳ ପ୍ରସାଦ ମିଶ୍ର, ଅନିଲ କୁମାର ମେହେର, ନିପେନ୍ଦ୍ର ବାଗ, ମନୋଜ ମାଝି ସହଯୋଗ କରିଥିଲେ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଦେଓଗାଁ,୨୦।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ବରକାନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶ୍ରୀଧର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ମୁଖ୍ୟବକ୍ତା ପଦ୍ମଶ୍ରୀ ଲୋକକବି ହଳଧର ନାଗ, ସମ୍ମାନୀତ ଅତିଥି ବ୍ଲକ ଶିକ୍ଷା ଅଧିକାରୀ ମମତା ମାହାଡିକ, ସ୍ଥାନୀୟ ସରପଞ୍ଚ କୁଶମଣି ମେହେର, ସମିତି ସଭ୍ୟ ଅମିତ ତ୍ରିପାଠୀ, ଅତିରିକ୍ତ ଶିକ୍ଷା ଅଧିକାରୀ ଅଜିତ ମିଶ୍ର, କବିରାଜ ମାଝି, ପରିଚାଳନା କମିଟି ସଭାପତି ତପସ୍ୱିନି ପୁଟା, ଦଶରଥ ଥନାପତି ପ୍ରମୁଖ ଯୋଗଦେଇଥିଲେ। ସମାଜ ବିକାଶର ମୁଖ୍ୟସ୍ରୋତରେ ସାମିଲ ପାଇଁ ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ଜରୁରୀ। ତେଣୁ ସମସ୍ତ ଅଭିଭାବିକା ଅଭିଭାବକ ଛାତ୍ରୀଛାତ୍ରଙ୍କୁ ମୌଳିକ ଶିକ୍ଷା ଦିଗରେ ସମସ୍ତେ ଦାୟିତ୍ୱବାନ ହେବା ଆବଶ୍ୟକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଦ୍ୟାଳୟକୁ ଜମିଦାନ କରିଥିବା ବେଣୁଧର ମେହେରଙ୍କ ଦୁଇପୁତ୍ର ସୁକଦେବ ମେହେର ଓ ବାସୁଦେବ ମେହେର, ଶିକ୍ଷକ କାମେଶ୍ୱର ମେହେର ଓ ବିଦ୍ୟାଳୟର ପ୍ରଥମ ଛାତ୍ର ସ୍ୱର୍ଗତ ନରେନ୍ଦ୍ର ମେହେରଙ୍କ ଧର୍ମପତ୍ନୀ ନୁଆଁଦେଇ ମେହେରଙ୍କୁ ସମ୍ମାନୀତ କରାଯାଇଥିଲା। ପରେ ବିଦ୍ୟାଳୟ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ପ୍ରଦୀପ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଚିଚୈଗୁଡ଼ାରୁ ମା'ଲଙ୍କେଶ୍ୱରୀଙ୍କ ସମର୍ପଣ ଯାତ୍ରାର ଶୁଭାରମ୍ଭ

**ଜୁନାଗଡ଼,୨୦।୧୨(ସୁନୀଲ କୁମାର ସିଂହ)**




ଚିଚୈଗୁଡାରେ ଅନୁଷ୍ଠିତ ସମର୍ପଣ ଯାତ୍ରା।

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ଗ୍ରାମରୁ ବୁଧବାର ବିଜେଡିର ମା'ଲଙ୍କେଶ୍ୱରୀଙ୍କ ସମର୍ପଣ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଜନସାଧାରଣଙ୍କ ବିକାଶ ଓ ସେବା, ସଙ୍କଳ୍ପ ପ୍ରତିବର୍ଦ୍ଧିତାର ବାର୍ତ୍ତା ନେଇ ଏକ ବିକାଶ ରଥର ଶୁଭାରମ୍ଭ ହୋଇଥିଲା। ଏହି ରଥ ଜୁନାଗଡ ନିର୍ବାଚନ ମଣ୍ଡଳୀ ପରିକ୍ରମା କରି ସ୍ଥାନୀୟ ଲୋକଙ୍କୁ ନବୀନ ସରକାରଙ୍କ ଜନହିତକର ଯୋଜନା ଓ ଏହାଦ୍ୱାରା ସାଧାରଣ ଲୋକେ କିପରି ଉପକୃତ ହୋଇଛନ୍ତି ତାହା ଉପରେ ସଚେତନତା କରାଇବ। ଚିଚୈଗୁଡା କ୍ଲବଠାରେ ଆୟୋଜିତ ସମର୍ପଣ ଯାତ୍ରା ସମାବେଶରେ ଜୁନାଗଡ ବିଧାୟକ ମିଶ୍ରଙ୍କ ସହ ଜିଲା ପରିଷଦ ଅଧ୍ୟକ୍ଷ ସୁଧିରା ମେହେର, ଜୁନାଗଡ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଜିଲା ସାଧାରଣ ସମ୍ପାଦକ ମହେଶ ସାହୁ, ଜୁନାଗଡ ନିର୍ବାଚନ ମଣ୍ଡଳୀ ସଭାପତି ଦିନେଶ ବଗର୍ତ୍ତି,ଚିଚୈଗୁଡା ସରପଞ୍ଚ ପରମେଶ୍ୱର ମେହେର, ନକଟିଗୁଡା ସରପଞ୍ଚ ହାକିମ କୁମାର ଟହଲିଆ, ପଲାସ ସରପଞ୍ଚ ପ୍ରଭାକର ସେଠି, ଦଳୀୟ କାର୍ଯ୍ୟକର୍ତ୍ତା ପିତାମ୍ବର ରଣା, ଦିଲୀପ ଠାକୁର, ସତିଶ ପଧାନ, ଗୌରହରି ବାଗ, ବୃଷଭ ଧଙ୍ଗଡା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ପଦ୍ମପୁରକୁ ହରାଇଲା ଫୁଲବାଣୀ



ଖେଳାଳିଙ୍କ ସହ ଅତିଥି ବୃନ୍ଦ।

**ଦେଓଗାଁ,୨୦।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

**ଜରାସିଂହା ପାଟଖଣ୍ଡା କପ୍ ଫୁଟବଲ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମିନିଷ୍ଟାଡିୟମରେ ଚାଲିଥିବା ପାଟଖଣ୍ଡା କପ୍ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ପଞ୍ଚମ ଦିବସରେ ଫୁଲବାଣୀ ଓ ପଦ୍ମପୁର ମଧ୍ୟରେ ହୋଇଥିଲା । ଟାଇବ୍ରେକରରେ ଫୁଲବାଣୀ ଦଳ ୫-୪ ଗୋଲରେ ପଦ୍ମପୁରକୁ ହରାଇ ବିଜୟୀ ହାସଲ କରିଛି। ଏହି ଅବସରରେ ବରିଷ୍ଠ ଖେଳାଳି ପ୍ରମୋଦ କୁମାର ସିଂନିନାଙ୍କୁ ସମ୍ମାନୀତ କରାଯାଇଥିଲା। କମିଟି କୋଷାଧ୍ୟକ୍ଷ ଚିତ୍ତ ରଞ୍ଜନ ଥନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରଷ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ କମିଟି ସଭାପତି ଲକ୍ଷ୍ମଣ କୁମାର ମେହେର, ସ୍ଥାନୀୟ ସରପଞ୍ଚ କୁଶମଣି ମେହେର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ଓଏଭି ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



ବାର୍ଷିକ କ୍ରୀଡାକୁ ବିଡିଓ ଉଦ୍‌ଘାଟନ କରୁଛନ୍ତି।

**ଦେଓଗାଁ,୨୦।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ସମନ୍ୱେତା ଷଡଙ୍ଗୀଙ୍କ ସଭାପତିତ୍ୱ ତଥା ମାନସ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ବିଡିଓ ଯୁଧିଷ୍ଠିର ଭୋଇ, ସମ୍ମାନୀତ ଅତିଥିଭାବେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରି କ୍ରୀଡାର ଶୁଭାରମ୍ଭ କରିଥିଲେ । ଏହି ଦିନ ବାଳକ ଓ ବାଳିକା ବରିଷ୍ଠ ଓ କନିଷ୍ଠ ବିଭାଗର ୧୨ଟି ବିଭାଗର ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

## ପ୍ରଶାସନ-ଜନପ୍ରତିନିଧି ବନ୍ଧୁତ୍ୱପୂର୍ଣ୍ଣ ଖେଳ



କ୍ରିକେଟ ମ୍ୟାଚ ଅବସରରେ ଜନପ୍ରତିନିଧି ଓ ବ୍ଲକ କର୍ମଚାରୀ ।

**ଲୋଇସିଂହା,୨୦।୧୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଖେଳପଡିଆରେ ବ୍ଲକ ପ୍ରଶାସନ ଓ ଜନପ୍ରତିନିଧି ଏକାଦଶ ମଧ୍ୟରେ ଫୁଟବଲ ଓ କ୍ରିକେଟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୦ ଗୋଲରେ ଜନପ୍ରତିନିଧି ଏକାଦଶ ବିଜୟୀ ହୋଇଥିଲା । ଦଳକୁ ବିଜୟୀ କରିଥିବା ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ୬ ଓଭର ବିଶିଷ୍ଟ କ୍ରିକେଟ ମ୍ୟାଚ ଖେଳଯାଇଥିଲା। ଜନପ୍ରତିନିଧି ଦଳ ପ୍ରଥମେ ବ୍ୟାଟିଂ କରି ୪୭ ରନ କରିଥିଲା। ଜବାବରେ ବ୍ଲକ ପ୍ରଶାସନ ଏକାଦଶ ନିର୍ଦ୍ଧାରିତ ଓଭରରେ ଆବଶ୍ୟକ ବିଜୟ ରନ କରି ବିଜୟୀ ହୋଇଥିଲା। ଯୋଗାଣ ନିରୀକ୍ଷକ ସୌମ୍ୟରଞ୍ଜନ ମହାନନ୍ଦ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ଖବରଦାତା ସୁଶାନ୍ତ ବାରିକ ଓ ମହେଶ କର ଖେଳ ପରିଚାଳନା କରିଥିଲେ ।

## ତୋଷାଳୀ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

**ଗୁଡଭେଲା,୨୦।୧୨(ମନୋଜ କୁମାର ଜୈନ)**

ବଲାଙ୍ଗୀର ଜିଲା ତୁଷୁରା ତୋଷାଳୀ ବିଦ୍ୟାମନ୍ଦିରର ୪ର୍ଥ ବାର୍ଷିକ ଉତ୍ସବ ବୁଧବାର ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହେଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଦେମୁହାଣ ସ୍ୱସ୍ତି ବିଦ୍ୟାପୀଠ ପ୍ରଧାନଶିକ୍ଷକ ରୁଦ୍ର ହେର୍ଣ୍ଣା, ସନ୍ତୋଷ କୁମାର ସାହୁ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର, ଶ୍ୟାମସୁନ୍ଦର ପ୍ରଧାନ, ହେମନ୍ତ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ରୋହିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



**ବଲାଙ୍ଗୀର,୨୦।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ପୌର ପରିଷଦ ପକ୍ଷରୁ ବୁଧବାର ବଲାଙ୍ଗୀର ସହରର ବିଭିନ୍ନ ସ୍ଥାନରେ ରାଜ୍ୟ ସରକାରଙ୍କ ଅନୁମୋଦିତ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିରେ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଏବଂ ପୌରାଧ୍ୟକ୍ଷା ଲିକା ସାହୁ ଯୋଗ ଦେଇଥିଲେ। ବଲାଙ୍ଗୀର ଯାଦବ ଭବନ, ଅବସରପ୍ରାପ୍ତ ସୈନିକ ସଂଘ, ଲାଲଟିକ୍ରା ଏବଂ ୱାର୍ଡ ନମ୍ବର ୧୦ରେ ଦଳିତ ସମାଜ ଭବନର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ୍ ଅଧକ୍ଷ ଗୋଲାପ ବାଗ, ପୂର୍ବତନ ସୈନିକ ସଂଘ ସମ୍ପାଦକ ପ୍ରତାପ ରଥ, ସ୍ୱେଚ୍ଛାସେବୀ ନୂତନ ଦାସ, ଉମନ ବଗର୍ତ୍ତୀ, ପୌର ପରିଷଦର କାଉନସିଲର, ବିଭିନ୍ନ ଅନୁଷ୍ଠାନ ସଦସ୍ୟ, ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

# ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ସମସ୍ୟା ନେଇ ଆଲୋଚନା



ବୈଠକରେ ମନ୍ତ୍ରୀ ପ୍ରଦୀପ ଅମାତ ଓ ଅନ୍ୟମାନେ ।

**ବୌଦ୍ଧ,୨୦।୧୨(ଅଜିତ କୁମାର ବାରିକ)**

**ହରଭଙ୍ଗା ପଞ୍ଚାୟତ ସମିତି ବୈଠକ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ବୁଧବାର ଦିନ ସମିତିର ପଞ୍ଚମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜଙ୍ଗଲ ପରିବେଶ, ପଞ୍ଚାୟତିରାଜ ଓ ସୂଚନା ଲୋକସଂପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, କନ୍ଧମାଳ ସାଂସଦ ପ୍ରତିନିଧି ବିଶ୍ୱଜିତ ପ୍ରଧାନ, ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ, ଏବିଡିଓ ସୁବାଷ ଯାନୀ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ମୁଖ୍ୟତଃ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଓ ପରିମଳ ଆଦି ନେଇ ଆଲୋଚନା ହୋଇଥିଲା । ଖାଉଟି ହିତାଧିକାରୀଙ୍କ ମୃତ୍ୟୁ ପରେ ପଡ଼ି କାର୍ଡ ତାଲିକାରୁ ସେମାନଙ୍କ ନାମ ବାଦ ଦିଆଯାଉ ନ ଥିବା ନେଇ ସରପଞ୍ଚମାନେ ଅଭିଯୋଗ କରିବା ସହ ନୂତନ କାର୍ଡଧାରୀଙ୍କ ନାମ ସଂଯୁକ୍ତ କରିବାକୁ କହିଥିଲେ । ବ୍ଲକରେ ଶିକ୍ଷା ବ୍ୟବସ୍ଥା ଭୁସୁଡ଼ି ପଡିଥିବା ବେଳେ ବିଦ୍ୟାଳୟଗୁଡିକରେ ଶିକ୍ଷକ ନିଯୁକ୍ତି ସହିତ ବିପଦସଙ୍କୁଳ ଅବସ୍ଥାରେ ଥିବା ସ୍କୁଲ ଗୃହଗୁଡିକର ନୂତନ ନିର୍ମାଣ ପାଇଁ ପିତାମ୍ବରପୁର ସରପଞ୍ଚ ଅଜିତ କୁମାର ବାରିକ ଦାବି କରିଥିଲେ। ପିତାମ୍ବରପୁର ପଞ୍ଚାୟତରେ ଥିବା ଚାଉଁରପୁର ଏବଂ ସରଧାପୁର ସ୍କୁଲ ଗୃହର ଦୟନୀୟ ଅବସ୍ଥା ସମ୍ପର୍କରେ ବୈଠକରେ ଆଲୋଚନା କରିଥିଲେ। ଏହା ସହ ଆଗକୁ ଖରାଦିନ ଆସୁଥିବାରୁ ପ୍ରତି ପଞ୍ଚାୟତରେ ପିଇବା ପାଣି ସମସ୍ୟା ନେଇ ଆଲୋଚନା ହୋଇଥିଲା । ବ୍ଲକରେ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ-୨ ପଦବୀ ପୂରଣ ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ହରଭଙ୍ଗା ଏବଂ ପୁରୁଣାକଟକ ପଶୁ ଚିକିତ୍ସା କେନ୍ଦ୍ର ଅବ୍ୟବସ୍ଥାରେ ଚାଲିଥିବା ନେଇ ପୁରୁଣାକଟକ ସରପଞ୍ଚ ଅଶୋକ କୁମାର ସେଠୀ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ

**ସୋନପୁର,୨୦।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକ ଲଛିପୁର ପଞ୍ଚାୟତ ଅନ୍ତର୍ଗତ ଅସୁରମୁଣ୍ଡା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ମଙ୍ଗଳବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବୃନ୍ଦାବନ ବଢେଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସୋନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସୁବର୍ଣ୍ଣପୁରର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରିଣୀ ସଞ୍ଜୁକ୍ତା ମାଝୀ, ସୋନପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌରଭ ଦାନୀ, ଲଛିପୁର ସରପଞ୍ଚ ଜ୍ୟୋତିରଞ୍ଜନ ନୁଆଁଇ, ଛକୋରମାଲର ପ୍ରାକ୍ତନ ସରପଞ୍ଚ ଶଙ୍କର ପ୍ରସାଦ ସା, ଅଚ୍ୟୁତ ଭୋଇ ଓ ବଲାଡି ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଜଳେନ୍ଦ୍ର ସାହୁ ଓ ସ୍କୁଲ ପରିଚାଳନା କମିଟିର ସଭାପତି ହୃଷୀକେଶ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହ ଖେଳକୁଦ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଭାରତୀ ଦାଶ ବାର୍ଷିକ ବିବରଣୀ ପାଠ କରିଥଲେ । ଶିକ୍ଷକ ଚୈତନ୍ୟ ରଣା ପୁରସ୍କାର ବିତରଣୀ ସଭା ପରିଚାଳନା କରିଥିଲେ। ଜିତେନ୍ଦ୍ର କୁମାର ରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶୈଳେଶ ରଥ ଧନ୍ୟବାଦ ପ୍ରଦାନ କରିଥିଲେ। ଛାତ୍ରୀ ସାକ୍ସୀ ନାଗ ଓ ମୌସୁମୀ ଧରୁଆ ମଞ୍ଚ ପରିଚାଳନା କରିଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନ ଶିକ୍ଷକ ବଢେଇଙ୍କ ନିର୍ଦ୍ଦେଶନାରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୀତିନାଟ୍ୟ କାଞ୍ଚି ବିଜୟ ପରିବେଷଣ ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଛାତ୍ରୀ ସାକ୍ସୀ ନାଗ୍ ଶ୍ରେଷ୍ଠ ଛାତ୍ରୀ ଓ ଗାଙ୍ଗୀ ଲୁଗୁନ ନାଟକର ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଥିଲେ। ସ୍କୁଲର କର୍ମଚାରୀ ଜତନ୍ ନାଗ, ପ୍ରଭାସ କୁମାର ଦାଶ, ହରିପ୍ରିୟା ମେହେର, ଗୀତାଞ୍ଜଳି ବାଦୀ, ଲତା ଧରୁଆ, କଳ୍ପନା ପୁଟା, ଗବିତା ରାଏ, ସୁନିତା ରାଏ, ଆକାଶ ପାତ୍ର, ସିପୁ ବାରିକ୍ ଓ ସ୍କୁଲ ପରିଚାଳନା କମିଟିର ସଦସ୍ୟା ସଦସ୍ୟ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।




ଅସୁରମୁଣ୍ଡା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବରେ ଅତିଥି ବୃନ୍ଦ।

## ସଂକ୍ଷେପରେ

### ଆମ୍ବଗାଁ ମଣ୍ଡିରେ ଧାନ କ୍ରୟ ଶୁଭାରମ୍ଭ

**ଘଣ୍ଟାପଡ଼ା,୨୦।୧୨(ପ୍ରଭାତ କୁମାର ସାହୁ)**

କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ସେବା ସମବାୟ ସମିତି ଅଧୀନରେ ଥିବା ଆମ୍ବଗାଁ ମଣ୍ଡିରେ ବୁଧବାର ଚଳିତବର୍ଷ ଖରିଫ ଋତୁର ଧାନକ୍ରୟ ଶୁଭାରମ୍ଭ ହୋଇଛି । ଆମ୍ବଗାଁ ସରପଞ୍ଚ ପ୍ରତିମା ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ମଣ୍ଡିର ଶୁଭାରମ୍ଭ କରିଥିଲେ। ଘଣ୍ଟାପଡ଼ା ପ୍ୟାକ୍ସ ସଭାପତି ମାନୁ ରଣା, ସମ୍ପାଦକ କର୍ଣ୍ଣ ରଣା, ସହ ସମ୍ପାଦକ ଅଗସ୍ତି ମଲିକ, ଆମ୍ବଗାଁ ପ୍ୟାକ୍ସ ନୂତନ ସଭାପତି ଦେବେନ୍ଦ୍ର ସାହୁ, ଆରଏମସି କର୍ମଚାରୀ ସୁମନ୍ତ ହରିପାଳଙ୍କ ସମେତ ପ୍ୟାକ୍ସର ନିର୍ଦ୍ଦେଶକ ଓ ଚାଷୀ ଉପସ୍ଥିତ ଥିଲେ। ବାଲାଜୀ ମିଲର୍ସ ପକ୍ଷରୁ ଧାନ କ୍ରୟ କରାଯାଇଥିବା ବେଳେ ପ୍ରଥମ ଦିନରେ ୭ ଜଣ ଚାଷୀଙ୍କ ନିକଟରୁ ୨୦୧.୭୬ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି । ଡିଇଓ ଝସନେତ୍ର ଦେହୁରୀ, କର୍ମଚାରୀ ଶଙ୍କର ସାହୁ, ଯୋଗୀରାମ ରଣା, କାର୍ତ୍ତିକ ରଣା ପ୍ରମୁଖ ସହଯୋଗ କରିଥିଲେ।

### ପୂର୍ବତନ ଭାଜପା ଜିଲା ସଭାପତିଙ୍କ ବିୟୋଗ

**ତରଭା,୨୦।୧୨(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲାର ପୂର୍ବତନ ଭାଜପା ସଭାପତି ମୁରଲୀଧର ମଲ୍ଲିକ(୭୫)ଙ୍କ ସୋମବାର ରାୟପୁରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେ କିଡ୍ନୀଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ ।



ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଶୁଭାସିନୀ, ପୁଅ, ବୋହୁ, ଝିଅ , ଜ୍ୱାଇଁ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ତାଙ୍କ ମରଶରୀର ନିଜ ଗ୍ରାମ ଖାରି ପଞ୍ଚାୟତ ଅନ୍ତର୍ଗତ କୁଟସିରା ଗ୍ରାମକୁ ଅଣାଯାଇଥିଲା। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଆଦର୍ଶରେ ଅନୁପ୍ରାଣିତ ମୁରଲୀଧର ୧୯୭୫ରେ ଖାରି ପଞ୍ଚାୟତର ସରପଞ୍ଚ ଥିଲେ। ୨୦୦୨ ମସିହାରେ ସେ ଭାଜପା ଜିଲା ସଭାପତି ଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ହୋଇଥିଲା । ବଡ଼ପୁଅ ନିହାର ମୁଖାଗ୍ନି ଦେଇଥିଲେ। ମୁରଲୀଧରଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ସରାଡ଼ିଖୋଲ ଜଙ୍ଗଲରୁ କଟା ହେଲା ଗଞ୍ଜେଇ ଗଛ

**ବୌଦ୍ଧ,୨୦।୧୨(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ହରଭଙ୍ଗା ଥାନା ଅନ୍ତର୍ଗତ ଛତରଙ୍ଗ ପଞ୍ଚାୟତର ସରାଡିଖୋଲ ଜଙ୍ଗଲର ଶହ ଶହ ଏକର ଜମିରେ ଗଞ୍ଜେଇ ଚାଷ ହୋଇଛି। ଏନେଇ ପୋଲିସ ଜାଣିବା ପରେ ବୁଧବାର ଦିନ ଏକ ଟିମ୍ ଉକ୍ତ ଜଙ୍ଗଲକୁ ଯାଇ ଗଞ୍ଜେଇ ଚାଷ ନଷ୍ଟ କରିଥିବା ଜଣାପଡିଛି। ହରଭଙ୍ଗା ଥାନା ଅଧିକାରୀ ନଳିନୀ ଦାସଙ୍କ ନେତୃତ୍ୱରେ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ସହିତ ରାଜସ୍ୱ ଏବଂ ବନ କର୍ମଚାରୀଙ୍କ ମିଳିତ ସହଯୋଗରେ ଗଞ୍ଜେଇ ଗଛ କଟାଯାଇଥିଲା।

# ବ୍ଲକସ୍ତରୀୟ ଯୁବ କ୍ରୀଡ଼ା ଉତ୍ସବ



ଅମରପାଲିରେ ହୋଇଥିବା ଯୁବ କ୍ରୀଡ଼ା ଉତ୍ସବରେ ଅତିଥି ଓ ଖେଳାଳିମାନେ ।

**ଅମରପାଲି,୨୦।୧୨(ପୀତାମ୍ବର ସାହୁ)**

**ବିଭିନ୍ନ ଖେଳରେ ଶତାଧିକ ଖେଳାଳିଙ୍କ ଅଂଶଗ୍ରହଣ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ଜୋନରେ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ହେଉଛି। ତିନି ଦିନ ଧରି ହେବାକୁ ଥିବା ଉକ୍ତ କ୍ରୀଡ଼ା ଉତ୍ସବରେ କ୍ରିକେଟ, ଫୁଟବଲ, ହକି, ଭଲିବଲ, କବାଡି, ଖୋକୋ ଆଦି ଖେଳର ପ୍ରତିଯୋଗିତା ହେଉଛି। ମଙ୍ଗଳବାରଠାରୁ ଚାଲିଥିବା ଉକ୍ତ କ୍ରୀଡ଼ା ଉତ୍ସବ ଗୁରୁବାର ଦିନ ଉଦ୍ଯାପନ ହେବ। ଏଥିରେ ବ୍ଲକର ବିଭିନ୍ନ ଅଞ୍ଚଳର ପଞ୍ଜୀକୃତ ଶତାଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଅମରପାଲି, କମିରା, ବାଗବର ଓ ପଣ୍ଡିଆପାଲି ଜୋନରେ ଅନୁଷ୍ଠିତ ହୋଇଥିଲା କ୍ରିକେଟ ପ୍ରତିଯୋଗିତା। ଅମରପାଲିଠାରେ ହୋଇଥିବା କ୍ରିକେଟରେ ବହଳପଦର, ଲୁଡୁରପଙ୍କ, କେନଝିରିଆପାଲି ଓ ଦୁର୍ଜନଟୈଲା ପଞ୍ଚାୟତର ବିଭିନ୍ନ ଗ୍ରାମର କ୍ରିକେଟ ଦଳ ଅଂଶ ଗ୍ରହଣ କରିଥିଲେ। ଏହି ଜୋନରେ ଲୁଡୁରପଙ୍କ ବିଜୟୀ ହୋଇଥିବା ବେଳେ ପଣ୍ଡିଆପାଲି ଜୋନରେ ରଥପୁର ବିଜୟୀ ହୋଇଥିଲା। ସେହିପରି ବଗବର ଜୋନରେ ବରଘାଟ ଦଳ ବିଜୟୀ ହୋଇଥିବା ବେଳେ କମିରା ଜୋନରେ ବଜରଙ୍ଗ ବାଲି କ୍ଲବ ଜଟେସିଂହା ଦଳ ବିଜୟୀ ହୋଇଛନ୍ତି। ଗୁରୁବାର ଏହି ଚାରି ଜୋନର ବିଜେତା ଦଳ ସେମି ଫାଇନାଲ ଓ ଫାଇନାଲ ମ୍ୟାଚ ଖେଳିବେ। ସୁବଳୟାରେ ଉଭୟ ବାଳିକା ଓ ବାଳକ ବିଭାଗରେ କବାଡି ଓ ଖୋ କୋ ପ୍ରତିଯୋଗିତା ହେବା ସହିତ ଭଲିବଲ ଖେଳ ମଧ୍ୟ ହୋଇଥିଲା। ଭଲିବଲର ଫାଇନାଲରେ ଅମରପାଲିକୁ ହରାଇ ସୁବଳୟା ଚାମ୍ପିୟନ ହୋଇଛି। ସେହିପରି ବହଳପଦର ପଞ୍ଚାୟତର ସୁରଧାପାଲି (ହୋତାପାଲି)ରେ ହକି ଖେଳ ହୋଇଥିଲା। ଏଥିରେ ବ୍ଲକର ତିନୋଟି ଦଳ ଅଂଶଗ୍ରହଣ କରିଛନ୍ତି। ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା,ବିଡ଼ିଓ ରଘୁନାଥ ପାଣିଗ୍ରାହୀ, ଏବିଡିଓ ପୁରୁଷୋତ୍ତମ ଧରୁଆଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରୁଛନ୍ତି।

# ୮୧ ବୋତଲ କଫ ସିରପ୍, ନିଶା ବଟିକା ଜବତ

**ସୋନପୁର,୨୦।୧୨(ମୃତ୍ୟୁଞ୍ଜୟ ଶତପଥୀ)**

**ମା, ପୁଅ ଗିରଫ**

ସୋନପୁର ଟାଉନ ପୋଲିସ ସହରର ମଝିପଡା ଠାରେ ଚଢାଉ କରି ୧୦୦ ମିଲିଲିଟର ବିଶିଷ୍ଟ ୮୧ ବୋତଲ କଫସିରପ୍ ଓ ୨ ଷ୍ଟ୍ରିପ୍ କୋଡିନ୍ ଫସଫେଟ୍(ନିଶା ବଟିକା) ଜବତ କରିଛି। ଏହି ଚୋରା କାରବାରରେ ସମ୍ପୃକ୍ତ ସହରର ବଡବଜାର ଅଞ୍ଚଳର ଶୈଳେନ୍ଦ୍ରୀ ବେହେରା(୬୦) ଓ ତାଙ୍କ ପୁଅ ଭବାନୀ ଶଙ୍କର ବେହେରା(୪୨)ଙ୍କୁ ଗିରଫ କରାଯାଇଛି। ଶୈଳେନ୍ଦ୍ରୀ ଓ ଭବାନୀ ଶଙ୍କର ନିଶା ପାଇଁ ବ୍ୟବହୃତ କଫ ସିରପ୍ ଓ ନିଶା ବଟିକାକୁ ବ୍ୟାଗ୍‌ରେ ଭର୍ତ୍ତି କରି ବିକ୍ରି ପାଇଁ ନେଉଥିଲେ। ଏଏସ୍‌ଆଇ ରଞ୍ଜିତ କୁମାର ମହାପାତ୍ରଙ୍କ ଅଭିଯୋଗ କ୍ରମେ ନଂ ୩୩୫/୨୩ ରେ ଏକ ମାମଲା ରୁଜୁ ହୋଇଛି। ଉଭୟ ମା’ ପୁଅଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଏସ୍‌ଆଇ ଲମ୍ବୋଦର ଡାଙ୍ଗ ମାମଲାର ତଦନ୍ତ କରୁଛନ୍ତି।




ଗିରଫ ଶୈଳେନ୍ଦ୍ରୀ ଓ ଭବାନୀ ଶଙ୍କର।

# ଗାୟତ୍ରୀ ଆବାସିକ ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା

**ଅମରପାଲି,୨୦।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରାମହାରାଜପୁରସ୍ଥିତ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନର ୧୧ ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ପ୍ରତିଯୋଗିତାରେ ପ୍ରାୟ ୩୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଜେଲ ଅଧ୍ୟକ୍ଷା ଅଞ୍ଜଳି ପଟେଲ ମୁଖ୍ୟଅତିଥି , ବୀରମହାରାଜପୁର ଉପ-କାରାଗାରର ଅଧ୍ୟକ୍ଷ କାଳିନ୍ଦୀ ଚରଣ ନାଏକ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ ।କମଲପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖେଳ ଶିକ୍ଷକ ମହମ୍ମଦ କଲିମ, କ୍ରୀଡାବିତ ପ୍ରଣବ ନାୟକ, ଯୁଗଳ କିଶୋର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପାଞ୍ଚଟି ବିଭାଗରେ ହେଇଥିବା ବିଭିନ୍ନ ପାରମ୍ପରିକ ଖେଳକୁଦ ସହିତ ଏଥର ସ୍କୁଲର ବାର୍ଷିକ କ୍ରୀଡାରେ ସନ୍ତରଣ ଓ ତୀରନ୍ଦାଜ ସାମିଲ ହୋଇଥିଲା। ପାଞ୍ଚଟି ବର୍ଗରେ ହୋଇଥିବା ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଶିଶୁ ବିଭାଗରେ ମାଧବ ମହାନନ୍ଦ ଓ ସୁମିତା କଲତା ଶ୍ରେଷ୍ଠ ବିବେଚିତ ହୋଇଥିବା ବେଳେ ବାଲ୍ ବିଭାଗରେ ଓମପ୍ରକାଶ ସାହୁ ଓ କୁମକୁମ ମହାକୁର ଶ୍ରେଷ୍ଠ ହୋଇଥିଲେ । ସେହିପରି ଉପ-କନିଷ୍ଠ ବିଭାଗରେ ବଦଳ ଶଙ୍ଖୁଆ ଓ ହଂସିନୀ କହଁର, କନିଷ୍ଠ ବିଭାଗରେ ସାହିଲ ଦେଓ ଓ ଚୁମକି ସୁନା ଏବଂ ବରିଷ୍ଠ ବିଭାଗରେ ଅଞ୍ଜୁ ରଣା ଓ ଶିଖା କହଁର ଶ୍ରେଷ୍ଠ ବିବେଚିତ ହୋଇଥିଲେ । ଏହି ଅବସରରେ ଜାତୀୟ ସ୍ତରରେ ଟାଏକୋଣ୍ଡୋରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଓମ୍ ପ୍ରକାଶ ସେଠ ଓ ଶକ୍ତି ଅମାତ ତଥା ରାଜ୍ୟସ୍ତରୀୟ ତୀରନ୍ଦାଜରେ ଯୋଗଦାନ କରିବାକୁ ଥିବା ଅମ୍ପି ଅମୃତେଶରୀ ଖମାରୀଙ୍କୁ ସତନ୍ତ୍ର ଭାବରେ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ପଙ୍କଜ ଖମାରିଙ୍କ ସଂଯୋଜନାରେ ହୋଇଥିବା ଉଦ୍‌ଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ଖମାରି, ଶିକ୍ଷକ ଚିତ୍ରସେନ ପ୍ରଧାନ, ରିମା ସାହୁ, ରାଧେଶ୍ୟାମ ମେହେର, ମୀନକେତନ ମେହେର, ରଣମୋହନ ଭୋଇଙ୍କ ସମେତ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଅମରପାଲି,୨୦।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ସରକାରୀ ୟୁପି ସ୍କୁଲରେ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ହୋଇଥିବା ଉକ୍ତ ଶିବିରରେ ସ୍କୁଲର ପ୍ରାୟ ୭୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏଥିରେ ଶୋଲଙ୍କି ହୋତା ଓ କଲ୍ୟାଣୀମୟୀ ତ୍ରିପାଠୀ ଟ୍ରେନର ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷାର ତାଲିମ କୌଶଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ଭୋଇ ଅଧ୍ୟକ୍ଷତା କରିଥିଲେ। ପ୍ରାଣବନ୍ଧୁ ସାହୁ, ଯଦୁମଣି ବାଘ, ତପକିରଣ ସାହୁ ଅତିଥି ଭାବେ ଯୋଗଦେଇ ଆତ୍ମ ସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶେଷରେ ରାଜୀବ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

# ନାରୀ ଶକ୍ତିର ଗୁରୁତ୍ୱ ନେଇ ଆଲୋଚନା



ଗଡ଼ଜାତ ଲୋକ ମହୋତ୍ସବର ସପ୍ତମ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥି ।

**ବୌଦ୍ଧ,୨୦।୧୨(ଅଜିତ କୁମାର ବାରିକ)**

**ଗଡ଼ଜାତ ଲୋକ ମହୋତ୍ସବର ସପ୍ତମ ସନ୍ଧ୍ୟା**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରନରସିଂହପୁରଠାରେ ଚାଲିଥିବା ଗଡଜାତ ଲୋକ ମହୋତ୍ସବର ବୁଧବାର ଥିଲା ସପ୍ତମ ସନ୍ଧ୍ୟା । ବୀରନରସିଂହପୁର ସମିତି ସଭ୍ୟା କଲ୍ୟାଣୀ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ , ଛଅ ନମ୍ବର ଜିଲା ପରିଷଦ ଜୋନ ସଦସ୍ୟା କଳ୍ପନାରାଣୀ ସାହୁ , ସାମ୍ପୋଚ ସରପଞ୍ଚ କଲ୍ୟାଣୀ ପ୍ରଧାନ ଓ ଫୁଡ ଏକ୍ସପଟ କଟକ ସଙ୍ଗୀତା ଦାସ ଯୋଗ ଦେଇଥିଲେ। ମହୋତ୍ସବର ଲୋକ ସଂସ୍କୃତି ଉତ୍ସବ ଅବସରରେ ଆମ ସମାଜରେ ନାରାଶକ୍ତିର ଗୁରୁତ୍ୱକୁ ନେଇ ଆଲୋଚନା କରାଯାଇଥିଲା। ପରିବାର ଗଠନରେ ମହିଳାଙ୍କ ଯେତିକି ଗୁରୁଦାୟିତ୍ୱ ରହିଥାଏ ସମାଜ ଗଠନରେ ମଧ୍ୟ ସମାନ ଦାୟିତ୍ୱ ରହିଥାଏ ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଜୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ । ବରିଷ୍ଠ ସଦସ୍ୟ ଲିଙ୍ଗରାଜ ମହାକୁଡ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

**ଡୁଙ୍ଗୁରିପାଲି,୨୦।୧୨(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଏସ ରାମପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଊନବିଂଶ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ସହ ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୈତ୍ୟ ନାରାୟଣ ପାଢ଼ୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀରାମ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରମେଶ ଚନ୍ଦ୍ର ପୂଜାରୀ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ପ୍ରଦୀପ ପୁରୋହିତ ଯୋଗ ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ପ୍ରଫୁଲ୍ଲ ମେହେର, ସଭାପତି ସବ୍ୟସାଚୀ ଭୋଇ ଓ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଲିଙ୍ଗରାଜ ସାହୁ ମଞ୍ଚରେ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ସୁଶୀଲ କୁମାର ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶିଶୁ ଭଉଣୀ ଭାଇମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି ବୃନ୍ଦ।

# ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ

**ବୌଦ୍ଧ,୨୦।୧୨( ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲାର ୪୫ ଜଣ ଶିକ୍ଷକଙ୍କୁ ଲେବୁଲ-୪କୁ ପଦୋନ୍ନତି ମିଳିଛି। ସେଥିରୁ ୭ଜଣ ପ୍ରାଥମିକ ଶିକ୍ଷକଙ୍କୁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି ମିଳିଛି ଏବଂ ପଦୋନ୍ନତି ପାଇଥିବା ସମସ୍ତ ଶିକ୍ଷକଙ୍କୁ ନୂତନ ବିଦ୍ୟାଳୟଗୁଡିକରେ ଯୋଗଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ପଦୋନ୍ନତି ପାଇଥିବା ଜଣେ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଥିବା ବିଦ୍ୟାଳୟକୁ ଯାଇଥିବା ବେଳେ ତାଙ୍କୁ ବିରୋଧ କରି ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇବା ଘଟଣା ହରଭଙ୍ଗା ବ୍ଲକରେ ଦେଖିବାକୁ ମିଳିଛି ।

ମିଳିଥିବା ସୂଚନା ଅନୁଯାୟୀ, ହରଭଙ୍ଗା ବ୍ଲକର ମାର୍ଦ୍ଦିଙ୍ଗ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୯ଜଣ ପିଲା ପାଠ ପଢୁଛନ୍ତି। ଏମାନଙ୍କୁ ଶିକ୍ଷାଦାନ ପାଇଁ ଦୁଇ ଜଣ ଶିକ୍ଷକ ଅଛନ୍ତି। ମାତ୍ର ସେଠାରେ ପଦୋନ୍ନତି ପାଇଥିବା ଶିକ୍ଷୟିତ୍ରୀ ମିନତୀ ଦାଶଙ୍କୁ ନିଯୁକ୍ତି ଦିଆଯାଇଛି । ଗାଁ ଲୋକେ ଆମ ସ୍କୁଲରେ ଶିକ୍ଷକ ଆବଶ୍ୟକ ନ ଥିବା କହି ଶିକ୍ଷୟିତ୍ରୀଙ୍କ ନିଯୁକ୍ତିର ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ହରଭଙ୍ଗା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ କୁମାର ଲୁହାଙ୍କୁ ପଚାରିବାରେ ସେ କହିଲେ ମଙ୍ଗଳବାର ୪୫ଜଣ ଶିକ୍ଷକଙ୍କୁ ଲେବୁଲ-୪କୁ ପଦୋନ୍ନତି ମିଳିଛି। ସେଥିରୁ ୭ଜଣ ପ୍ରାଥମିକ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି ମିଳିଛି। ଶିକ୍ଷୟିତ୍ରୀ ମିନତୀ ଦାଶଙ୍କୁ ପଦୋନ୍ନତି ପରେ ମାର୍ଦ୍ଦିଙ୍ଗ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଗାଁ ଲୋକେ ତାଙ୍କୁ ଯୋଗଦାନ କରାଇ ଦେଉ ନ ଥିବା ଖବର ପାଇଛି। ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଥିଲେ ।




ବିଦ୍ୟାଳୟ ଆଗରେ ତାଲା ପକାଇ ଗ୍ରାମବାସୀ ବିରୋଧ କରୁଛନ୍ତି ।

**ଶିକ୍ଷୟିତ୍ରୀଙ୍କ ନିଯୁକ୍ତିକୁ ବିରୋଧ**

## ସଂକ୍ଷେପରେ

### ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

**ରାଜଗାଙ୍ଗପୁର,୨୦।୧୨ (ଅଶୋକ ପାଣି):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଜାମପାଲି ନିକଟସ୍ଥ ଏକ ହୋଟେଲରେ କାମ କରୁଥିବା ଜଣେ ଯୁବକଙ୍କ ମଙ୍ଗଳବାର ରାତିରେ ଶୋଇଥିବା ବେଳେ ମୃତ୍ୟୁ ଘଟିଛି। ତାଙ୍କ ବୟସ ୪୦ ହେବ ବୋଲି ଅନୁମାନ କରାଯାଉଛି। ବୁଧବାର ସକାଳେ ହୋଟେଲ ମାଲିକ ମୃତଦେହ ଦେଖି ରାଜଗାଙ୍ଗପୁର ଥାନାକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏନେଇ ପୋଲିସ ଥାନାରେ କେସ ନଂ ୭୮/୨୩ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ତେବେ ସବୁଠାରୁ ବଡ କଥା ହେଲା ବିନା ପରିଚୟ ବ୍ୟକ୍ତିଙ୍କୁ କିପରି ମାଲିକ ହୋଟଲରେ କାମ ଦେଇଥିଲେ ସେନେଇ ପୋଲିସ ଖୋଳତାଡ କରୁଛି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ଲହୁଣୀପଡ଼ା,୨୦।୧୨(ଦାଶରଥି ପଣ୍ଡା):** କେ. ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥ ରକ୍ସି ରେଲୱେ ଫାଟକ ନିକଟରେ ବୁଧବାର ସକାଳେ ଟ୍ରକ ପଛରେ ଅନ୍ୟ ଏକ ଟ୍ରକ ଧକ୍କା ଦେବାରୁ ଘଟଣା ସ୍ଥଳରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଚାଳକଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ମୃତଦେହ ଜବତ କରି ବଣେଇଁ ଉପଖଣ୍ଡ ଚିକିତ୍ସାଳୟର ମର୍ଗ ହାଉସରେ ରଖିଛି। ଏଥିସହ ଘଟଣାର ତଦନ୍ତ କରୁଛି।

### ଦନ୍ତା ଭାଙ୍ଗିଲା ଘର, ଅଳ୍ପକେ ବର୍ତ୍ତିଲେ ମହିଳା

**ବଡ଼ଗାଁ,୨୦।୧୨(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଛି। ମଙ୍ଗଳବାର ରାତିରେ ଏକ ଦନ୍ତା ଉକମିନୀ ବାଗଙ୍କ ଘର ଭାଙ୍ଗି ଦେଇଛି। ହେଲେ ସେ ଅଳ୍ପକେ ହାତୀ କବଳରୁ ବର୍ତ୍ତି ଯାଇଛନ୍ତି। ବ୍ଲକରେ ୫୬ ଟିକିଆ ହାତୀପଲ ରହିଛନ୍ତି। ସେଥିମଧ୍ୟରୁ ଗୋଟିଏ ଦନ୍ତା ସନ୍ଧ୍ୟା ହେଲେ ଗାଁ ମୁହାଁ ହେଉଛି।

### ଯାତ୍ରୀବାହୀ ବସ୍‌ରେ ଲାଗିଲା ନିଆଁ, ବର୍ତ୍ତିଲେ ଯାତ୍ରୀ

**ଲହୁଣୀପଡ଼ା,୨୦।୧୨ (ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ୧୪୩ ନମ୍ବର ଜାତୀୟ ରାଜପଥ ରାଜାମୁଣ୍ଡା ବାଇପାସ ଠାରେ ବୁଧବାର ଅପରାହ୍ଣରେ ଏକ ଯାତ୍ରୀବାହୀ ବସ୍‌ରେ ନିଆଁ ଲାଗିଯାଇଥିଲା। ହେଲେ ଅଳ୍ପକେ ଯାତ୍ରୀମାନେ ବର୍ତ୍ତି ଯାଇଛନ୍ତି। ସୂଚନା ମୁତାବକ, ଯାତ୍ରୀବାହୀ ବସ୍‌ଟି ଅନୁଗୁଳଠାରୁ ରାଉରକେଲା ଆସୁଥିବା ବେଳେ ରାଜାମୁଣ୍ଡା ବାଇପାସଠାରେ ହଠାତ ଗାଡି ଭିତରୁ ଧୂଆଁ ବାହାରିଥିଲା। ପରବର୍ତ୍ତୀ ସମୟରେ ଗାଡିରେ ନିଆଁ ଲାଗାଯାଇଥିଲା। ସମସ୍ତ ଯାତ୍ରୀ ସୁରକ୍ଷିତଭାବେ ଗାଡିରୁ ଓହ୍ଲାଇ ଯାଇଥିଲେ। ଅଗ୍ନିଶମବାହାନୀ ପହଞ୍ଚି ନିଆଁକୁ ଆୟତ କରିଥିଲା।

# ଅର୍ଦ୍ଧ ନିର୍ମିତ ଦେଓନଦୀ ସେତୁ ବଢ଼ାଉଛି ଦୁଃଖ

**ପ୍ରଶାସନ କରିଥିବା କଚ୍ଚା ରାସ୍ତା ଭାସିଗଲା**

- ନଦୀରେ ପଶି ପାର ହେଉଛନ୍ତି ଲୋକେ
- ୩୦ ଫୁଟ୍ ବିପଦଜନକ ଶିଡ଼ି ହେଉଛି ଛାତ୍ରୀଛାତ୍ରଙ୍କ ସାହାରା
- ଆପ୍ରୋଚରୋଡ ସମସ୍ୟା ସମାଧାନ ହୋଇପାରିଲା ନାହିଁ




ଦେଓନଦୀରେ ପ୍ରଶାସନ ନିର୍ମିତ କଚ୍ଚାରାସ୍ତା ଭାସିଯାଇଛି ଓ ଛାତ୍ରୀମାନେ ୩୦ ଫୁଟ୍ ଶିଡ଼ି ଚଢ଼ି ଆସୁଛନ୍ତି।

**ରାଉରକେଲା, ୨୦।୧୨(ସଙ୍ଗୀତା ଜେନା)**

ରାଉରକେଲାରୁ ବିଶ୍ରା ଓ ନୂଆଗାଁ ବ୍ଲକକୁ ସଂଯୋଗ ପାଇଁ ମିଟକୁନ୍ଦରୀ ନିକଟରେ ଦେଓନଦୀରେ ୨୦୧୮ରୁ ଆରମ୍ଭ ହୋଇଥିବା ସେତୁ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଏହି ସେତୁ ନିର୍ମାଣ ପାଇଁ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଓ ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ ମଧ୍ୟ ସୁଫଳ ହେଲାନି। ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ଉକ୍ତ ସେତୁ ପରିଦର୍ଶନ ଓ ପ୍ରତିଶ୍ରୁତି ମଧ୍ୟ କାମ କଲାନି। ପ୍ରଶାସନ ଅସ୍ଥାୟୀ କଚ୍ଚା ରାସ୍ତା ତିଆରି କରିଥିଲା। ହେଲେ ତାହା ମଧ୍ୟ ଜଳସ୍ରୋତରେ ଭାସିଗଲା। ଏବେ ସାହାରା କେବଳ ୩୦ ଫୁଟ୍‌ର ବିପଦଜନକ ଶିଡ଼ି। ରାଉରକେଲାରେ ଥିବା ସ୍କୁଲ, କଲେଜ, ମାର୍କେଟ, କାର୍ଯ୍ୟାଳୟ, ରେଳ ଷ୍ଟେସନ୍ ଆଦିକୁ ଯିବାକୁ ଛାତ୍ରୀଛାତ୍ର, ଦିନମଜୁରିଆଙ୍କ ସମେତ ୧୨ଟି ପଞ୍ଚାୟତର ଲୋକେ ଶିଡ଼ିରେ ଚଢି ଅଧା ହୋଇଥିବା ସେତୁ ଉପରକୁ ଯାଇ ଅପରପାର୍ଶ୍ୱକୁ ଯାଉଛନ୍ତି। ଯେଉଁମାନେ ଶିଡ଼ି ଚଢୁନାହାନ୍ତି, ସେମାନେ ନଦୀରେ ପଶି ଯାଉଛନ୍ତି। ଝାଡଖଣ୍ଡରୁ ପ୍ରବାହିତ ହୋଇଆସିଥିବା ଏହି ନଦୀ ଖରାଦିନରେ ଶୁଖିଲା ରହୁଥିବାରୁ ଅସ୍ଥାୟୀ କଚ୍ଚାରାସ୍ତା ତିଆରି କରି ଗ୍ରାମବାସ ଯାତାୟାତ କରିଥାନ୍ତି। ହେଲେ ବର୍ଷା ଋତୁରେ ଏହା ସମ୍ଭବ ହୋଇ ନ ଥାଏ। ଫଳରେ ଲୋକେ ବୀରମିତ୍ରପୁର ଓ ଖୁଣ୍ଟଗାଁ ଦେଇ ରାଉରକେଲା ଆସିବାକୁ ବାଧ୍ୟ ହୋଇଥାନ୍ତି। ସେହିପରି ଜରୁରି ସେବାପାଇଁ ଲୋକେ ବାଧ୍ୟହୋଇ ଅଧିକ ରାସ୍ତା ଅତିକ୍ରମ କରି ରାଉରକେଲା ସରକାରୀ ଡାକ୍ତରଖାନାକୁ ଆସିଥାନ୍ତି। ଏହି ସମସ୍ୟାର ଅସ୍ଥାୟୀ ସମାଧାନ ପାଇଁ ଉକ୍ତ ଅର୍ଦ୍ଧନିର୍ମିତ ସେତୁ ଉପରକୁ ୩୦ ଫୁଟ୍‌ର ଏକ ଶିଡ଼ି ନିର୍ମାଣ କରି ଏହା ଯୋଗେ ସେତୁ ଉପରେ ଚଢି ରାଉରକେଲାକୁ ଆସୁଥିଲେ। ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଆଉ ଗୋଟିଏ ପିଲର୍ ଓ ପୋଲ ନିକଟକୁ ଆପ୍ରୋଚ ରୋଡ଼ ହୋଇପାରିନାହିଁ। ତେଣୁ ପୋଲ ଉପରକୁ ଉଠିବା ପାଇଁ ଶିଡ଼ି ହୋଇଥିଲା। କିଛି ଦିନ ଶିଡ଼ି ରହିବା ପରେ ଲୋକଙ୍କ ଜୀବନକୁ ସୁରକ୍ଷିତ କରିବା ପାଇଁ ୩୦ ଫୁଟ୍‌ର ଶିଡ଼ି ବାହାର କରିନେଇଥିଲା ପ୍ରଶାସନ। ନଦୀ ମଧ୍ୟରେ ଏକ କଚ୍ଚାରାସ୍ତା ତିଆରି କରାଯାଇଥିଲା। ହେଲେ ପ୍ରାୟ ୭ଦିନ ପୂର୍ବେ ନଦୀ ମଧ୍ୟରେ କଚ୍ଚାରାସ୍ତା ଧୋଇଯିବାରୁ ଲୋକେ ପୁଣି ଶିଡ଼ି ବାନ୍ଧି ଯା'ଆସ କରୁଛନ୍ତି। ଏ ସମ୍ପର୍କରେ ପାନପୋଷ ଉପଜିଲାପାଳ ବିଜୟ ନାୟକଙ୍କୁ ପଚରାଯିବାରୁ ସେ କହିଲେ, ଜମି ଅଧିଗ୍ରହଣ ଶେଷ ହୋଇନି। ଜମି ମାଲିକ ଅଗ୍ରୀମ ରାଶି ମାଗୁଥିବା ବେଳେ ସରକାରୀ ହିସାବରେ ୩ ମାସ ଅର୍ଥରାଶି ମଞ୍ଜୁର କରାଯିବାର ନିୟମ ରହିଛି। ଏଥିରେ ଜମି ମାଲିକ ରାଜି ହେଉନାହାନ୍ତି। ଫଳରେ ସେତୁର ବଳକା ନିର୍ମାଣ ଓ ଆପ୍ରୋଚ ରୋଡ ନିର୍ମାଣରେ ବାଧା ସୃଷ୍ଟି ହେଉଛି। ଏହାର ଯଥାଶୀଘ୍ର ସମାଧାନ ବାହାର କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଦେଓନଦୀ ଉପରେ ୨୦୧୮ ଜୁନ୍ ୩୦ରେ ୯୫୯.୦୮ ଲକ୍ଷ ଟଙ୍କା ବ୍ୟୟରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୨୦ ଜୁନ୍ ୨୯ ସୁଦ୍ଧା କାମ ଶେଷ କରିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ସେତୁରେ ୫ଟି ପିଲାର (ସ୍ତମ୍ଭ) ନିର୍ମାଣ ଓ ସ୍ଲାବିଂ ହୋଇଥିଲା। ଏହାର ଆଉ ଗୋଟିଏ ପିଲାର ଓ ଆପ୍ରୋଚ ରୋଡ ତିଆରି କଲାବେଳେ ଉକ୍ତ ଜମିକୁ ବ୍ୟକ୍ତିଗତ ଦର୍ଶାଇ କେତେକ ସ୍ଥାନୀୟ ଲୋକ କାର୍ଯ୍ୟ ବନ୍ଦ କରିଦେଇଥିଲେ।

### ବିଜେଡିରେ ସାମିଲ ହେଲେ ଶତାଧିକ ଯୁବତୀ ଯୁବକ

#### କୁରେଇରେ ବିଜେଡିର ମିଶ୍ରଣ ପର୍ବ

**ବାଲିଶଙ୍କରା,୨୦।୧୨ (ହୃଦାନନ୍ଦ ବାରିକ):** ସୁନ୍ଦରଗଡ଼ ଜିଲା କୁରେଇ ପଞ୍ଚାୟତର ବଜାର ଦାଣ୍ଡଠାରେ ବିଜେଡିର ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଶତାଧିକ ଯୁବତୀ ଯୁବକ ଭାଜପା ଓ କଂଗ୍ରେସ ଦଳ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ଆଗାମୀ ଦିନରେ ଦଳରେ ବହୁ ସଂଖ୍ୟାରେ ଯୁବତୀ ଯୁବକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଦଳରେ ସାମିଲ ହୋଇଥିବା ଯୁବତୀ ଯୁବକଙ୍କୁ ସକ୍ରିୟଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଛି। ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ସମ୍ମାନିତ ଅତିଥିଭାବେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ତଥା ପଶ୍ଚିମ ଓଡିଶା ବିକାଶ ପରିଷଦ ଏକ୍ସପର୍ଟ ସଦସ୍ୟ ବୈକୁଣ୍ଠ ନାଏକ, ଏମ୍‌ଡି ହାରୁନ ରସିଦ, ବ୍ଲକ ଅଧକ୍ଷା କୁଞ୍ଜଲତା ଭିତ୍ରିଆ, ବ୍ଲକ ବିଜେଡି ସଭାପତି କେଶବ ରଣା, ବ୍ଲକ ଯୁବ ବିଜେଡି ସଭାପତି ରଞ୍ଜନ ସିଂ, ରଞ୍ଜନ ବେସନ, ଲମ୍ବୋଦର ସିଂ, ଜେନାମଣି କିଷାନ ପ୍ରମୁଖ ଯୋଗଦେଇଥିଲେ। ସୁନୀଲ ତିର୍କୀ, ହେମନ୍ତ ସିଂ, ତେଜ କୁମାର ଏକ୍କା, ସୁଜିତ କେର୍କେଟା, ଆଗ୍ରେସ କୁଜୁର ଏହିପରି ସକ୍ରିୟଭାବେ କାର୍ଯ୍ୟଭାର ତୁଲାଇଥିଲେ।

## ୨ଭାଇ ଗିରଫ, ୫୧୨ ଗ୍ରାମ ସୁନା ଜବତ

**ସୁନା ଦୋକାନ କର୍ମଚାରୀଙ୍କୁ ଆକ୍ରମଣ, ଲୁଟ୍ ମାମଲାର ପର୍ଦ୍ଦାଫାଶ**

**ରାଉରକେଲା, ୨୦।୧୨(ସଙ୍ଗୀତା ଜେନା)**



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ ସହ ଡିଏସ୍‌ପି ଅନୀଲ ପ୍ରଧାନ।

ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ରେଳବାଇ କଲୋନୀ କାଳୀମନ୍ଦିର ନିକଟରେ ସୁନା ଦୋକାନ କର୍ମଚାରୀଙ୍କୁ ଛୁରୀ ଓ ବାଡ଼ିରେ ଆକ୍ରମଣ କରି ପ୍ରାୟ ୮୫୬ ଗ୍ରାମ ସୁନାଅଳଙ୍କାର ଲୁଟ୍ କରି ଫେରାର ମାମଲାରେ ବୁଧବାର ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ଅଭିରାଜ ସୋନୀ(୨୬) ଓ ଆୟୁଷ ରାଜପ୍ରସାଦ(୨୩)। ଏମାନେ ଦୁଇ ଭାଇ। ଏନେଇ ପୋଲିସ ଏକ ମାମଲା (ନଂ. ୪୩୦/୨୩) ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ପ୍ରାୟ ୫୧୨ଗ୍ରାମ ସୁନା ଜବତ ହୋଇଛି। ଏ ନେଇ ସମ୍ପୃକ୍ତ ଥାନାରେ ବୁଧବାର ଅପରାହ୍ଣରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଡିଏସ୍‌ପି ଅନୀଲ ପ୍ରଧାନ। ଡିଏସ୍‌ପି ପ୍ରଧାନ ସୂଚନାଦେଇ କହିଲେ, ଗତ ୧୫ ତାରିଖରେ ଭୂତନାଥଗଳିର ପିସି ଜୁଏଲାରୀ ଦୋକାନର ମାଲିକ ଶମ୍ଭୁ ସାହୁ ତାଙ୍କ କର୍ମଚାରୀ ପ୍ରଦୀପ ସୋନୀଙ୍କୁ କୋଲକାତାରୁ ସୁନାଗହଣା ଆଣିବାକୁ ପଠାଇଥିଲେ। ପ୍ରଦୀପଙ୍କ ସହ ଅନ୍ୟ ଏକ ଜୁଏଲାରୀର କର୍ମଚାରୀ ଅଭିରାଜ ସୋନୀ ଓରଫ ପ୍ରିନ୍ସ କୋଲକାତା ଯାଇଥିଲେ। ସେମାନେ ସେଠାରେ ଏକ ହୋଟେଲର ରହିବା ସହ ସୁନାଅଳଙ୍କାର ଧରି ରାଉରକେଲା ପ୍ରତ୍ୟାବର୍ତ୍ତନ କରିଥିଲେ। ଆଜାଦହିନ୍ଦ ଏକ୍ସପ୍ରେସରେ। ୧୫ ତାରିଖ ଭୋରରେ ଉଭୟ ଟ୍ରେନରୁ ଓହ୍ଲାଇ ଗେଟ୍ -୨ରୁ ବାହାରି ବାସନ୍ତୀକଲୋନୀ ଯିବା ଲାଗି ରେଳବାଇ କଲୋନୀ ରାସ୍ତାରେ ଯାଉଥିଲେ। କାଳୀମନ୍ଦିର ନିକଟରେ ୩ ଜଣ ମୁଖାଧାରୀ ଦୁର୍ବୃତ୍ତ ଏକ ବାଇକରେ ଆସି ପ୍ରଦୀପଙ୍କୁ ଛୁରୀ ଓ ବାଡ଼ିରେ ଆକ୍ରମଣ କରି ସୁନାବ୍ୟାଗ ଧରି ଚମ୍ପଟ ମାରିଥିଲେ। ପ୍ରିନ୍ସ ମଧ୍ୟ ନିଜ ସୁନା ଚୋରି ହୋଇଥିବା ଅଭିନୟ କରିଥିଲେ। ତେବେ ପ୍ରଦୀପଙ୍କ ମାଲିକ ଶମ୍ଭୁ ଥାନାରେ ଅଭିଯୋଗ କରିଥିଲେ। ପରେ ଏହାର ତଦନ୍ତରେ ଅଭିରାଜଙ୍କୁ ପଚରାଉଚୁରା କରିବା ପରେ ସତ୍ୟ ପଦାକୁ ଆସିଥିଲା। ଘଟଣାର ମାଷ୍ଟରମାଇଣ୍ଡ ଅଭିରାଜ ଥିଲା। ଅଭିରାଜ ଓ ଆୟୁଷ ରାଜ ମିଳିତ ଭାବେ ଏହି ଚକ୍ରାନ୍ତ କରିଥିଲେ। ଅଭିରାଜ ତାଙ୍କ ଭାଇଙ୍କୁ ପ୍ରଦୀପଙ୍କ ସମସ୍ତ ବିବରଣୀ ପ୍ରଦାନ କରୁଥିଲେ। ଏଥିରେ ୩ଜଣ ଦୁର୍ବୃତ୍ତଙ୍କୁ ସାମିଲ କରିଥିଲେ। ଯାହାକୁ ଏବେ ପୋଲିସ ତଲାସ କରୁଛି।

## ପଞ୍ଚାୟତ ସ୍ତରୀୟ ହକି ପ୍ରତିଯୋଗିତା

**ସୁନ୍ଦରଗଡ,୨୦।୧୨(ଜୟ ନାରାୟଣ ମେଣ୍ଡୁଲି)**

ନୂଆ ଓ ଯୁବ ଓଡିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧିନରେ ସୁନ୍ଦରଗଡ ସଦର ନିର୍ବାଚନ ମଣ୍ଡଳୀ ଭବାନୀପୁର ଛାତ୍ର କ୍ରୀଡ଼ାବାସ ଖେଳ ପଡିଆଠାରେ ଅନୁଷ୍ଠିତ ପଞ୍ଚାୟତ ସ୍ତରୀୟ ହକି ପ୍ରତିଯୋଗୀତାର ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଆମ ଓଡ଼ିଶା ନବୀନ ଓଡ଼ିଶା ସୁନ୍ଦରଗଡ ଜିଲାର ସଂଯୋଜକ ଯୋଗେଶ କୁମାର

**ଭବାନୀପୁର ବିଜୟୀ**

ସିଂହ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ ଭବାନୀପୁର ଏବଂ କର୍ଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭବାନୀପୁର ଦଳ ପେନାଲିଟି ମାଧମରେ ବିଜୟୀ ହୋଇଥିଲା। ସମ୍ମାନୀତ ଅତିଥି ଭାବେ ସଦର ବ୍ଲକ ବିଡିଓ ମୋତିଲାଲ ସୁଲିଆ ଏବଂ ସଦର ବ୍ଲକ କ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାୟକ ଯୋଗଦେଇ ପୁରସ୍କାର ବିତରଣ କରି ଉତ୍ସାହିତ କରିଥିଲେ।




ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

## ସିପିଆଇ ପକ୍ଷରୁ ବିକ୍ଷୋଭ, ସ୍ୱାସ୍ଥ୍ୟସଚିବଙ୍କୁ ଦାବିପତ୍ର

**ରାଉରକେଲା,୨୦।୧୨(ସଙ୍ଗୀତା ଜେନା)**




ଆରଜିଏଚ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ସ୍ମାର୍ଟସିଟିରେ ଝାଡାବାନ୍ତି ସଂକ୍ରମଣରେ ରାଉରକେଲା ସରକାରୀ ହସ୍ପିଟାଲ୍ ଓ ଅନ୍ୟାନ୍ୟ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଉପଯୁକ୍ତ ଚିକିତ୍ସା ଅଭାବରୁ ରୋଗୀଙ୍କ ମୃତ୍ୟୁର ପ୍ରତିବାଦ, ରାଉରକେଲା ସରକାରୀ ହସ୍ପିଟାଲ୍‌ରେ ବେଡ ଓ କ୍ୟାବିନ୍ ସଂଖ୍ୟା ବୃଦ୍ଧି ଓ ଅନ୍ୟାନ୍ୟ ଦାବିରେ ବୁଧବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ସ୍ୱାସ୍ଥ୍ୟସଚିବଙ୍କ ଗସ୍ତ ଅବସରରେ ସରକାରୀ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ ସହ ଦାବିପତ୍ର ପ୍ରଦାନ କରାଯାଇଥିଲା। ସମାବେଶରେ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ଆଇନଜୀବୀ ସଦାନନ୍ଦ ସାହୁ ବକ୍ତବ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦଶର କିଷାନ, କାର୍ତ୍ତିକ ନାୟକ ପ୍ରମୁଖ ସ୍ୱାସ୍ଥ୍ୟସଚିବଙ୍କ ଅନୁପସ୍ଥିତିରେ ଆରଜିଏଚ୍‌ର ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ଲାଠିକଟା,୨୦।୧୨(ରାମେଶ୍ୱର ଖାଡଙ୍ଗା)**

ସାର ନଗରୀ ସ୍ଥିତ ଆଦର୍ଶ ବିଦ୍ୟା ମନ୍ଦିରର ୩୯ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡା.ଫକିର ଚରଣ ହୋତା ଏହାକୁ ଉଦ୍‌ଘାଟନ କରି କ୍ରିଡାର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ସମ୍ପାଦକ ଅନନ୍ତ କୁମାର ଜେନା, ପ୍ରଧାନ ଶିକ୍ଷୟିତ୍ରୀ ଶୈବାଳିନୀ ମିଶ୍ର, ବରିଷ୍ଠ ଶିକ୍ଷକ ପିସି ମାହାନ୍ତି, ପ୍ରମିଳା ସାହୁ, ପ୍ରତିଭା ପତି, ମଞ୍ଜୁଶ୍ରୀ ମଲ୍ଲିକ, ସୁମନ୍ତ ପଣ୍ଡା, ରମେଶ ଚନ୍ଦ୍ର ରାଉତ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଏହି କ୍ରିଡା ଉତ୍ସବ ୩ ଦିନ ଧରି ଚାଲିବ।

## ଝାରପଲମ ହାଇସ୍କୁଲର ସ୍ୱର୍ଣ୍ଣ ଜୟନ୍ତୀ

**ହେମଗିର,୨୦।୧୨ (ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଝାରପଲମ ୟୁଜିଏଚଏସ ହାଇସ୍କୁଲର ସ୍ୱର୍ଣ୍ଣ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ଉମାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥଲା। ଏଥିରେ ମୁଖ୍ୟ ଅତିଥିଭାବେ ଏଡିଇଓ ସାରଙ୍ଗଧର ବରିହା ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ କରୁଣା ସାଗର ପଟେଲ,ଏବିଇଓ କିଶୋର କୁମାର ଅକ, ଏବିଇଓ କପିଲ ଚନ୍ଦ୍ର ଦାସ, ଶିକ୍ଷକ ସଂଘ ସଭାପତି ରାମଲାଲ ପଟେଲ,ଏସଏମଡିସି ସଭାପତି ଅନନ୍ତ ରାମ କିଷାନ, ବେଣୁଧର ପ୍ରଧାନ, ସମିତି ସଭ୍ୟ ଓମ୍ ପ୍ରକାଶ ପ୍ରଧାନ, ଆଦାନୀ କମ୍ପାନୀର ଧର୍ମେନ୍ଦ୍ର ଦୁବେ,ମନୋଜ କୁମାର ମହନ୍ତ, ଜିଏମଡିସି କମ୍ପାନୀର କ୍ୟାପଟେନ ରଣବୀର ସିଂହ, ବବଲୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପରେ କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସ୍କୁଲର ଶିକ୍ଷକ ଜୟ ପ୍ରଧାନ, ପ୍ରିୟଙ୍କା ଅଞ୍ଜଳି ଏକ୍କା, ରାଜିବ ଏକ୍କା, ଚକ୍ରଧର ବିଶ୍ୱାଳ, ସୁପ୍ରଭା ବିଶ୍ୱାଳ, ସୁବେନ୍ଦୁ ଲାକ୍ରା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



ସ୍ୱର୍ଣ୍ଣ ଜୟନ୍ତୀ ଅବସରରେ ଉପସ୍ଥିତ ଅତିଥି ବୃନ୍ଦ।

# ହଇଜା ମହାମାରୀର ସମୀକ୍ଷା କଲେ ସ୍ୱାସ୍ଥ୍ୟ ସଚିବ

**ଆର୍‌ଜିଏଚ୍ ପରିଦର୍ଶନ କରିବା ସହ ଉଚ୍ଚସ୍ତରୀୟ ବୈଠକରେ ଯୋଗ ଦେଲେ**

**ରାଉରକେଲା,୨୦।୧୨(ସଙ୍ଗୀତା ଜେନା)**



ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଓ ଅନ୍ୟ ଅଧିକାରୀ ଆରଜିଏଚ୍ ପରିଦର୍ଶନ କରୁଛନ୍ତି।

ଇସ୍ପାତ ସହର ଓ ଏହାର ଆଖାପାଖ ଅଞ୍ଚଳରେ ବ୍ୟାପିଥିବା ହଇଜା ମହାମାରୀ ଘଟଣା ନେଇ ବୁଧବାର ମଧ୍ୟାହ୍ନରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସମୀକ୍ଷା କରିଛନ୍ତି। ତାଙ୍କ ସହ ଗୃହ ଓ ସହର ବିକାଶ ସଚିବ ଜି. ମାଥି ଭାତନାନ୍, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ପ୍ରମୁଖ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ପରିଦର୍ଶନ କରିବା ସହ ସାମ୍ପ୍ରତିକ ପରିସ୍ଥିତି ଅନୁଧ୍ୟାନ ଓ ସମୀକ୍ଷା କରି ଫେରିଯାଇଛନ୍ତି। ବିଭିନ୍ନ ୱାର୍ଡ଼ ପରିଦର୍ଶନ କରି ରୋଗୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ସଚିବ ପଣ୍ଡିତ କହିଲେ, ହଇଜାର ସ୍ଥିତି ଅନୁଧ୍ୟାନ ପରେ ରାଉରକେଲା ସରକାରୀ ଡାକ୍ତରଖାନା, ଇସ୍ପାତ ଜେନେରାଲ୍ ହସ୍ପିଟାଲ, ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ, ହାଇଟେକ୍ ହସ୍‌ପିଟାଲ ସମେତ ସମସ୍ତ ଘରୋଇ ହସ୍ପିଟାଲଗୁଡ଼ିକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଆସୁଥିବା ସଂକ୍ରମଣଙ୍କ ସଂଖ୍ୟା ବର୍ତ୍ତମାନ କମ୍ ରହିଛି। ପ୍ରଶାସନ ପକ୍ଷରୁ ନିଆଯାଇଥିବା ପ୍ରତିଷେଧକମୂଳକ ପ୍ରତିକାର ପାଇଁ ରୋଗୀଙ୍କ ଅବସ୍ଥା ଗୁରୁତର ହେଉନାହିଁ। ସଂକ୍ରମିତ ରୋଗୀ ଆସିଲେ ତାଙ୍କୁ ଉତ୍ତମ ଚିକିତ୍ସା ଦିଆଯାଉଛି। ମାମଲା ବଢୁନି। ଭିନ୍ନଭିନ୍ନ ଅଞ୍ଚଳରୁ ରୋଗୀ ଆସୁଥିବା ଯୋଗୁ ଏହାର ଠିକ୍ କାରଣ ଜଣାପଡୁନାହିଁ। ପାନୀୟ ଜଳ ଓ ଖାଦ୍ୟ ଯୋଗୁ ଏପରି ସଂକ୍ରମିତ ହୋଇଥାଏ। ଏହାର ପ୍ରକୃତ କାରଣ, ଏପିଡେମିକାଲି ଷ୍ଟଡ଼ି ଓ ମାଇକ୍ରୋବାୟୋଲୋଜିକାଲ ଷ୍ଟଡ଼ି ପାଇଁ ଏସ୍‌ସିବି ଓ ଆର୍‌ଏମ୍‌ଆର୍‌ସି ଭୁବନେଶ୍ୱରରୁ ଟିମ୍ ଆସୁଛନ୍ତି। ରୋଗର ନିରାକରଣ ପାଇଁ ସହର ଓ ଆଖପାଖର ଥିବା ୧୦ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର(ପିଏଚ୍‌ସି)କୁ ୨୪ଘଣ୍ଟା ଖୋଲାରଖାଯାଇଛି। ଏଥିରେ ଅଧିକ ସଂଖ୍ୟାରେ ବିଶେଷଜ୍ଞ ଡାକ୍ତର ସହିତ ଔଷଧ, ଅକ୍ସିଜେନ୍ ଓ ଆଣ୍ଟିବାୟୋଟିକ୍ ମେଡ଼ିସିନ୍ ବ୍ୟବସ୍ଥା ରଖାଯାଇଛି। ଏହାବ୍ୟତୀତ ସହରରେ ପାନୀୟ ଜଳ ନମୁନା ସହ ଦୂଷିତ ଖାଦ୍ୟ ଅନ୍ୱେଷଣ, ନଷ୍ଟ କରାଯିବା ସହ ନମୁନା ସଂଗ୍ରହ କରିବା ଜାରି ରହିଛି। ଯାହାକି ସଂକ୍ରମଣ ରୋକିବାରେ ସହାୟକ ହେବ। ସଚେତନତା କାର୍ଯ୍ୟକ୍ରମ, ଡାକବାଜି ଯନ୍ତ୍ରର ଲୋକଙ୍କୁ ରୋଗର ନିରାକରଣ ସମ୍ପର୍କରେ କୁହାଯାଉଛି ବୋଲି ପଣ୍ଡିତ କହିଥିଲେ। ଆର୍‌ଜିଏଚ୍ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସୁନ୍ଦରଗଡ଼ ଜିଲାପାଳ ପରାଗ ହର୍ଷଦ ଗାଭଲୀ, ରାଉରକେଲା ଏଡ଼ିଏମ୍ ଡା. ଶୁଭଙ୍କର ମହାପାତ୍ର, ସିଡ଼ିଏମ୍ ଓ ଡା. ଧରଣୀ ରଞ୍ଜନ ଶତପଥୀ, ଆର୍‌ଜିଏଚ୍ ନିର୍ଦ୍ଦେଶକ ଡା. ଡିବି ଦାସ, ଭାରପ୍ରାପ୍ତ ଅଧୀକ୍ଷକ ଡା. ସୁଧାରାଣୀ ପ୍ରଧାନଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଉରକେଲା ଓ ନିକଟବର୍ତ୍ତୀ ଅଞ୍ଚଳରେ ହୋଇଥିବା ଏହି ଝାଡ଼ାବାନ୍ତି ସମ୍ପୃକ୍ତ ମହାମାରୀ କଲେରାର ରୂପ ଧାରଣ କରିଛି। ସହରରେ ଆର୍‌ଜିଏଚ୍ ସମେତ ବିଭିନ୍ନ ହସ୍‌ପିଟାଲରେ ୧୯ ତାରିଖ ସକାଳ ୮ଟା ସୁଦ୍ଧା ୫୮୦ ଜଣ ସଂକ୍ରମିତ ଚିକିତ୍ସିତ ହେଉଥିବା ବେଳେ ବୁଧବାର ଅପରାହ୍ନ ପର୍ଯ୍ୟନ୍ତ ସଂକ୍ରମିତଙ୍କ ସଂଖ୍ୟା ଏକ ହଜାରରୁ ଊର୍ଦ୍ଧ୍ୱ ବୋଲି ଆକଳନ କରାଯାଉଛି।

## ସଂକ୍ଷେପରେ

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

**କୁଚିଣ୍ଡା,୨୦।୧୨(ବିରଞ୍ଚି ଦର୍ଶୀ):** କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ଭୁବନେଶର ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରବିନାରାୟଣ ନାଏକ ମୁଖ୍ୟ ଅତିଥି, ବିପିନ ବିହାରୀ ନନ୍ଦ ମୁଖ୍ୟବକ୍ତା, ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରିଜୀ ମହାରାଜ, ପରିଚାଳନା ସମିତି ସମ୍ପାଦକ ରଞ୍ଜନ ମହାକୁଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଆଚାର୍ଯ୍ୟ ଡିଲେଶ୍ୱର ସାହୁ ସଭା ପରିଚାଳନା ଓ ସହପ୍ରଧାନ ଆଚାର୍ଯ୍ୟ ପ୍ରଣବ କୁମାର ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

### କୁଲାଙ୍ଗଯୋରରେ ବିଜେଡି ବନ୍ଧୁମିଳନ

**କୁଚିଣ୍ଡା,୨୦।୧୨(ବିରଞ୍ଚି ଦର୍ଶୀ):** କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନଙ୍କ ନେତୃତ୍ୱରେ ବୁଧବାର ଟାଇଁଶର ପଞ୍ଚାୟତ କୁଲାଙ୍ଗଯୋରଠାରେ ବ୍ଲକସ୍ତରୀୟ ବିଜେଡି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ କିଷାନଙ୍କ ଆହ୍ୱାନ କ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ୧୭ ଗୋଟି ପଞ୍ଚାୟତର କର୍ମୀମାନେ ଯୋଗଦେଇ ସାଂଗଠନିକ ଆଲୋଚନା କରିଥିଲେ। ଏଥିରେ ପୂର୍ବତନ ଜିଲା ଉପସଭାପତି ସନ୍ତୋଷ ବାରିକ, ପୂର୍ବତନ କୁଚିଣ୍ଡା ବ୍ଲକ ଉପାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର କିଷାନ, ଜିଲା ସମ୍ପାଦକ ଯୁଧିଷ୍ଠିର ପ୍ରଧାନ, ବିଜୁ ଯୁବ ଜନତା ଦଳର ଜିଲା ସାଧାରଣ ସମ୍ପାଦକ ପ୍ରତାପ ଶର୍ମା, ଛାତ୍ର ବିଜେଡ଼ି କୁଚିଣ୍ଡା ଟାଉନ ସଭାପତି ଅଭିଲାଷ ଅଗ୍ରୱାଲ, ଯୁବ ବିଜେଡ଼ି ବ୍ଲକ ସଭାପତି ମିଳନ ନାୟକ, ପୂର୍ବତନ ସରପଞ୍ଚ କିଶୋର କିଷାନ, ପୂର୍ବତନ ସମିତିସଭ୍ୟ ଧର୍ମରାଜ ରୋହିଦାସ ପ୍ରମୁଖ ଯୋଗଦେଇ ଦଳକୁ ଆହୁରି ସୁଦୃଢ଼ କରି ଆଗାମୀ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବାକୁ ସଂକଳ୍ପ ନେଇଥିଲେ। ଶେଷରେ ବରିଷ୍ଠ କର୍ମୀ ପ୍ରସନ୍ନ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।

### ବଡ଼ମାଳ ସେବାଶ୍ରମ ବାର୍ଷିକୋତ୍ସବ

**ରେଢ଼ାଖୋଲ,୨୦।୧୨(ଅଚ୍ୟୁତାନନ୍ଦ ପୁରୋହିତ):** ରେଢ଼ାଖୋଲ ବ୍ଲକ ବୁର୍ଡା ପଞ୍ଚାୟତର ବଡମାଳ ସେବାଶ୍ରମ ସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କାହ୍ନୁଚରଣ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଖଣ୍ଡ ପଞ୍ଚାୟତ ଅଧିକାରୀ ଗଜେନ୍ଦ୍ର ବାରିକ ମୁଖ୍ୟଅତିଥି, ସିଆର୍‌ସିସି ଜୟନ୍ତ କୁମାର ପ୍ରଦାନ, ସ୍କୁଲ ପରିଚାଳନା କମିଟି ସଭାପତି ସନ୍ତୋଷିନୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶୁଣ୍ଠିମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଖେତ୍ରୁ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ମୁକ୍ତା ଅଦାବର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସ୍ମୃତିପ୍ରଭା ମାଝି ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ନୀଳାମ୍ବର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସେବାଶ୍ରମ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ନୂତନ ଉଦ୍ଭାବନ ଓ ସମସ୍ୟା ସମାଧାନ

# ସ୍ମାର୍ଟ ଇଣ୍ଡିଆ ହାକାଥନ ଏକ ସୁଯୋଗ

### ୪୮ ନୋଡାଲ ସେଣ୍ଟର ମଧ୍ୟରୁ ଭିସୁଟ୍ ଅନ୍ୟତମ



ଖବରଦାତା ସମ୍ମିଳନୀରେ ଭିସୁଟ୍ କୁଳପତି ସୂଚନା ଦେଉଛନ୍ତି।

**ସମ୍ବଲପୁର,୨୦।୧୨(ପ୍ରମୋଦ ବହିଦାର)**

ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଆୟୋଜିତ ସ୍ମାର୍ଟ ଇଣ୍ଡିଆ ହାକାଥନ-୨୦୨୩ ଛାତ୍ରୀଛାତ୍ରଙ୍କ ପାଇଁ ନୂତନ ଉଦ୍ଭାବନ ଓ ସମସ୍ୟା ସମାଧନ ଦିଗରେ ନୂତନ ସମ୍ଭାବନା ସୃଷ୍ଟି କରିଛି। ବୁର୍ଲାସ୍ଥିତ ବିଶ୍ୱବିଦ୍ୟାଳୟର ଇ-ଲର୍ଣ୍ଣିଂ ସେଣ୍ଟରରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୁଳପତି ପ୍ରଫେସର ବଂଶିଧର ମାଝି ଏହି ସୂଚନା ଦେଇଛନ୍ତି।

ସେ କହିଥିଲେ, ସ୍ମାର୍ଟ ଇଣ୍ଡିଆ ହାକାଥନ-୨୦୨୩ ଆୟୋଜନ ପାଇଁ ସର୍ବଭାରତୀୟ ସ୍ତରରେ ଚିହ୍ନଟ ହୋଇଥିବା ୪୮ ନୋଡାଲ ସେଣ୍ଟର ମଧ୍ୟରୁ ଭିସୁଟ୍ ଅନ୍ୟତମ। ସ୍ମାର୍ଟ ଇଣ୍ଡିଆ ଅନ୍ତର୍ଗତ ୨୦୧୭ରୁ ଆରମ୍ଭ ହୋଇଥିବା ବେଳେ ହାକାଥନ-୨୦୨୩ ଏହାର ୭ମ ସଂସ୍କରଣ। ଏହି କାର୍ଯ୍ୟକ୍ରମ ଡିସେମ୍ବର ୧୯ ତାରିଖରୁ ଆରମ୍ଭ ହୋଇଥିବା ବେଳେ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ହାକାଥନ-୨୦୨୩ରେ ଭିସୁଟ୍‌ର ୩ଟି ଦଳ ସମେତ ଦେଶର ବିଭିନ୍ନ ରାଜ୍ୟ ଅନ୍ତର୍ଗତ ଶିକ୍ଷାନୁଷ୍ଠାନର ମୋଟ ୧୬୮ ଛାତ୍ରୀଛାତ୍ରୀଙ୍କ ୨୭ଟି ଦଳ ଭାଗ ନେଇଛନ୍ତି। ଏଥିରେ ନୂତନ ସମସ୍ୟାର ସମାଧାନ ପାଇଁ ତିନୋଟି ପର୍ଯ୍ୟାୟରେ ଏକ ୩୬ ଘଣ୍ଟିଆ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଛାତ୍ରୀଛାତ୍ର ସେମାନଙ୍କ ଜ୍ଞାନକୌଶଳ ଓ ଦକ୍ଷତା ପ୍ରତିପାଦନ କରିବେ। ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ତିନୋଟି ପର୍ଯ୍ୟାୟରେ ପ୍ରତିଯୋଗୀଙ୍କ ମୂଲ୍ୟାୟନ କରିବେ। ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ୧ ଲକ୍ଷ ଟଙ୍କା, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୭୫ ହଜାର ଟଙ୍କା ଓ ତୃତୀୟ ବିବେଚିତଙ୍କୁ ୫୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଆଗାମୀ ଦିନରେ ହାକାଥନ-୨୦୨୩ର ଶ୍ରେଷ୍ଠ ଉଦ୍ଭାବନ ତଥା ସମାଧାନର ସୂତ୍ରକୁ ଦେଶର ବିକାଶ ପାଇଁ ଷ୍ଟାର୍ଟଅପ୍ ଭଳି କାର୍ଯ୍ୟକ୍ରମ ଓ ଶିଳ୍ପାନୁଷ୍ଠାନରେ ସଦୁପଯୋଗ କରାଯିବ। ସର୍ବଭାରତୀୟ ସ୍ତରରେ ଚୟନ କରାଯାଇଥିବା ୫ଟି ନୋଡାଲ ସେଣ୍ଟର ମଧ୍ୟରେ ଅନ୍ୟତମ ଭିସୁଟ୍‌ର ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କ ସହିତ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଭାସୀ ମାଧ୍ୟମରେ ଭାବର ଆଦାନପ୍ରଦାନ ପୂର୍ବକ ପ୍ରତିଯୋଗିତା ପାଇଁ ଶୁଭକାମନା ଜଣାଇଥିଲେ। ଏହାକୁ ନେଇ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଥିଲା ବୋଲି ସେ କହିଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

**ସମ୍ବଲପୁର,୨୦।୧୨(ବି.ଶଙ୍କର)**

ସମ୍ବଲପୁର ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୩ତମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସୁଶାନ୍ତ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଉତ୍ସବ ହୋଇଥିଲା। ଟାଟା ପାୱାର ଅପରେଶନ୍ସ ମୁଖ୍ୟ ଆଶିଷ ପଟ୍ଟଯୋଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ନାଟ୍ୟକାର, ନିର୍ଦ୍ଦେଶକ ଓ କ୍ରୀଡାବିତ୍ ପ୍ରଫେସର କେଶରଞ୍ଜନ ପ୍ରଧାନ ଅଧ୍ୟବସାୟ ବିନା ସଫଳତା ହାସଲ ହୋଇ ନ ଥାଏ ବୋଲି କାହାଣୀ ମାଧ୍ୟମରେ ବୁଝାଇଥିଲେ। ସ୍ନାତକୋତ୍ତର ଶିକ୍ଷୟିତ୍ରୀ ପ୍ରାଚୀ ହୋତା ଅତିଥି ପରିଚୟ ଓ ଭୂଗୋଳ ବିଭାଗର ଶିକ୍ଷୟିତ୍ରୀ ଜସ୍ମିନ ବେରିହା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହିଅବସରରେ ଅତିଥିମାନେ ଅନୁଷ୍ଠାନର ମୁଖପତ୍ର ଆକୃତି ଉନ୍ମୋଚନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରିୟଙ୍କା ଅନୁରାଗ ଓ ପ୍ରଜ୍ଞା ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# କବରାପାଲିରେ ଗୋକୁଳାଷ୍ଟମୀ ଯାତ୍ରା

**ସମ୍ବଲପୁର,୨୦।୧୨ (ଭବାନୀ ଶଙ୍କର ଭୋଇ)**

ଯୁଯୁମୁରା ବ୍ଲକ କବରାପାଲିରେ ମାର୍ଗଶିର ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଗୋକୁଳାଷ୍ଟମୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୃଷି ହିଁ ଅଞ୍ଚଳବାସୀଙ୍କ ମୁଖ୍ୟ ଜୀବିକା ହୋଇଥିବାରୁ ଗୋରୁଙ୍କୁ ଏହି ଦିବସରେ ପୂଜା କରାଯାଇଥାଏ। ରାଧାକୃଷ୍ଣଙ୍କୁ ପୂଜା ସହ ଗୋପୂଜନ ପର୍ବ ଭାବରେ କବରାପାଲିରେ ଦୀର୍ଘବର୍ଷ ହେବ ଏହି ପରମ୍ପରା ପ୍ରଚଳିତ ହୋଇଆସୁଛି। ଏହି ଅବସରରେ ଗାଁର ମହିଳାମାନେ କଳସୀରେ ଜଳ ଧରି ନଗର ପରିକ୍ରମା କରିବା ପରେ ମନ୍ଦିର ପ୍ରାଙ୍ଗଣ ମଣ୍ଡପରେ ସ୍ଥାପନ କରିଥିଲେ। ଏହାପରେ ମଣ୍ଡପରେ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର ପୂଜକ ରମେଶ ଦାସ ଏଥିରେ ପୌରୋହିତ୍ୟ କରିଥିଲେ।



ରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯାଉଛି।

ସନ୍ଧ୍ୟାରେ ସାଂସ୍କୃତିକ କର୍ଯ୍ୟକ୍ରମରେ ସମ୍ପ୍ରଦା ପରିବେଷଣ କରାଯାଇଥିଲା। ଏଥିରେ ଫଟାବାହାଲ ଓ ଖରସନମାଳର ସମ୍ପ୍ରଦା ଦଳ ସାମିଲ ହୋଇଥିଲେ। ଭାଲୁବାହାଲରୁ ଆସିଥିବା କୃଷ୍ଣଗୁରୁ ଦଳ ରାଧାକୃଷ୍ଣଙ୍କ ଅମର ପ୍ରେମ ଓ ଭକ୍ତିର ବାର୍ତ୍ତା ଦେଇଥିଲେ। ସେହିପରି ଲୁରୁପାଲି, ତାମ୍ଭିମୁଡା, କୁସମୁଦା, ଖରମୁଣ୍ଡାର ମହିଳା କୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ପରିବେଷଣ କରାଯାଇଥିଲା। ଏହି ଯାତ୍ରା ପାଇଁ ଗାଁରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା। ଯାତ୍ରା ଆୟୋଜନରେ କମିଟି ସଭାପତି ଅଶ୍ୱିନୀ ବଡାଇ, ଉପସଭାପତି ଶରତ ସାହୁ, କୋଷାଧ୍ୟକ୍ଷ ସଞ୍ଜୟ କୁମାର ପ୍ରଧାନଙ୍କ ସମେତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଗୌରଚନ୍ଦ୍ର ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ରେଢ଼ାଖୋଲ,୨୦।୧୨(ଅଚ୍ୟୁତାନନ୍ଦ ପୁରୋହିତ)**

ରେଢ଼ାଖୋଲ ଗୌରଚନ୍ଦ୍ର ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ସ୍ଥାନୀୟ ମିନିଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧ୍ରୁବଚରଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ୪୧ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଖେଳ ଶିକ୍ଷକ ସୁକାନ୍ତ ପ୍ରଧାନ ଓ ମୋହିନି ମୋହନ ପ୍ରଧାନ ଖେଳ ପରିଚାଳନା କରିଥିଲେ। ଛାତ୍ର ଶୁଭମ୍ ଦେହୁରି, ଆଶିଷ ଟପ୍ପୋ ଏବଂ ଛାତ୍ରୀ ସରସ୍ୱତୀ ସଏ ଓ ଲକ୍ଷ୍ମୀପ୍ରିୟା ଜେନା କନିଷ୍ଠ ଓ ବରିଷ୍ଠ ବିଭାଗରେ ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଣୁଧର ବରିହା ସଭାପତିତ୍ୱ କରିଥିବା ବେଳେ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦିପ୍ତ କୁମାର ନାୟକ, ସିଆର୍‌ସିସି ଅନୀଲ ମେହେର, ଶିକ୍ଷକ ମନୋରଞ୍ଜନ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

## ଡିଏଭି ବିଦ୍ୟାଳୟରେ ସାହିତ୍ୟ ଆସର



ଡିଏଭି ସ୍କୁଲ ସାହିତ୍ୟ ଆସରରେ ଉପସ୍ଥିତ ଅତିଥି।

**ସମ୍ବଲପୁର,୨୦।୧୨(ବି.ଶଙ୍କର)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲା ଏମ୍‌ସିଏଲ୍ ଆନନ୍ଦ ବିହାରସ୍ଥିତ ଡିଏଭି ବିଦ୍ୟାଳୟରେ ବୁଧବାର ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । ଓଡଶପୁର ଯୁଏନ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ହିରଣ୍ମୟୀ ମିଶ୍ର ମୁଖ୍ୟ ଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଓଡିଆ ବିଭାଗୀୟ ମୁଖ୍ୟ ପ୍ରଫେସର ଅଶୋକ କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମି ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରାରମ୍ଭରେ ବିଦ୍ୟାର୍ଥୀମାନଙ୍କୁ ନେଇ କର୍ମଶାଳା ହୋଇଥିଲା। ଏହି ଅବସରରେ ବିଭିନ୍ନ ଭାଷାକୁ ନେଇ ଲଘୁ ନାଟକ ମଞ୍ଚସ୍ଥ ହୋଇଥିଲା। ଡ. ଅଭୟ କୁମାର ମିଶ୍ର ଏହାର ନିର୍ଦ୍ଦେଶନା ଦେଇଥିଲେ। ସେହିପରି ବିଦ୍ୟାର୍ଥି ଓ ଶିକ୍ଷକମାନେ ସ୍ୱରଚିତ କବିତା ପାଠ କରିଥିଲେ। ବରିଷ୍ଠ ଶିକ୍ଷକ ଚନ୍ଦନ ମହାନ୍ତି ସଂଯୋଜନା କରିଥିବାବେଳେ ସୌଭାଗ୍ୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଫଟୋଗ୍ରାଫି ଏକ କଳା

**ସମ୍ବଲପୁର,୨୦।୧୨ (ଭବାନୀ ଶଙ୍କର ଭୋଇ)**

ଚିତ୍ରକଳା ଭଳି ଫଟୋଗ୍ରାଫି ମଧ୍ୟ ଏକ କଳା। କେବଳ ହାତରେ କ୍ୟାମେରା ଥିଲେ ଜଣେ ଭଲ ଫଟୋ ଉଠାଇପାରିବ ନାହିଁ। କୌଣସି ଦୃଶ୍ୟକୁ କ୍ୟାମେରା ଲେନ୍ସରେ ବାନ୍ଧି ରଖିବାକୁ ହେଲେ ଅନେକ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିଥାଏ। ଚିତ୍ରକର ନିଜର ଭାବନାକୁ ଚିତ୍ର ମାଧ୍ୟମରେ ଆଙ୍କିପାରିଥାଏ। ହେଲେ ଜଣେ ଫଟୋଗ୍ରାଫର ଦୃଶ୍ୟର ପ୍ରକୃତ ସ୍ଥିତିକୁ ନେଇ ହିଁ ଫଟୋ ଉଠାଇଥାଏ। ସମ୍ବଲପୁର ଫଟୋଗ୍ରାଫର ସଂଘର ବାର୍ଷିକ ଉତ୍ସବରେ ଅତିଥିମାନେ ଏହି ମତ ଦେଇଛନ୍ତି। ବୁଧବାର ପାଟନେଶ୍ୱରୀ କଲ୍ୟାଣମଣ୍ଡପଠାରେ ସମ୍ବଲପୁର ଶାଖାର ସଭାପତି ଡମ୍ବରୁଧର ପ୍ରଧାନଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ଏଥିରେ ମେଜର ଚିତ୍ତରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ଡିଜିଟାଲାଇଜେସନ ସମୟରେ ଫଟୋଗ୍ରାଫି ଆଉ ଷ୍ଟୁଡିଓ ଭିତରେ ସୀମିତ ହୋଇ ରହିନାହିଁ ବୋଲି କହିଥିଲେ। ବିଶିଷ୍ଟ ଫଟୋଗ୍ରାଫର ଅତୁଲ ସାଙ୍ଘଭି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଯୁବପିଢ଼ୀ ଫଟୋଗ୍ରାଫିକୁ ନିଜର ବୃତ୍ତି ଭାବେ ଗ୍ରହଣ କରି ରୋଜଗାର କରିପାରିବେ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବରିଷ୍ଠ ଫଟୋଗ୍ରାଫର ରାଜକିଶୋର ଶତପଥୀ ବର୍ତ୍ତମାନ ଯୁଗରେ ଫଟୋଗ୍ରାଫିର ଚାହିଦା ଉପରେ ମତବ୍ୟକ୍ତ କରିଥିଲେ। ଏଥିରେ ବରଗଡ, ଝାରସୁଗୁଡା, ଅତାବିରା, ସୋନପୁର, ରାଉରକେଲା, ଭଦ୍ରକ, ଭୁବନେଶ୍ୱର ଆଦି ଅଞ୍ଚଳର ଫଟୋଗ୍ରାଫ ସଂଘର ସଦସ୍ୟମାନେ ସାମିଲ ହୋଇଥିଲେ। ସମ୍ବଲପୁର ଫଟୋଗ୍ରାଫର ସଂଘ ସମ୍ପାଦକ ସତ୍ୟଜିତ ପଣ୍ଡା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା।



ଉତ୍ସବ ଶୁଭାରମ୍ଭ କରିବା ଅବସରରେ ଅତିଥିମାନେ।

## ମୋବାଇଲ ଦୋକାନରୁ ଚୋରି

**ରେଢ଼ାଖୋଲ,୨୦।୧୨ (ଅଚ୍ୟୁତାନନ୍ଦ ପୁରୋହିତ)**

ରେଢ଼ାଖୋଲ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଖୁସି ମୋବାଇଲ ଦୋକାନରୁ ମଙ୍ଗଳବାର ବିଳମ୍ବିତ ରାତିରେ ମୋବାଇଲ ସାମଗ୍ରୀ ଓ କେତେକ ପୁରୁଣା ମୋବାଇଲ ଚୋରି ହୋଇଥିବା ନେଇ ମାଲିକ ସୌମେନ୍ଦ୍ର ପଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। କଦମ୍ବବନ୍ଧ ହୁଡାରେ ଥିବା ଏହି ମୋବାଇଲ ଦୋକାନରୁ ଦୁର୍ବୃତ୍ତମାନେ ଆଜବେଷ୍ଟସ୍ ଭାଙ୍ଗି ଭିତରକୁ ପଶି କେତେକ ପୁରୁଣା ମୋବାଇଲ ଓ ସାମଗ୍ରୀ ଚୋରିକରି ନେଇଛନ୍ତି। ପୂର୍ବରୁ ଗତ ଅକ୍ଟୋବର ୩୦ରେ ମଧ୍ୟ ଏହି ମୋବାଇଲ ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା।

## ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲର ବାର୍ଷିକ କ୍ରୀଡ଼ା

**ସମ୍ବଲପୁର,୨୦।୧୨ (ଭବାନୀ ଶଙ୍କର ଭୋଇ)**

ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲର ୧୬୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଲୋକିତା ଦାଶ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଶାରୀରିକ କ୍ରୀଡା ନିରୀକ୍ଷକ ଜଗବନ୍ଧୁ ବେହେରା ଓ କ୍ରୀଡା ଶିକ୍ଷକ ସାହେବ ଖମାରୀ ମଞ୍ଚାସୀନ ଥିଲେ। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ ମୁଖ୍ୟ ଅତିଥି, ପୁରାତନ ଛାତ୍ରସଂଘ ସଭାପତି ସୁରଜିତ ମିଶ୍ର ସମ୍ମାନିତ ଅତିଥି ଓ ସମ୍ପାଦକ ପ୍ରଦୀପ କୁମାର ନାଥ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟ ଓ ଜାତୀୟ ସ୍ତରକୁ ଚୟନ ହୋଇଥିବା ଜେଙ୍ଗାକୁମାର ଲାକ୍ରା, ଗୌରୀ ମୁଣ୍ଡା ଓ ସ୍ୱସ୍ତିକ ସ୍ୱରୂପ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗିତାରେ ସବଜୁନିୟର ବାଳିକା ବର୍ଗରେ ସୁନାକ୍ଷୀ ମୁଣ୍ଡା, ବାଳକ ବର୍ଗରେ ମୁରଲି ସାହୁ, ଜୁନିୟର ବାଳିକା ବର୍ଗରେ ଖୁସି ବେଗମ ଓ ବାଳକ ବର୍ଗରେ ଅଂଶୁକୁମାର ରାଉତ, ସିନିୟର ବାଳିକା ବର୍ଗରେ ବର୍ଷା ପୋଢ ଓ ବାଳକ ବର୍ଗରେ ଶୁଭାଶିଷ ଖାଲକୋଙ୍କୁ ଚାମ୍ପିୟନ ଭାବେ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଶିଶୁ ମନ୍ଦିରରେ କ୍ରୀଡ଼ା ପ୍ରତିଯୋଗିତା

**ସମ୍ବଲପୁର,୨୦।୧୨(ବି.ଶଙ୍କର)**

ସମ୍ବଲପୁର ବଡବଜାରସ୍ଥିତ ଶ୍ରୀମୁଙ୍ଗାଲାଲ ଶିଶୁ ମନ୍ଦିରରେ ୩୦ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିମଳେଶ କୁମାର ପୁରୋହିତଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। କ୍ରୀଡାବିତ୍ ରାଜେଶ ସେଠ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଗୋପାଳ ପାତ୍ର, ସୁନୀଲ ସାଗର, ପ୍ରଶାନ୍ତ ଶତପଥି, ଚଇତାଳି ଦତ୍ତା, ଅଞ୍ଜଳି ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ‘ବିପର୍ଯ୍ୟୟ ପରିଚାଳନାରେ ସମାଜର ଭୂମିକା’ ଆଲୋଚନାଚକ୍ର

**ସମ୍ବଲପୁର,୨୦।୧୨(ବି.ଶଙ୍କର)**

ସମ୍ବଲପୁର ମହାନଗର ନିଗମ ମାନେଶ୍ୱରସ୍ଥିତ ମାନଧାତା ବାବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭାକକ୍ଷରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଗଣ୍ଡାରାମ ଘଡ଼ିଏଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିପର୍ଯ୍ୟୟ ପରିଚାଳନାରେ ସମାଜର ଭୂମିକା ଶୀର୍ଷକ ଆଲୋଚନା ଚକ୍ର ହୋଇଥିଲା । ମୁଖ୍ୟବକ୍ତା ଭାବରେ ସମ୍ବଲପୁର ଜିଲା ଶିଶୁ କଲ୍ୟାଣ ସମିତିର ପୂର୍ବତନ ସଦସ୍ୟ ସୂର୍ଯ୍ୟ ପାଣିଗ୍ରାହୀ ଯୋଗଦେଇଥିଲେ। ସମ୍ପ୍ରତି ପ୍ରାକୃତିକ କିମ୍ବା ମନୁଷ୍ୟକୃତ ବିପର୍ଯ୍ୟୟ ସାରା ବିଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବିପର୍ଯ୍ୟୟ ସମୟରେ ଶୂନ୍ୟ ଜୀବନହାନି ଓ କ୍ଷୟକ୍ଷତିର ମାତ୍ରା କିଭଳି ହ୍ରାସ ପାଇବ ସେ ଦିଗରେ ସମାଜ ଏବଂ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାର ଏହା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଛାତ୍ରୀଛାତ୍ର ମଧ୍ୟ ସଚେତନ ହେବା ସହ ଏହାର ସମାଧାନ ଦିଗରେ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ତୁଷାର ରଞ୍ଜନ ବାରିକ, ଧର୍ମେନ୍ଦ୍ର ଦାଶ, ପ୍ରକାଶ ହୋତା ଓ ପ୍ରଦୀପ ସାହୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ଆଲୋଚନା ଚକ୍ରରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

# ଏସ୍‌ଏମ୍‌ସିରେ ପରିମଳ ବ୍ୟବସ୍ଥା ସୁଧାରିବା ଚିନ୍ତା

**ସମ୍ବଲପୁର,୨୦।୧୨ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି)ର ବିଭିନ୍ନ ସ୍ଥାନରେ ଠିକ୍ ଭାବରେ ସଫେଇ ହେଉ ନ ଥିବା ନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଅବସ୍ଥାରେ କୌଣସି ଉନ୍ନତି ଆସୁନାହିଁ। ଏବେ ଏଥିରେ ସୁଧାର ଆଣିବା ପାଇଁ ଏସ୍‌ଏମ୍‌ସି ଏକ ନୂତନ ପଦକ୍ଷେପ ଗ୍ରହଣ କରିଛି। ପରିମଳ ଓ ସହରର ବିକାଶ କାର୍ଯ୍ୟରେ ଲୋକଙ୍କ ସହଭାଗିତା ବଢାଇବା ପାଇଁ ମହାନଗର ନିଗମ ପକ୍ଷରୁ ପ୍ରତି ମାସର ପ୍ରଥମ ରବିବାରକୁ ଗଣସଫେଇ ଦିନ ଭାବେ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ ସାଧାରଣ ଲୋକ ଏବଂ ବିଭିନ୍ନ ସାମାଜିକ ସଂଗଠନର ସହଯୋଗ ବଢିବା ପରେ ଏବେ ସହରର ପରିମଳ ଓ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମହାନଗର ନିଗମରେ କାର୍ଯ୍ୟ କରୁଥିବା ସମସ୍ତ ଅଧିକାରୀଙ୍କୁ ଦୁଇ ତିନୋଟି ୱାର୍ଡର ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ଏ ନେଇ ମହାନଗର କମିଶନର ବେଦ ଭୂଷଣ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅଧିକାରୀମାନେ ନିଜେ ରହୁଥିବା ଅଞ୍ଚଳ ଓ ଆଖପାଖ ୱାର୍ଡର ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଏହାଦ୍ୱାରା ନିଜ ଅଞ୍ଚଳର ବିକାଶ ଓ ସଫେଇ କାର୍ଯ୍ୟରେ ଅଧିକାରୀମାନଙ୍କ ମଧ୍ୟ ସାମାଜିକ ସହଭାଗିତା ରହିବ ଏବଂ ସହରର ବିକାଶ ନେଇ ଲୋକଙ୍କ ମତାମତ ମହାନଗର ନିଗମରେ ପହଞ୍ଚିପାରିବ ବୋଲି କମିଶନର କହିଛନ୍ତି।



ମହାନଗର ନିଗମ କମିଶନର ହାଉସିଂବୋର୍ଡ ପାର୍କ ବୁଲି ଦେଖୁଛନ୍ତି।

ନୋଡାଲ ଅଧିକାରୀମାନେ ଡ୍ରେନେଜ ବ୍ୟବସ୍ଥା, ଆଲୋକ ଓ ପରିମଳ ସହିତ ବିକାଶ ପାଇଁ ଆବଶ୍ୟକ ପ୍ରକଳ୍ପଗୁଡିକ ବିଷୟରେ ମଧ୍ୟ ମହାନଗର ନିଗମକୁ ତଥ୍ୟ ଦେବେ। ନୋଡାଲ ଅଧିକାରୀ ନିଯୁକ୍ତ କରାଯିବା ପରେ ମହାନଗର ନିଗମ କମିଶନର ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁଙ୍କ ସହ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ନୂତନ ବ୍ୟବସ୍ଥାକୁ ପରଖିଥିଲେ।

### ନୋଡାଲ ଅଧିକାରୀଙ୍କୁ ଦାୟିତ୍ୱ

ଡ୍ରେନ୍‌ରେ ଜମା ହୋଇଥିବା ଆବର୍ଜନା ସଫା କରାଯିବା ସହ ପାର୍କଗୁଡିକୁ ମହିଳା ଗୋଷ୍ଠୀ ସଭ୍ୟା କିଭଳି ପରିଚାଳନା କରୁଛନ୍ତି ତାହା ତଦାରଖ କରିଥିଲେ। ସମସ୍ତ ୱାର୍ଡରେ ସଫେଇ ପାଇଁ ସଫେଇ କର୍ମଚାରୀମାନେ ନିଯୁକ୍ତ ରହିଥିବା ବେଳେ ସେମାନଙ୍କୁ ତଦାରଖ କରିବା ପାଇଁ ୱାର୍ଡ ଅଧିକାରୀମାନେ ମଧ୍ୟ ରହିଛନ୍ତି। ତଥାପି ସହରର ପରିମଳ ବ୍ୟବସ୍ଥା ସୁଧାର ପାଇଁ ନୋଡାଲ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଖୁବ୍‌ଶୀଘ୍ର ଏହାର ପ୍ରଭାବ ଦେଖିବାକୁ ମିଳିବ ବୋଲି ମହାନଗର କମିଶନର ଆଶା ପ୍ରକଟ କରିଛନ୍ତି। ଏହାସହ ଜନସାଧାରଣ ମଧ୍ୟ ଘରକୁ ଘର ବୁଲି ସଂଗ୍ରହ କରୁଥିବା ସଫେଇ ଗାଡିରେ ଆବର୍ଜନା ପକାଇବା ଅଭ୍ୟାସ କରିବାକୁ ଆହ୍ୱାନ ଦେଇଛନ୍ତି।



କାଜଲ

# ପାଞ୍ଚ ଘଣ୍ଟାଏ

**କା**ଜଲ ଅଗ୍ରୱାଲଙ୍କର ଅଭିନୟ ଜୀବନରେ ଏଭଳି ଏକ ଘଟଣା ଘଟିଥିଲା, ଯାହାକୁ ଏ ପର୍ଯ୍ୟନ୍ତ ମନେରଖିଛନ୍ତି। ସେତେବେଳେ ସେ ଏକ ତେଲୁଗୁ ଫିଲ୍ମ 'ଆତାଦିସ୍ତା'ରେ ଅଭିନୟ କରୁଥାଆନ୍ତି। ଏହି ଚିତ୍ରର ଶୁଟିଂ ସେଟ୍‌ରେ ଏଭଳି ଘଟଣା ଘଟିଥିଲା। ସେହି ସମୟରେ ଏକ ଘଟଣା ନେଇ କାଜଲ କହନ୍ତି, 'ଥରେ ଗୋଟିଏ ଶଟ୍ ପାଇଁ ମୋର ବାରମ୍ବାର କଟ୍ ହେଉଥାଏ। ଏତିକି ବେଳକୁ ନୀତିନ ମୋ ପାଖକୁ ଆସି ମୋତେ କିଛି କହିଲେ। ସେପଟେ ନିର୍ଦ୍ଦେଶକ ମଧ୍ୟ ମୋତେ ଏହି ଶଟ୍ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ଘଣ୍ଟାଏ ସମୟ ଦେଲେ। ବାସ୍, ସେହି ସମୟ ଭିତରେ ଏହି ଶଟ୍‌କୁ ନେଇ ମୋ ମନରେ ଯେଉଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ତାହାକୁ ସହଜରେ ସମାଧାନ କରିଦେଇଥିଲେ। କେବଳ ସେତିକି ନୁହେଁ, ଏହି ଶଟ୍‌ଟି ମଧ୍ୟ ଏକାଥରେ ଓକେ ହୋଇଥିଲା।' ଏହି ଫିଲ୍ମରେ ତାଙ୍କର ନାୟକ ସାଜିଥିଲେ ନିତୀନ। ଏଥିରେ ରଘୁବରଣ ଏବଂ ନାଗାବାବୁଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ଏହି ଫିଲ୍ମଟିର ପ୍ରଯୋଜନା କରିଥିଲେ ସି. କଲ୍ୟାଣ ଏବଂ ଏସ. ବିଜୟାନନ୍ଦ। ନିର୍ଦ୍ଦେଶନା ଦେଇଥିଲେ ଏ.ଏସ. ରବିକୁମାର। ଖାସ୍ କଥା ହେଲା ଏହା ରଘୁବରଣଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର ଥିଲା।

# ଏଣୁ ମାରିଲେ ଗୋହତ୍ୟା...

**କ**ଥା ପ୍ରସଙ୍ଗରେ କହନ୍ତି, 'ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା'। ଏପରି ପରିସ୍ଥିତିକୁ ମୁକାବିଲା କରିବା ଏତେ ସହଜ ନୁହେଁ। ଆଉ ସେଥିରୁ ବା କିଆରା ଆଡୱାନୀ ବାଦ୍ ପଡନ୍ତେ କିପରି ? କଥା କ'ଣ କି ନିକଟରେ ତାଙ୍କୁ ଏକ ନୂଆ ବ୍ୟାନରରୁ ଅଫର ମିଳିଛି। ଏହା ତ ନିଶ୍ଚୟ ଖୁସିର କଥା। ହେଲେ ଏହି ଅଫରକୁ ନେଇ ତାଙ୍କର ଟେନ୍‌ସନ ବଢ଼ିଯାଇଛି। କାରଣ ଏଥିରେ ତାଙ୍କୁ ଦର୍ଶକ ଡବଲ ରୋଲ୍‌ରେ ଦେଖିବାକୁ ପାଇବେ। ତେଣୁ ଏଭଳି ଦାୟିତ୍ୱକୁ କିପରି ତୁଲାଇବେ ସେ ନେଇ ଏବେଠାରୁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏ ନେଇ କିଆରା କହନ୍ତି, 'ଡବଲ ରୋଲ୍‌କୁ ତୁଲାଇବା ଏତେ ସହଜ ନୁହେଁ–ଏକଥା ମୁଁ ଜାଣିଛି। ହେଲେ ଯେତେବେଳେ ଏହି ଅଫର ମିଳିଛି ତାହାକୁ ହାତଛଡା କରିବାକୁ ଚାହୁଁନାହିଁ। ଏଥିରୁ ଗୋଟିଏ ରୋଲ୍ ରୋମାଣ୍ଟିକ ହୋଇଥିବା ବେଳେ ଅନ୍ୟଟିରେ କିଛି ଆକ୍ସନ ଭରି ରହିଛି।' ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ତା'ସହ ଏଥିରେ କିଆରାଙ୍କ ଅପୋଜିଟ୍‌ରେ କିଏ ଅଭିନୟ କରିବ ତାହା ଖୁବ୍ ଶୀଘ୍ର ଘୋଷଣା କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



କିଆରା

# ଉଦଣ୍ଡୀ ସୀତା

**ଥ**ରେ ମନେ ପକାନ୍ତୁ ନା ଉତ୍ତମ–ଅପରାଜିତା ଯୋଡ଼ିଙ୍କ ଅଭିନୀତ 'ଉଦଣ୍ଡୀ ସୀତା'କୁ। ଅବତାର ସିଂଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସେ ସମୟରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଏବେ ସେହି ଏକା ଟାଇଟଲକୁ ନେଇ ନିର୍ମିତ ସିନେମାଟିଏ ରିଲିଜ ଅପେକ୍ଷାରେ ରହିଛି। ଏହାର ଶୀର୍ଷକ ଭୂମିକାରେ ଅଭିନୟ କରିଛନ୍ତି ଦେବଯାନୀ। ଚିତ୍ରଟିର କାହାଣୀ ରଚନା କରିଛନ୍ତି ଅଭିନେତାରୁ ନିର୍ଦ୍ଦେଶକ ସାଜିଥିବା ଅଶ୍ୱିନୀ ତ୍ରିପାଠୀ। ଏହି ଫିଲ୍ମର ଚିତ୍ରନାଟ୍ୟ ରଚନା କରିବା ସହ ପ୍ରଯୋଜନା ମଧ୍ୟ କରୁଛନ୍ତି। ସବୁଠାରୁ ଖାସ୍ କଥା ହେଲା, ଚିତ୍ରଟିର ନିର୍ଦ୍ଦେଶନା ଭାର ମଧ୍ୟ ସମ୍ଭାଳିଛନ୍ତି ଅଶ୍ୱିନୀ। ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଏ ସମ୍ପର୍କରେ ସେ କହନ୍ତି, 'ବର୍ତ୍ତମାନ ସମାଜରେ ଅନେକ ଘଟଣା ଘଟୁଛି, ଯାହାକୁ ଆଧାର କରି ସୁନ୍ଦର ସିନେମା ନିର୍ମାଣ କରାଯାଇପାରିବ। ସେଭଳି ଏକ କରେଣ୍ଟ ଇସ୍ୟୁକୁ ନେଇ କାହାଣୀ ରଚନା କରାଯାଇଛି। ବିଶେଷଭାବରେ ଚାଷୀ ସମସ୍ୟାକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଛି। ମୋର ଯେତିକି ବିଶ୍ୱାସ ଏହି ଫିଲ୍ମଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ।' ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଦେବଯାନୀ। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜାପାନୀ ଭାଇ। ପୂର୍ବରୁ 'ଉଦଣ୍ଡୀ ସୀତା'ର 'ସୀତାଲୋ ଆଜି ଜଳୁଛି ଯାହାର ଚିତାଲୋ' ଟ୍ୟାଗ୍ ଲାଇନ୍‌କୁ ନେଇ ଏହି ଫିଲ୍ମରେ ଏକ ଗୀତ କମ୍ପୋଜିଂ କରାଯାଇଛି। ଏଥିରେ ଦେବଯାନୀଙ୍କ ବ୍ୟତୀତ ସମରେଶ ରାଉତରାୟ, ଇଲୁ ବାନାର୍ଜୀ, ଶକ୍ତି ବରାଳ ଏବଂ ପିଙ୍କି ପ୍ରଧାନ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।



# ରହିଗଲା ଅବସୋସ

**ୟା**ମି ଗୌତମଙ୍କ ଜୀବନରେ ଏକ ଅବସୋସ ରହିଯାଇଛି। ଏବେ ବି ସେ କଥା ମନେପଡିଲେ ସେ ଦୁଃଖ ପ୍ରକାଶ କରନ୍ତି। ହେଲେ ଯାହା ଘଟିଯାଇଛି ତାହାକୁ ଗ୍ରହଣ କରିବାକୁ ତ ପଡିବ। କଥା କ'ଣ କି ପାଠ ପଢ଼ା ଶେଷ ହେବା ପରେ ସେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ଆଶା ରଖିଥିଲେ। ହେଲେ ତାହା ସମ୍ଭବ ହୋଇ ନ ଥିଲା। କେବଳ ସେତିକି ନୁହେଁ, ତା'ପରେ ଓକିଲାତି ପାଠ ପଢ଼ିବାକୁ ମନ ବଳାଇଥିଲେ। ହେଲେ ତାହା ମଧ୍ୟ ସଫଳ ହୋଇ ନ ଥିଲା। ଶେଷରେ ଅଭିନୟ ଦୁନିଆରେ ପ୍ରବେଶ କରିଥିଲେ। ଆଉ ଏବେ ତାହାକୁ ଜାରି ରଖିଛନ୍ତି। ଏ ନେଇ ୟାମି କହନ୍ତି, 'ପାଠ ପଢ଼ା ବେଳେ ପ୍ରଶାସନିକ କ୍ଷେତ୍ରରେ ଚାକିରି କରିବାକୁ ଇଚ୍ଛା ଥିଲା। କିନ୍ତୁ ତାହା ହୋଇପାରିଲା ନାହିଁ। ଓକିଲ ହେବାକୁ ଆଶା କଲି, ତାହା ମଧ୍ୟ ପୂରଣ ହେଲା ନାହିଁ। ତେଣୁ ପରେ ଆକ୍ଟିଂକୁ କ୍ୟାରିୟର ଭାବରେ ଗ୍ରହଣ କରିନେଲି। ମୋର କିଛି ଆଶା ପୂରଣ ହୋଇପାରିଲା ନାହିଁ। ସେ କଥା ମନେପଡିଲେ ଦୁଃଖ ଲାଗେ।' ୟାମିଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ଛୋଟ ପରଦାରୁ। 'ଚାନ୍ଦ କି ପାର୍ ଚଲୋ' ଧାରାବାହିକରେ ସେ ଅଭିନୟ କରିଥିଲେ। କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ଏହା ବ୍ୟତୀତ ସେ ତାମିଲ, ତେଲୁଗୁ, ମାଲୟାଲମ, ପଞ୍ଜାବୀ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି। ୟାମି ଅଭିନୟ କରିଥିବା ପ୍ରମୁଖ ହିନ୍ଦୀ ସିନେମାଗୁଡିକ ହେଲା– 'ଭିକି ଡୋନର', 'ଆକ୍ସନ ଜ୍ୟାକ୍‌ସନ', 'ବାଦଲପୁର', 'ସନମ୍ ରେ', 'ସରକାର–୩', 'ବାଲା', 'ଗିନି ୱେଡସ ସନି', 'ଭୂତ ପୋଲିସ' ଏବଂ 'ଏ ଥର୍ସ ଡେ'।



ୟାମି

ପରଦା ପଛରେ..

# ଦେବାଶିଷ ଯାହା ଭାବିଥିଲେ..



ଦେବାଶିଷ

**ବେ**ଳେବେଳେ ମଣିଷ ଯାହା ଭାବିଥାଏ ତାହା ହଠାତ୍ ପୂରଣ ହୋଇଯାଏ। ଦେଖୁନାହାନ୍ତି, ନିଜର ଲକ୍ଷ୍ୟ ହାସଲ ପରେ କିପରି ସଙ୍ଗୀତ ନର୍ଦ୍ଦେଶକ ତଥା ପ୍ରଯୋଜକ ଦେବାଶିଷ ମଲ୍ଲିକଙ୍କ ଖୁସି ବନ୍ଧ ବାଡ ମାନୁନି। ଏ ନେଇ ସେ କହନ୍ତି, 'ଓଡ଼ିଆ ଶ୍ରୋତାଙ୍କ ପାଇଁ ସବୁବେଳେ ଭଲ ଭଲ ଗୀତ ଭେଟି ଦେବାକୁ ଚେଷ୍ଟା କରିଆସିଛି। ଆଉ ଏଥିରେ ସଫଳ ହୋଇଛି ମଧ୍ୟ। ଏଥିଲାଗି ମୋର ପରିଶ୍ରମ ସହ ଶ୍ରୋତାଙ୍କ ଭଲ ପାଇବା, ମୋ ସହ ଜଡିତ ସହଯୋଗୀଙ୍କ ସହଯୋଗ ଏଥିପାଇଁ ଦାୟୀ। ସେମାନଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ। ୨୦୦୧ରୁ ମୋର ଏହି ଯାତ୍ରା ଚାଲୁ ରହିଛି। ଆଉ ନିକଟରେ ମୋ ତାଲ୍ ମ୍ୟୁଜିକ୍ ଦ୍ୱାରା ପ୍ରଯୋଜିତ ଆଲବମ୍ ଗୀତ ସଂଖ୍ୟା ୧୫,୦୦୦ ମାଇଲଷ୍ଟୋନ୍ ଛୁଇଁଛି। ଏହା ନିଶ୍ଚୟ ମୋତେ ଆଗକୁ ଆଗେଇବାକୁ ପ୍ରେରଣା ଦେବ।' ନିକଟରେ ଏହି ବ୍ୟାନରରେ ଆଉ ୮ଟି ଗୀତ ଲୋକାର୍ପିତ ହୋଇଛି। ସୁବାସ ଚନ୍ଦ୍ର ପରିଡାଙ୍କ ରଚିତ ଏହି ଗୀତଗୁଡିକୁ ସ୍ୱର ଦେଇଛନ୍ତି ନିଜେ ଦେବାଶିଷ। ମ୍ୟୁଜିକ ଆରେଞ୍ଜମେଣ୍ଟ ଦାୟିତ୍ୱ ତୁଲାଇଛନ୍ତି ବିଭୂତି ଭୂଷଣ ଗଡ଼ନାୟକ। ଗୀତଗୁଡିକ ପାଇଁ କଣ୍ଠଦାନ କରିଛନ୍ତି ଅଭିଜିତ ମଜୁମଦାର, ସୌରଭ ନାୟକ, କରୁଣାକର, ରୁଦ୍ର ମହାନ୍ତି, ମାନସ ପ୍ରୀତମ, ଅଭିଜିତ ମିଶ୍ର, ଅନୁରାଗ ଦାସ, ଶ୍ରୀତମ, ସାଇନା ଏବଂ ବୈଭୀ ଗଡ଼ନାୟକ।

# ମନେପକାନ୍ତି କ୍ରୀତି

**ଜୀ**ବନର ଯେ କୌଣସି ପ୍ରଥମ କଥାକୁ ଭୁଲିବା ଏତେ ସହଜ ନୁହେଁ। ଆଉ ସେଥିରୁ ବା କ୍ରୀତି ବାଦ୍ ପଡନ୍ତେ କିପରି ? ପ୍ରଥମେ ବିଜ୍ଞାପନ ତା'ପରେ ସେ ର୍ୟାମ୍ପ ଶୋ'ରେ ଅଂଶଗ୍ରହଣ କରିଥିଲେ। ନିଜର ପ୍ରଥମ ର୍ୟାମ୍ପ ଶୋ' ଅନୁଭୂତିକୁ ସେ ଏପର୍ଯ୍ୟନ୍ତ ମନେପକାଉଛନ୍ତି। ଏ ନେଇ କ୍ରୀତି କହନ୍ତି, 'ଦିଲ୍ଲୀରେ ଆୟୋଜିତ ଏକ ର୍ୟାମ୍ପ ଶୋ'ରେ ମୁଁ ପ୍ରଥମ ଥର ପାଇଁ ଭାଗ ନେଇଥିଲି। ଯେତେବେଳେ ଷ୍ଟେଜ୍ ଉପରକୁ ଗଲି ସେତେବେଳେ ମୁଁ ନର୍ଭସ ହୋଇପଡିଥିଲି। କେତେବେଳେ ମୁଁ ପରଫରମାନ୍ସ କରି ଗ୍ରୀନ୍ ରୁମ୍‌କୁ ଆସିଛି ତାହା ଜାଣିପାରି ନ ଥିଲି। ଶୋ' ଶେଷ ହେବା ପରେ ମୁଁ ବାହାରକୁ ଆସି ଯେତେବେଳେ ଅଟୋରେ ବସିଲି ସେତେବେଳେ କାନ୍ଦି ପକାଇଥିଲି। ସେତେବେଳେ ଖୁସିରେ ମୋ ଆଖିରୁ ଦୁଇ ଟୋପା ଲୁହ ଗଡି ପଡିଥିଲା। ଆଉ ସେହି କାନ୍ଦକୁ ମୁଁ ଆଜିଯାଏ ଭୁଲି ପାରୁନି।' ୨୦୧୪ରେ ତାଙ୍କୁ ବଲିଉଡ୍‌ରେ ପ୍ରଥମ ବ୍ରେକ୍ ମିଳିଥିଲା, ଆଉ ସିନେମାଟି ଥିଲା 'ହିରୋପନ୍ତି'। ହେଲେ ଏହା ପୂର୍ବରୁ ସେ ମହେଶ ବାବୁଙ୍କ ସହ 'ନିନୋକାଡିନି'ରେ ଆକ୍ଟିଂ କରିସାରିଥିଲେ।



କ୍ରୀତି

ଛୋଟ ପରଦା

# ତୁ ଖରା ମୁଁ ଛାଇ

**ଓ**ଡ଼ିଶାର ସାଂସ୍କୃତିକ ଐତିହ୍ୟରେ ଅନୁପ୍ରାଣିତ ଓ ପ୍ରଗତିଶୀଳ ଓଡ଼ିଆ ମହିଳାମାନଙ୍କ ସହ ଦୀର୍ଘ ଦିନର ସୁସମ୍ପର୍କକୁ ମଜଭୁତ କରିବା ପାଇଁ ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ–ସାର୍ଥକ ସବୁବେଳେ ଚେଷ୍ଟାରତ । ଏହି ଚ୍ୟାନେଲରେ ପ୍ରସାରିତ ହେଉଥିବା ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ' ଦର୍ଶକଙ୍କ ମନ ଜିଣିବାରେ ସଫଳ ହେବା ସହ ସାଉଁଟି ଚାଲିଛି ପ୍ରଶଂସା। ଏହାର କାହାଣୀ ବିଭିନ୍ନ ଅପ୍ରତ୍ୟାଶିତ ମୋଡ ଦେଇ ଗତି କରୁଛି। କାହାଣୀର ମୁଖ୍ୟ ନାୟକ ଏଜେ ସମୟକ୍ରମେ ଜେଲରେ ପହଞ୍ଚିଛି। ଅମ୍ବିକା ଦ୍ୱାରା ପ୍ରରୋଚିତ ହୋଇ ନାୟକ କାହାଣୀର ମୁଖ୍ୟ ନାୟିକା ମାନିନୀକୁ ଦୋଷୀ ଭାବିଛି। ଅନ୍ୟପକ୍ଷରେ ପ୍ରତିଶୋଧ ନେବାକୁ ମନ କରିଛି । ସେପଟେ ମାନିନୀ ମନେ ମନେ ଭଲ ପାଇବସିଛି ଏଜେକୁ ଓ ପ୍ରପୋଜ୍ କରିବା ଦିନ ହିଁ ଏଜେ ମାନିନୀକୁ ବହୁତ ଅପମାନ ଦେଇଛି ଓ ଘରୁ ଚାଲିଯିବା ପାଇଁ କହିଛି । ଏପରିକି ତିନି ବୋହୂ ଅମ୍ବିକା, ଲକ୍ଷ୍ମୀ ଓ ସରସ୍ୱତୀ ମିଶି ମାନିନୀକୁ ହଇରାଣ କରିଛନ୍ତି । ମାନିନୀ ମଧ୍ୟ ନିଜକୁ ଦୋଷୀ ଭାବି ସେଠାରୁ ପଳେଇଛି ହେଲେ କାହାଣୀରେ ପୁଣି ଆସିଛି ଆଉ ଏକ ଅପ୍ରତ୍ୟାଶିତ ମୋଡ । ଘର ଛାଡିବା ପୂର୍ବରୁ ମାନିନୀ ଏଜେ ପାଇଁ ଲେଖିଥିବା ଚିଠିଟି ମିଳିଛି ଶାଶୁ ସୁହାସିନୀଙ୍କୁ ସେ ମାନିନୀକୁ ସତ ବୁଝାଇ ଘରକୁ ଫେରାଇ ଆଣିଛନ୍ତି ହେଲେ ଏଥର ଫେରିଥିବା ମାନିନୀ ପରିବର୍ତ୍ତନ ହୋଇଛି। ତେବେ ଆଗକୁ ମାନିନୀ କ'ଣ ପ୍ରତିଶୋଧ ନେଇପାରିବ ? ପୁଣି ନିଜ ସ୍ୱାମୀ ଏଜେକୁ ଫେରି ପାଇବ ? ଏମିତି ବହୁ ପ୍ରଶ୍ନର ଉତ୍ତର ନେଇ ଆସିଛି 'ତୁ ଖରା ମୁଁ ଛାଇ'। 'ଜୀ–ସାର୍ଥକ ଚ୍ୟାନେଲକୁ ଅଗଣିତ ଓଡ଼ିଆ ଦର୍ଶକ ସବୁବେଳେ ଏକ ନମ୍ବର କରି ରଖିଛନ୍ତି। ଆଗକୁ ମଧ୍ୟ ଏହି ମେଗା ଧାରାବାହିକରେ ଆହୁରି ନୂଆ ନୂଆ ଅପ୍ରତ୍ୟାଶିତ ମୋଡ ଆସିବ ଯାହା ନିଶ୍ଚିତ ଭାବରେ ଆମ ଦର୍ଶକଙ୍କୁ ଭଲ ଲାଗିବ ବୋଲି କହନ୍ତି ଜୀ–ସାର୍ଥକର ଚ୍ୟାନେଲ ଅଫିସର ପ୍ରତୀକ ସିଲ।'



ଧାରାବାହିକ 'ତୁ ଖରା ମୁଁ ଛାଇ'ରେ ରଞ୍ଜନ–ସ୍ମୃତିରେଖା

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SC/ST ଛାତ୍ରୀ ମାନଙ୍କ ପାଇଁ Course Fee ସଂପୂର୍ଣ୍ଣ ମାଗଣା
ନାମଲେଖା ଚାଲୁଅଛି !
ଶିକ୍ଷାବର୍ଷ: ୨୦୨୩-୨୪
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
ANM
Duration 2 yrs, Qualification +2 (Any Stream)
Practical at DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134

Admission Open
JOIN AFTER +2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE : Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE : Ph : 9937440788
RMTI, Palasuni, Bhubaneswar-25

ଲୋନ୍! ଲୋନ୍! ଲୋନ୍!
ଭାରତର No.1 କମ୍ପାନୀ
Global Finance (Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କଶିଟ୍, ପ୍ରପର୍ଟି, ସବୁ ଲୋନ୍
2% ସୁଧ 40% ଛାଡ଼
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଓଡ଼ିଶା ବଜାରରେ ପ୍ରକୃତିରସ ମସଲା

ଭୁବନେଶ୍ୱର,୨୦।୧୨ (ଅଭୟ ଦାଶ)




ରାଜ୍ୟର ଅଗ୍ରଣୀ ଫୁଡ୍‌ଷ୍ଟାର୍ଟଅପ୍‌କମ୍ପାନୀ ତଥା ପ୍ରକୃତିରସ ମସଲାର ଆନୁଷ୍ଠାନିକ ଶୁଭାରମ୍ଭ ସହ ଓଡ଼ିଶା ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଜଣାଶୁଣା ସେଫ୍ ବିଶ୍ୱଜିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ବଜାର ଉନ୍ମୋଚନ ସହ ବଜାର ପ୍ରବେଶ କରାଇଥିଲେ। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ହିମାଦ୍ରି ତନୟା ଜେନା, ନିର୍ଦ୍ଦେଶକ ଅଙ୍କିତ ମହାପାତ୍ର ଓ ଶୁଭ୍ରଜିତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକୃତିରସର ପରିଚାଳନା ନିର୍ଦ୍ଦେଶକ ହିମାଦ୍ରି ତନୟା ଜେନା କହିଛନ୍ତି, ପ୍ରକୃତିରସ କେବଳ ଏକ ମସଲା କମ୍ପାନୀ ନୁହେଁ, ଶୁଦ୍ଧତା ଓ ସ୍ୱାସ୍ଥ୍ୟ ପ୍ରତି ଏହା ହେଉଛି ଏକ ପ୍ରତିବଦ୍ଧତା। ଆମେ ଏହି ଯାତ୍ରା ଆରମ୍ଭ କରିବା ଏବଂ ମସଲା ଦୃଶ୍ୟପଟକୁ ପୁନଃ ନିର୍ଦ୍ଧାରଣ କରିବାକୁ ପ୍ରତିବଦ୍ଧ ରହିଛୁ। ପ୍ରକୃତିରସର ନିର୍ଦ୍ଦେଶକ ଅଙ୍କିତ ମହାପାତ୍ର କହିଛନ୍ତି, ଆମେ ଏଭଳି ଏକ ମସଲା ଉପସ୍ଥାପନ କରିବା ଉପରେ ଗୁରୁତ୍ୱାରୋପ କରୁଛୁ, ଯାହା କେବଳ ଆପଣଙ୍କ ଖାଦ୍ୟର ସ୍ୱାଦ ବଢ଼ାଇବ ନାହିଁ ବରଂ ଏକ ସୁସ୍ଥକର ଜୀବନଶୈଳୀ ପ୍ରତି ଯୋଗଦାନ ପ୍ରଦାନ କରିବ।

ଉଲ୍ଲେଖଯୋଗ୍ୟ, ଓଡ଼ିଶା ବଜାରରେ ପ୍ରକୃତିରସର ଗୌରବମୟ ଶୁଭାରମ୍ଭ ହୋଇଥିବା ବେଳେ ଭବିଷ୍ୟତ ଲାଗି କମ୍ପାନୀ ମହତ୍ତ୍ୱାକାଂକ୍ଷୀ ଯୋଜନା ନିର୍ଦ୍ଧାରଣ କରିଛି। ଏପରିକି ଆସନ୍ତା ୬ମାସ ମଧ୍ୟରେ ପ୍ରକୃତିରସର ସୁଗନ୍ଧଭରା ଯାତ୍ରାକୁ ସାରା ଦେଶରେ ବିସ୍ତାରକରି ଜାତୀୟସ୍ତରରେ ପରିବାରଗୁଡ଼ିକ ପାଖରେ ବିଶୁଦ୍ଧ ଓ ସୁସ୍ଥକର ମସଲାପହଞ୍ଚାଇବାକୁକମ୍ପାନୀଲକ୍ଷ୍ୟରଖିଛି।

# ଉଦୟ ଅନନ୍ତ ଏମ୍‌ସିଏଲ୍‌ର ନୂଆ ଅଧ୍ୟକ୍ଷ

ସମ୍ବଲପୁର,୨୦।୧୨(ବି.ଶଙ୍କର)


ଉଦୟ ଅନନ୍ତ କାଓଲେ

ମହାନଦୀ କୋଲଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍)ର ନୂଆ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ଉଦୟ ଅନନ୍ତ କାଓଲେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସମ୍ବଲପୁର ବୁର୍ଲା (ଜାଗୃତି ବିହାର) ସ୍ଥିତ ଏମ୍‌ସିଏଲ୍ ମୁଖ୍ୟାଳୟରେ କାଓଲେ ପହଞ୍ଚିବା ପରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ଉଦୟଙ୍କୁ ସ୍ୱାଗତ କରିଥିଲେ। ଏପରିକି କମ୍ପାନୀର ସୁରକ୍ଷା ସେବା ଦ୍ୱାରା ଉଦୟଙ୍କୁ ଆନୁଷ୍ଠାନିକ ଗାର୍ଡ ଅପ୍ ଅନର ପ୍ରଦାନ କରାଯାଇଥିଲା। ଏହା ପୂର୍ବରୁ ସେ ଧାନବାଦର ଭାରତ କୋକିଂ କୋଇଲା କମ୍ପାନୀର ନିର୍ଦ୍ଦେଶକ (ବୈଷୟିକ) ଭାବେ ନିଯୁକ୍ତ ହୋଇଥିଲେ। କୋଇଲା ଖଣି କ୍ଷେତ୍ରରେ ତାଙ୍କର ୩୬ ବର୍ଷର ବୈଷୟିକ ଓ ପ୍ରଶାସନିକ ଅଭିଜ୍ଞତା ରହିଛି। ୧୯୮୭ରେ ଉଦୟ ଜୁନିୟର ମାଇନିଂ ଇଞ୍ଜିନିୟର ଭାବେ କୋଲ ଇଣ୍ଡିଆ ଲିମିଟେଡ୍‌ରେ ଯୋଗଦେଇଥିଲେ। ୱେଷ୍ଟର୍ନ କୋଲଫିଲ୍ଡ ଲିମିଟେଡ୍ ସମେତ ଏସ୍‌ଇସିଏଲ୍‌ରେ ମଧ୍ୟ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ନାଗପୁର ବିଶ୍ୱବିଦ୍ୟାଳୟରୁ ସେ ଖଣିରେ ସ୍ନାତକୋତ୍ତର ଡିଗ୍ରୀ ଓ ପ୍ରଥମଶ୍ରେଣୀ ଖଣି ପରିଚାଳକ ଦକ୍ଷତା ପ୍ରମାଣପତ୍ର ହାସଲ କରିଛନ୍ତି।

# ସେପ୍ଟେମ୍ବରରେ ଜିଓର ସର୍ବାଧିକ ଗ୍ରାହକ ସଂଯୋଗ

ଭୁବନେଶ୍ୱର,୨୦।୧୨

ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓ ୨୦୨୩ ସେପ୍ଟେମ୍ବରରେ ସର୍ବାଧିକ ସଂଖ୍ୟକ ନୂତନ ମୋବାଇଲ୍ ଗ୍ରାହକ ସଂଯୋଗ ପ୍ରଦାନ କରିଛି। ଏପରିକି ୨୦୨୩ ସେପ୍ଟେମ୍ବରରେ ନୂତନ ମୋବାଇଲ ଗ୍ରାହକ ଯୋଡ଼ିବାରେ ଜିଓ ଓଡ଼ିଶାର ଏକମାତ୍ର ସେବା ପ୍ରଦାନକାରୀ ହୋଇଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ବିଶେଷକରି ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଜିଓ ସେପ୍ଟେମ୍ବରରେ ପ୍ରାୟ ୯୮,୦୦୦ ରୁ ଅଧିକ ନୂଆ ମୋବାଇଲ୍ ଗ୍ରାହକ ଓଡ଼ିଶାରେ ଯୋଡ଼ିଥିବା ବେଳେ ଏୟାରଟେଲ,ବିଏସ୍‌ଏନ୍‌ଏଲ୍ ଏବଂ ଭି ଭଳି କମ୍ପାନୀ ଏହିସମୟ ମଧ୍ୟରେ ହଜାର ହଜାର ଗ୍ରାହକ ହରାଇଛନ୍ତି। ସେହିପରି ୨୦୨୩ ସେପ୍ଟେମ୍ବର ଶେଷ ସୁଦ୍ଧା ରାଜ୍ୟରେ ଜିଓର ପ୍ରାୟ ୧.୪୫ କୋଟି ମୋବାଇଲ ଗ୍ରାହକ ଏବଂ ୨.୪୫ ଲକ୍ଷ ଜିଓଫାଇବର ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଉପଭୋକ୍ତା ରହିଥିବା ଉକ୍ତ ତଥରେ ପ୍ରକାଶ ପାଇଛି। ଏପରିକି ଉଭୟ ଓ୍ୱାରଲେସ୍ ଏବଂ ଓ୍ୱାରଲାଇନ୍ କ୍ଷେତ୍ରରେ ଜିଓ ରାଜ୍ୟରେ ନିଜର ୧ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ତେବେ ଜିଓ ବ୍ୟତୀତ ଅନ୍ୟ ସମସ୍ତ ସେବା ପ୍ରଦାନକାରୀ ସେପ୍ଟେମ୍ବରରେ ଗ୍ରାହକ ହରାଇବା ଫଳରେ ଓଡ଼ିଶାରେ ମୋଟ ମୋବାଇଲ ଉପଭୋକ୍ତା ସଂଖ୍ୟା ୪ ଲକ୍ଷରୁ ଅଧିକ ହ୍ରାସ ପାଇ ସେପ୍ଟେମ୍ବର ଶେଷ ସୁଦ୍ଧା ରାଜ୍ୟରେ ମୋଟ ମୋବାଇଲ ଉପଭୋକ୍ତାଙ୍କ ସଂଖ୍ୟା ୩.୩୨ କୋଟିରେ ପହଞ୍ଚିଥିବା ଜଣାପଡିଛି।

# ଏଚ୍‌ଡିଏଫ୍‌ସି ଲାଇଫର ନୂତନ ଉତ୍ପାଦ

ଭୁବନେଶ୍ୱର,୨୦।୧୨


ଅନୀଶ ଖାନ୍ନା

ଦେଶର ପ୍ରମୁଖ ଘରୋଇ ବୀମା ପ୍ରଦାନକାରୀ ସଂସ୍ଥା ଏଚ୍‌ଡିଏଫ୍‌ସି ଲାଇଫର ନୂତନ ଉତ୍ପାଦ 'ଏଚ୍‌ଡିଏଫ୍‌ସି ଲାଇଫ୍ କ୍ଲିକ୍ ୨ ଆଚିଭ୍'ର ସର୍ବଭାରତୀୟ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହା ଏକ ସୁନିଶ୍ଚିତ ଜୀବନ ଜୀବନ ବୀମା ଯୋଜନା ହୋଇଥିବାବେଳେ ପ୍ରିୟଜନଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବା ଏବଂ ସେମାନଙ୍କର ଆର୍ଥିକ ଉଦ୍ଦେଶ୍ୟ ହାସଲ କରିବା ପାଇଁ ଏହା ଜରିଆରେ ଯୋଜନା କରାଯାଇଛି। ଏପରିକି ଏହା ସମ୍ପୂର୍ଣ୍ଣ ନମନୀୟ, ପ୍ରାରମ୍ଭିକ ଆୟ, ଦୀର୍ଘକାଳୀନ ଆୟ, ଲମ୍ପସମ୍ କିମ୍ବା ପିରିୟଡ୍ ଲମ୍ପସମ୍ (ଟଙ୍କା ଫେରସ୍ତ) ଭାବେ ଲାଭ ପାଇବାକୁ ହିତାଧିକାରୀ ନିଜର ଯୋଜନାକୁ କଷ୍ଟମାଇଜ୍ କରିପାରିବ।

ଏ ସମ୍ପର୍କରେ ଏଚ୍‌ଡିଏଫ୍‌ସି ଲାଇଫ୍‌ର ହେଡ୍ (ପ୍ରଡକ୍ଟସ୍ ଆଣ୍ଡ ସେଗମେଣ୍ଟସ୍) ଅନୀଶ ଖାନ୍ନା କହିଛନ୍ତି, କମ୍ପାନୀ ଏହି ନୂତନ ଉତ୍ପାଦକୁ ସର୍ବଭାରତୀୟସ୍ତରରେ ଉନ୍ମୋଚନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ସବୁକିଛି ଏକ ସ୍ୱପ୍ନରୁ ଆରମ୍ଭ ହୋଇଥାଏ ଏବଂ ସ୍ୱପ୍ନ ଯେତେ ବଡ଼ ହେଉନା କାହିଁକି, ତାହାକୁ ବାସ୍ତବ ରୂପ ଦେବା ପାଇଁ ଏକ ସୁରକ୍ଷିତ ପଦକ୍ଷେପ ସହ ଆରମ୍ଭ କରିବା ଆବଶ୍ୟକ ରହିଛି। ସେହିଭଳି ନିୟମିତ ସଞ୍ଚୟ ଏବଂ ଯୋଜନା ସହ ଜୀବନ ଲକ୍ଷ୍ୟ ପୂରଣ ହୋଇଥାଏ। ଏପରିକି ଗ୍ରାହକ ବର୍ତ୍ତମାନ ଏଚ୍‌ଡିଏଫ୍‌ସି ଲାଇଫ୍ କ୍ଲିକ୍ ୨ ଆଚିଭ୍ ଉତ୍ପାଦ ସହିତ ନିଜର ସ୍ୱପ୍ନକୁ ପୂରଣ କରିବା ଦିଗରେ ଗ୍ରାହକ ପ୍ରଥମ ସୁରକ୍ଷିତ ପଦକ୍ଷେପ ନେଇ ପାରିବେ। ବିଶେଷକରି ଏହା ଏକ ବହୁ ବିଧି ଯୋଜନା ଯାହା ଗ୍ରାହକଙ୍କୁ ଅସୀମିତ ମିଶ୍ରଣ ଦେଇଥାଏ। ଏହା ଗ୍ରାହକଙ୍କୁ ଗ୍ୟାରେଣ୍ଟି ରିଟର୍ନର ସ୍ୱପ୍ନକୁ ସାକାର କରିବାକୁ ସକ୍ଷମ କରିଥାଏ।


# Classified Everyday

0674-2580101, 2549949


REAL ESTATE

SALE

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764.
D-1919

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୫୦-୮୫୦ରେ ଜାଗା ବିକ୍ରିହେଉଛି। 06743180297.
D-75176

**Commercial Plot 29 dcml. (12632Sqft.) Sale at Puri near Mangala-ghat Chhak. Suitable for Apartment/ School/ Complex etc. Call for details: 9438220432/ 8144658008, No Broker.**
D-2043

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର-500/-, ନଖରା- SC/ General- sqft.- 300/-, 9348232008.
D-75279

Your classified advertisement published in Dharitri will be listed free in Dharitri online edition: **dharitriepaper.in**




**Ashirvaad Salon and SPA get good massage for your health tha best therapy. 7077181074.**
D-75080

Asribada Panchakarma herbal SPA, Kesharimall, Bhubaneswar. Contact: 8926173473.
D-75081

Newly open Jyoti Spa positively health benefits (Expert Therapist). 8458067955.
D-75179


BUSINESS

୭୦,୦୦୦/- ନିବେଶକରି ୨୦,୦୦୦/- ରୋଜଗାର କରନ୍ତୁ। ଅଟୋ ବଲ୍‌ବ, ହାଲୋଜିନ୍ ବଲ୍‌ବ ପ୍ଲାଣ୍ଟ ବସାନ୍ତୁ। ଲେବର, ମାର୍କେଟିଂ ସୁବିଧା। ୧୦୦% ପ୍ରସ୍ତୁତ ସାମଗ୍ରୀର କିଣିବାର ଏଗ୍ରିମେଣ୍ଟ । ୦୧୧-୪୫୭୨୦୧୯୯, ୯୯୧୦୪୯୨୪୮୭ ।
ଧ-୨୦୬୫

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

I, Nilima Mishra, resident of Gopinath Complex, Flat- 404, Kuha, Bhubaneswar, Odisha-751002, M-8895943799 declare by this affidavit No.68AA893784 Dt.11.12.2023 that in my Passport, vide No.L7029928 issued by Regional Passport Authority, in which my name is reflected as Nilima Misra instead of Nilima Mishra. I declare that Nilima Misra & Nilima Mishra is one and same person, who is myself.
D-2066

I, Dibakar Dash, S/o Late Kashinath Dash, resident of Gopinath Complex, Flat No. 404, Kuha, Bhubaneswar, Odisha-751002, M-8895907773 declare that in my Passport vide No.K4996582 issued by Regional Passport Authority, in which my father's name is reflected as Kashinath Dash instead of Kasinath Dash. I declare that Kasinath Dash & Kashinath Das is one and same person, who is my father.
D-2067

I, Basanti Kumari Raulo, W/o Lingaraj Raulo, R/o Kamapalli, Berhampur, Pin-760004, Odisha declared by this affidavit No. 9783, Dated-19.12.2023, that from now onwards I shall be known as Basanti Kumari Raulo instead of Kumari Raulo.
D-2070


# ତନେଇରାର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବ




ଭୁବନେଶ୍ୱର,୨୦।୧୨

**୨୦,୦୦୦ଟଙ୍କାର ଶପିଂ ଉପରେ ସ୍ୱତନ୍ତ୍ର ସ୍ୱର୍ଣ୍ଣ ମୁଦ୍ରା ଅଫର**

ଟାଟା ଗ୍ରୁପ୍‌ର ସ୍ୱତନ୍ତ୍ର ପରିଧାନ ବ୍ରାଣ୍ଡ ତନେଇରାର ଭୁବନେଶ୍ୱର ଆଉଟ୍‌ଲେଟ୍ ପକ୍ଷରୁ ଶୋ'ରୁମ୍‌ର ପ୍ରଥମ ବର୍ଷର ପୂର୍ତ୍ତି ଉତ୍ସବ ବୁଧବାର ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଉଟ୍‌ଲେଟ୍ ପକ୍ଷରୁ ଏକ ଖରବଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ତନେଇରାର ଆର୍‌ବିଏମ୍ ସୁମିତ ଘୋଷ ଏବଂ ଆଉଟ୍‌ଲେଟ୍ ସ୍ୱତ୍ୱାଧିକାରୀ ତଥା ବିଏ ମାଣିକ ହଂସ ଯୋଗଦେଇ ଉଭୟ ତନେଇରା ଓ ଭୁବନେଶ୍ୱର ଷ୍ଟୋର ସମ୍ପର୍କରେ ବିସ୍ତୃତ ମତପ୍ରକାଶ କରିଥିଲେ। ଏହି ଅବସରରେ ତନେଇରା ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନ ଷ୍ଟୋର ପକ୍ଷରୁ ଏକ ସ୍ୱତନ୍ତ୍ର ଅଫର ସମ୍ପର୍କରେ ଘୋଷଣା କରାଯାଇଥିଲା। ଏପରିକି ପ୍ରତି ୨୦,୦୦୦ ଟଙ୍କାର କ୍ରୟ ବିଲିଂ କିମ୍ବା ତା'ଠାରୁ ଅଧିକ କ୍ରୟ ବିଲିଂ ଉପରେ ଗ୍ରାହକଙ୍କୁ ତନିସ୍କର ଏକ ଆକର୍ଷଣୀୟ ସ୍ୱର୍ଣ୍ଣ ମୁଦ୍ରା (୦.୦୨ ଗ୍ରାମ ମୁଦ୍ରା) ଅଫର ଆକାରର ଦିଆଯାଉଛି। ଏହି ଅଫର ୨୦୨୩ ଡିସେମ୍ବର ୨୪ ପର୍ଯ୍ୟନ୍ତ ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ତନେଇରାରେ ଦେଶର ପ୍ରମୁଖ ବୁଣାକାର ସମିତି ଓ ସୋସାଇଟିର ଲୋକପ୍ରିୟ ତଥା ପ୍ରିମିୟମ ଶାଢ଼ି ସାଙ୍ଗକୁ ରେଡି ଟୁ ୱେୟର ବ୍ଲାଉଜ ଓ କୁର୍ତ୍ତା ସେଟର ବ୍ୟାପକ ସମ୍ଭାର ଉପଲବ୍ଧ। ଏପରିକି ୨୨୦୦ ଟଙ୍କାରୁ ୨,୨୦,୦୦୦ ଟଙ୍କାର ଶାଢ଼ି ଏଠାରେ ରହିଛି।

# ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର,୨୦।୧୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୯୩୧ (୯୩୦.୮୮) ପଏଣ୍ଟ ଖସି ୭୦,୫୦୬(୭୦,୫୦୬.୩୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସଇ) ର ନିଫ୍ଟି-୫୦ରେ ମଧ୍ୟ ୩୦୩ (୩୦୨.୯୫) ପଏଣ୍ଟ ହ୍ରାସ ଘଟି ୨୧,୧୫୦ (୨୧,୧୫୦.୧୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ୍, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସକାରବାରରେ ମଧ୍ୟ ହ୍ରାସ ହୋଇଛି।


# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ୡ ମହେନ୍ଦ୍ର ପ୍ରସାଦ ପଣ୍ଡା**
ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ
ଇଛଦା, ଭଦ୍ରକ
ତିରୋଧାନ- ୧୧।୧୨।୨୦୨୩
କେଉଁ ଅଫେରା ରାଇଜେ ଚାଲିଗଲ ତୁମେ
ଭୁଲି ଘର ଦ୍ୱାର ପରିବାର,
ଝୁରୁଛନ୍ତି ଜ୍ଞାତି, ବନ୍ଧୁ, ପରିଜନ
ଝରାଇ ଲୁହର ଧାର ।
ପ୍ରଣତି ଜଣାଇ ବିନତି କରୁ
ଏତିକି କାମନା ଆମ,
ପ୍ରଭୁ କୃପାବଳେ ଶାନ୍ତି, ସ୍ୱସ୍ତି ସହ
ଲଭ ତୁମେ ସ୍ୱର୍ଗଧାମ ।
ଶୋକସନ୍ତପ୍ତ : ପଣ୍ଡା ପରିବାର
ଧ-୨୦୬୧

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ୡ ପ୍ରମିଳା ରାୟ**
ସ୍ୱାମୀ ସ୍ୱର୍ଗତ କ୍ଷେତ୍ରମୋହନ ରାୟ
ବେଣୁପୁର, ବାଲିଅନ୍ତା, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ହତଭାଗ୍ୟ ପୂର୍ଣ୍ଣଚନ୍ଦ୍ର ରାୟ , ହତଭାଗ୍ୟ ପୁତ୍ର- ମହେଶ, ରବୀନ୍ଦ୍ର ଓ ଅଜିତ, ରାୟ ପରିବାରବର୍ଗ, ବେଣୁପୁର
ଧ-୭୧୨୨୬

**ପ୍ରଥମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ୡ ବିଜୟ କୁମାର ରଣା**
ଆବିର୍ଭାବ- ୧୩।୦୫।୧୯୫୭
ତିରୋଧାନ- ୦୨।୧୨।୨୦୨୨
ବୈଶାଖର ବୈଶାଖୀରେ ଭୂମିଷ୍ଠ ହୋଇଥିବା ଧୈର୍ଯ୍ୟବାନ୍, ଦୃଢ଼ମନା ପୁରୁଷ ତୁମେ, ପୌଷର ଶାନ୍ତଭରା ପରିବେଶରେ ଚିରଶାନ୍ତ ହୋଇ ସ୍ୱର୍ଗାରୋହଣ କଲ ତୁମେ। ବାପା, ତୁମର କର୍ତ୍ତବ୍ୟ, ତ୍ୟାଗ, ସ୍ନେହ, ଦୟାଳୁ ବ୍ୟକ୍ତିତ୍ୱ ଆମ ପାଖରେ ଅବିସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ସାଇବାବାଙ୍କ ନିକଟରେ ପ୍ରାର୍ଥନା ।
ତୁମର ଶୋକସନ୍ତପ୍ତ: ସପରିବାର (ଚମ୍ପା, ବାବୁ, ଗୁଲୁ, ରଲି, ପୂର୍ଣ୍ଣେନ୍ଦୁ, କଟି, ମମ୍ମୁ, ଇପୁ, ବଗୁଲୁ ଏବଂ ପପୁନ୍)
ଧ-୨୧୬୨


# ଆକ୍ସିସ ବ୍ୟାଙ୍କ ପ୍ରିଭିଲେଜ୍ କ୍ରେଡିଟ୍ କାର୍ଡର ଶୁଭାରମ୍ଭ

ଭୁବନେଶ୍ୱର,୨୦।୧୨

ଆକ୍ସିସ୍ ବ୍ୟାଙ୍କ ଓ ଆମେରିକାନ୍ ଏକ୍ସପ୍ରେସ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ଓ ସହଭାଗିତା ନିକଟରେ ହୋଇଯାଇଛି। ଏପରିକି ଆମେରିକାନ ଏକ୍ସପ୍ରେସ୍ ନେଟ୍‌ୱର୍କରେ ଆକ୍ସିସ୍ ବ୍ୟାଙ୍କ ପ୍ରିଭିଲେଜ୍ କ୍ରେଡିଟ୍ କାର୍ଡର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସହଭାଗିତା ଯୋଗୁ ଆକ୍ସିସ୍ ବ୍ୟାଙ୍କର ଗ୍ରାହକମାନେ ଆମେରିକାନ୍ ଏକ୍ସପ୍ରେସ୍ ନେଟ୍‌ୱର୍କରେ ସ୍ଥାନୀୟ ଓ ବିଶ୍ୱସ୍ତରୀୟ ଲାଉଞ୍ଜଗୁଡ଼ିକ ପାଇପାରିବେ। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଅଧ୍ୟକ୍ଷ ତଥା କାର୍ଡସ୍ ଓ ପେମେଣ୍ଟସ୍ ମୁଖ୍ୟ ସଞ୍ଜୀବ ମୋଘେ କହିଛନ୍ତି,ଆକ୍ସିସ୍ ବ୍ୟାଙ୍କରେ ଆମେ ଗ୍ରାହକଙ୍କୁ ଅଧିକ ମୂଲ୍ୟ ପ୍ରଦାନ କରିବା ପାଇଁ ନିରନ୍ତର ଅଭିନବ କାର୍ଯ୍ୟ କରୁଛୁ। ବ୍ୟାଙ୍କର ପ୍ରିମିୟମକରଣ ରଣନୀତି ଅନୁଯାୟୀ, ଆମର ଗ୍ରାହକମାନଙ୍କ ପାଇଁ ଏକ ଅତ୍ୟନ୍ତ ଆକର୍ଷଣୀୟ ପ୍ରସ୍ତାବ ବଜାରକୁ ଆଣିବା ପାଇଁ ଆମେ ଆମେରିକାନ୍ ଏକ୍ସପ୍ରେସ୍ ସହଣ୍ ଭାଗୀଦାରି କରି ବେଶ୍ ଆନନ୍ଦିତ ଅଛୁ। ଏହି ଭାଗୀଦାର ସମୃଦ୍ଧ ଏବଂ ପ୍ରିମିୟମ ଗ୍ରାହକବର୍ଗଙ୍କୁ ସେବା ଯୋଗାଇବା ଦିଗରେ ଆମର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ। ସେହିଭଳି ଆମେରିକାନ୍ ଏକ୍ସପ୍ରେସ୍‌ରେ ଭାରତର ଉପାଧ୍ୟକ୍ଷ ତଥା ଗ୍ଲୋବାଲ ମର୍ଚ୍ଚାଣ୍ଟ ଆଣ୍ଡ ନେଟ୍‌ୱର୍କ ସର୍ଭିସେସ୍ ମୁଖ୍ୟ ଅନୁରାଗ ଗୁପ୍ତା କହିଛନ୍ତି,କାର୍ଡ ପ୍ରଦାନ ଦିଗରେ ଆକ୍ସିସ୍ ବ୍ୟାଙ୍କ ସହିତ ଆମର ଭାଗୀଦାରକୁ ଆହୁରି ବିସ୍ତାର କରିବାକୁ ଆମେ ଉତ୍ସାହିତ।

# ଓଏଫ୍‌ସିର କ୍ରମାଗତ ବିଜୟ



ଗୋଲ ଦେବା ପରେ ଖୁସି ମନାଉଛନ୍ତି ପ୍ୟାରୀ ଖାଖା ଓ ଏସ୍ ଲିଣ୍ଡା କମ୍।

ଭୁବନେଶ୍ୱର,୨୦।୧୨
(ସରୋଜ ଜେନା)

ଇଣ୍ଡିଆନ୍ ଓମେନ୍ସ ଲିଗ୍ ଫୁଟବଲରେ କ୍ରମାଗତ ବିଜୟ ହାସଲ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ବୁଧବାର କଳିଙ୍ଗ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ଦଳ ୨-୦ ଗୋଲରେ ଡିଫେଣ୍ଡିଂ ଚାମ୍ପିୟନ ଗୋକୁଲମ କେରଳକୁ ପରାସ୍ତ କରିଛି। ଓଏଫ୍‌ସି ପକ୍ଷରୁ ପ୍ୟାରୀ ଖାଖା(୩୨) ଓ ଏସ୍ ଲିଣ୍ଡା କମ୍ (୮୩) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

**ଇଣ୍ଡିଆନ୍ ଓମେନ୍ସ ଲିଗ୍**

ଉଭୟ ଦଳ ପ୍ରାରମ୍ଭରୁ ଆକ୍ରମଣାତ୍ମକ ଫୁଟବଲ ଖେଳିଥିଲେ। ପଞ୍ଚମ ମିନିଟରେ ଓଏଫ୍‌ସି ପକ୍ଷରୁ ଅସ୍ତମ ଓରାଓଁ ଏକ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ। ତେବେ ଏହାକୁ ଗୋକୁଲମ୍ ଡିଫେଣ୍ଡର ଅଟକାଇବାରେ ସଫଳ ହୋଇଥିଲେ। ୧୦ମ ମିନିଟରେ ଗୋକୁଲମ ପ୍ରୟାସକୁ ନିଷ୍ଫଳ କରିଥିଲେ ସ୍ୱିଟି। ପ୍ରଥମାର୍ଦ୍ଧର ୩୨ ତମ ମିନିଟରେ ଓଏଫ୍‌ସିକୁ ଅଗ୍ରଣୀ ପ୍ରଦାନ କରିଥିଲେ ପ୍ୟାରୀ ଖାଖା। ଲେଫ୍ଟ ଫ୍ଲାଙ୍କରୁ ସଞ୍ଜୁ ଓ ଯଶୋଦା ମୁଣ୍ଡା ଚମତ୍କାର ତାଳମେଳ ଦେଖାଇବା ସହିତ ପ୍ୟାରୀଙ୍କୁ ପାଶ୍ କରିଥିଲେ। ଏହାକୁ ଗୋଲରେ ପରିଣତ କରି ପ୍ୟାରୀ ଓଏଫ୍‌ସିକୁ ୧-୦ରେ ଆଗୁଆ କରିଥିଲେ। ୪୫+୩ ମିନିଟରେ ଓ୍ୱିନ ଓ ୫୩ ମିନିଟରେ ଇନ୍ଦୁମତୀ କାଥିରସେନଙ୍କ ନିକଟରେ ସ୍କୋରିଂ ରହିଥିଲେ ମଧ୍ୟ ଶଟ୍ ପୋଷ୍ଟ ବାହାରକୁ ଯାଇଥିଲା। ୮୩ ତମ ମିନିଟରେ ଯଶୋଦାଙ୍କ ପାଶ୍‌କୁ ଗୋଲରେ ପରିଣତ କରି ଲିଣ୍ଡା କମ୍ ଓଏଫ୍‌ସିର ଅଗ୍ରଣୀକୁ ୨-୦ରେ ପହଞ୍ଚାଇଥିଲେ। ଏହି ବିଜୟ ସହିତ ଓଏଫ୍‌ସି ବର୍ତ୍ତମାନ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛି। ଓଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ୍ ଜାନୁୟାରୀ ୫ ତାରିଖରେ ସେଥୁ ଏଫ୍‌ସି ବିପକ୍ଷରେ ଖେଳିବ।



ଓଡ଼ିଶା ଏଫ୍‌ସି ଓ ଗୋକୁଲମ୍ କେରଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ବିକାଶ ନାୟକ)

# ଟପ୍ ଅର୍ଡର ବ୍ୟାଟିଂରେ ସୁଧାର ଆଶାରେ ଭାରତ

ପାର୍ଲ,୨୦।୧୨(ପି.ଟି.)

ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ଅନ୍ତିମ ମ୍ୟାଚ୍ ଗୁରୁବାର ଖେଳାଯିବ। ଏହି ମ୍ୟାଚ୍‌ରେ ସିରିଜ୍ ବାଜିରେ ଲାଗିଥିବା ବେଳେ ଭାରତ ସିରିଜ୍ ବିଜୟୀ ହେବାକୁ ଚେଷ୍ଟା କରିବ। ଭାରତ ଶେଷ ଥର ପାଇଁ ୨୦୧୮ରେ ଦକ୍ଷିଣ ଆଫ୍ରିକାରେ ଏକ ଦିନିକିଆ ସିରିଜ୍ ଜିତିଥିଲା। ଏହା ସହିତ ଦକ୍ଷିଣ ଆଫ୍ରିକାରେ ଏହା ଭାରତର ଏକମାତ୍ର ଦିନିକିଆ ସିରିଜ୍ ବିଜୟ। ଏପରି ସ୍ଥିତିରେ ଭାରତୀୟ ଟପ୍ ଅର୍ଡର ଉପରେ ସମସ୍ତଙ୍କ ନଜର ରହିବ। ପ୍ରଥମ ଦୁଇ ଦିନିକିଆରେ ଭାରତୀୟ ଟପ୍ ଅର୍ଡର ବିଫଳ ହୋଇଛି। ବି. ସାଇ ସୁଦର୍ଶନ ଦୁଇଟି ଯାକ ମ୍ୟାଚ୍‌ରେ ଯଥାକ୍ରମେ ୫୫ ଓ ୬୨ ରନ୍ ସ୍କୋର କରିଥିବା ବେଳେ ଅନ୍ୟତମ ଓପନର ଋତୁରାଜ ଗାଏକ୍ୱାଡ ବିଫଳ ହୋଇଛନ୍ତି। ଉଭୟ ମ୍ୟାଚ୍‌ରେ ସେ ଯଥାକ୍ରମେ ୫ ଓ ୪ ରନ୍ କରିବାରେ ସମର୍ଥ ହୋଇଛନ୍ତି। ଏହା ବ୍ୟତୀତ ଟପ୍ ଅର୍ଡରରେ ବ୍ୟାଟିଂ କରିଥିବା ତିଳକ ବର୍ମା ମଧ୍ୟ ବିଫଳ ହୋଇଛନ୍ତି। କ୍ୟାରିୟର ଆରମ୍ଭରୁ ବର୍ମାଙ୍କୁ ସବୁଆଡ଼ୁ ପ୍ରଶଂସା କରାଯାଉଥିବା ବେଳେ ବିଗତ କିଛି ମାସରେ ତାଙ୍କର ପ୍ରଦର୍ଶନ ଆଖିଦୃଶିଆ ରହିନାହିଁ। ଅନ୍ୟ ପକ୍ଷରେ ଦକ୍ଷିଣ ଆଫ୍ରିକା ଓପନର ଟୋନି ଡି ଜୋର୍ଜି ଚମତ୍କାର ଶତକ ହାସଲ କରିଥିଲେ। ଅନ୍ତିମ ମ୍ୟାଚ୍‌ରେ ଉଭୟ ଟପ୍ ଅର୍ଡର ବ୍ୟାଟରଙ୍କ ବ୍ୟାଟରୁ ରନ୍ ଆସିବା ନେଇ ଆଶା କରିବ ଭାରତୀୟ ମ୍ୟାନେଜମେଣ୍ଟ। ଏହା ସହିତ ଭାରତ ତିଳକ ବର୍ମାଙ୍କ ସ୍ଥାନରେ ରଜତ ପାଟିଦାରଙ୍କୁ ଦଳରେ ସାମିଲ କରିପାରେ। ରଜତ ମଧ୍ୟପ୍ରଦେଶ ପାଇଁ ୪ ନମ୍ବର ସ୍ଥାନରେ ବ୍ୟାଟିଂ କରନ୍ତି। ବୋଲାଣ୍ଡ ପାର୍କର ପିଚ୍ ସର୍ବଦା ବ୍ୟାଟରଙ୍କୁ ସୁହାଉଥିବା ବେଳେ ଭାରତୀୟ ଖେଳାଳି ଏଥିରୁ ଫାଇଦା ଉଠାଇବାକୁ ପ୍ରୟାସ କରିବେ। ସେହିପରି ଦ୍ୱିତୀୟ ଦିନିକିଆରେ ବିଫଳ ହୋଇଥିବା ସଞ୍ଜୁ ସାମସନଙ୍କୁ ମଧ୍ୟ ଦଳ ଆଉ ଏକ ସୁଯୋଗ ପ୍ରଦାନ କରିବା ନେଇ ଆଶା କରାଯାଉଛି। ତେବେ ଭାରତର ବ୍ୟାଟିଂ ଅପେକ୍ଷା ବୋଲିଂକୁ ନେଇ ସମାନ ଭାବରେ ଚିନ୍ତା ଲାଗି ରହିଛି। ସେହିପରି ଦକ୍ଷିଣ ଆଫ୍ରିକା ଏହାର ଟପ୍ ଅର୍ଡର ଓ ପେସରଙ୍କ ଉପରେ ଅଧିକ ନିର୍ଭରଶୀଳ ରହିବ।

**ଆଜି ଅନ୍ତିମ ଦିନିକିଆ**
ସ୍ଥାନ: ବୋଲାଣ୍ଡ ପାର୍କ
ସମୟ: ଅପରାହ୍ନ ୪.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ

# ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟ ଲକ୍ଷ୍ୟ

ମୁମ୍ବାଇ,୨୦।୧୨(ପି.ଟି.)

ଏକ ସପ୍ତାହ ମଧ୍ୟରେ ଭାରତୀୟ ମହିଳା କ୍ରିକେଟ ଦଳ ଏହାର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳିବାକୁ ଯାଉଛି। ଇଂଲଣ୍ଡକୁ ପରାସ୍ତ କରିଥିବା ବେଳେ ଅଷ୍ଟ୍ରେଲିଆ ବିପକ୍ଷରେ ଏହାର ପ୍ରଥମ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଛି ଭାରତ। ୪୬ ବର୍ଷର ଇତିହାସରେ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟ ହାସଲ କରିନାହିଁ। ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଦଳ ଏହି ରେକର୍ଡ ଭାଙ୍ଗିବାକୁ ଚାହିଁବ। ଏହା ସହିତ ପୁନର୍ବାର ଭାରତ ନିଜ ସ୍ପିନରଙ୍କ ଉପରେ ଅଧିକ ନିର୍ଭରଶୀଳ ରହିବ। ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଅଫ୍ ସ୍ପିନର ଦୀପ୍ତି ଶର୍ମା ଚମତ୍କାର ବୋଲିଂ କରି ବିଜୟର କର୍ଣ୍ଣଧାର ସାଜିଥିଲେ। ମହିଳା ଟେଷ୍ଟ ଇତିହାସରେ ସର୍ବବୃହତ୍ ବିଜୟ ରେକର୍ଡ କରିବା ସହିତ ଭାରତ ୩୪୭ ରନ୍‌ରେ ବିଜୟୀ ହୋଇଥିଲା। ଡି ଓ୍ୱାଇ ପାଟିଲ ଷ୍ଟାଡିୟମର ସଫଳତା ଭାରତ ଓ୍ୱାଙ୍ଖଡେରେ ଦୋହରାଇବାକୁ ପ୍ରୟାସ କରୁଥିବା ବେଳେ କେବଳ ଦୀପ୍ତି ନୁହନ୍ତି ବରଂ ଅନ୍ୟ ଖେଳାଳିଙ୍କ ଉପରେ ମଧ୍ୟ ନଜର ରହିବ। ପେସ୍ ବୋଲର ରେଣୁକା ସିଂ ଠାକୁର ନୂଆ ବଲ୍‌ରେ ଚମତ୍କାର ବୋଲିଂ କରୁଥିବା ବେଳେ ପୂଜା ବସ୍ତ୍ରକାର ମଧ୍ୟ ଚମତ୍କାର ପ୍ରଦର୍ଶନ ଦେବାରେ ସଫଳ ହୋଇଛନ୍ତି।

ତେବେ ଭାରତୀୟ ବ୍ୟାଟିଂ ମ୍ୟାଚ୍‌ରେ ସବୁଠାରୁ ସକାରାତ୍ମକ ରହିଥିଲା। ଅଧିନାୟିକା ହରମନ୍‌ପ୍ରୀତ୍ କୌର(୪୯ ଓ ୪୪*) ଉଭୟ ଇନିଂସରେ ଚମତ୍କାର ବ୍ୟାଟିଂ କରିଥିବା ବେଳେ ଜେମିମା ରୋଡ୍ରିଗୁଏଜ୍(୬୮) ଓ ଯାସ୍ତିକା ଭାଟିଆ(୬୬) ଉପଯୋଗୀ ଅବଦାନ ଦେଇଥିଲେ। ସମସ୍ତ ଖେଳାଳିଙ୍କ ବ୍ୟାଟରୁ ଭଲ ରନ୍ ଆଶା କରିବ ଭାରତ। ଏହା ବ୍ୟତୀତ ଦୁଇ ଓପନର ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ମଧ୍ୟ ରନ୍ ସ୍କୋର କରିବାକୁ ଚାହିଁବେ। ତେବେ ଇଂଲଣ୍ଡ ବିପକ୍ଷ ପଦାର୍ପଣ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ଶୁଭା ସତୀଶ ଆହତ କାରଣରୁ ଏହି ମ୍ୟାଚ୍‌ରେ ଖେଳିପାରିବେ ନାହିଁ। ସତୀଶଙ୍କ ସ୍ଥାନରେ ପ୍ରିୟା ପୁନିଆଙ୍କୁ ଭାରତୀୟ ଦଳକୁ ଡାକରା ମିଳିଛି। ତେବେ ପୁନିଆଙ୍କ ଅପେକ୍ଷା ହରଲିନ୍ ଦେଓଲଙ୍କ ଖେଳିବା ସମ୍ଭାବନା ଅଧିକ। ମଙ୍ଗଳବାର ହରଲିନ୍ ନେଟ୍ସରେ ଅଭ୍ୟାସ କରିଥିବା ବେଳେ ତାଙ୍କୁ ସୁଯୋଗ ମିଳିପାରେ।

ଉଭୟ ଦଳ ମଧ୍ୟରେ ଦୁଇ ବର୍ଷ ତଳେ ଶେଷ ମ୍ୟାଚ୍ ଖେଳାଯାଇଥିଲା। ସ୍ମୃତି ମନ୍ଧାନାଙ୍କ ଲଢୁଆ ୧୨୭ ରନ୍ ବଳରେ ଭାରତ ଏହି ମ୍ୟାଚ୍‌ରେ ବିଜୟ ହାସଲ କରିଥିଲା। ୧୯୮୪ରେ ଓ୍ୱାଙ୍ଖଡେରେ ଉଭୟ ଦଳ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳା ଯାଇଥିବା ବେଳେ ସମାନ ଷ୍ଟାଡିୟମରେ ଭାରତ ବିଜୟୀ ହେବାକୁ ପ୍ରୟାସ କରିବ। ମେଗ୍ ଲାନିଙ୍ଗଙ୍କ ଅବସର ପରେ ଆଲିସା ହିଲୀ ଅଧିନାୟକ ଭାବରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ଏହା ବ୍ୟତୀତ ଏଲିସ ପେରୀ, ଆସ୍‌ଲେ ଗାର୍ଡନର, ବେଥ୍ ମୁନି ଓ ଟାଲିଆ ମ୍ୟାକ୍‌ଗ୍ରାଙ୍କ ପରି ଅଭିଜ୍ଞ ଖେଳାଳିଙ୍କ ଉପରେ ଦଳ ନିର୍ଭର କରିବ। ତେବେ ଭାରତୀୟ ପରିସ୍ଥିତିରେ ସ୍ଲୋ ଟର୍ନିଂ ଟ୍ରାକ୍ ଅଷ୍ଟ୍ରେଲିଆକୁ ସମସ୍ୟାରେ ପକାଇପାରେ।



ଏକ ହାଲୁକା ମୁହୂର୍ତ୍ତରେ ସାଥି ଖେଳାଳିଙ୍କ ସହ ଅଧିନାୟିକା ହରମନପ୍ରୀତ କୌର।

**ଆଜିଠୁ ମହିଳା ଟେଷ୍ଟ**
ସ୍ଥାନ: ଓ୍ୱାଙ୍ଖଡେ, ମୁମ୍ବାଇ
ସମୟ: ସକାଳ ୯.୦୦
ପ୍ରସାରଣ : ସ୍ପୋର୍ଟ୍ସ ୧୮

# ଜାନୁୟାରୀ ୯ରେ ଜାତୀୟ କ୍ରୀଡ଼ା ପୁରସ୍କାର

**କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ତାଲିକା ଅନୁମୋଦିତ**

ନୂଆଦିଲ୍ଲୀ, ୨୦।୧୨ (ପି.ଟି.)

ଚଳିତ ବର୍ଷର ଜାତୀୟ କ୍ରୀଡ଼ା ପୁରସ୍କାର ପାଇଁ ମନୋନୀତ ଖେଳାଳିଙ୍କ ନାମ ଉପରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟର ମୋହର ଲାଗିଛି। ଫଳରେ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ସମ୍ମାନଜନକ ଖେଳରତ୍ନ ଓ ୨୬ କ୍ରୀଡ଼ାବିତ୍ ଅର୍ଜୁନ ପୁରସ୍କାର ପାଇବା ସ୍ପଷ୍ଟ ହୋଇଯାଇଛି। ଏହା ମଧ୍ୟରେ ଟିମ୍ ଇଣ୍ଡିଆ ଦ୍ରୁତ ବୋଲର ମହମ୍ମଦ ଶାମିଙ୍କ ନାମ ସାମିଲ। ଜାନୁୟାରୀ ୯ରେ ରାଷ୍ଟ୍ରପତି ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିବେ। ଚିରାଗ-ସାତ୍ୱିକ ହେଉଛନ୍ତି ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ, ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ହାସଲକାରୀ। ଅର୍ଜୁନ ପୁରସ୍କାର ପାଇଁ ପୂର୍ବରୁ ସୁପାରିସ କରାଯାଇଥିବା ତାଲିକାରେ ଶାମିଙ୍କ ନାମ ନ ଥିଲା। ଗତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ କରିବା ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଶାମିଙ୍କ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁରୋଧ କରାଯାଇଥିଲା। ବିଶ୍ୱକପ୍‌ରେ ଶାମି ୭ଟି ମ୍ୟାଚ ଖେଳି ୨୪ ଉଇକେଟ ନେଇ ଅଗ୍ରଣୀ ବୋଲରଙ୍କ ତାଲିକାରେ ସାମିଲ ହୋଇଥିଲେ।

## ଜାତୀୟ କ୍ରୀଡ଼ା ପୁରସ୍କାର ବିଜେତା ତାଲିକା

**ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର:** ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟୀ (ବ୍ୟାଡ୍‌ମିଣ୍ଟନ)।

**ଅର୍ଜୁନ ପୁରସ୍କାର:** ଓଜସ ପ୍ରବୀଣ ଦେଓତାଲେ ଓ ଅଦିତି ଗୋପୀଚାନ୍ଦ ସ୍ୱାମୀ (ଉଭୟ ଆର୍ଚେରୀ), ପାରୁଲ ଚୌଧାରୀ ଓ ମୁରଲୀ ଶ୍ରୀଶଙ୍କର (ଆଥ୍‌ଲେଟିକ୍ସ), ଆର. ବୈଶାଳୀ (ଚେସ୍), ମହମ୍ମଦ ହୁସାମୁଦ୍ଦିନ (ବକ୍ସିଂ), ମହମ୍ମଦ ଶାମି (କ୍ରିକେଟ), ଦିବ୍ୟକୀର୍ତ୍ତି ସିଂ ଓ ଅନୁଷ ଅଗ୍ରୱାଲା (ଇକ୍ୱେଷ୍ଟ୍ରିନ), ଦୀକ୍ଷା ଡଗର(ଗଲ୍ଫ), କ୍ରିଷନ୍ ବାହାଦୁର ପାଠକ ଓ ସୁଶୀଳା ଚାନୁ (ହକି), ପୱନ କୁମାର ଓ ରିତୁ ନେଗି (କବାଡ଼ି), ନସରିନ (ଖୋ ଖୋ), ପିଙ୍କି (ଲନ୍ ବଲ୍), ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର ଓ ଇଶା ସିଂ (ଶୁଟିଂ), ହରିନ୍ଦର ପାଲ୍ ସିଂ ସାନ୍ଧୁ (ସ୍କ୍ୱାଶ୍), ଆହିକା ମୁଖାର୍ଜୀ (ଟେବୁଲ ଟେନିସ୍), ସୁଶୀଲ କୁମାର ଓ ଅନ୍ତିମ ପଙ୍ଘାଲ (କୁସ୍ତି), ନାଓରେମ ରୋଶିବିନା ଦେବୀ (ଉଷୁ), ଶୀତଲ ଦେବୀ (ପାରା ଆର୍ଚେରୀ), ଅଜୟ ରେଡ୍ଡୀ (ଦୃଷ୍ଟିବାଧିତ କ୍ରିକେଟ) ଓ ପ୍ରାଚୀ ଯାଦବ (ପାରା କାନୋଇଂ)।

**ଧ୍ୟାନଚାନ୍ଦ ଲାଇଫ୍‌ଟାଇମ ଆଚିଭମେଣ୍ଟ ଆୱାର୍ଡ:** କବିତା ସେଲଭାରାଜ (କବାଡି), ମଞ୍ଜୁଷା କନୱର (ବ୍ୟାଡ୍‌ମିଣ୍ଟନ), ଭିନିତ କୁମାର ଶର୍ମା (ହକି)।

**ଦ୍ରୋଣାଚାର୍ଯ୍ୟ ପୁରସ୍କାର (ରେଗୁଲାର ବର୍ଗ/ଶ୍ରେଷ୍ଠ କୋଚ୍):** ଗଣେଶ ପ୍ରଭାକର ଦେଭରୁଖକର (ମାଲଖମ୍ବ), ମହାବୀର ପ୍ରସାଦ ସଇନି (ପାରା ଆଥ୍‌ଲେଟିକ୍ସ), ଲଳିତ କୁମାର (କୁସ୍ତି), ଆର୍. ବି. ରମେଶ (ଚେସ୍), ଶିବେନ୍ଦ୍ର ସିଂ (ହକି)।

**ଦ୍ରୋଣାଚାର୍ଯ୍ୟ ପୁରସ୍କାର (ଲାଇଫ୍-ଟାଇମ୍ କାଟେଗୋରି/ଶ୍ରେଷ୍ଠ କୋଚ୍):** ଜସକୀରଟ ସିଂ ଗ୍ରେୱାଲ (ଗଲ୍ଫ), ଇ. ଭାସ୍କରନ (କବାଡ଼ି), ଜୟନ୍ତ କୁମାର ପୁଶିଲାଲ (ଟେବୁଲ ଟେନିସ)।

# ସୋଆରେ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଉତ୍ସବ



ଆୟୋଜକଙ୍କ ପକ୍ଷରୁ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦିଆଯାଉଛି।

ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ)

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଆସନ୍ତା ଜାନୁୟାରୀ ୨୮ରୁ ଫେବୃୟାରୀ ୪ ପର୍ଯ୍ୟନ୍ତ ପ୍ରଥମ ସୋଆ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଉତ୍ସବ ଅନୁଷ୍ଠିତ ହେବ। ସୋଆ, ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ୍ (ଆଇସିଏଫ୍), ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ (ଏଆଇସିଏଫ୍), ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ (ଏଓସିଏ) ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯିବ। ଏହି ମେଗା ପ୍ରତିଯୋଗିତା ପାଇଁ ୩୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଏହି ୮ ଦିନିଆ ଟୁର୍ନାମେଣ୍ଟରେ ପାଖାପାଖି ୨୦ଟି ଦେଶରୁ ପ୍ରାୟ ୧୫୦୦ ଖେଳାଳି ଯୋଗ ଦେବା ସମ୍ଭାବନା ଅଛି ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ କୁମାର ନନ୍ଦ ସୂଚନା ଦେଇଛନ୍ତି।

୨୦୦୮ରେ ତୁର୍କୀରେ ଆୟୋଜିତ ଜୁନିୟର ୱାର୍ଲ୍ଡ ଚେସ୍ ଚାମ୍ପିୟନଶିପ୍‌ର ବିଜେତା ଗ୍ରାଣ୍ଡମାଷ୍ଟର ଅଭିଜିତ ଗୁପ୍ତା (୨୫୯୬ ରେଟିଂ) ଏ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତାର ଟପ୍ ସିଡ୍ ଖେଳାଳି ବିବେଚିତ ହେଉଛନ୍ତି। ଡେନ୍‌ମାର୍କ, ନେଦରଲାଣ୍ଡ୍ସ, ଇରାନ୍, ଶ୍ରୀଲଙ୍କା, ଭିଏତ୍‌ନାମ, ଆର୍ମେନିଆ, ବେଲାରୁଷ, ଇଜିପ୍ଟ, ଫିଲିପାଇନ୍ସ, ରୁଷିଆ, ତୁର୍କମେନିସ୍ତାନ, ଉଜ୍‌ବେକିସ୍ତାନ, ସ୍ଲୋଭାକିଆ, କିମ୍ବାୱେ ଓ ଭାରତର ଚେସ୍ ଖେଳାଳିମାନେ ଏହି ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ସମ୍ମତି ପ୍ରଦାନ କରିସାରିଛନ୍ତି। ୩ ବର୍ଗରେ ପ୍ରତିଯୋଗିତା ହେବ। କାଟେଗୋରି-ଏ ପାଇଁ ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଧାର୍ଯ୍ୟ କରାଯାଇଛି। କାଟେଗୋରି 'ବି' ଓ 'ସି' ପାଇଁ ୭.୫ ଲକ୍ଷ ଟଙ୍କା ମୋଟ ପୁରସ୍କାର ରାଶି ରଖାଯାଇଛି। ଏ ଓ ବି' ବର୍ଗର ପ୍ରତିଯୋଗିତା ୧୦ ରାଉଣ୍ଡ, ସି' ବର୍ଗରେ ୯ ରାଉଣ୍ଡ ଖେଳ ହେବ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଉପସଭାପତି ବସନ୍ତ କୁମାର ଦାସ, ସମ୍ପାଦକ ଦେବବ୍ରତ ଭଟ୍ଟ ଓ ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଉପସ୍ଥିତ ଥିଲେ।

# ଓଡ଼ିଶାରେ ପ୍ରଥମଥର ପିକଲବଲ୍ ଚାମ୍ପିୟନଶିପ୍

ଭୁବନେଶ୍ୱର, ୨୦।୧୨
(ତପନ ସ୍ୱାଇଁ)

ଓଡ଼ିଶାରେ ପ୍ରଥମଥର ପାଇଁ ପିକଲବଲ୍ ଚାମ୍ପିୟନଶିପ୍ ରୁଦ୍ରପୁରସ୍ଥିତ ହାଇୱେ ହୋଣ୍ଡା କମ୍ପ୍ଲେକ୍ସରେ ଚଳିତ ମାସ ୨୫ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଏଣ୍ଟ୍ରି ଫି ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଆଗ୍ରହୀ ପ୍ରତିଯୋଗୀମାନେ ୨୪ ତାରିଖ ସୁଦ୍ଧା ସେମାନଙ୍କ ନାମ ପଞ୍ଜୀକରଣ କରିପାରିବେ। ୧୬ ବର୍ଷରୁ କମ୍ ବାଳିକା ଓ ବାଳକ, ମହିଳା ଓ ପୁରୁଷ ବର୍ଗରେ ସିଙ୍ଗଲ୍ସ ଓ ଡବଲ୍ସ ଏବଂ ୩୫ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ମହିଳା ଓ ପୁରୁଷ ବିଭାଗରେ ପ୍ରତିଯୋଗିତା ହେବ। ଜଣେ ପ୍ରତିଯୋଗୀ ସର୍ବାଧିକ ୨ଟି ଇଭେଣ୍ଟରେ ଭାଗ ନେଇପାରିବେ। ବିଜେତାଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯିବ ବୋଲି ଓଡ଼ିଶା ପିକଲବଲ୍ ଆସୋସିଏଶନ ସମ୍ପାଦକ ଶୁଭ୍ରାଂଶୁ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି।

**ନଗେଶ ଟ୍ରଫି ଦୃଷ୍ଟିବାଧିତ କ୍ରିକେଟ**

# ସୁପର-୮କୁ ଓଡ଼ିଶା ଉନ୍ନୀତ

ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ)

କେରଳର କୋଚିନଠାରେ ଚାଲିଥିବା ଦୃଷ୍ଟିବାଧିତ ଜାତୀୟ ନଗେଶ ଟ୍ରଫି ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ଏଥିସହ ଓଡ଼ିଶା ସୁପର-୮ରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୪ ଉଇକେଟରେ ବିହାରକୁ ପରାସ୍ତ କରିଛି। ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିହାର ୧୪.୫ ଓଭରରେ ୯୦ ରନକରି ଅଲ୍‌ଆଉଟ ହୋଇଥିଲା। ଓଡ଼ିଶା ପକ୍ଷରୁ ଲିଙ୍ଗରାଜ ରାଉତରା ୨ଟି ଏବଂ ସୁଖରାମ ମାଝି, ପଙ୍କଜ ଭୁଏ, ଦେବରାଜ ବେହେରା ଓ ଅନିଲ ମଲିକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୯୧ ରନର ବିଜୟ ଲକ୍ଷ୍ୟକୁ ଓଡ଼ିଶା ୯.୫ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ସୁଖରାମ ମାଝି ୨୭ ଓ ଲାଲ ପ୍ରସାଦ ସୋରେନ ୧୬ ରନକରି ଓଡ଼ିଶାକୁ ସହଜ ବିଜୟ ଦେଇଥିଲେ। ଲିଙ୍ଗରାଜ ରାଉତରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ଏହାର ୪ର୍ଥ ଲିଗ୍ ମ୍ୟାଚରେ ଶୁକ୍ରବାର ଉତ୍ତର ପ୍ରଦେଶକୁ ଭେଟିବ।



ଲିଙ୍ଗରାଜ ରାଉତରାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।





ପଦକ ଓ ପୁରସ୍କାର ସହ ରାଜ୍ୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ।

**ରାଜ୍ୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍**

# କିଟ୍ ଓଭରଅଲ୍ ଚାମ୍ପିୟନ

ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ): ପୁରୀଠାରେ ୪୦ତମ ରାଜ୍ୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ଏହାର ଜୁନିୟର ବର୍ଗ ସମେତ ସବ୍‌ଜୁନିୟର ଓ ସିନିୟର ବର୍ଗରେ ମିଳିତଭାବେ ଗ୍ରୁପ୍ ଚାମ୍ପିୟନ ହୋଇଥିବାରୁ କିଟ୍‌କୁ ଓଭରଅଲ୍ ଚାମ୍ପିୟନ ଘୋଷଣା କରାଯାଇଛି। କିଟ୍ ଦଳକୁ ଏହାର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ୩ ଆସନରେ ବିଜେଡି ଖେଳିପାରେ ମହିଳା କାର୍ଡ

**ଯାଜପୁର,୨୦।୧୨(ହର୍ଷବର୍ଦ୍ଧନ ବେହେରା)**




ଯାଜପୁର ଜିଲାର ୩ ବିଧାନସଭା ନିର୍ବାଚନମଣ୍ଡଳୀ ବଡ଼ଚଣା, ବରୀ ଓ କୋରେଇରେ ଏଥର ବିଜେଡିର ନୂଆ ପ୍ରାର୍ଥୀ, ବିଶେଷକରି ମହିଳାଙ୍କୁ ସୁଯୋଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ୨୦୧୯ ନିର୍ବାଚନରେ ବରୀ ଓ ବଡ଼ଚଣାରେ ଶାସକ ଦଳର ପ୍ରାର୍ଥୀ ବହୁତ କମ୍ ଭୋଟ ବ୍ୟବଧାନରେ ବିଜୟୀ ହେବା ଏବଂ କୋରେଇରେ ପ୍ରଭାବଶାଳୀ ନେତା କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କୁ ଥଇଥାନ ପାଇଁ ଏହି ୩ ଆସନରେ ପ୍ରାର୍ଥୀ ପରିବର୍ତ୍ତନ ସମ୍ଭାବନା ଦେଖାଦେଇଛି। ତେବେ ମହିଳା ସଂରକ୍ଷଣ ଆଇନକୁ ଦୃଷ୍ଟିରେ ରଖି ବିଜେଡି ୨୦୨୪ରେ ରାଜ୍ୟରେ ଅଧିକ ମହିଳା ପ୍ରାର୍ଥୀଙ୍କୁ ଟିକେଟ୍ ଦେଇ ଉପରୋକ୍ତ ୩ ଆସନରେ ମହିଳା କାର୍ଡ ଖେଳିପାରେ ବୋଲି ଆଲୋଚନା ହେଉଛି।

ଗତ ସାଧାରଣ ଏବଂ ଜିଲା ପରିଷଦ ନିର୍ବାଚନରେ ବିଜେଡି ଅପରାଜେୟ ରହିବା ପରେ ଯାଜପୁର ଜିଲାରେ ଭାଜପାର ସାଙ୍ଗଠନିକ ସ୍ଥିତି କ୍ରମଶଃ ଦୁର୍ବଳ ହୋଇପଡ଼ିଛି। ୨୦୨୧ ଅକ୍ଟୋବରରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ତୁଷାର ପରିଡ଼ା ବିଜେଡିରେ ଯୋଗଦେବାର କିଛିଦିନ ପରେ ବରୀ ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ଶାସକ ଦଳରେ ସାମିଲ ହୋଇଥିଲେ। କଂଗ୍ରେସରୁ ସ୍ୱାଧୀନ ପରେ ଭାଜପାରେ ଥିବା ସମୟରେ ବିଶ୍ୱରଞ୍ଜନ ବେଶ୍ ସକ୍ରିୟ ଥିଲେ। ୨୦୧୪ରେ ସ୍ୱାଧୀନ ପ୍ରାର୍ଥୀ ହୋଇ ୭,୧୭୩ ଏବଂ ୨୦୧୯ରେ ଭାଜପାରୁ ପ୍ରାର୍ଥୀ ହୋଇ ୪,୦୬୨ ଭୋଟ ବ୍ୟବଧାନରେ ବିଜେଡିଠାରୁ ପରାସ୍ତ ହୋଇଥିଲେ। ତେବେ ବିଜେଡିରେ ମିଶିବା ପରେ ବିଶ୍ୱରଞ୍ଜନ ଏକପ୍ରକାର ନୀରବୀ ଯାଇଛନ୍ତି। ଅନ୍ୟପକ୍ଷେ ବରୀରେ ବିଧାୟିକା ସୁନନ୍ଦା ଦାସ ବିଭିନ୍ନ ଉନ୍ନୟନ କାର୍ଯ୍ୟ ମାଧ୍ୟମରେ ସକ୍ରିୟ ରହୁଥିବା ଦେଖିବାକୁ ମିଳୁଛି। ଏହାବାଦ ମହିଳା କାର୍ଡ ତାଙ୍କ ଟିକେଟ ପାଇଁ ଅଧିକ ସୁଯୋଗ ଆଣିପାରେ ବୋଲି କୁହାଯାଉଛି। ହେଲେ ବିଶ୍ୱରଞ୍ଜନ ବିଜେଡିରେ ମିଶିବା ସମୟରେ ଯଦି ତାଙ୍କୁ ସେଭଳି କିଛି ଦଳୀୟ ପ୍ରତିଶ୍ରୁତି ମିଳିଥାଏ, ତା'ହେଲେ ସୁନନ୍ଦାଙ୍କ ପାଇଁ ବୁମେରାଂ ହୋଇପାରେ। ଯଦି ବରୀରୁ ମହିଳାଙ୍କୁ ବାଦ୍‌ଦେଇ ପୁରୁଷ ପ୍ରାର୍ଥୀଙ୍କୁ ସୁଯୋଗ ମିଳେ, ତେବେ ବଡ଼ଚଣା ଓ କୋରେଇରେ ମହିଳା ପ୍ରାର୍ଥୀଙ୍କ ଆବିର୍ଭାବ ହେବା ସମ୍ଭାବନା ଅଧିକ ବୋଲି ଚର୍ଚ୍ଚା ହେଉଛି।

କୋରେଇରେ ଜିଲା ବିଜେଡି ମହିଳା ସଭାନେତ୍ରୀ ସବିତା ରାଉତ ଏବଂ ବଡ଼ଚଣାରେ ପୂର୍ବତନ ବ୍ଲକ ଅଧକ୍ଷା ଇତିଶ୍ରୀ ସାମଲ ଟିକେଟ ପାଇବା ଦୌଡ଼ରେ ଆଗରେ ରହିପାରନ୍ତି ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷରେ କୋରେଇରେ ଅଶୋକ ବଳ ଗତ ନିର୍ବାଚନରେ ୩୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବାରୁ ପୁଣି ସେ ଟିକେଟ ପାଇବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। କିନ୍ତୁ ଏଠାରେ ପୂର୍ବତନ ବିଧାୟକ ଆକାଶ ଦାସନାୟକ, ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ କିଶୋର ଦାସ(ବବି) କିମ୍ବା ତାଙ୍କ ସମ୍ପର୍କୀୟ, ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇଙ୍କ ମଧ୍ୟରୁ ଜଣେ କେହି ହେଭିୱେଟ୍ ନେତା ପ୍ରାର୍ଥୀ ହୋଇପାରନ୍ତି ବୋଲି କିଛିମାସ ହେଲା ଆଲୋଚନା ଜୋର ଧରିଛି।

## ଯାଜପୁର ଜିଲା

ବଡ଼ଚଣାରେ ବିଧାୟକ ଅମରପ୍ରସାଦ ଶତପଥୀ ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କଠାରୁ ମାତ୍ର ୧୪୮୫ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ତେଣୁ ତାଙ୍କୁ ବାଦ୍ ଦେଇ ବିଜେଡି ଏଠାରେ ବିକଳ୍ପ ଖୋଜୁଥିବା କୁହାଯାଉଛି। ଏହିକ୍ରମରେ ଅମରଙ୍କ ପୁଅ ଅଦ୍ୱିତୀୟ ଶତପଥୀ, ଅବସରପ୍ରାପ୍ତ ଆଇଏଏସ୍ ଅଫିସର ନିର୍ମଳ ମିଶ୍ର, ଇତିଶ୍ରୀ ସାମଲ, ଜନ୍ମେଜୟ ଲେଙ୍କାଙ୍କ ନାମ ଚର୍ଚ୍ଚା ହେଉଛି।

ପ୍ରାର୍ଥୀ ପରିବର୍ତ୍ତନ ସମ୍ପର୍କରେ ଯାଜପୁର ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରାର୍ଥୀ ଚୟନ କରାଯାଉଛି। ଅଞ୍ଚଳର ବିକାଶ ପାଇଁ ଯେଉଁମାନଙ୍କ ଭୂମିକା ରହିଆସିଛି, ସେମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ମହିଳାମାନଙ୍କୁ ମଧ୍ୟ ଅଗ୍ରାଧିକାର ଦିଆଯିବ ବୋଲି ଆଶା କରାଯାଉଛି।

# ୨୦୦ ୟୁନିଟ୍ ଦେୟମୁକ୍ତ ବିଜୁଳି ଦାବି କଲା ଏଏପି

**ବାରିପଦା,୨୦।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ):** ୨୦୦ ୟୁନିଟ୍ ପର୍ଯ୍ୟନ୍ତ ଦେୟମୁକ୍ତ ବିଜୁଳି ପାଇଁ ଆମ ଆଦ୍‌ମୀ ପାର୍ଟି(ଏଏପି) ପକ୍ଷରୁ ଦାବି କରାଯାଇଛି। ଏନେଇ ଦଳୀୟ ନେତା ଓ କର୍ମୀ ବୁଧବାର ପଦଯାତ୍ରାରେ ବାରିପଦା ସହର ପରିକ୍ରମା କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରେରଣ କରିଥିଲେ। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାରେ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଜିଲାର ଅନେକ ଲୋକେ ଆର୍ଥିକ ସ୍ୱଚ୍ଛଳ ନୁହଁନ୍ତି। ତେଣୁ ପ୍ରତି ପରିବାରକୁ ୨୦୦ ୟୁନିଟ ଦେୟମୁକ୍ତ ବିଜୁଳି ଯୋଗାଇ ଦେବା ପାଇଁ ଦଳ ପକ୍ଷରୁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। କାର୍ଯ୍ୟକ୍ରମରେ ଏଏପି ଜିଲା ସଭାପତି ଶଙ୍କର୍ଷଣ ମିଶ୍ର, ଜିଲା ପ୍ରଭାରୀ ଜୟସୂର୍ଯ୍ୟ କାନୁନ୍‌ଗୋ, ରାଜ୍ୟ ଯୁବ ସଭାପତି ସୋମନାଥ ରାଉତ, ସହର ସଭାପତି ବିପ୍ଳବ ନାୟକ, ଜିଲା ଉପଦେଷ୍ଟା ବାସୁଦେବ ବେହେରା, ମହିଳା ଶାଖା ସଭାପତି ମାଉସୁଙ୍ଗି ସିଂ, ଶୁଳିଆପଦା ବ୍ଲକ ସଭାପତି ବାସନ୍ତୀ ରାଜ ପ୍ରମୁଖ ଉପସ୍ଥିତ ଥିଲେ।

# 'ବିଶ୍ୱକର୍ମା ଯୋଜନା' ଲୋକଙ୍କ ପାଖରେ ପହଞ୍ଚାଅ: ମନମୋହନ

**ଭୁବନେଶ୍ୱର, ୨୦।୧୨(ସୁନିତ୍ ମିଶ୍ର):** ପାରମ୍ପରିକ ବୃତ୍ତିକୁ ଆପଣାଇ ଯେଉଁମାନେ ଜୀବିକା ନିର୍ବାହ କରୁଛନ୍ତି ସେମାନଙ୍କ ପାରମ୍ପରିକ ଅଭ୍ୟାସକୁ ଦକ୍ଷତାଯୁକ୍ତ କରିବା ପାଇଁ କେନ୍ଦ୍ର ସରକାର 'ବିଶ୍ୱକର୍ମା ଯୋଜନା' ଆରମ୍ଭ କରିଛନ୍ତି। ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୧୮ଟି ପାରମ୍ପରିକ ବୃତ୍ତିକୁ ଅନ୍ତର୍ଭୁକ୍ତ କରାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ବୁଧବାର 'ବିଶ୍ୱକର୍ମା ଯୋଜନା' ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନାରେ ଗାଁର ଲୋକେ କିଭଳି ଉପକୃତ ହେବେ ସେନେଇ ଚେଷ୍ଟା କରିବା ପାଇଁ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ନେତୃବୃନ୍ଦଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଯୋଜନାରେ କାରିଗରଙ୍କୁ ପରିଚୟ ପତ୍ର ଏବଂ ସାର୍ଟିଫିକେଟ ମିଳିବ। ସେମାନଙ୍କ ପାଇଁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କମ୍ ସୁଧରେ ବନ୍ଧକ ବିହୀନ ଋଣ, ସାଜସରଞ୍ଜାମ ପାଇଁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା, ଦକ୍ଷତା ପ୍ରଶିକ୍ଷଣ ଏବଂ ଏହି ସମୟରେ ଦୈନିକ ୫ ଶହ ଟଙ୍କାର ଭତ୍ତା, ବିପଣନ ସହାୟତା ଆଦି ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

**କଂଗ୍ରେସର ଦିଲ୍ଲୀ ବୈଠକ**

# ତେଲଙ୍ଗାନା ସଫଳତାକୁ ଉଦାହରଣ ନିଅ

**ଭୁବନେଶ୍ୱର,୨୦।୧୨(ସୁନିତ୍ ମିଶ୍ର)**

୨୦୨୪ ସାଧାରଣ ନିର୍ବଚନ ପାଇଁ ଓଡ଼ିଶାରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) କିପରି ନିଜ ଆଭିମୁଖ୍ୟ ଗ୍ରହଣ କରିବ ସେନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଅଢ଼େଇ ଘଣ୍ଟା ଧରି ଚାଲିଥିବା ଏହି ବୈଠକ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏଆଇସିସିର ପୂର୍ବତନ ଅଧକ୍ଷ ରାହୁଲ ଗାନ୍ଧୀ, ସାଧାରଣ ସମ୍ପାଦକ ଏବଂ କେ.ସି. ବେଣୁଗୋପାଳ, ଓଡ଼ିଶା ପ୍ରଭାରୀ ଏ. ଚେଲ୍ଲା କୁମାର ଉପସ୍ଥିତ ଥିଲେ। ମୁଖ୍ୟତଃ ରାଜ୍ୟରେ ଗତ ୨୫ ବର୍ଷରେ ହୋଇଥିବା ଦୁର୍ନୀତି କଥାରେ ଦଳ ରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ଏହାସହ ତେଲଙ୍ଗାନାକୁ ଉଦାହରଣ ଭାବେ ନେବାକୁ ଓଡ଼ିଶା ନେତାଙ୍କୁ ପରାମର୍ଶ ଦିଆଯାଇଛି।

ବୈଠକରେ ଓଡ଼ିଶାରୁ ଯାଇଥିବା ୨୬ ଜଣ ବରିଷ୍ଠ ନେତାଙ୍କୁ ମତାମତ ରଖିବାକୁ ସୁଯୋଗ ଦିଆଯାଇଥିଲା। ରାଜ୍ୟ ନେତୃବୃନ୍ଦ ମଧ ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଦଳ କିପରି ଆଭିମୁଖ୍ୟ ଗ୍ରହଣ କରିବା ଦରକାର ସେନେଇ ମତାମତ ରଖିଥିଲେ। ତେବେ ଆସନ୍ତା ନିର୍ବାଚନ ପର୍ଯ୍ୟନ୍ତ ଦଳର ନେତୃବୃନ୍ଦଙ୍କୁ ରାଜ୍ୟର ଶାସକ ବିଜେଡି ଏବଂ କେନ୍ଦ୍ରର ଭାଜପା ସରକାରଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିବା ଜଣାପଡ଼ିଛି। ତେଲଙ୍ଗାନାରେ ଯେପରି କଂଗ୍ରେସ ୩ ନମ୍ବର ଦଳରୁ ଯାଇ ଗତ ନିର୍ବାଚନରେ ସରକାର ଗଢ଼ିଛି ସେପରି ଓଡ଼ିଶାରେ ମଧ ସମ୍ଭବ ବୋଲି ରାହୁଲ ଗାନ୍ଧୀ କହିଥିବା ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ଏହାସହ ଯେଉଁମାନେ ଦିଲ୍ଲୀ ଏବଂ ଭୁବନେଶ୍ୱର ଛାଡ଼ି ତୃଣମୂଳସ୍ତରରେ ଦଳର ସଙ୍ଗଠନକୁ ମଜଭୁତ କରିବେ ସେମାନଙ୍କୁ ଟିକେଟ ଦେବା କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯିବ ବୋଲି ମଧ ରାହୁଲ କହିଥିବା ଜଣାପଡ଼ିଛି। ଅନ୍ୟପଟେ ସମସ୍ତଙ୍କୁ ଏକାଠି ହୋଇ କାମ କରିବା ପାଇଁ ମଧ କେନ୍ଦ୍ରୀୟ ନେତାମାନେ ଓଡ଼ିଶା ନେତୃବୃନ୍ଦଙ୍କୁ ଏହି ଅବସରରେ ପରାମର୍ଶ ଦେଇଛନ୍ତି । ଆସନ୍ତା ଲୋକ ସଭା ଏବଂ ବିଧାନସଭା ନିର୍ବାଚନରେ ଦଳ ଯେପରି ଭଲ ପ୍ରଦର୍ଶନ କରିବ ସେନେଇ କାମ କରିବାକୁ ଖାର୍ଗେ କହିଛନ୍ତି। ବୈଠକ ପରେ ଚେଲ୍ଲା କୁମାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଆସନ୍ତା ସାଧାରଣ ନିର୍ବାଚନ ନେଇ ସାଙ୍ଗଠନିକ ଆଲୋଚନା କରାଯାଇଛି। କେଉଁ ସବୁ ସ୍ଥାନୀୟ ପ୍ରସଙ୍ଗକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଉଠାଯିବ ତା'ଉପରେ ଆଲୋଚନା ହୋଇଛି। ଓଡ଼ିଶାରେ ବହୁ ପ୍ରକାର ଦୁର୍ନୀତି ହେଉଛି। କିଛିଦିନ ତଳେ କଂଗ୍ରେସ ରାଜ୍ୟ ସରକାରଙ୍କ ବିରୋଧରେ ୨୦ ହଜାର କୋଟି ଟଙ୍କାର ଦୁର୍ନୀତି ବିଷୟରେ କହିଥିଲା। ସେହି ଘଟଣାରେ ଦଳ ଏବେ ସବୁ ଥାନାରେ ଚାର୍ଜସିଟ୍ ଦାଖଲ କରିବ ବୋଲି ସେ କହିଛନ୍ତି। ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଦଳ ଶାସକ ବିଜେଡିର ଦୁର୍ନୀତି କଥା ନେଇ ରାସ୍ତାକୁ କଂଗ୍ରେସ ଓହ୍ଲାଇବ। ଆସନ୍ତା ସାଧାରଣ ନିର୍ବାଚନରେ ଦଳ କିପରି ଭଲ ପ୍ରଦର୍ଶନ କରିବ ସେନେଇ ଆଲୋଚନା ହୋଇଛି। ଆସନ୍ତା ମାସରେ ପ୍ରିୟଙ୍କା ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ ଖାର୍ଗେଙ୍କୁ ଓଡ଼ିଶା ଆସିବାକୁ ପ୍ରସ୍ତାବ ଦିଆଯାଇଛି। ସେନେଇ ତାରିଖ ଚୂଡ଼ାନ୍ତ ହୋଇ ନ ଥିବା ଶରତ କହିଛନ୍ତି।




ଏଆଇସିସି ମୁଖ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ବୈଠକରେ କେନ୍ଦ୍ରୀୟ ନେତାଙ୍କ ସହ ରାଜ୍ୟନେତୃବୃନ୍ଦ।

**ଅନ୍ୟାନ୍ୟ ଖବର**

# କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୦।୧୨(ସୁନିତ୍ ମିଶ୍ର)**

ରାଉରକେଲା ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଡାଇରିଆ ସଂକ୍ରମଣ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଚିନ୍ତାପ୍ରକଟ କରିଛନ୍ତି। ସଂକ୍ରମଣ ନିୟନ୍ତ୍ରଣ କରିବା ସହ ରୋକିବା ପାଇଁ ଏହିସବୁ ଅଞ୍ଚଳକୁ ଅବିଳମ୍ବେ କେନ୍ଦ୍ରୀୟ ସହାୟତା ଯୋଗାଇଦେବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କୁ ଚିଠି ଲେଖି ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି।



**ରାଉରକେଲା ସଂକ୍ରମଣ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ସହାୟତା ଦେବାକୁ ଅନୁରୋଧ କଲେ**

ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ରାଉରକେଲାରେ ଡାଇରିଆ ସଂକ୍ରମଣ ବୃଦ୍ଧି ପାଇବା ଯୋଗୁ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ଦେଖାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ରୋଗରେ କେତେଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬୦୦ରୁ ଅଧିକ ଚିକିତ୍ସାଧୀନ ଥିବା କୁହାଯାଉଛି। ପାଣି ସଂକ୍ରମିତ ହୋଇଥିବା କାରଣରୁ ଏହି ରୋଗ ବ୍ୟାପୁଥିବା ସନ୍ଦେହ କରାଯାଉଛି। ଫଳସ୍ୱରୂପ ଅଧିକରୁ ଅଧିକ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସମସ୍ୟା ପରିଲକ୍ଷିତ ହେଉଛି। ରାଉରକେଲା ଏବଂ ଆଖପାଖ ଅଞ୍ଚଳର ଲୋକଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ଉକ୍ତ ସ୍ଥାନକୁ କେନ୍ଦ୍ରୀୟ ସହାୟତା ପଠାଇ ସଂକ୍ରମଣ ରୋକିବା ଦିଗରେ ବିହିତ ପଦକ୍ଷେପ ନେବାକୁ ସେ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି। ଅନୁରୂପ ଭାବେ ଏହି ଘଟଣାରେ ପତ୍ର ଲେଖିବା ପୂର୍ବରୁ ଧର୍ମେନ୍ଦ୍ର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟୁଇଟ୍‌କରି କହିଛନ୍ତି, ରାଉରକେଲା ସହର ସହ ଆଖପାଖ ଅଞ୍ଚଳରେ ଗତ କିଛିଦିନ ହେବ ଡାଇରିଆ ଲାଗି ରହିଥିବା ଯୋଗୁ ଲୋକେ ମୃତ୍ୟୁବରଣ କରିଥିବା ଖବର ଶୁଣି ସେ ମର୍ମାହତ। ରାଉରକେଲା ଭଳି ମହାନଗର ଅଞ୍ଚଳରେ ଡାଇରିଆ ସଂକ୍ରମଣରେ ଶତାଧିକ ଲୋକ ଆକ୍ରାନ୍ତ ହେବା ଓ ପ୍ରଶାସନର ନିୟନ୍ତ୍ରଣ ବାହାରକୁ ଚାଲିଥିବା ଚିନ୍ତାଜନକ। ସରକାର ତୁରନ୍ତ ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ ଚିକିତ୍ସିତ ହେଉଥିବା ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଅନ୍ତୁ। ସଂକ୍ରମିତ ଅଞ୍ଚଳରେ ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସଚେତନତା ସୃଷ୍ଟି କରାଯାଉ। ସଂକ୍ରମଣ ରୋକିବା ପାଇଁ କେନ୍ଦ୍ରୀୟ ସଂସ୍ଥାର ସହଯୋଗ ନେବା ସହ ଉକ୍ତ ଅଞ୍ଚଳରେ ନାଗରିକଙ୍କୁ ଅତ୍ୟାବଶ୍ୟକ ସହଯୋଗ ଯୋଗାଇଦେବା ପାଇଁ ତ୍ୱରିତ ପଦକ୍ଷେପ ନିଅନ୍ତୁ ବୋଲି ଧର୍ମେନ୍ଦ୍ର ଟୁଇଟରରେ ଉଲ୍ଲେଖ କରିଛନ୍ତି।




































# ସ୍କ୍ରାପ୍, ପ୍ଲାଷ୍ଟିକ୍ ବୋତଲରେ ହାତୀ

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ବର୍ଜ୍ୟବସ୍ତୁ ଓ ଅଦରକାରୀ ସାମଗ୍ରୀକୁ ବ୍ୟବହାର କରି ସବୁବେଳେ ଚର୍ଚ୍ଚାରେ ରହିଆସିଛି । ଆଇଟିଆଇର ଫିଟର, ଏଗ୍ରିକଲଚର ମେଶିନାରି ଛାତ୍ରୀଛାତ୍ର ସ୍କ୍ରାପ୍ ଓ ପ୍ଲାଷ୍ଟିକ୍ ବୋତଲରେ ୨୨ ଫୁଟ ଉଚ୍ଚତା, ୨୪ ଫୁଟ ଲମ୍ବ ଓ ୬.୬ ଫୁଟ ଓସାରର ଏକ ହାତୀ ପ୍ରତିକୃତି ନିର୍ମାଣ କରିଥିଲେ, ଯାହାକି କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱଚ୍ଛତା ହିଁ ସେବା ମିଶନ ଅବସରରେ ଉଦ୍‌ଘାଟନ କରାଯାଇଛି । ପ୍ଲାଷ୍ଟିକ୍ ବ୍ୟବହାରରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ କରାଇବା ନିମନ୍ତେ ସହରର ବିଭିନ୍ନ ସ୍ଥାନରୁ ପ୍ରାୟ ୩୦ ହଜାର ପ୍ଲାଷ୍ଟିକ ବୋତଲ ସଂଗ୍ରହ କରାଯାଇଥିଲା ।



ଆଉ କେତୋଟି ଦିନ ପରେ ଶେଷ ହେବ ୨୦୨୩ ମସିହା। ପୁରୁଣା ବର୍ଷକୁ ବିଦାୟ ସହ ନୂତନ ବର୍ଷ ୨୦୨୪କୁ ସ୍ୱାଗତ କରାଯିବ। ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲା ପାଇଁ ୨୦୨୩ ମସିହା କେତେକ ଘଟଣା ଲାଗି ଚର୍ଚ୍ଚାରେ ରହିଥିଲା। ଏଭଳି କେତେକ ଘଟଣା, ଦୁର୍ଘଟଣା ଓ ଅପରାଧକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।



## ଚାଲିଗଲା ୧୨ କନ୍ୟାଯାତ୍ରୀଙ୍କ ଜୀବନ

ଗଞ୍ଜାମ ଜିଲା ଦିଗପହଣ୍ଡି ଖେମୁଣ୍ଡି ମହାବିଦ୍ୟାଳୟ ନିକଟରେ ଜୁନ୍ ୨୫ ତାରିଖ ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା । କନ୍ୟାଯାତ୍ରୀଙ୍କୁ ନେଇ ଯାଉଥିବା ମିନିବସ୍‌କୁ ସାମ୍ନାପଟୁ ଏକ ସରକାରୀ ବସ୍ ଧକ୍କା ଦେବାରୁ ୧୨ ଜଣଙ୍କ ଜୀବନ ଯାଇଥିଲା । ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୮ ଜଣ ଥିଲେ । ଏହି ଘଟଣା କେବଳ ଗଞ୍ଜାମ ନୁହେଁ ସାରା ରାଜ୍ୟକୁ ସ୍ତବ୍ଧ କରି ଦେଇଥିଲା । କନ୍ୟାପକ୍ଷ ବ୍ରହ୍ମପୁର ବ୍ୟାଙ୍କ କଲୋନୀ ବାପୁଜୀନଗରରେ ବରପକ୍ଷ ଘରୁ ଭୋଜି ଖାଇ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ସାନଖେମୁଣ୍ଡି ବ୍ଲକ ଖଣ୍ଡଦେଉଳି ଗ୍ରାମରେ କନ୍ୟାପକ୍ଷଙ୍କ ବାହାଘର ଖୁସି ଲୁହରେ ଭିଜିଥିଲା ।

## ଗଞ୍ଜେଇକୁ ନେଇ ଥାନାପୋଡ଼ି

ଗଞ୍ଜେଇ ଚାଲାଣରେ ପୋଲିସର ସମ୍ପୃକ୍ତି ଦର୍ଶାଇ ଅଗଷ୍ଟ ୫ ତାରିଖରେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନାରେ ଲୋକେ ନିଆଁ ଲଗାଇ ଦେଇଥିଲେ । ଏପରିକି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବାକୁ ଆସିଥିବା ପୋଲିସକୁ ମଧ୍ୟ ଆକ୍ରମଣ କରାଯାଇଥିଲା । ଫିରିଙ୍ଗିଆ ଥାନାର କେତେଜଣ କର୍ମଚାରୀ ଏକ ବୋଲେରୋରେ ଗଞ୍ଜେଇ ନେଇ ଯାଉଥିବା ବେଳେ ଫିରିଙ୍ଗିଆର କେତେଜଣ ଜନପ୍ରତିନିଧି ଅଟକାଇ ପଚାରିବାରୁ ଏହା ବିକ୍ରି ପାଇଁ ନିଆଯାଉଥିବା ସେମାନେ କହିଥିଲେ । ଏହି ଭିଡିଓ ଭାଇରାଲ ହେବା ପରେ ଅଞ୍ଚଳବାସୀ ଲଙ୍କାକାଣ୍ଡ କରିଥିଲେ । ପରେ ପୋଲିସ ୧୯ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରିଥିଲା ।



## ନିଜ ପାଇଁ ନିଜେ ସମାଧି ତିଆରି କଲେ



ବଞ୍ଚି ଥାଉ ଥାଉ ନିଜ ପାଇଁ ଓ ସ୍ତ୍ରୀଙ୍କ ଲାଗି ମାର୍ବଲରେ ସୁନ୍ଦର ସମାଧି ତିଆରି କରି ଚର୍ଚ୍ଚାରେ ଥିଲେ ଗଜପତି ଜିଲା ନୂଆଗଡ଼ ବ୍ଲକ ସୌରିଗାଁର ଲକ୍ଷ୍ମଣ ଭୂୟାଁ । ମୃତ୍ୟୁ ପରେ ପୁଅ ଝିଅ ଭଲ ସମାଧି ତିଆରି କରିବେ କି ନାହିଁ ବୋଲି ଚିନ୍ତା କରି ସେ ଏପରି କରିଥିଲେ । ନିଜେ ଅମଳ କରିଥିବା ଧାନ, କୋଳଥ, କାଜୁ ଓ ଘରେ ଥିବା ଗାଈ ବିକ୍ରି କରି ପ୍ରାୟ ଦେଢ଼ଲକ୍ଷ ଟଙ୍କା ଖର୍ଚ୍ଚରେ ଲକ୍ଷ୍ମଣ ଦୁଇଟି ସମାଧି ତିଆରି କରିଛନ୍ତି ।

## ବଡ଼ ମେଡିକାଲରୁ ଇଞ୍ଜେକ୍ସନ୍ ଚୋରି

ଜୁଲାଇ ୬ ତାରିଖ ରାତିରେ ଏମ୍‌କେସିଜି ମେଡିକାଲ ଫାଣ୍ଡି ପୋଲିସ ମେଡିକାଲ ପୁରୁଣା ଶିଶୁ ବିଭାଗର ଇନ୍‌ଡ଼ୋର କୋଠାରେ ଥିବା ଏକ ପ୍ଲାଷ୍ଟିକ ଅଖାରୁ ଇଞ୍ଜେକ୍ସନ୍ ଜବତ କରିଥିଲା । ସେଥିରୁ ସେଫଟ୍ରିଆକ୍ସନ୍ ଆଣ୍ଡ ସୁଲବାକ୍ଟମ୍ ନାମକ ୨୫ ପ୍ୟାକେଟ୍(୬୦୦ ଭାଏଲ୍) ଇଞ୍ଜେକ୍ସନ୍ ରହିଥିଲା । ଏହି ଘଟଣା ସାମ୍ନାକୁ ଆସିବା ପରେ ଉକ୍ତ ଇଞ୍ଜେକ୍ସନ୍‌ଗୁଡ଼ିକୁ ଷ୍ଟୋରରୁ ଚୋରି ହୋଇଥିବା ଜଣାପଡିଥିଲା । ଅନ୍ୟ ଏକ ଚୋରି ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଖୋଜିବା ବେଳେ ଇଞ୍ଜେକସନ ମିଳିଥିଲା । ଯାହାକି ଚର୍ଚ୍ଚାର ବିଷୟ ପାଲଟିଥିଲା । ବଡ ମେଡିକାଲରେ ଏପରି ପୂର୍ବରୁ ମଧ୍ୟ ଔଷଧ ଚୋରି ହୋଇଛି ।

## ସଂସାର ଉଜାଡ଼ିଲା ପରକୀୟା ପ୍ରୀତି

୩ ଜିଲାରେ ପୁଞ୍ଜିପୁତ ଅଶାନ୍ତି, ରାଜନୈତିକ ବିବାଦ, ଅସହ୍ୟ ନିର୍ଯାତନା, ପରକୀୟା ପ୍ରୀତି ଆଦି କାରଣରୁ ଅନେକ ଜୀବନ ଚାଲିଯାଇଛି । ଏପରିକି ଆତ୍ମୀୟ ମଧ୍ୟ ନିଜ ରକ୍ତର ସମ୍ପର୍କକୁ ହତ୍ୟା କରିବା ଭଳି ଘଟଣା ଘଟିଯାଇଛି । ପରକୀୟା ପ୍ରେମକୁ ନେଇ କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକରେ ନିଜ ପ୍ରେମିକ ସହ ମିଶି ଜଣେ ମା’ ତାଙ୍କ ଶିଶୁପୁତ୍ରକୁ ମାରି ଦେଇଥିଲେ । ବ୍ରହ୍ମପୁରରେ ପୁଅକୁ ପୋଖରୀକୁ ଠେଲି ହତ୍ୟା କରିବାକୁ ମା’ ପଛାଇ ନ ଥିଲେ । ସେହିପରି ବ୍ରହ୍ମପୁରରେ ଶିଶୁ କଲ୍ୟାଣ ସମିତି ସଦସ୍ୟା ସୌଦାମିନୀ ରଥଙ୍କୁ ଘର ଭିତରେ ତାଙ୍କ ଡ୍ରାଇଭର ଲୁଟ୍ ଉଦ୍ଦେଶ୍ୟରେ ହତ୍ୟା କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ।

## କ୍ୟାମେରାରେ କଏଦ ମହାବଳ



ଗଜପତି ଜିଲା ରାୟଗଡ଼ ବ୍ଲକ କୁମୁଲିସିଙ୍ଗ ପଞ୍ଚାୟତ ଅଁଳାବର ଜଙ୍ଗଲରେ ନଭେମ୍ବର ୨୨ରେ ଏକ ମହାବଳ ବାଘ ଗୋଟିଏ ଗାଈକୁ ଘୋଷାରି ନେଇ ଦରଖିଆ ଛାଡ଼ିଦେବା ଘଟଣା ସାମ୍ନାକୁ ଆସିଥିଲା । ବନ ବିଭାଗ ପକ୍ଷରୁ ଲାଗିଥିବା ଟ୍ରାପ୍ କ୍ୟାମେରାରେ ଗାଈକୁ ବାଘ ଖାଉଥିବା ଫଟୋ କଏଦ ହୋଇଥିଲା । ବାଘଟି ମହାରାଷ୍ଟ୍ରରୁ ଅନୁକୂଳ ପରିବେଶ ଖୋଜି ଜଙ୍ଗଲରେ ପ୍ରାୟ ଦୁଇ ହଜାର କି.ମି. ରାସ୍ତା ଅତିକ୍ରମ କରି ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଜିଲାରେ ଆତଙ୍କ ସୃଷ୍ଟି କରିଥିଲା ।





ଗଞ୍ଜାମ ଜିଲା ଛତ୍ରପୁରର ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀଙ୍କୁ ସେପ୍ଟେମ୍ବର ୩୧ ତାରିଖରେ ଆଜୀବନ ଜେଲ ଦଣ୍ଡାଦେଶ ହୋଇଛି । ଛତ୍ରପୁର ଥାନା ଅଞ୍ଚଳରେ ଟାଟା କମ୍ପାନୀର ଜମି ଅଧିଗ୍ରହଣ ସମୟରେ ଜଣେ ପୋଲିସ ଇନ୍ସପେକ୍ଟରଙ୍କୁ ବୋମା ଫିଙ୍ଗି ହତ୍ୟା ଘଟଣାରେ ସେ ସମ୍ପୃକ୍ତ ଥିଲେ । ଘଟଣାର ୨୫ ବର୍ଷ ପରେ କୋର୍ଟ ପୂର୍ବତନ ବିଧାୟକଙ୍କ ସମେତ ୧୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ ।

## ପୂର୍ବତନ ବିଧାୟକଙ୍କୁ ଆଜୀବନ ଜେଲ

## ରହସ୍ୟରେ ନବୋଦୟ ଛାତ୍ରୀଙ୍କ ମୃତ୍ୟୁ

ଗଜପତି ଜିଲା ପାରଳାଖେମୁଣ୍ଡି ନବୋଦୟ ବିଦ୍ୟାଳୟର ନାବାଳିକା ଛାତ୍ରୀ ସୌଦାମିନୀ ରଇତଙ୍କ ମୃତ୍ୟୁ ଘଟଣା ରହସ୍ୟ ଉପରୁ ପରଦା ଉଠିଲାନି । ସୌଦାମିନୀ ବିଦ୍ୟାଳୟ ହଷ୍ଟେଲରେ ରହି ୯ମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ । ଫେବୃୟାରୀ ୨୦ରେ ହଷ୍ଟେଲରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଜବତ କରାଯାଇଥିଲା । ଏହି ଘଟଣାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ନେଇଥିଲା । ଅଭିଯୁକ୍ତଙ୍କ ଗିରଫ ଦାବିରେ ଦୀର୍ଘଦିନ ପର୍ଯ୍ୟନ୍ତ ପରିବାର ଲୋକଙ୍କ ସହିତ ବିଭିନ୍ନ ସଂଗଠନ ଧାରଣାରେ ବସିଥିଲେ । ଘଟଣାକୁ ୧୦ମାସ ବିତିଯାଇଥିଲେ ମଧ୍ୟ ଘଟଣା ଉପରୁ କ୍ରାଇମ୍‌ବ୍ରାଞ୍ଚ ପରଦା ଉଠାଇପାରିନାହିଁ ।

## ସ୍କୁଲ ଯିବ ଜଗା

କନ୍ଧମାଳ ଜିଲାର ଯୋଡ଼ାମୁଣ୍ଡ ଶିଶୁ ଜଗା ଏବେ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଛି । ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛି । ସ୍କୁଲରେ ତା’ର ନାମ ଲେଖାଇ ପାଠ ପଢ଼ାଇବାକୁ ଦିଲ୍ଲୀ ଏମ୍‌ସର ନ୍ୟୁରୋସର୍ଜରି ବିଭାଗ ପ୍ରଫେସର ଦୀପକ ଗୁପ୍ତା ଡିସେମ୍ବର ୧୬ ତାରିଖରେ ଜଗାକୁ ଦେଖିବାକୁ ଆସିଥିବା ବେଳେ ଏହି ପରାମର୍ଶ ଦେଇଛନ୍ତି । ଶୀଘ୍ର ଜଗାର ମୁଣ୍ଡରେ ଦ୍ୱିତୀୟ ଅସ୍ତ୍ରୋପଚାର କରାଯିବ । ଏହା ଦିଲ୍ଲୀ କିମ୍ବା ଭୁବନେଶ୍ୱରରେ ହୋଇପାରେ ବୋଲି ସେ କହିଛନ୍ତି । ୬ବର୍ଷ ତଳେ ଦିଲ୍ଲୀ ଏମ୍‌ସରେ ଯୋଡାମୁଣ୍ଡ ଶିଶୁ ଜଗା-କାଳିଆଙ୍କ ସଫଳ ଅସ୍ତ୍ରୋପଚାର କରାଯାଇ ଉଭୟଙ୍କୁ ଅଲଗା କରାଯାଇଥିଲା । ସେଠାରୁ ଫେରିବା ପରେ କାଳିଆଙ୍କ ମୃତ୍ୟୁ ଘଟିଥିଲା ।



## ଡରାଇଲା ଟ୍ରେନ୍ ଧୂଆଁ

ବ୍ରହ୍ମପୁର ରେଳ ଷ୍ଟେଶନ ନିକଟରେ ଦୁଇଥର ଚଳନ୍ତା ଟ୍ରେନ୍‌ରେ ଅଗ୍ନିକାଣ୍ଡ ହୋଇଥିଲା । ଜୁନ୍ ୬ ତାରିଖରେ ଷ୍ଟେଶନରେ ପହଞ୍ଚିବା ପୂର୍ବରୁ ସିକନ୍ଦରାବାଦ-ଅଗରତାଲା ଏକ୍ସପ୍ରେସ୍ ଟ୍ରେନରୁ ଧୂଆଁ ବାହାରୁଥିବା ଦେଖି ଯାତ୍ରୀମାନେ ଆତଙ୍କିତ ହୋଇପଡିଥିଲେ । ଶର୍ଟ ସର୍କିଟରୁ ଏସି କ୍ୟାବିନରେ ନିଆଁ ଲାଗିଥିଲା । ସେହିପରି ଜୁଲାଇ ୧୧ ତାରିଖରେ ଡିବ୍ରୁଗଡ଼- କନ୍ୟାକୁମାରୀ ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନର ଏକ ବଗି ତଳେ ବ୍ରେକ୍ ସୁ’ରେ ଜରି ଲାଗି ପୋଡିଯାଇ ଧୂଆଁ ବାହାରିବା ଯୋଗୁ ଚେନ୍ ଟାଣି ଯାତ୍ରୀମାନେ ପ୍ରାଣ ବିକଳରେ ଓହ୍ଲାଇ ପଡ଼ିଥିଲେ ।




## ଘାତକ ସାଜିଲା ଜେନେରେଟର

ଗଜପତି ଜିଲା ଆର.ଉଦୟଗିରି ଥାନା ଶିଆଳିଲଟି ପଞ୍ଚାୟତ ବେତାର ସିଂ ଗ୍ରାମରେ ଫେବୃୟାରୀ ୧୮ରେ ଜେନେରେଟର ଧୂଆଁରେ ଶ୍ୱାସରୁଦ୍ଧ ହୋଇ କକା ଗଣେଶ ନାୟକ ଓ ଝିଆରୀ ଅମ୍ବିକା ନାୟକଙ୍କ ମୃତ୍ୟୁ ଘଟିଥିଲା । ଭୋଜି ଖାଇ ଘରେ ଶୋଇଥିବା ବେଳେ ବର୍ଷା ଆସିବାରୁ ଜେନେରେଟରକୁ ଲୋକେ ଘର ଭିତରକୁ ନେଇଯାଇଥିଲେ । ଫଳରେ ଜେନେରେଟର ଧୂଆଁରେ ଏହି ଅଭାବନୀୟ ଘଟଣା ଘଟିଥିଲା ।





## ପ୍ରଥମ ସରପଞ୍ଚଙ୍କୁ ମାଓବାଦୀଙ୍କ ଗୁଳି

କନ୍ଧମାଳରେ ମାଓବାଦୀ କିଛି ମାସ ବ୍ୟବଧାନରେ ସେମାନଙ୍କ ଉପସ୍ଥିତି ଜାହିର କରିଥିଲେ । ପୋଲିସ ଇନ୍‌ଫର୍ମର ସନ୍ଦେହରେ ମେ ୧୦ ତାରିଖ ରାତିରେ ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ପଞ୍ଚାୟତର ପ୍ରଥମ ସରପଞ୍ଚ ସୁବଳ କହଁରଙ୍କୁ ଗୁଳି କରି ହତ୍ୟା କରିଥିଲେ । ୨୦୧୭ରେ ସୁମରବନ୍ଧକୁ ନୂତନ ପଞ୍ଚାୟତ ଘୋଷଣା କରାଯାଇଥିଲା । ସାମାଜିକ କର୍ମୀ ସାଉଳିପଡା ଗାଁର ସୁବଳ ସେହିବର୍ଷ ହୋଇଥିବା ପଞ୍ଚାୟତ ନିର୍ବାଚନ ଲଢ଼ି ପ୍ରଥମ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ । ପୋଲିସ ଇନ୍‌ଫର୍ମରର ସନ୍ଦେହରେ ମାଓବାଦୀମାନେ ତାଙ୍କୁ ପ୍ରଜାକୋର୍ଟରେ ଗାଁ ଛାଡି ଚାଲିଯିବାକୁ ତାଗିଦ୍ କରିଥିଲେ ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ


MARUTI SUZUKI ARENA
କିଣନ୍ତୁ ମୂଲ୍ୟ ବୃଦ୍ଧି ପୂର୍ବରୁ
ସିମିତ ଅବଧି ସର୍ବୋତ୍ତମ ଅଫର୍ସ ପାଇଁ
ARENA YEAR END BONANZA
MARUTI SUZUKI ARENA
ବଡ଼ ସଞ୍ଚୟ
ALTO K10 ₹64 000*
WAGONR ₹64 000*
S-PRESSO ₹64 000*
CELERIO ₹59 000*
SWIFT ₹59 000*
10 DAYS TO GO
OFFER VALID TILL STOCK LASTS.
100%*^ ON-ROAD FUNDING AVAILABLE
SCAN TO CHAT WITH US
ALTO K10 S-PRESSO SWIFT WAGONR CELERIO
E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
Black glass on the vehicle is due to lighting effect.
ORBIT MOTORS
ROURKELA: 9437041155, 9040404444.
SUNDARGARH: 9437049161, 9437131074.
DEOGARH: 9437061223, 7064400290.
BONAIGARH: 6372903336.
SKY AUTOMOBILES
BERHAMPUR: 9778202019. BHANJANAGAR: 9778202019. PARALAKHEMUNDI: 9778202019. PHULBANI: 9778202019.
ODYSSEY MOTORS
SAMBALPUR (AINTHAPALI): 7381433909. BOLANGIR: 9438068327. BARGARH: 9556352943. NUAPADA: 7381017851. SONEPUR: 9438068327. JHARSUGUDA: 9439892153. BOUDH: 8594908009. PADAMPUR : 7381661837.
APARNAA MOTORS
SAMBALPUR (PARDHIAPALI): 9237395001.
LEGEND CARS
JEYPORE: 7894406481, RAYGADA: 9692883042 BHAWANIPATNA: 7894442907.
*Offer includes consumer offer, exchange bonus and institutional or rural offer, 2 ka 4 wheeler offer and Gold voucher (wherever applicable) on selected models/variants. Above mentioned savings amount is the value of maximum savings on selected models. *^Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. The price given in the ad is based on Bhubaneswar prices and are subject to vary based on the dealer city. Above offers are valid till 31ST December 2023.